# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୫/୨୦୨୨ (୧୬ ପୃଷ୍ଠା) | Bhubaneswar, Monday, September 5/2022 | Page 16 | ₹ 7.00 | ★★★★

୪୮ଶ ଭାଗ ୨୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar | VOLUME 48 ISSUE 281 | ମୂଲ୍ୟ ₹୭/-





KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

DHARITRI

ସୋମବାର, ସେପ୍ଟେମ୍ବର ୫/୨୦୨୨ | Monday, September 5/2022 | ପୃଷ୍ଠା-୧



## ଭର୍ଷ୍ଟାପେନ୍‌ଙ୍କୁ ଡଚ୍ ଗ୍ରାଁ ପ୍ରି ଟାଇଟଲ

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍ ଡଚ୍ ଫର୍ମୁଲାଓ୍ୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି।

୧୨

୧୦

## ଫିଲ୍ମ ନିର୍ମାତାଙ୍କୁ ୬ କୋଟି ଫେରାଇବେ ବିଜୟ

'ଲାଇଗର' ଫ୍ଲପ୍ ହେବା ପରେ ଏହାର ନିର୍ମାତାଙ୍କୁ ଅଭିନେତା ବିଜୟ ଦେବରକୋଣ୍ଡା ୬ କୋଟି ଟଙ୍କା ଫେରାଇବେ ବୋଲି ଜଣାପଡ଼ିଛି।






ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ କ୍ୟାପିଟାଲ ଫାଉଣ୍ଡେସନ ପକ୍ଷରୁ ରବିବାର ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା' ସମ୍ମାନରେ ସୁପ୍ରିମକୋର୍ଟ ପୂର୍ବତନ ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି.ରମନା ସମ୍ମାନିତ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ

ଭୁବନେଶ୍ୱର,୪।୯(ବ୍ୟୁରୋ)

ସଫଳ ନେତୃତ୍ୱ ଯୋଗୁ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାବାସୀଙ୍କ ସେବା କରିଆସୁଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରବିବାର ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀସ୍ଥିତ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ତରଫରୁ ନବୀନଙ୍କୁ ଏହି ସମ୍ମାନ ଦିଆଯାଇଛି। ନୂଆଦିଲ୍ଲୀର ଇଣ୍ଡିଆ ଇଣ୍ଟରନ୍ୟାଶନାଲ୍ ସେଣ୍ଟରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି ରମନାଙ୍କ ହାତରୁ ସେ ଏହି ସମ୍ମାନ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବର୍ଷ ବର୍ଷ ଧରି କ୍ୟାପିଟାଲ୍ ଫାଉଣ୍ଡେଶନ୍ ବିକଶିତ ହୋଇଛି। ଖୋଲା ବିତର୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ଏହି ଫାଉଣ୍ଡେସନ ପ୍ରତିଷ୍ଠିତ ହୋଇପାରିଛି। ଏହା ସାଧାରଣ ନୀତିର ବିଭିନ୍ନ ଦିଗ,

■ ରାଜ୍ୟବାସୀଙ୍କ ବିଶ୍ୱାସ ସଶକ୍ତ ଓଡ଼ିଶା ଗଠନ କରିବା ଲାଗି ବଡ଼ ପ୍ରେରଣା: ନବୀନ

■ ସାଢ଼େ ୪ କୋଟି ଓଡ଼ିଆଙ୍କୁ ଉତ୍ସର୍ଗ କଲେ ସମ୍ମାନ

ଗଣତାନ୍ତ୍ରିକ ଶାସନ ଏବଂ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଉପରେ ଆଲୋଚନା କରିଥାଏ, ଯାହା ନୀତି ନିର୍ଦ୍ଧାରଣକାରୀଙ୍କୁ ପ୍ରଭାବିତ କରିଥାଏ। ୩ ଦଶନ୍ଧିରୁ ଅଧିକ ସମୟ ଧରି ଫାଉଣ୍ଡେଶନ ବିଭିନ୍ନ ନୀତି ପ୍ରସ୍ତୁତକାରୀଙ୍କୁ ଏକ ପ୍ଲାଟଫର୍ମ ପ୍ରଦାନ କରିଛି, ଯଦ୍ୱାରା ସେମାନଙ୍କ ମତାମତକୁ ସ୍ୱାଧୀନ ଭାବେ ଉପସ୍ଥାପନ କରାଯାଉଛି। ସାମଗ୍ରିକ ଶାସନରେ ଏହାର ଅବଦାନ ରହିଛି। କ୍ୟାପିଟାଲ୍ ଫାଉଣ୍ଡେଶନ୍ ଦ୍ୱାରା ଜୀବନବ୍ୟାପୀ ସାଧନା ସମ୍ମାନ ପାଇଁ ମନୋନୀତ ହୋଇଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି। ଏହି ସମ୍ମାନକୁ ଓଡ଼ିଶାର ସାଢ଼େ ୪ କୋଟି ଲୋକଙ୍କୁ ଉତ୍ସର୍ଗ କରୁଛି, ଯେଉଁମାନେ ଗତ ୨୨ ବର୍ଷ ଧରି ସେମାନଙ୍କୁ ସେବା କରିବା ପାଇଁ କ୍ରମାଗତ ଭାବେ ଆଶୀର୍ବାଦ କରିଆସୁଛନ୍ତି। ମୋ ଉପରେ ରାଜ୍ୟବାସୀଙ୍କର ଥିବା ବିଶ୍ୱାସ ହେଉଛି ସଶକ୍ତ ଓଡ଼ିଶା ଗଠନ ଦିଗରେ କାର୍ଯ୍ୟ କରିବା ପାଇଁ ସବୁଠାରୁ ବଡ଼ ପ୍ରେରଣା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଗତ ୨୨ ବର୍ଷରେ ଓଡ଼ିଶା ଏକ ଦୀର୍ଘପଥ ଅତିକ୍ରମ କରିଛି। ୧୯୯୯ର ମହାବାତ୍ୟା ପରେ କିଏ ଭାବିଥିଲା ଯେ ଓଡ଼ିଶା ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱ ମାନଦଣ୍ଡ ସ୍ଥିର କରିବ ଏବଂ ମିଳିତ ଜାତିସଂଘ ଦ୍ୱାରା ପୁରସ୍କୃତ ହେବ। ଦିନେ ଦାରିଦ୍ର୍ୟ ପାଇଁ ପରିଚିତ ଓଡ଼ିଶା ବର୍ତ୍ତମାନ ଦେଶରେ ଦ୍ରୁତତମ ଦାରିଦ୍ର୍ୟ ହ୍ରାସ ପାଇଁ ଜଣାଶୁଣା। ମହିଳାଙ୍କ ସଶକ୍ତୀକରଣରେ ନିହିତ ପ୍ରଶାସନିକ ମଡେଲ୍ ହେଉଛି ଆମର 'ମିଶନ୍ ଶକ୍ତି',

☞ପୃଷ୍ଠା-୨




## ଓଡ଼ିଶା ଜଗରନଟ୍ସ ଚାମ୍ପିୟନ

ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି)

ସ୍ୱଦେଶୀ ଖେଳ ଖୋ ଖୋର ପ୍ରଥମ ଫ୍ରାଞ୍ଚାଇଜ୍ ଭିତ୍ତିକ ଲିଗ୍‌ରେ ବିଜୟ ମୁକୁଟ ପିନ୍ଧିଛି ଓଡ଼ିଶା ଜଗରନଟ୍ସ। ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଅଲ୍‌ଟିମେଟ ଖୋ ଖୋର ପ୍ରଥମ ସଂସ୍କରଣରେ ଚାମ୍ପିୟନ ହୋଇଛି ଓଡ଼ିଶା ଦଳ। ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଜଗରନଟ୍ସ ମାତ୍ର ୧ (୪୬-୪୫) ପଏଣ୍ଟରେ ତେଲ୍‌ଗୁ ଯୋଦ୍ଧାସକୁ ପରାସ୍ତ କରିଛି। ଶେଷ ମୁହୂର୍ତ୍ତରେ ସୂରଜ ଲାନ୍‌ଡେଙ୍କ ଚିତ୍ତାକର୍ଷକ ସ୍କାଏ ଡାଇଭ୍ ପଏଣ୍ଟ ଓଡ଼ିଶାକୁ ଟାଇଟଲ ବିଜୟୀ କରିଥିଲା। ତୃତୀୟ ଟର୍ନରେ ୨୧ ପଏଣ୍ଟ ହାସଲ କରି ଯୋଦ୍ଧାସ ୪୧-୨୭ରେ ଅଗ୍ରଣୀ ରହି ଚାମ୍ପିୟନ ହେବା ଆଶା ଉଜ୍ଜୀବିତ କରିଥିଲା। ପରେ ଓଡ଼ିଶା ସଫଳ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ମ୍ୟାଚ ଶେଷ ହେବାପାଇଁ ମାତ୍ର ୧.୨୪ ସେକେଣ୍ଡ ଥିବାବେଳେ ଯୋଦ୍ଧାସ ୪୫-୪୩ ପଏଣ୍ଟରେ ଆଗୁଆ ରହି ମ୍ୟାଚ ଫିନିଶ୍ କରିବା ଦ୍ୱାରରେ ପହଞ୍ଚି ଯାଇଥିଲା। ତେବେ ଓଡ଼ିଶା ଜଗରନଟ୍ସ ଭାଗ୍ୟରେ ଅନ୍ୟ କିଛି ଲେଖାଥିଲା। ଖେଳ ଶେଷ ହେବାକୁ ମାତ୍ର ୧୪ ସେକେଣ୍ଡ ଥିବାବେଳେ ଲାନ୍‌ଡେ ସ୍କାଏ ଡାଇଭ୍ ମାରି ବିପକ୍ଷ ଦଳର ଅଭଦୁତ ପାଟିଲଙ୍କୁ ଆଉଟ କରିଥିଲେ। ଏଥିରୁ ଜଗରନଟ୍ସକୁ ମୂଲ୍ୟବାନ ୩ ପଏଣ୍ଟ ମିଳି ଯାଇଥିଲା ଏବଂ ଏହା ହିଁ ଦଳର ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇଥିଲା।

(ସମ୍ପୂର୍ଣ୍ଣ ରିପୋର୍ଟ: ଖେଳ ପୃଷ୍ଠା)

# ଦୁର୍ଘଟଣାରେ ସାଇରସ୍ ମିସ୍ତ୍ରୀଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୪।୯

ମହାରାଷ୍ଟ୍ରର ପାଲଘରଠାରେ ରବିବାର ଏକ ସଡ଼କ ଦୁର୍ଘଟଣାରେ ବିଶିଷ୍ଟ ଶିଳ୍ପପତି ତଥା ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରୀଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ହୋଇଥିଲା। ସେ ମର୍ସିଡିସ୍ କାର୍‌ରେ ଅହମଦାବାଦରୁ ମୁମ୍ବାଇ ଯାଉଥିବାବେଳେ ସୂର୍ଯ୍ୟ ନଦୀ ବ୍ରିଜ୍ ଉପରେ ଅପରାହ୍ନ ୩ଟା ୧୫ରେ ଦୁର୍ଘଟଣା ଘଟିଥିଲା। କାର୍‌ଟି ରୋଡ୍ ଡିଭାଇଡରରେ ପିଟିହୋଇ ଯିବାରୁ ସାଇରସ୍‌ଙ୍କ ସହ ଜେହାଙ୍ଗୀର ପାଣ୍ଡୋଲେଙ୍କ ମୃତ୍ୟୁ ହୋଇଥିବାବେଳେ ଡ୍ରାଇଭିଂ କରୁଥିବା ଅନହିତା ପାଣ୍ଡୋଲେ ଏବଂ ଡାରିଅସ୍ ପାଣ୍ଡୋଲେ ଆହତ ହୋଇଛନ୍ତି। ଆହତ ଦୁଇଜଣଙ୍କୁ ହେଲିକପ୍ଟରରେ ମୁମ୍ବାଇର ବ୍ରିଚ୍‌କ୍ୟାଣ୍ଡି ହସ୍ପିଟାଲ ନିଆଯାଇଛି। ମୃତଦେହକୁ ବ୍ୟବଚ୍ଛେଦ ଲାଗି ଗୁଜରାଟର କାସା ରୁରାଲ ହସ୍ପିଟାଲକୁ ପଠାଯାଇଛି।

ସାଇରସଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ତାଙ୍କର ବିୟୋଗ ବାଣିଜ୍ୟ ଓ ଶିଳ୍ପଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ପ୍ରଧାନମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ, ପୀୟୂଷ ଗୋୟଲ, ସ୍ମୃତି ଇରାନୀ, ଆନନ୍ଦ ମହିନ୍ଦ୍ରା, ଆର୍‌ପିଜି ଏଣ୍ଟରପ୍ରାଇଜ୍ ଅଧ୍ୟକ୍ଷ ହର୍ଷ ଗୋଏଙ୍କା, ଏନ୍‌ସିପି ନେତ୍ରୀ ସୁପ୍ରିୟା ସୁଲେ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମହାରାଷ୍ଟ୍ର ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ଦୁର୍ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ପୋଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଶୋକବ୍ୟକ୍ତ କରିଛନ୍ତି। ସାଇରସଙ୍କ ବିୟୋଗ କେବଳ ତାଙ୍କ ପରିବାର ପାଇଁ ନୁହେଁ, ସମଗ୍ର ଶିଳ୍ପଜଗତ ପାଇଁ କ୍ଷତି ବୋଲି ସେ ଅଭିହିତ କରିଛନ୍ତି।

ଟାଟା ସନ୍ସର ସବୁଠୁ ବଡ଼ ଶେୟାରହୋଲ୍ଡର ପାଲୋଞ୍ଜି ମିସ୍ତ୍ରୀଙ୍କ ପୁଅ ହେଉଛନ୍ତି ସାଇରସ। ଟାଟା ଗ୍ରୁପ୍‌ରେ ତାଙ୍କ ଶେୟାର ପରିମାଣ ୧୮.୫ ପ୍ରତିଶତ। ୨୦୧୨ ଡିସେମ୍ବରରେ ଟାଟା ସନ୍ସ ଅଧ୍ୟକ୍ଷ ପଦରୁ ରତନ ଟାଟା ଅବସର ନେବା ପରେ ସାଇରସ୍ ଏହାର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ସେ ଥିଲେ ଟାଟା ଗ୍ରୁପ୍‌ର ଷଷ୍ଠ

☞ପୃଷ୍ଠା-୨



ସାଇରସ୍ ମିସ୍ତ୍ରୀ ଓ ଦୁର୍ଘଟଣାଗ୍ରସ୍ତ ମର୍ସିଡିଜ୍ କାର୍।

## ଟୁଇଟରରେ ଷଡ଼ଯନ୍ତ୍ର ସନ୍ଦେହ

ମୁମ୍ବାଇ,୪।୯

ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ସାଇରସ୍ ମିସ୍ତ୍ରୀ(୫୪)ଙ୍କ ଅକାଳ ବିୟୋଗ ଅନେକ ଭାରତୀୟ ବ୍ୟବସାୟୀ, ଶିଳ୍ପପତି ଓ ରାଜନେତାଙ୍କୁ ସ୍ତବ୍ଧ କରିଦେଇଛି। ସାଇରସ୍ ନିଜ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ରବିବାର ଗୁଜରାଟର ଅହମଦାବାଦରୁ ମହାରାଷ୍ଟ୍ରର ମୁମ୍ବାଇ ଅଭିମୁଖେ ଯାତ୍ରା କରୁଥିବାବେଳେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପାଲଘର ଜିଲା ସୂର୍ଯ୍ୟା ନଦୀ ବ୍ରିଜ୍‌ରେ ତାଙ୍କ ମର୍ସିଡିଜ୍ କାର୍ ଡ୍ରାଇଭର ଏକ ଡିଭାଇଡରକୁ ଧକ୍କା ଦେବାରୁ ଏହି ଘାତକ ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ମହାରାଷ୍ଟ୍ର ଗୃହ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ ରାଜ୍ୟ ପୋଲିସକୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଦୁର୍ଘଟଣା ପଛର ପ୍ରକୃତ କାରଣକୁ ନେଇ ସୋସିଆଲ ମିଡିଆରେ ନାନା କଥା କୁହାଯାଉଛି। କେହି କେହି ଏହାକୁ ଏକ ଷଡ଼ଯନ୍ତ୍ର ବୋଲି ସନ୍ଦେହ

☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

ସାମାଜିକ (ଅ) ସୁରକ୍ଷା

### ଆଜିର ମନ୍ତବ୍ୟ

"ଅଦାଲତଗୁଡ଼ିକ ନିରପେକ୍ଷ ହେବା ଉଚିତ ଏବଂ ଏକ ଗଣତନ୍ତ୍ରରେ ଯଦିଓ ଜନାଦେଶ ତ୍ରୁଟି ସୁଧାରିବା ଆବଶ୍ୟକ, ତେବେ କେତେକ ସ୍ଥିତିରେ ଅଦାଲତ ବିରୋଧୀ ଭୂମିକା ନେବା ଆଶା କରାଯାଏ।

-ଜଷ୍ଟିସ୍ ଏନ୍.ଭି. ରମନା, ପୂର୍ବତନ ସିଜେଆଇ

ପାଠାଗାରରେ ଚାଲିଛି ୫୨ ବର୍ଷର ଏନ୍‌ଏସି
ଝିଅପୁଅ ପରେ ମା' ଆଖିବୁଜିଲେ
୩

## ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତ



ଭୁବନେଶ୍ୱର, ୪।୯(ବ୍ୟୁରୋ)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ରବୀନ୍ଦ୍ର କୁମାର ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇଛି। କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ପ୍ରଫେସର ପଣ୍ଡା ଆସନ୍ତା ୪ବର୍ଷ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ଭାର ସମ୍ଭାଳିବେ। ଦାୟିତ୍ୱ ଗ୍ରହଣଠାରୁ ଏହି ଅବଧି ଗଣନା କରାଯିବ। ପ୍ରଫେସର ପଣ୍ଡା ଏବେ ଗୁଜରାଟ ଭଦୋଦରାସ୍ଥିତ ଦି ମହାରାଜା ସାୟାଜିରାଓ ୟୁନିଭର୍ସିଟି ଅଫ୍ ବରୋଦାରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ୨୯ବର୍ଷର ଶିକ୍ଷାଦାନ ଅଭିଜ୍ଞତା ରହିଛି। ଏଥିସହ ସେ ୪୫ଟି ପୁସ୍ତକ ରଚନା କରିଛନ୍ତି। ତାଙ୍କ ମାର୍ଗଦର୍ଶନରେ ୧୦ଜଣ ପିଏଚ୍‌ଡି ହାସଲ କରିଛନ୍ତି।

# କମେଣ୍ଟମରାରୁ ଛାତ୍ରୀଙ୍କୁ ହତ୍ୟା

ଯାଜପୁର ଅଫିସ/ପ୍ରୀତିପୁର/ଦଶରଥପୁର(ଡି.ଏନ୍.ଏ.),୪।୯

କମେଣ୍ଟମରାକୁ କେନ୍ଦ୍ରକରି ଜଣେ ଛାତ୍ରୀଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଉତ୍ତଙ୍ଗରା ପଞ୍ଚାୟତ ଅଧୀନ ବରିକୂଳ ଗ୍ରାମର ଅମୂଲ୍ୟ ଦାସଙ୍କ ଝିଅ ଅମ୍ରିତା(୧୪)। ତାଙ୍କ ମୃତଦେହକୁ ଗାଁର ନାଳକୂଳ ପୋଖରୀରୁ ଶନିବାର ରାତିରେ ଜବତ କରାଯାଇଛି। ଘଟଣା ପୂର୍ବରୁ ଅମ୍ରିତାଙ୍କୁ କେତେଜଣ ଧମକ ଦେଇଥିବାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ମଙ୍ଗଳପୁର ଥାନାରେ ରବିବାର ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଯାଜପୁର ଏସଡିପିଓ ସରୋଜ କୁମାର ଉପାଧ୍ୟାୟ ଓ ଆଇଆଇସି ରୀନାରାଣୀ ସାହୁ ରବିବାର ସକାଳେ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛନ୍ତି। ପରେ ଅଗ୍ନିଶମ ବାହିନୀ ସହାୟତାରେ ଉକ୍ତ ପୋଖରୀରୁ ଅମ୍ରିତାଙ୍କ ସାଇକେଲ ମଧ୍ୟ ଉଦ୍ଧାର କରାଯାଇଛି। ହେଲେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ପୋଲିସ ପକ୍ଷରୁ ସାଇଣ୍ଟିଫିକ୍ ଟିମ୍ ନିୟୋଜନ କରାଯାଇ ନ ଥିଲା। ଅଭିଯୋଗ ଅନୁସାରେ ଅମ୍ରିତା ନିକଟସ୍ଥ

### ଗାଁ ପୋଖରୀରୁ ମୃତଦେହ ଜବତ

ନନ୍ଦିପୁର ହାଇସ୍କୁଲରେ ନବମ ଶ୍ରେଣୀରେ ପାଠ ପଢ଼ନ୍ତି। ଶନିବାର ଅପରାହ୍ନରେ ସେ ମଙ୍ଗଳପୁର ଥାନା ନନ୍ଦିପୁର ପଞ୍ଚାୟତ ଅନ୍ତର୍ଗତ ବାବଲପୁର ଗ୍ରାମର ବିଷ୍ଣୁଚରଣ ପାଢ଼ୀଙ୍କ ନିକଟକୁ ଟ୍ୟୁଶନ ପାଇଁ ଯାଇଥିଲେ। ଟ୍ୟୁଶନ ଛୁଟି ପରେ ଅମ୍ରିତା ସନ୍ଧ୍ୟା ୬ ଟା୧୫

☞ପୃଷ୍ଠା-୨



ଅମ୍ରିତା ଦାସ

# ୩୩% ପରିବାର କ୍ଷୀର ପିଇବା କମାଇଛନ୍ତି

ନୂଆଦିଲ୍ଲୀ,୪।୯

ଭାରତରେ କ୍ଷୀର ଦରବୃଦ୍ଧି ଯୋଗୁ ଏହାର ବ୍ୟବହାର କେତେ ପ୍ରଭାବିତ ହୋଇଛି ସେନେଇ କମ୍ୟୁନିଟି ସୋସିଆଲ ମିଡିଆ ପ୍ଲାଟଫର୍ମ ଲୋକାଲ ସର୍କଲ୍ସ ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇଛି। ପ୍ରତି ୩ରେ ଗୋଟିଏ ପରିବାର କ୍ଷୀର ବ୍ୟବହାର କମାଇଦେଇଛନ୍ତି ବୋଲି ଏହି ସର୍ଭେରୁ ଜଣାପଡ଼ିଛି। ଦେଶର ୩୧୧ ଜିଲାରେ କରାଯାଇଥିବା ଏହି ସର୍ବେକ୍ଷଣରେ ୨୧,୦୦୦ ଲୋକଙ୍କୁ ସାମିଲ କରାଯାଇଥିଲା, ଯାହାଙ୍କ ମଧ୍ୟରୁ ୬୯% ହେଉଛନ୍ତି ପୁରୁଷ। ୪୧% ଲୋକ ଟିୟର ୧ ଜିଲାର ହୋଇଥିବାବେଳେ ୩୪% ଟିୟର ୨ ଏବଂ ୨୫% ଟିୟର ୩ , ୪ ଓ ଗ୍ରାମାଞ୍ଚଳ ଜିଲାର ବାସିନ୍ଦା।

ଅଧିକାଂଶ ଭାରତୀୟ ପରିବାରରେ କ୍ଷୀର ଏବଂ ଦହି, ଲହୁଣି, ଘିଅ ଓ ବଟର୍ ମିଲ୍କ ଭଳି ଦୁଗ୍ଧଜାତ ସାମଗ୍ରୀ ବ୍ୟବହୃତ ହୋଇଥାଏ। ଭାରତ କେବଳ ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ ନୁହେଁ, ବରଂ ଏହାର ବ୍ୟବହାର କ୍ଷେତ୍ରରେ ମଧ୍ୟ ଅନ୍ୟ ରାଷ୍ଟ୍ରଗୁଡ଼ିକଠାରୁ ଆଗରେ ରହିଥିବା ଆମେରିକାର କୃଷି ବିଭାଗ (ୟୁଏସ୍‌ଡିଏ) ପକ୍ଷରୁ ପ୍ରକାଶିତ 'ଡେଏରି

## ଭାରତୀୟଙ୍କୁ ଦରବୃଦ୍ଧି ଚିନ୍ତା

ଆଣ୍ଡ ପ୍ରଡକ୍ଟସ୍ ଆନୁଆଲ୍ ରିପୋର୍ଟ-୨୦୨୧'ରେ ଉଲ୍ଲେଖ କରାଯାଇଛି। ମୁଦ୍ରାସ୍ଫୀତି ଯୋଗୁ ଭାରତୀୟ ଉପଭୋକ୍ତା ହନ୍ତସନ୍ତ ହେଉଥିବାବେଳେ ଦରଦାମ ନିୟନ୍ତ୍ରଣରେ କ୍ରମଶଃ ଲଗାମ ଲଗାଯାଉଥିବା ନେଇ କେନ୍ଦ୍ର ସରକାରଙ୍କ ତଥ୍ୟ କହୁଛି। ତେବେ ଅଗଷ୍ଟ ୧୭ ପରଠାରୁ ଦେଶର ଦୁଗ୍ଧ ସମବାୟଗୁଡ଼ିକ ପକ୍ଷରୁ କ୍ଷୀର ଲିଟର ପିଛା ୨ ଟଙ୍କା ବୃଦ୍ଧି କରାଯିବା ଖାଉଟିଙ୍କ ପାଇଁ ନିଶ୍ଚିତ ଭାବେ ଏକ ଖରାପ ଖବର। ଏହା ପୂର୍ବରୁ ମାର୍ଚ୍ଚରେ ଅମୂଲ ଭଳି ଦୁଗ୍ଧ ଓ ଦୁଗ୍ଧଜାତ ସାମଗ୍ରୀ ଉତ୍ପାଦନକାରୀ ବ୍ରାଣ୍ଡଗୁଡ଼ିକ କ୍ଷୀର ଲିଟର ପିଛା ୨ ଟଙ୍କା ବଢ଼ାଇଥିଲେ। ଏହି ଦରବୃଦ୍ଧି ଯୋଗୁ ୬୮% ଉପଭୋକ୍ତା ସମାନ ପରିମାଣ ଓ ବ୍ରାଣ୍ଡର କ୍ଷୀର ପାଇଁ ପୂର୍ବାପେକ୍ଷା ଅଧିକ ଟଙ୍କା ଦେଉଥିବା ସର୍ବେକ୍ଷଣ ବେଳେ କହିଛନ୍ତି। ଅନ୍ୟପକ୍ଷେ ୧୦,୬୮୫ ଜଣଙ୍କ ମଧ୍ୟରୁ ୬% ଲୋକ ଏଥିଲାଗି ବ୍ରାଣ୍ଡ ବଦଳାଇଛନ୍ତି ଅଥବା ଅପେକ୍ଷାକୃତ କମ୍ ଦାମ୍‌ରେ ମିଳୁଥିବା କ୍ଷୀର କିଣିବାକୁ ବାଧ୍ୟ ହୋଇଥିବା ମାନିଛନ୍ତି। ଅନ୍ୟ ୪% ଲୋକ ସମାନ ବ୍ରାଣ୍ଡର ଶସ୍ତା ବିକଳ୍ପ ଆପଣାଇଛନ୍ତି। କୌଣସି ଉତ୍ତରଦାତା କ୍ଷୀର କିଣିବା ବନ୍ଦ କରିଦେଇଥିବା ମାନିନାହାନ୍ତି। ତେବେ ୨୦% ଲୋକ ପୂର୍ବ ତୁଳନାରେ ପରିମାଣ ହ୍ରାସ କରିଥିବା କହିଛନ୍ତି। ଘରେ ବ୍ୟବହାର ପାଇଁ ଅଧିକାଂଶ ସମୟରେ କେଉଁ ଧରଣର କ୍ଷୀର କିଣୁଛନ୍ତି ବୋଲି ୧୦,୫୨୨ ଜଣଙ୍କୁ ସର୍ବେକ୍ଷଣକାରୀ ସଂସ୍ଥା ପକ୍ଷରୁ ପ୍ରଶ୍ନ କରାଯାଇଥିଲା। ୭୨% ଲୋକ ପ୍ଲାଷ୍ଟିକ୍ ପାଉଚ୍ ପ୍ୟାକେଟରେ ଉପଲବ୍ଧ ୫୦୦ ମିଲି ଲିଟର କିମ୍ବା ୧ ଲିଟର କ୍ଷୀର କିଣୁଥିବା କହିଥିଲେ। ସେହିପରି ୧୪% ଉପଭୋକ୍ତା ସ୍ଥାନୀୟ ବିକ୍ରେତାଙ୍କଠାରୁ ଖୋଲାରେ କ୍ଷୀର କିଣୁଥିବା ଉତ୍ତର ଦେଇଥିଲେ। ମାତ୍ର ୨% ଲୋକ ଅଧିକ ସମୟ ରହିପାରୁଥିବା ଟେଟ୍ରା ପ୍ୟାକ୍ ମିଲ୍କ କିଣୁଥିବା ନେଇ କହିଥିଲେ।



**କରୋନା ସଂକ୍ରମଣ ସ୍ଥିତି**



| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୦୧,୩୭,୩୬୧ | ୬୫,୦୩,୩୨୯ | ୫୮,୬୬,୮୯,୫୬୦ |
| ଭାରତ | ୪,୪୪,୫୭,୫୩୫ | ୫,୨୭,୯୯୧ | ୪,୩୮,୭୩,୪୩୦ |
| ଓଡ଼ିଶା | ୧୩,୨୮,୪୬୫ | ୯୧୮୦(+୫୩) | ୧୩,୧୭,୬୮୭ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




ନୂଆଦିଲ୍ଲୀ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ସେଣ୍ଟରଠାରେ କ୍ୟାପିଟାଲ ଫାଉଣ୍ଡେଶନ ପକ୍ଷରୁ ରବିବାର ଆୟୋଜିତ ସମ୍ମାନ ସମାରୋହରେ 'ଜୀବନବ୍ୟାପୀ ସାଧନା ସମ୍ମାନ' ପାଇଥିବା ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପୂର୍ବତନ ପ୍ରଧାନ ବିଚାରପତି ଏନ୍.ଭି. ରମନା, ବିଚାରପତି ଏ.କେ. ପଟ୍ଟନାୟକ, ବିଚାରପତି ଏ.କେ. ସିକ୍ରି ଓ ଅନ୍ୟମାନେ।



ସମ୍ମାନ ସମାରୋହରେ ଓଡ଼ିଶାରୁ ଯୋଗ ଦେଇଥିବା ବିଜେଡି ନେତା, ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ମିଳିବା ଅବସରରେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।



ସମାରୋହରେ ଯୋଗଦେଇଥିବା ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ।

# ଝିଅପୁଅ ପରେ ମା' ଆଖିବୁଜିଲେ

## ବଡ଼ମ୍ବା ଖାଦ୍ୟ ବିଷାକ୍ତ ଘଟଣା

ବଡ଼ମ୍ବା,୪।୯(ଡି.ଏନ୍.ଏ)

କଟକ ଜିଲା ବଡ଼ମ୍ବା ଥାନା ଅନ୍ତର୍ଗତ ଅଭିମାନପୁର ପଞ୍ଚାୟତସ୍ଥିତ ବୀରବରପୁର ଗ୍ରାମରେ ଘରେ ତିଆରି ଚାଟ୍ ଖାଇ ଗୋବିନ୍ଦ ପାତ୍ରଙ୍କ ପରିବାରର ୪ ସଦସ୍ୟଙ୍କ ମଧ୍ୟରୁ ଝିଅ ରୁଚିକା ଓ ପୁଅ ରୁଦ୍ରଙ୍କ ଶନିବାର ଭୋର ସମୟରେ ମୃତ୍ୟୁ ହୋଇଥିବା ବେଳେ ରାତିରେ ସ୍ତ୍ରୀ ରୁନୁବାଳାଙ୍କ ଜଗତ୍‌ପୁରସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ଗୋବିନ୍ଦ ମଧ୍ୟ ଉକ୍ତ ଚିକିତ୍ସାଳୟରେ ଏବେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ରବିବାର କଟକ ଖାଦ୍ୟ ଯାଞ୍ଚ ଅଧିକାରୀ ଦିଲୀପ ତରାଇଙ୍କ ସମେତ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ବିଶ୍ୱନାଥ ଆଧେକ, ଜନସ୍ୱାସ୍ଥ୍ୟ ଅଧିକାରୀ ଶରତ ଚନ୍ଦ୍ର ଖୁଣ୍ଟିଆ, ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା ରତ୍ନାପ୍ରଭା ଆଚାର୍ଯ୍ୟ, ଆଇସିୟୁ ଡାକ୍ତର ଉଦୟ ରଞ୍ଜନ ଦାଶ ଓ କର୍ମଚାରୀ ନୀଳମଣି ସାହୁ ପ୍ରମୁଖ ବୀରବରପୁର ଗ୍ରାମରେ ପହଞ୍ଚି ଗୋବିନ୍ଦଙ୍କ ଘରୁ ଖାଦ୍ୟ ନମୁନା ସଂଗ୍ରହ କରିବା ସହ ପାରିପାର୍ଶ୍ୱିକସ୍ଥିତି ଯାଞ୍ଚ କରିଛନ୍ତି। ଏହି ସମୟରେ ଘଟଣାସ୍ଥଳରେ ବଡ଼ମ୍ବା ଥାନା ଓ ମାଣିଆବନ୍ଧ ଫାଣ୍ଡି ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ଅପରପକ୍ଷରେ ଅପରାହ୍ନରେ କଟକରୁ ରୁନୁବାଳାଙ୍କ ମୃତଦେହ ଗାଁକୁ ଅଣାଯିବା ପରେ ଗ୍ରାମବାସୀଙ୍କ ସହଯୋଗରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଝିଅ ଓ ପୁଅଙ୍କ ଜୁଇରୁ ନିଆଁ ଲିଭି ନ ଥିବା ବେଳେ ମା'ର ଜୁଇ ଜଳିବା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

ସୂଚନାଥାଉ କି, ଗୋବିନ୍ଦଙ୍କ ପରିବାର ଲୋକେ ଗୁରୁବାର ରାତିରେ ଘରେ ତିଆରି କରିଥିବା ଚାଟ୍ ସହ ଆଉ କିଛି ଖାଦ୍ୟ ମଧ୍ୟ ଖାଇଥିଲେ। ଏହା ବିଷାକ୍ତ ହୋଇଯିବା ଯୋଗୁ ପ୍ରଥମେ ପୁଅ, ଝିଅ ଏବଂ ପରେ ମା'ବାପାଙ୍କୁ ଝାଡ଼ାବାନ୍ତି ହୋଇଥିଲା। ଏନେଇ ସେମାନେ ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ରୁନୁବାଳା ଓ ଗୋବିନ୍ଦ କଟକ ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିବାବେଳେ ୨ ପିଲାଙ୍କୁ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଉଭୟ ପିଲାଙ୍କ ମୃତ୍ୟୁ ପରେ ଗୁରୁତର ଥିବା ମା' ବାପାଙ୍କୁ ସିଟି ହସ୍ପିଟାଲରୁ ଜଗତ୍‌ପୁରସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

# ସମୁଦ୍ରରେ ସ୍ନାନବେଳେ ଚାଲିଗଲା ପ୍ରାଣ

## ସ୍ତ୍ରୀ, ଝିଅ ସହ ଶ୍ରୀକ୍ଷେତ୍ର ବୁଲିବାକୁ ଆସିଥିଲେ

ପୁରୀ ସହର,୪।୯

ଖୁସିରେ ଶ୍ରୀକ୍ଷେତ୍ର ବୁଲିବାକୁ ଆସିଥିଲେ। ସମୁଦ୍ରରେ ଗାଧୋଇ ସାରି ମହାପ୍ରଭୁଙ୍କ ଦର୍ଶନ କରିଥାନ୍ତେ। ସ୍ତ୍ରୀ ଓ ଝିଅକୁ ଧରି ଗାଧୋଉଥିଲେ। ହେଲେ ସ୍ନାନ କରିବାବେଳେ କୁନିଝିଅ ଆଗରେ ବାପାଙ୍କ ପ୍ରାଣ ଚାଲିଗଲା। ରବିବାର ସକାଳେ ପୁରୀ ବେଳାଭୂମିରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ ବରଗଡ଼ ଜିଲାର ରାକେଶ କୁମାର ସାହୁ (୪୦)। ସେ ସମୁଦ୍ରରେ ଗାଧୋଉଥିବାବେଳେ ହଠାତ୍ ଅଚେତ ହୋଇ ପଡ଼ିଯାଇଥିଲେ ଓ ସଙ୍ଗେସଙ୍ଗେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ବୋଲି ଜଣାପଡ଼ିଛି। ଏନେଇ ସମୁଦ୍ରକୂଳ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୫/୨୨) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଏଥିସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ହୃଦ୍‌ଘାତ ସନ୍ଦେହ କରାଯାଉଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ରାକେଶ ତାଙ୍କ ସ୍ତ୍ରୀ ଓ ୫ବର୍ଷୀୟା କୁନିଝିଅଙ୍କୁ ନେଇ ଶନିବାର ପୁରୀ ଆସିଥିଲେ। ରାକେଶଙ୍କ ସହିତ ତାଙ୍କର ବନ୍ଧୁ ମଧ୍ୟ ପରିବାରକୁ ଧରି ଆସିଥିଲେ। ରବିବାର ସକାଳେ ସମୁଦ୍ରରେ ଗାଧୋଇବା ବେଳେ ରାକେଶ ଅଚେତ ହୋଇ ପଡ଼ିଯାଇଥିଲେ। ତୁରନ୍ତ ଅନ୍ୟମାନେ ଦୌଡ଼ିଯାଇ ତାଙ୍କୁ ଉଠାଇବାକୁ ଚେଷ୍ଟା କରିଥିଲେ। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପାଠାଗାରରେ ଚାଲିଛି ୫୨ ବର୍ଷର ଏନ୍‌ଏସି

***ନିକଟରେ ସ୍ୱାୟତ୍ତ ଶାସନ ଦିବସ ଶେଷ ହୋଇଛି। ସହରାଞ୍ଚଳର ବିକାଶ ଉପରେ ଜୋର ଦିଆଯାଉଥିବା କୁହାଯାଉଛି। ଏପରି ସମୟରେ କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ଗତ ୫୨ବର୍ଷ ଧରି ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଓ ପାଠାଗାର କୋଠାରେ ଚାଲିଛି। ନିଜସ୍ୱ କୋଠା ନିର୍ମାଣ ଦିଗରେ କୌଣସି ଉଦ୍ୟମ ହେଲା ଭଳି ଅନୁଭୂତ ହେଉନାହିଁ।***

ଜୁନାଗଡ, ୪।୯(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ସ୍ଥାପନର ୫୨ବର୍ଷ ପୂରଣ କରିଛି। ୧୯୯୫ରୁ ୧୯୯୯ ମସିହା ପର୍ଯ୍ୟନ୍ତ ଲଗାତର ୪ବର୍ଷ ଧରି ଶ୍ରେଷ୍ଠ ଏନ୍‌ଏସି ଭାବେ ପୁରସ୍କୃତ ହୋଇଛି। ହେଲେ ଅଦ୍ୟାବଧି ଏହି ଏନ୍‌ଏସିର ନିଜସ୍ୱ କୋଠା ନିର୍ମାଣ ହୋଇ ପାରିନାହିଁ। ସମୟ ବିତି ଚାଲିଥିଲେ ହେଁ ଏହି ସମସ୍ୟା ପ୍ରତି ଯଥୋଚିତ ଦୃଷ୍ଟି ଦିଆଯାଇନାହିଁ। ପଞ୍ଚାୟତ କାର୍ଯ୍ୟାଳୟ କୋଠାରେ ଦୀର୍ଘ ବର୍ଷ ଧରି ଏନ୍‌ଏସି କାର୍ଯ୍ୟାଳୟ ଚାଲିଲା। ସେହି କୋଠା ବିପଦସଙ୍କୁଳ ହୋଇ ଯିବାରୁ ଗତ ୪ ବର୍ଷ ହେଲା ସ୍ଥାନୀୟ ପାଠାଗାରରେ କାର୍ଯ୍ୟାଳୟ ଚାଲିଛି। ଏହି କାରଣରୁ ପାଠାଗାର ଖୋଲି ପାରୁନାହିଁ। ଅଞ୍ଚଳବାସୀ ବିଭିନ୍ନ ପତ୍ର ପତ୍ରିକା ଓ ପୁସ୍ତକ ପଢିବାରୁ ବଞ୍ଚିତ ହେଉଛନ୍ତି। ଏସବୁ ସମସ୍ୟା ସତ୍ତ୍ୱେ ଏନ୍‌ଏସିର ନିଜସ୍ୱ କୋଠା ନିର୍ମାଣ ହେଉନାହିଁ କିମ୍ବା ପାଠାଗାର ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ ନାହିଁ। ଏହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି।

୧୯୭୦ ମାର୍ଚ୍ଚ ୧୮ ତାରିଖରେ ଜୁନାଗଡ ଏନ୍‌ଏସି କାର୍ଯ୍ୟାଳୟ ବିଧିବଦ୍ଧ ଭାବେ କାର୍ଯ୍ୟକ୍ଷମ ହୋଇଥିଲା। ନିଜସ୍ୱ କୋଠା ନିର୍ମାଣ ନ ହେବା ଯାଏ ଜୁନାଗଡ ପଞ୍ଚାୟତ କାର୍ଯ୍ୟାଳୟରେ ଏନ୍‌ଏସି ଅଫିସ ଖୋଲିଥିଲା। ତେବେ ପଞ୍ଚାୟତ କୋଠା ଛାତରୁ ସିମେଣ୍ଟ କଂକ୍ରିଟ ଖସିଥିଲା। ବର୍ଷା ହେଲେ ଛାତରୁ ପାଣି ଗଳୁଥିଲା। କର୍ମଚାରୀମାନେ ନାନା ସମସ୍ୟା ମଧ୍ୟରେ କାମ କରୁଥିଲେ। ପରବର୍ତ୍ତୀ ସମୟରେ ପରିସରରେ ଥିବା ପାଠାଗାରକୁ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇଥିଲା। କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଏନ୍‌ଏସିର କଳେବର ବୃଦ୍ଧି ପାଇ ଚାଲିଥିବାରୁ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ଦାବି ଜୋର ହୋଇ ଚାଲିଛି। ତେବେ ପରିଷଦ ପରେ ପରିଷଦ ଗଠନ ହୋଇଛି ସତ, ସ୍ଥାୟୀ ଓ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ଦିଗରେ କୌଣସି ସୁଫଳ ମିଳି ପାରିନାହିଁ। ଏପଟେ ନୂତନ କାର୍ଯ୍ୟାଳୟ ପାଇଁ ଏନ୍‌ଏସିରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିବା କୁହାଯାଉଛି। ହେଲେ ଅବସ୍ଥା ଯଥା ପୂର୍ବଂ ତଥା ପର ହୋଇ ରହିଛି। ଏ ନେଇ ଜୁନାଗଡ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କୁ ପଚାରିବାରୁ ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ଉଦ୍ୟମ ଜାରି ରହିଛି। ଅପରପକ୍ଷେ ପାଠାଗାରକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ପ୍ରୟାସ ଚାଲିଥିବା ସେ କହିଛନ୍ତି।




ପାଠାଗାର କୋଠାରେ ଚାଲିଥିବା ଜୁନାଗଡ ଏନ୍‌ଏସି ଅଫିସ।

- ଜୁନାଗଡ଼ ଏନ୍‌ଏସି ଅଫିସ୍‌ର ନିଜସ୍ୱ ଗୃହ ନାହିଁ
- ପାଠାଗାର ସୁବିଧାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ
- ଲଗାତର ୪ ବର୍ଷ ପାଇଛି ଶ୍ରେଷ୍ଠ ଏନ୍‌ଏସି ପୁରସ୍କାର
- ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ଉଦ୍ୟମ ଜାରି ରହିଛି: ଅଧ୍ୟକ୍ଷ

DSPL-163

**ପବିତ୍ର ଗୁରୁ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ଗୁରୁ ଦିବସ ଅବସରରେ ଆମର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି।

ଶିକ୍ଷା ଭିତ୍ତିଭୂମିର ରୂପାନ୍ତରୀକରଣ ଆଜି ସମସ୍ତଙ୍କ ପାଇଁ ବିପୁଳ ସମ୍ଭାବନା ସୃଷ୍ଟି କରିଛି। ଏ ସମ୍ଭାବନାକୁ ସୁଯୋଗରେ ପରିବର୍ତ୍ତନ କରିବା ଦିଗରେ ଶିକ୍ଷକ ଶିକ୍ଷୟତ୍ରୀମାନେ ହିଁ ଫଳପ୍ରଦ ଭୂମିକା ଗ୍ରହଣ କରିପାରିବେ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ସୁନ୍ଦର ଭବିଷ୍ୟତ ଗଠନରେ ସହାୟକ ହୋଇପାରିବ। ଗୁରୁ ଦିବସକୁ ସଂକଳ୍ପର ଦିବସ ଭାବରେ ଗ୍ରହଣ କରି ଶିକ୍ଷକ ଶିକ୍ଷୟତ୍ରୀମାନେ ଏ ଦିଗରେ କାର୍ଯ୍ୟ କରିବେ ବୋଲି ମୁଁ ଆଶା କରୁଛି।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-27068/13/0018/2223

DSPL-163

**ଗୁରୁ ଦିବସ ପାଳନ ଅବସରରେ ବାର୍ତ୍ତା**



ସଚରାଚର ବ୍ରହ୍ମାଣ୍ଡର କୋଣ ଅନୁକୋଣରେ ଥିବା ଦିବ୍ୟ ସତ୍ତାର ପ୍ରତିବିମ୍ବ ପରି ପ୍ରତୀୟମାନ ଏବଂ ମାନବ ଚେତନାରେ ଥିବା ଅଜ୍ଞତାର ଜଡ଼ତାକୁ ଦୂରୀଭୂତ କରିବା ନିମିତ୍ତ ଜ୍ଞାନର ପ୍ରଦୀପ ପ୍ରଜ୍ୱଳନ କରିବା ପ୍ରକ୍ରିୟାରେ ନିଜକୁ ନିୟୋଜିତ କରିଥିବା ସମସ୍ତ ଗୁରୁଜୀ ଏବଂ ଗୁରୁମାମାନଙ୍କୁ ପବିତ୍ର ଗୁରୁଦିବସ ଉପଲକ୍ଷେ ଜଣାଉଅଛି ସାଦର ତଥା ବିନମ୍ର ଅଭିନନ୍ଦନ। ପୂଜ୍ୟ ଗୁରୁଜୀ ଓ ଗୁରୁମାମାନଙ୍କର ନିରହଂକାର, ନିଷ୍ପାପର ଏବଂ ନିରବଚ୍ଛିନ୍ନ ଉଦ୍ୟମ ଆଗାମୀ ଦିନରେ ବିଶ୍ୱ ଦରବାରରେ ଆଣିଦେବ ଓଡ଼ିଶା ପାଇଁ ସ୍ୱତନ୍ତ୍ର ପରିଚୟ।

(ସମୀର ରଞ୍ଜନ ଦାଶ)
ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ)
ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଓଡ଼ିଶା

OIPR-27068/13/0018/2223

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। **-ଶ୍ରୀଅରବିନ୍ଦ**

# ସାମାଜିକ (ଅ)ସୁରକ୍ଷା

ବ୍ରିଟେନକୁ ପଛରେ ପକାଇ ଭାରତ ୫ମ ବୃହତ୍ ଅର୍ଥନୀତି ହୋଇଥିବା ବିଷୟ ୨ ସେପ୍ଟେମ୍ବରରେ ଖବର ପ୍ରକାଶ ପାଇବା ପରେ କେନ୍ଦ୍ର ସରକାର ଉଲ୍ଲସିତ ହେଲାଭଳି ମନେହେଉଛି। ଦେଶ ପାଇଁ ଏହା ଏକ ଖୁସି ଖବର ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ସେହିଦିନ ଅନ୍ତର୍ଜାତୀୟ ଶ୍ରମିକ ସଙ୍ଗଠନ (ଆଇଏଲ୍‌ଓ) ପକ୍ଷରୁ ସାମାଜିକ ସୁରକ୍ଷା ସଂକ୍ରାନ୍ତ 'ୱାର୍ଲଡ ସୋସିଆଲ୍ ପ୍ରୋଟେକ୍‌ଶନ ରିପୋର୍ଟ ୨୦୨୦-୨୨' ପ୍ରକାଶ ପାଇଛି ଓ ସେଥିରେ ଉଲ୍ଲେଖ କରାଯାଇଛି ଯେ, ଭାରତରେ ମାତ୍ର ୨୪.୪ ପ୍ରତିଶତ ନାଗରିକଙ୍କ ପାଖରେ ସାମାଜିକ ସୁରକ୍ଷା ରହିଛି। ପଡ଼ୋଶୀ ବାଂଲାଦେଶରେ ୨୮.୪ ପ୍ରତିଶତ ଲୋକ ସୁରକ୍ଷା ପାଉଥିବା ବେଳେ ତାହାଠାରୁ ଭାରତ ପଛରେ ପଡ଼ିଛି। ପ୍ରକାଶିତ ତଥ୍ୟକୁ ଗଭୀର ଭାବେ ଦେଖିଲେ ୭୫.୬ ପ୍ରତିଶତ ଭାରତୀୟ ସାମାଜିକ ସୁରକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି। ପୁଣି ବିଶ୍ଳେଷଣ କଲେ ଦେଶ ଜନସଂଖ୍ୟାର ତିନି ଚତୁର୍ଥାଂଶରୁ ଅଧିକ ଲୋକ ସୁରକ୍ଷାବଳୟ ବାହାରେ ରହିଛନ୍ତି। ଯଦି କୌଣସି କ୍ଷେତ୍ରରେ ଭାରତ ଆଗକୁ ଯାଉଛି ଓ ତାହାକୁ ସବୁ ମଞ୍ଚରେ ଆଲୋଚନା କରାଯାଉଛି ; ସେହି ମାନସିକତାରେ ଦେଖିଲେ ଭାରତ ଯଦି କାହାଠାରୁ ଦୁର୍ବଳ ବୋଲି ଜଣାପଡୁଛି, ସେଭଳି ସ୍ଥଳେ ଅସ୍ୱାଭାବିକ ସ୍ଥିତି ସଂକ୍ରାନ୍ତରେ ମଧ୍ୟ ତର୍ଜମା ହେବା ଆବଶ୍ୟକ। ହେଲେ ସେହି ସ୍ତରକୁ ଭାରତ ଏ ଯାଏ ଉଠିପାରି ନାହିଁ ବୋଲି ପ୍ରଦର୍ଶନ କରାଯାଉଥିବା କାର୍ଯ୍ୟରୁ ବୁଝାପଡ଼ିଯାଉଛି।

ଭାରତ ସରକାର ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରୁଥିବା ସର୍ବଦା କହିଚାଲିଛନ୍ତି। ମଧ୍ୟାହ୍ନ ଭୋଜନ, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବୀମା ଓ ଲୋକଙ୍କୁ ବିନାମୂଲ୍ୟରେ ଖାଦ୍ୟ ଯୋଗାଣ ପର୍ଯ୍ୟନ୍ତ ଅନେକ ସ୍ୱାଗତଯୋଗ୍ୟ କାର୍ଯ୍ୟକ୍ରମ ବିଷୟରେ ସରକାର ପ୍ରଚାର କରୁଛନ୍ତି। ଏହିଭଳି କାର୍ଯ୍ୟ କରାଉଥିବା ଦେଶକୁ ଜନମଙ୍ଗଳ ରାଷ୍ଟ୍ର (ୱେଲ୍‌ଫେୟାର ଷ୍ଟେଟ୍) ଭାବେ ଗଣାଯାଏ। ରାଜନୀତିରେ ଏପରି କାର୍ଯ୍ୟର ଅନେକ ଗୁରୁତ୍ୱ ରହିଛି ବୋଲି ଓଡ଼ିଶା ସମେତ ଭାରତବର୍ଷ ସାରା, ପ୍ରତ୍ୟେକ ନିର୍ବାଚନ ପୂର୍ବରୁ, ଘୋଷଣା ପରେ ଘୋଷଣା ହେଉଥିବା ପରିଲକ୍ଷିତ ହୋଇଥାଏ। ଏବେକା ସ୍ଥିତିରେ ସେହିସବୁ ଘେଷଣା କାର୍ଯ୍ୟକାରୀ ମଧ୍ୟ ହେଉଛି, ଯାହାକୁ ସମସ୍ତେ ସକାରାତ୍ମକ ଦୃଷ୍ଟିରେ ଦେଖିବା ଦରକାର। କାରଣ କେବଳ ଧନୀ ବ୍ୟବସାୟୀଙ୍କୁ ଆର୍ଥିକ ସୁବିଧା ଏବଂ ଋଣଛାଡ଼ କରିଦେଲେ ଦେଶ ଆଗେଇପାରିବ ନାହିଁ। ଗରିବଙ୍କୁ ଦିଆଯାଉଥିବା ସୁବିଧାକୁ ଏବେ କେତେକ ଭାରତୀୟ ନକାରାତ୍ମକ ଦୃଷ୍ଟିରେ ଦେଖି କହୁଛନ୍ତି ଯେ, ସେଗୁଡ଼ିକ ରେଭେଡି (ହିନ୍ଦୀରେ) ବା ମାଗଣା ଉପହାର। ଏଠାରେ ମନେରଖିବାକୁ ହେବ ଯେ, ଭାରତରେ ପ୍ରତ୍ୟେକ ନାଗରିକ କରଦାତା। ନିତିଦିନ ଶୁଣିବାକୁ ମିଳେ ଯେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟ ପୂର୍ବ ମାସଠାରୁ ଅନେକ କୋଟି ଟଙ୍କା ବୃଦ୍ଧି ପାଉଛି। ଏହି ଅର୍ଥସବୁ ନାଗରିକଙ୍କ ମୁଣିରୁ ସରକାର ଛଡ଼ାଇ ନେଉଛନ୍ତି। କେବଳ ଆୟକର ପଇଠ କରୁଥିବା ଭାରତୀୟ ନିଜକୁ କରଦାତା ବୋଲି ଭାବିବା ଉଚିତ ନୁହେଁ। ସେଥିପାଇଁ ଗରିବଙ୍କୁ ମିଳୁଥିବା ସୁବିଧା ଏକ ଉନ୍ନତ ଅର୍ଥନୀତିର ସଙ୍କେତ। ତେବେ କେଉଁ ଯୋଜନା ବା କାର୍ଯ୍ୟକ୍ରମ ସାମାଜିକ ନିରାପତ୍ତା ଲାଗି ଉଦ୍ଦିଷ୍ଟ ଓ କେଉଁଗୁଡ଼ିକ ଭୋଟ ହାତେଇବା ଲାଗି ଅଭିପ୍ରେତ ତାହାର ସୂକ୍ଷ୍ମ ତଫାତ୍ ଜାଣିବା ସାଧାରଣରେ କଷ୍ଟକର ହୋଇପଡୁଛି। ଏ ଦିଗରେ ଛାନ୍‌ଭିନ୍ କରିବାର କୌଣସି ଆବଶ୍ୟକତା ନାହିଁ। ଦେଶର ଅର୍ଥ ନାଗରିକ ; ପାହାଡ଼, ପର୍ବତ କିମ୍ବା ନଦୀ ନୁହେଁ। ଯଦି ନାଗରିକଙ୍କୁ ସରକାରଙ୍କ ତରଫରୁ ସୁବିଧା ମିଳିପାରିଲା ସେଥିରେ କାହାରିକୁ କଷ୍ଟ ହେବା କଥା ନୁହେଁ। ଯଦି କଷ୍ଟ ହେଉଛି, ତେବେ ସେହି ନାଗରିକ ଲୁକ୍କାୟିତ ଜନବିରୋଧୀ। ସରକାର ସର୍ବଦା ଦାବି କରୁଛନ୍ତି ଯେ, ଦେଶର ହିତାଧିକାରୀଙ୍କ ନିକଟରେ ଯୋଜନାର ସମସ୍ତ ଶ୍ରେୟ ପହଞ୍ଚୁଛି। କଂଗ୍ରେସ ସରକାରଙ୍କ ସମୟ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ କହିଥିବା ବିଷୟକୁ ଏବର ସରକାର ଦୋହରାଉଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସେତେବେଳେ ରାଜୀବ ଗାନ୍ଧୀ କହିଥିଲେ କେନ୍ଦ୍ରରୁ ମଞ୍ଜୁର ହେଉଥିବା ପ୍ରତି ଏକ ଟଙ୍କା ମଧ୍ୟରୁ ଲୋକଙ୍କ ପାଖରେ ମାତ୍ର ୧୫ ପଇସା ପହଞ୍ଚୁଥିଲା। ଏବେ ସରକାର କହୁଛନ୍ତି ସବୁ ସରକାରୀ ଯୋଜନାର ସୁଫଳ ଶତପ୍ରତିଶତ ଦେଶବାସୀଙ୍କ ନିକଟରେ ପହଞ୍ଚୁଛି। ବର୍ତ୍ତମାନର ସରକାରଙ୍କ ଦାବି ଯଦି ସତ୍ୟ ହୋଇଥାଆନ୍ତା, ତାହା ହେଲେ ଆଜି ୭୫.୬ ପ୍ରତିଶତ ଲୋକ ସାମାଜିକ ସୁରକ୍ଷା ବ୍ରାକେଟ ବାହାରେ ନ ଥାଆନ୍ତେ। ଆଇଏଲ୍‌ଓ ଦ୍ୱାରା ପ୍ରକାଶିତ ରିପୋର୍ଟକୁ ଦେଖିଲେ ପୃଥିବୀର କେତେକ ଦେଶର ଶତପ୍ରତିଶତ ଲୋକ ଅନ୍ତତଃ ଗୋଟିଏ ସାମାଜିକ ସୁରକ୍ଷା ସୁବିଧା ପାଇପାରୁଛନ୍ତି। ଏଭଳି ପ୍ରଚ୍ଛଦପଟରେ ଭାରତ ଦାବି କରିପାରିବ ନାହିଁ ଯେ, ପ୍ରତ୍ୟେକ ନାଗରିକ କୌଣସି ନା କୌଣସି ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରିଛନ୍ତି।

> **ସରକାରଙ୍କ କେଉଁ ଯୋଜନା ବା କାର୍ଯ୍ୟକ୍ରମ ସାମାଜିକ ନିରାପତ୍ତା ଲାଗି ଉଦ୍ଦିଷ୍ଟ ଓ କେଉଁଗୁଡ଼ିକ ଭୋଟ ହାତେଇବା ଲାଗି ଅଭିପ୍ରେତ ତାହାର ସୂକ୍ଷ୍ମ ତଫାତ୍ ଜାଣିବା ସାଧାରଣରେ କଷ୍ଟକର ହୋଇପଡୁଛି।**

# ଇଏ ବି ଏକ ମନର କଥା



**ଚିତ୍ର ଚରିତ୍ର**
ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଗତ କେଇ ବର୍ଷ ହେଲା ମାସର ଶେଷ ରବିବାରରେ ଆକାଶବାଣୀରେ ପ୍ରସାରିତ ହେଉଥିବା ଆମ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ବା 'ମନର କଥା'କୁ ମନଯୋଗ ସହକାରେ ଶୁଣି ଆସୁଥିବା ବନ୍ଧୁଙ୍କ କଣ୍ଠରେ ଥିଲା ଏକ ବିଚିତ୍ର କାମନା- '' ତାଙ୍କ ମନର କଥା ବର୍ଷ ବର୍ଷ ଧରି ଆମେ ଶୁଣିଆସୁଛୁ। ଆମ ମନର କଥା ସେ ଥରେ ଶୁଣନ୍ତେନି!'' ଦେଶର ସଂସ୍କାର ସଂସ୍କୃତି ସହ ଜଡ଼ିତ ବିଭିନ୍ନ ପ୍ରାନ୍ତର ବହୁବିଧ ବିଭବର ଜୟଗାନ କରିବା ମଧ୍ୟରେ ପ୍ରଧାନମନ୍ତ୍ରୀ ଯେ ଏକ ସାଂସ୍କୃତିକ ନବଜାଗରଣ ସୃଷ୍ଟିକରି ଚାଲିଛନ୍ତି ଏହା ଯେ ଲୋକକଲ୍ୟାଣ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ; ଏ କଥା ବନ୍ଧୁଙ୍କୁ ବୁଝାଇ ଏହା ସହିତ ସାଧାରଣ ଲୋକଙ୍କ ଅଭାବ ଅଭିଯୋଗକୁ ଯୋଡ଼ିବା ଉଚିତ ନୁହେଁ ବୋଲି କହିଥିଲେ ଏହି ଲେଖକ। ମାତ୍ର ବନ୍ଧୁ ପ୍ରତିବାଦ କରି ଉଠିଲେ ଏ କଥା କହି ଯେ ତାଙ୍କ ମନର କଥାଟି ନିଜ ବ୍ୟକ୍ତିଗତ ଅଭାବ ଅଭିଯୋଗର କଥା ନୁହେଁ, ଏହା ମଧ୍ୟରେ ବି ନିହିତ ଅଛି ଲୋକକଲ୍ୟାଣର ଶୁଦ୍ଧ ବିଚାର, ରାଷ୍ଟ୍ରପ୍ରେମର ଉଦ୍ଦାମ ଅଙ୍ଗୀକାର।

ବନ୍ଧୁଙ୍କ ମନର କଥାଟି ଏବେ ସାର୍ବଜନୀନ କରାଯାଉ ଓ ପରଖାଯାଉ ଯେ କଥାଟି ଭିତରେ ଲୋକକଲ୍ୟାଣ ବା ରାଷ୍ଟ୍ରପ୍ରେମ ଭଳି ଶ୍ରୁତିମଧୁର ଶବ୍ଦଗୁଡ଼ିକ ସହ ସଂଯୁକ୍ତ ହେବାର ଯୋଗ୍ୟତା ଅଛି କି ନାହିଁ। କଥା ହେଉଛି ନିକଟରେ ଖବର ପ୍ରକାଶ ପାଇଛି- 'ରାଇରଙ୍ଗପୁରରେ ନିର୍ମାଣ ହେବ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର ସର୍କିଟ ହାଉସ, ଖର୍ଚ୍ଚ ହେବ ପଚାଶ କୋଟି ଟଙ୍କା। ଏଇ ମାଟିର ଝିଅ ରାଷ୍ଟ୍ରପତିଙ୍କ ରାଇରଙ୍ଗପୁର ଗସ୍ତ ସମୟରେ ରହଣି ସାଙ୍ଗକୁ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରିବାକୁ ଏହି ସ୍ୱତନ୍ତ୍ର ସର୍କିଟ ହାଉସର ନିର୍ମାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ପାଞ୍ଚ ଏକର ଜମି ଆବଣ୍ଟନ ସହିତ ନିର୍ମାଣ ପାଇଁ ପ୍ଲାନ ଓ ଅନ୍ୟାନ୍ୟ କାଗଜପତ୍ର କାମ ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ପ୍ଲାନ ଅନୁଯାୟୀ ରାଷ୍ଟ୍ରପତିଙ୍କ କକ୍ଷ, ଡ୍ରଇଂରୁମ୍, ସମ୍ମିଳନୀ କକ୍ଷ, ପାର୍କର ବ୍ୟବସ୍ଥା ସହ ତାଙ୍କ ଡ୍ୟୁଟିରେ ଥିବା ସମସ୍ତ କେନ୍ଦ୍ରୀୟ କର୍ମଚାରୀ ଓ ସୁରକ୍ଷା ବାହିନୀଙ୍କ ପାଇଁ ଦୁଇଟି ପାଞ୍ଚ ମହଲା ବିଶିଷ୍ଟ କୋଠା ନିର୍ମାଣ କରାଯିବ। ଏହି ଜରୁରୀ ପ୍ରକଳ୍ପଟିକୁ ନେଇ ପ୍ରକାଶ ପାଇଥିବା ଖବରଟି ପଢ଼ି ସାରିଲା ପରେ ବନ୍ଧୁଙ୍କ ମନରେ ସୃଷ୍ଟି ହୋଇଛି ତାଙ୍କ ମନର କଥା, ଯାହା ଅବ୍ୟକ୍ତ ମନର ବ୍ୟଥା ହୋଇ ପ୍ରକଟିତ ହେବା ପାଇଁ ବାଟଟିଏ ଖୋଜୁଛି।

ବନ୍ଧୁ କହୁଥିଲେ, '' ଜଣେ ସାଧାରଣ ରାଜନେତ୍ରୀ ବା ଅତିବେଶିରେ ପ୍ରାକ୍ତନ୍ ବିଧାୟକ, ମନ୍ତ୍ରୀ ବା ରାଜ୍ୟପାଳରୁ ଦେଶର ଶୀର୍ଷତମ ଆସନରେ ବସିବା ପୂର୍ବରୁ ଯେଉଁ ଦୁଇଟି ଦିବ୍ୟଗୁଣ ଯୋଗୁ ଦ୍ରୌପଦୀ ମୁର୍ମୁ କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଦେଶରେ ବେଶ୍ ଚର୍ଚ୍ଚିତ ଥିଲେ, ତାହା ଥିଲା ତାଙ୍କର ସରଳ ଜୀବନଧାରା ଓ ଅଧ୍ୟାତ୍ମ୍ୟବାଦୀ ବ୍ୟକ୍ତିତ୍ୱ। ତାଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଘୋଷଣା ହେଲା ପରେ ଓଡ଼ିଆ ଅସ୍ମିତାର ମୁଗ୍ଧ ଅନୁଭବ ନେଇ ସବୁ ଓଡ଼ିଆଙ୍କ ମଧ୍ୟରେ ଏକ ଅଫୁରନ୍ତ ଆନନ୍ଦ ଓ ଉଦ୍ଦୀପନାର ଉଦ୍‌ବେଳନ ସିନା ସୃଷ୍ଟି ହୋଇଥିଲା, ମାତ୍ର ଅବଶିଷ୍ଟ ବିଶ୍ୱରେ ଅନ୍ୟ ଯେଉଁ ବାର୍ତ୍ତାଟି ସଞ୍ଚରି ଯାଇଥିଲା, ତାହା ଥିଲା ଭାରତୀୟ ଗଣତନ୍ତ୍ରର ଗୌରବ ଗରିମାର ଏକ ସାଙ୍କେତିକ ଏକକ। ସଭିଏଁ ଏକ ସ୍ୱରରେ ଜୟ ଜୟକାର କରିଥିଲେ ସେହି ବ୍ୟବସ୍ଥାର, ଯେଉଁଠି ସ୍ୱାଧୀନତାର ପଞ୍ଚସ୍ତରି ବର୍ଷ ପରେ ବି ବିଦ୍ୟୁତ୍ ଯାଇ ନ ଥିବା ଗୋଟିଏ ଅନ୍ଧାରି ଇଲାକାରେ ଜନ୍ମ ହୋଇଥିବା ଆଦିବାସୀ ଝିଅଟିଏ ବଡ଼ ହୋଇ ଦେଶର ରାଷ୍ଟ୍ରପତି ହୋଇପାରେ। ନିଜ ମନୋନୟନ ପତ୍ର ଦାଖଲ କରିବାକୁ ଓଡ଼ିଶା ଛାଡ଼ି ଦିଲ୍ଲୀ ଯିବା ପୂର୍ବରୁ ଝାଡୁ ଧରି ମନ୍ଦିର ପ୍ରାଙ୍ଗଣ ଓଳାଇଥିବାର ସେହି ମର୍ମସ୍ପର୍ଶୀ ଦୃଶ୍ୟଟି ଯେଉଁମାନଙ୍କ ଆଖିରେ ପଡ଼ିଥିବ, ସେମାନେ ଜାଣିଥିବେ ସରଳତା ଓ ଅଧ୍ୟାତ୍ମ୍ୟ ଆଦର୍ଶକୁ ପୁଞ୍ଜିକରି ନିଜ ବ୍ୟକ୍ତିତ୍ୱ ଗଠନ କରିବା ଗୋଟିଏ ରାଷ୍ଟ୍ର ପାଇଁ କେତେ ଗୌରବଦାୟୀ। ଅଥଚ ସେ ତାଙ୍କ ରାଇସିନା ହିଲ୍ ରାଷ୍ଟ୍ରପତି ଭବନରୁ କଦବା କେମିତି ନିଜ ଘରକୁ ଆସିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପଚାଶ କୋଟି ଟଙ୍କାର ବିପୁଳ ବ୍ୟୟରେ ସ୍ୱତନ୍ତ୍ର ସର୍କିଟ ହାଉସ ନିର୍ମିତ ହେବା ସରଳ ଜୀବନଚର୍ଯ୍ୟା ଓ ଆଧାତ୍ମିକ ବିଚାରବୋଧ ଭଳି ଜୀବନାଦର୍ଶର ପରିପନ୍ଥୀ ନୁହେଁ କି?''

''ରାଷ୍ଟ୍ରପତିଙ୍କ ପାଞ୍ଚବର୍ଷ କାର୍ଯ୍ୟକାଳ ମଧ୍ୟରେ ନିଜ ବ୍ୟସ୍ତ କାର୍ଯ୍ୟସୂଚୀରୁ ସମୟ ବାହାର କରି ନିଜ ସ୍ୱଧାମ ପରିଦର୍ଶନରେ ଆସିବା ଅତିବେଶିରେ ପାଞ୍ଚଥରରୁ ଅଧିକ ହୁଏତ ସମ୍ଭବ ହୋଇ ନ ପାରେ। ସେଥିପାଇଁ ନିଜ ଘର ଥାଉ ଥାଉ ସେହି ସହରରେ ପଚାଶ କୋଟି ଟଙ୍କା ଖର୍ଚ୍ଚକରି ଆଉ ଏକ ସୌଧ ନିର୍ମାଣ କରିବା ଭଳି ନିଷ୍ପତ୍ତି ଯେ ଖୋଦ୍ ସେ ନିଜେ ନେଇଥିବେ, ଏହା ବିଶ୍ୱାସ କରିବାକୁ କଷ୍ଟ ହେଉଛି। ହୋଇପାରେ ଏମିତି ଏକ ନିଷ୍ପତ୍ତି ସେଇ ଶାସନ ବ୍ୟବସ୍ଥାର, ଯେଉଁମାନେ ବିଶ୍ୱାସ କରନ୍ତି ଯେ ଯିଏ ଯେମିତିକା ଜୀବନ ଜିଇବାରେ ରୁଚି ରଖନ୍ତୁ ନା ନାହିଁ କି, ଥରେ ରାଜା ହୋଇଗଲେ ତାଙ୍କ ପାଇଁ ରାଜକୀୟ ଜୀବନଚର୍ଯ୍ୟା ହିଁ ଲୋଡ଼ା, ତେଣିକି ତାହା ରାଜତନ୍ତ୍ର ହେଉ କି ଲୋକତନ୍ତ୍ର!''

ସମ୍ବିଧାନର ସମ୍ମତି ଥାଉ କି ନ ଥାଉ ଜଣେ ରାଷ୍ଟ୍ରପତି ତାଙ୍କ କାର୍ଯ୍ୟକାଳ ସାରି ଅବସର ନେଲା ପରେ ପରମ୍ପରା ଅନୁଯାୟୀ ତାଙ୍କ ପସନ୍ଦର ଘରଟିଏ କେନ୍ଦ୍ର ସରକାର ଯୋଗାଇ ଦେଇଥାନ୍ତି ତାଙ୍କ ଅବଶିଷ୍ଟ ଜୀବନକାଳ ଯାଏ। ତଦନୁଯାୟୀ ମହୋଦୟାଙ୍କ ଅବସର ପରେ ସେ ଯଦି ଅନ୍ୟ କେଉଁଠି ରହିବାକୁ ପସନ୍ଦ କରିବେ ତ ଭିନ୍ନ କଥା, ମାତ୍ର ଯଦି ନିଜ ଭିଟାମାଟିକୁ ଫେରି ଆସିବାକୁ ଚାହିଁବେ, ତେବେ ରାଇରଙ୍ଗପୁରର ନିଜ ଘରେ ନ ରହି ଏହି ନିର୍ମାଣ ପ୍ରକଳ୍ପ ସ୍ୱତନ୍ତ୍ର ସର୍କିଟ ହାଉସକୁ ନିଜ ନିବାସସ୍ଥଳୀ କରିବା ହେବ ଏକ ଦୂରସ୍ଥ ସମ୍ଭାବନା। ସେପରି ସ୍ଥଳେ କ'ଣ ହେବ ଏହି ପଚାଶ କୋଟି ମୂଲ୍ୟ ସୁଦୃଶ୍ୟ ସୌଧର ଭାଗ୍ୟ ଓ ଭବିଷ୍ୟତ ? ଏହା ବୋଧହୁଏ ପାଲଟିଯିବ ଏକ ପରିତ୍ୟକ୍ତ ସ୍ମୃତି ସୌଧ ଭଳି ପର୍ଯ୍ୟଟନ କ୍ଷେତ୍ର! ସେତେବେଳେ ଏହାକୁ ଦେଖି ଲୋକେ ଅତୀତର ରୋମନ୍ଥନ କରିବେ। କହିବେ, ଏଇ ମାଟିରେ ଝିଅଟିଏ ଜନ୍ମ ନେଇଥିଲେ ଯେ ସେ 'ମହାମହିମ' ଉପାଧି ଧାରଣ କରିବାର ସମ୍ଭାବନା ପ୍ରକାଶ ପାଇଲା ମାତ୍ରେ ଅନ୍ଧାର ଭିତରେ ବୁଡ଼ି ରହିଥିବା ତାଙ୍କର ସେଇ ଜନ୍ମମାଟିଟି ସହସା ବିଦ୍ୟୁତ୍ ଆଲୋକରେ ଝଲସି ଉଠିଥିଲା। ପୁଣି ତାଙ୍କ ମୁଣ୍ଡରୁ ମୁକୁଟଟି ଚାଲିଗଲା ମାତ୍ରେ ଔଜଲ୍ୟରେ ଝଲସି ଉଠୁଥିବା ପଚାଶକୋଟିର ବିଶାଳ ପ୍ରାସାଦଟି କେମିତି ଅନ୍ଧାରରେ ଅଦୃଶ୍ୟ ହୋଇଯାଇଛି!?

''ଅବଶ୍ୟ ଏ କଥା ସ୍ୱୀକାର୍ଯ୍ୟ ଯେ ରାଷ୍ଟ୍ରପତିଙ୍କ ସୁରକ୍ଷାକୁ ନେଇ କୌଣସି ମୂଳଚାଲ କରାଯାଇପାରିବ ନାହିଁ। ତେବେ ରାଇରଙ୍ଗପୁର ଆସିବାକୁ ପାଞ୍ଚବର୍ଷରେ ପାଞ୍ଚଟି ଅବସର ମିଳିବା ଦୁରୂହ ଥିବା ବେଳେ ସେଥିପାଇଁ ସେଠାକାର ସଦର ମହକୁମାରେ ଥିବା ସରକାରୀ ଅତିଥି ଭବନକୁ ସ୍ୱତନ୍ତ୍ର ଭାବେ ପୁନଃନିର୍ମିତ କରିବା ଏକ ବିକଳ୍ପ ଭାବେ ଗୃହୀତ ହୋଇପାରନ୍ତା। ମାତ୍ର ତାହା ନ କରି ପଚାଶ କୋଟି ଟଙ୍କା ଖର୍ଚ୍ଚ କରି ଏକ ରାଜଉଆସ ସୁଲଭ ସର୍କିଟ ହାଉସ ଗଢ଼ିବା ଦେଶ ବା ରାଜ୍ୟର ଅର୍ଥନୀତି ଉପରେ ଚାପ ସୃଷ୍ଟି କରୁ କି ନ କରୁ ଗଣତନ୍ତ୍ରରେ ସାମନ୍ତବାଦୀ ସଂସ୍କୃତିର ଆରୋପ ନିଶ୍ଚୟ ଲାଗିବ। ଦେଶର ପ୍ରଥମ ନାଗରିକ ଭାବେ ଶପଥ ନେବା ପରେ ତାଙ୍କ ଆଦ୍ୟ ସମ୍ବୋଧନରେ ପ୍ରତିଧ୍ୱନିତ ହୋଇଥିଲା ପରାର୍ଥପ୍ରାଣତାର ବେଦମନ୍ତ୍ର ' ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ', ସେଠି ଏହି ସାମନ୍ତବାଦୀ ସଂସ୍କୃତିର ପ୍ରଦର୍ଶନ ଉଭା ହେବ ଏକ ବିରୋଧାଭାସ ଭାବେ। ସମଗ୍ର ବିଶ୍ୱ ଆଗରେ ଯେଉଁ ସରଳତା ଓ ଆଡମ୍ବରଶୂନ୍ୟତା ଏକ ବିରଳ ଦୃଷ୍ଟାନ୍ତ ଭାବେ ଉପସ୍ଥାପିତ ହୋଇଥିଲା, ତାହା ଅପସରି ଯାଇ ପ୍ରତିବଦଳରେ ଏକ ରାଜକୀୟ ବିଳାସର ଛାୟା ପ୍ରତିଭାତ ହେଲେ ବିଶ୍ୱ ଦର୍ପଣରେ ଆମ ଗଣତନ୍ତ୍ରର ଚେହେରା ବିବର୍ଣ୍ଣ ଦିଶିବା ସହିତ ଲୋକଦର୍ପଣରେ ରାମ ଓ ରାବଣଙ୍କ ମୁହଁ ଦେଖିବାକୁ ଏକାପରି ଲାଗିବ!''

ବନ୍ଧୁଙ୍କ ମନର କଥାଟି ଏଇଠି ସରିଥିଲା ସିନା, କିନ୍ତୁ ଶୁଣିଲା ପରେ ଲାଗୁଥିଲା ଏ କ୍ଷୋଭ କେବଳ ଜଣଙ୍କ ମନର କଥା ନୁହେଁ। ବରଂ ଏହା ସବୁ ଜାଣି ମଧ୍ୟ ବ୍ୟବସ୍ଥାଚକ୍ରରେ ବାଧ୍ୟ ବିବଶ ହୋଇ ନୀରବ ରହୁଥିବା ଜନସାଧାରଣଙ୍କ ମନର କଥା, ଯାହା ବ୍ୟବସ୍ଥାର ସଂସ୍ଥାପକଙ୍କ କାନରେ କେବେ ବି ପଡ଼ିବ ନାହିଁ! ପଡ଼ି ପାରିବ ନାହିଁ।

**ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,**
**ଚକେଇସିହାଣି, ଭୁବନେଶ୍ୱର**
**ମୋ-୮୮୯୫୬୨୪୧୦୫**

# ଶିଶୁ ସ୍ୱାସ୍ଥ୍ୟରେ ପୁଷ୍ଟିର ସହାୟକତା



ଡା. ଜ୍ୟୋତିରଞ୍ଜନ ଚମ୍ପତିରାୟ

ପ୍ରତିବର୍ଷ ସେପ୍ଟେମ୍ବର ୧ରୁ ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଥାଏ। କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ସହ ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁବିଭାଗ ଏହି ସପ୍ତାହରେ ବିଭିନ୍ନ ସଚେତନଧର୍ମୀ ଓ ସହାୟତାଭିତ୍ତିକ କାର୍ଯ୍ୟକ୍ରମ ହାତକୁ ନେଇଥାନ୍ତି। କେନ୍ଦ୍ର ସରକାର ୧୯୮୨ରେ ପ୍ରଥମେ ଏହିଭଳି ସପ୍ତାହ ପାଳନ ଆରମ୍ଭ କରିଥିଲେ। ବିଶେଷକରି ପିଲାମାନଙ୍କର ଅଭିଭାବକମାନେ ଏହି ପୁଷ୍ଟି ପ୍ରସଙ୍ଗକୁ ଅଣଦେଖା କରିଥାନ୍ତି। ଏକ ସୁନ୍ଦର ଶିଶୁର ସ୍ୱାସ୍ଥ୍ୟ ତା'ର ପରବର୍ତ୍ତୀ ବିକଶିତ ବୟୋବୃଦ୍ଧି ପାଇଁ ଯେ ନିତାନ୍ତ ଅପରିହାର୍ଯ୍ୟ ଏହାକୁ ହୃଦୟଙ୍ଗମ କରିବା ଉଚିତ। କୁହାଯାଏ ଆଜିର ଶିଶୁଟି ଆସନ୍ତାକାଲିର ଭବିଷ୍ୟତ। ହେଲେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଯଦି ଅବହେଳାର ଶିକାର ହୁଏ ତାହାଲେ ପିଲାଟି ଅନେକ ରୋଗର ଶିକାର ହେବା ସହ କେବଳ ତା'ର ଶାରୀରିକ ନୁହେଁ ମାନସିକ ଓ ବୌଦ୍ଧିକ ବିକାଶ ମଧ୍ୟ ବାଧାପ୍ରାପ୍ତ ହୋଇଥାଏ। ତେବେ ଉତ୍ତମ ପୁଷ୍ଟି ପାଇଁ ଜରୁରୀ କଥା ହେଉଛି ନବଜାତ ଶିଶୁ ପାଇଁ ମାଆର ପ୍ରଥମ କ୍ଷୀର ବା କଷ କ୍ଷୀର ତା' ସ୍ୱାସ୍ଥ୍ୟ ପାଇଁ ଏକ ଦିବ୍ୟ ସଞ୍ଜିବନୀ କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିରେ ସମସ୍ତ ପ୍ରକାର ପୌଷ୍ଟିକତା ରହିବା ସହ ବିଶେଷକରି ଶିଶୁ ପାଇଁ ଏହା ଏକପ୍ରକାର ଈଶ୍ୱରପ୍ରଦ ରୋଗ ପ୍ରତିରୋଧକ ଶକ୍ତିକାରୀ ଅମୂଲ୍ୟ ଜିନିଷଟି। ନୂଆ ଜନ୍ମ ହୋଇଥିବା ପିଲାକୁ ପ୍ରଥମ ଛଅମାସ କେବଳ ମାଆ କ୍ଷୀର ନିହାତି ଜରୁରୀ। ଶିଶୁଟି ଯେତେଥର ଚାହୁଁଛି ମାଆମାନେ ପିଲାଙ୍କୁ ସ୍ତନ୍ୟପାନ ପ୍ରଦାନ କରନ୍ତୁ। ଶିଶୁଟିର ବୟସ ଛଅମାସ ପରେ ହେଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଘରୋଇ ପ୍ରସ୍ତୁତ ଖାଦ୍ୟ ଦିଅନ୍ତୁ। ତେବେ ଏହାସହିତ ଦୁଇ ବର୍ଷ ଯାଏ ପିଲାଟି ଯେପରି ମାଆ କ୍ଷୀର ପାଏ ଏ କ୍ଷେତ୍ରରେ ମାଆମାନେ ଯତ୍ନବାନ ହେବା ଜରୁରୀ। କେହି କେହି ମାଆକ୍ଷୀର ଅପେକ୍ଷା ବଜାର ପ୍ରସ୍ତୁତ ଡବା ପାଉଡର, ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଦେବାକୁ ଚାହିଁଥାନ୍ତି। କିନ୍ତୁ ମନେରଖିବା କଥା ଯେ, ମାଆ କ୍ଷୀର ପରି କୌଣସି ଖାଦ୍ୟ ପଦାର୍ଥ ତୁଳନୀୟ ନୁହେଁ। ବିଶେଷକରି ମାଆମାନେ ଯତ୍ନବାନ ହେବା କଥା ଯେ ଶିଶୁଟି ଯେଉଁ ଖାଦ୍ୟ ଖାଉଛି ସେଥିରେ ସବୁଜ ଶାଗ, ତଟକା ପନିପରିବା, ଫଳ, ତେଲ, ଚିନି, ଗୁଡ଼, ବାଦାମ ଓ ଆୟୋଡ଼ିନ୍‌ଯୁକ୍ତ ଲୁଣ ଯେପରି ସାମିଲ ହେବ। ଓଡ଼ିଆ ଘରର ଚଳଣିରେ ଅଧିକାଂଶ ଗାଁଗଣ୍ଡାର ମାଆମାନେ ପିଲାଟିର ସ୍ୱାସ୍ଥ୍ୟକୁ ଯତ୍ନରେ ରଖି ନିଜ ଖାଦ୍ୟ ଓ ବିଶ୍ରାମକୁ ପଛରେ ପକାଇ ଦେଇଥାନ୍ତି ଏହା କିନ୍ତୁ ଠିକ୍ ନୁହେଁ। ଶିଶୁକୁ କ୍ଷୀର ଦେଉଥିବା ମାଆମାନେ ନିର୍ଦ୍ଦିଷ୍ଟ ସମୟର ବିଶ୍ରାମ ସହିତ ସେମାନେ ଯେପରି ପୁଷ୍ଟିକର ଖାଦ୍ୟ ଖାଇବେ ସେଥିପ୍ରତି ଯତ୍ନବାନ ନିହାତି ଜରୁରୀ। କାରଣ ମାଆଟିର ସ୍ୱାସ୍ଥ୍ୟ ସୁରକ୍ଷିତ ରହିଲେ ଶିଶୁଟିର ମଧ୍ୟ ସେହିପରି ଭାବରେ ଉତ୍ତମ ଅଭିବୃଦ୍ଧି ଓ ବିକାଶ ସମ୍ଭବ ହୋଇପାରିବ।

ପିଲାମାନଙ୍କ ବିଶେଷକରି ନବଜାତ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଯତ୍ନ ନେବା ବେଳେ ପାରିପାର୍ଶ୍ୱିକ କ୍ଷେତ୍ରକୁ ଦୃଷ୍ଟି ଦେବା ଅପରିହାର୍ଯ୍ୟ। କାରଣ ବିଭିନ୍ନ ରୋଗ ସଂକ୍ରମଣ ହେତୁ ଶରୀରରେ ପୁଷ୍ଟିକରଦ୍ରବ କ୍ଷତି ହୋଇଥାଏ, ଯାହାଦ୍ୱାରା ଶିଶୁଟି ବିଭିନ୍ନ ରୋଗର ସହଜ ଶିକାର ହୋଇଥାଏ। ସେହିପରି ବ୍ୟକ୍ତିଗତ ଓ ଭୋଜନଗତ ସ୍ୱଚ୍ଛତାକୁ ଧ୍ୟାନ ଦେଇ ନିଜ ପରିବେଶକୁ ସ୍ୱଚ୍ଛ ରଖିପାରିଲେ ରୋଗ ସଂକ୍ରମଣକୁ ରୋକାଯାଇପାରିବ। ବର୍ତ୍ତମାନ ପରି ସାଧାରଣତଃ ବର୍ଷାଦିନିଆ ପରିବେଶରେ ମାଆମାନେ ପିଲାଙ୍କ ଯତ୍ନ ନେଲାବେଳେ କିଛି ଘଟଣାକୁ ଅଣଦେଖା କରିଦିଅନ୍ତି। ପିଇବା ପାଣି ବି ଯେପରି ନିଶ୍ଚିନ୍ତ ଭାବରେ ଭଲଭାବରେ ଫୁଟା ଯାଇଥିବ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ପିଲାଟିକୁ ପିନ୍ଧାଉଥିବା ପୋଷାକ ଯେପରି ଭଲ ଭାବରେ ସଫା ହୋଇ ସୂର୍ଯ୍ୟକିରଣ ଦ୍ୱାରା ଶୁଖିଥିବ ସେ ଦିଗକୁ ଦୃଷ୍ଟି ଦିଅନ୍ତୁ। କେହି କେହି ପିଲାମାନଙ୍କର ଲୁଗାପଟାକୁ ଫ୍ୟାନରେ ବା ୱାଶିଂମେଶିନର ଗରମରେ ଶୁଖାଇବାକୁ ପସନ୍ଦ କରିଥାନ୍ତି। କିନ୍ତୁ ଏହା ଆଦୌ ଠିକ୍ ନୁହେଁ। କାରଣ ପୋଷାକରେ ଯଦି ଆର୍ଦ୍ରତା ରହିବ ପିଲାଟି ଥଣ୍ଡାଜ୍ୱରର ଶିକାର ହେବାର ସମ୍ଭାବନା ଅଛି। ସେହିପରି ଖାଦ୍ୟ ପ୍ରସ୍ତୁତି ସମୟରେ ଭଲ ଭାବରେ ଗରମ ହୋଇଥିବା ଖାଦ୍ୟକୁ ଶୀତଳ କରି ପିଲାମାନଙ୍କୁ ଖାଇବାକୁ ଦିଅନ୍ତୁ। ବଜାରର ପନିପରିବା ଅପେକ୍ଷା ନିଜ ବାଡ଼ିର ବା ଘରୋଇ ପ୍ରସ୍ତୁତ ପରିବା ଯଥା ଅମୃତଭଣ୍ଡା, କଦଳୀ, ସଜନାଛୁଇଁ, ଶାଗ ଦେଇପାରନ୍ତି। ଗାଜର ବିଟ୍ ବି ଭଲ। ସେହିପରି ପିଲାମାନଙ୍କୁ ତଟକା ଫଳ ଖୋଇବାର ଅଭ୍ୟାସ ରଖନ୍ତୁ କିମ୍ବା ନିଜେ ଘରେ ଜୁସ୍ ତିଆରି କରି ପିଇବାକୁ ଦିଅନ୍ତୁ। ଛୋଟ ପିଲାଙ୍କୁ ଖାଇବାକୁ ଦେବାବେଳେ ଖାଦ୍ୟକୁ ଭଲ ଭାବରେ ଚକଟି ଦିଅନ୍ତୁ। ପିଲାମାନଙ୍କ ପାଇଁ ରୁଡ଼ାରେ ପ୍ରସ୍ତୁତ ପାଉଡର ଖୁବ୍ ଭଲ। ଡାଲି ଭିତରେ ହରଡ଼ ଡାଲି, ମୁଗଡାଲି ଭଲ। ତେବେ ଡାଲି ପାଣିଟି ପିଲାମାନଙ୍କ ପାଇଁ ଖୁବ୍ ଭଲ। ପିଲାବେଳୁ ଶିଶୁଟିକୁ ରକ୍ତହୀନତାର ସମସ୍ୟାରୁ ଦୂରେଇବା ପାଇଁ ଏହାର ପ୍ରତିରୋଧ ନିମନ୍ତେ ଗର୍ଭବତୀ ମହିଳାମାନେ ଓ ପ୍ରସୂତି ମାଆମାନେ ପ୍ରଚୁର ଲୌହସାରଯୁକ୍ତ ଖାଦ୍ୟ ଖାଆନ୍ତୁ ଓ ପିଲାଟିକୁ ମଧ୍ୟ ଦିଅନ୍ତୁ। ସରକାର ଲୌହସାର ଯୁକ୍ତ ବଟିକା ଓ ବିଭିନ୍ନ ପୁଷ୍ଟିକର ଅଭିବୃଦ୍ଧି ପାଇଁ ମାଗଣା ଔଷଧ ପ୍ରଦାନ କରୁଛନ୍ତି ଏହାର ସୁଯୋଗ ନିଅନ୍ତୁ। ପିଲାଟି ଯେପରି ଆୟୋଡ଼ିନ୍‌ଯୁକ୍ତ ଲୁଣ ଖାଉଥାଏ ସେ ଦିଗଟିକୁ ଦେଖନ୍ତୁ। ରୁଗ୍‌ଣ ଓ ଅତିଶୟ ପୁଷ୍ଟିହୀନ ଶିଶୁ ପାଇଁ ଠିକ୍ ଓ ନିର୍ଦ୍ଧାରିତ ସମୟରେ ପୁଷ୍ଟିକର ଖାଦ୍ୟ ଓ ଅଧିକ ଯତ୍ନ ଆବଶ୍ୟକ। ପିଲାକୁ ଯେକୌଣସି ଖାଦ୍ୟ ବା ପାନୀୟ ଦେଉଥାନ୍ତି ଶିଶୁରୋଗ ବିଶେଷଜ୍ଞଙ୍କ ମତ ନିଅନ୍ତୁ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଗର୍ଭବତୀ ମାଆ ଓ ଶିଶୁମାନଙ୍କ ସ୍ୱାସ୍ଥ୍ୟ ପାଇଁ ଅନେକ ସଚେତନଧର୍ମୀ କାର୍ଯ୍ୟକ୍ରମ କରିବା ସହ ପର୍ଯ୍ୟାପ୍ତ ପରିମାଣର ଖାଦ୍ୟ ଓ ଔଷଧ ପ୍ରଦାନ କରୁଛନ୍ତି। ସେଥିପାଇଁ ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନୱାଡ଼ିକର୍ମୀମାନେ ଘରେ ଘରେ ପହଞ୍ଚି ଏହି ସୁଯୋଗ ଆପଣମାନଙ୍କ ହାତ ପାହାନ୍ତାରେ ପ୍ରଦାନ କରୁଛନ୍ତି। ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜିଲାସ୍ତରୀୟ ଡାକ୍ତରଖାନାଠାରୁ ଶିଶୁଭବନ ସବୁଠି ଶିଶୁମାନଙ୍କର ଉତ୍ତମ ପୁଷ୍ଟିଜନିତ ଚିକିତ୍ସା ପାଇଁ ଅଭିଜ୍ଞ ଓ ଅନୁଭବୀ ଶିଶୁରୋଗ ବିଶେଷଜ୍ଞ ରହିଛନ୍ତି। ସେମାନଙ୍କ ପରାମର୍ଶ ନିହାତି ନିଅନ୍ତୁ। ଗୁଣୀଗୁଣୀ ବା କାହାର କାନକୁହା କଥା ଶୁଣି ପିଲାଟିକୁ ଡଉଲଡାଉଲ ଓ ମୋଟା କରିଦେବା ପାଇଁ ନିଜେ କୌଣସି ଖାଦ୍ୟ ବା ଔଷଧ ଦେବା ପୂର୍ବରୁ ଶିଶୁ ବିଶେଷଜ୍ଞଙ୍କ ନିହାତି ପରାମର୍ଶ ନିଅନ୍ତୁ। ଚଳିତବର୍ଷର ଏହି ସପ୍ତାହ ପାଇଁ ରହିଥିବା ସ୍ଲୋଗାନଟି ବେଶ୍ ଗୁରୁତ୍ୱପୂର୍ଣ୍ଣ। ସମାଜର ସାମଗ୍ରିକ ଆଗାମୀ ଭବିଷ୍ୟତର ବିକାଶ ପାଇଁ ଆଜିର ଶିଶୁମାନଙ୍କ ସ୍ୱାସ୍ଥ୍ୟଗତ ଦିଗ ଓ ପୁଷ୍ଟି ସାଧନ କ୍ଷେତ୍ରକୁ ଗୁରୁତ୍ୱ ଦେଇ ଏହାକୁ ପାଳନ କଲେ ଏହି ଜାତୀୟ ପୁଷ୍ଟି ସପ୍ତାହର ପ୍ରାସଙ୍ଗିକତାର ଗୁରୁତ୍ୱ ବଢ଼ିପାରିବ।



**ପ୍ରଫେସର, ଶିଶୁରୋଗ ବିଭାଗ, ଶିଶୁଭବନ,**
**କଟକ, ମୋ : ୯୪୩୭୧୨୪୦୭୪**

## ଏଇ ଭାରତରେ

ଲୋକଙ୍କ ସେବା ନିକଟରେ ଚାକିରି ମୂଲ୍ୟ କିଛି ନୁହେଁ, ଯାହା ପ୍ରମାଣ କରିଛନ୍ତି ତାମିଲନାଡୁର ନିମଲ ରାଘବନ। ୩୫ ବର୍ଷୀୟ ନିମଲ ଦୁବାଇରେ ସଫ୍ଟୱେର ଡେଭଲପର ଭାବେ କାର୍ଯ୍ୟ କରୁଥିଲେ। ୨୦୧୮ରେ ଗାଜା ବାତ୍ୟା ପରେ ସେ ନିଜଗାଁ ନଦିୟାମକୁ ଫେରି କାବେରି ଡେଲ୍‌ଟାର ଦୁର୍ଦ୍ଦଶା ଦେଖି ଆଉ ଦୁବାଇ ଫେରିବାକୁ ଚାହିଁ ନ ଥିଲେ। ପରେ ଚାକିରି ଛାଡ଼ି ଡେଲ୍‌ଟାର ଗାଁଗୁଡ଼ିକରେ ପରିବର୍ତ୍ତନ ଆଣିବାରେ ଲାଗିଛନ୍ତି। ୩୨ ଲକ୍ଷ ଟଙ୍କା ଖର୍ଚ୍ଚ କରି ସେ ପେରାଭୁରାନି ହ୍ରଦର ପୁନରୁଦ୍ଧାର କରିଛନ୍ତି, ଯାହାଦ୍ୱାରା ୬,୦୦୦ ଏକର ଜମିରେ ଭଲ ଚାଷ ହୋଇପାରୁଛି । ଏହା ବ୍ୟତୀତ ତାମିଲନାଡୁର ବିଭିନ୍ନ ଅଞ୍ଚଳରେ ୧୧୮ଟି ଜଳାଶୟର ପୁନରୁଦ୍ଧାର କରିସାରିଲେଣି ଓ ଏହା ଦ୍ୱାରା ୪୦ ଲକ୍ଷ ଲୋକ ଉପକୃତ ହୋଇ ପାରିଛନ୍ତି। ଏହାସହ କାବେରି ଡେଲ୍‌ଟାରେ ୨୫,୦୦୦ ଗଛ ଲଗାଇ ସାରିଲେଣି। ପ୍ରଥମରେ ସେ ସୋସିଆଲ ମିଡିଆରେ 'ବାଉନ୍ସ ବ୍ୟାକ ଡେଲ୍‌ଟା' ଅଭିଯାନ ଆରମ୍ଭ କରି ବାତ୍ୟା ପୀଡ଼ିତଙ୍କ ପାଇଁ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ପୋଷାକ ଓ ଅର୍ଥ ଆଦି ଯୋଗାଡ଼ କରିଥିଲେ। ସେବେଠାରୁ ତାଙ୍କର ମହତ୍ତ୍ୱାକାଂକ୍ଷୀ କାର୍ଯ୍ୟ ସହ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇ ସେମାନଙ୍କ ସେବା ଜାରି ରଖିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୫ ସେପ୍ଟେମ୍ବର ୧୯୯୭**

- ଇଣ୍ଡୋନେସିଆକୁ ସୁଖୋଇ ଯୁଦ୍ଧବିମାନ ସମେତ ଅନ୍ୟାନ୍ୟ ପ୍ରତିରକ୍ଷା ସରଞ୍ଜାମ ବିକ୍ରି ପାଇଁ ରୁଷିଆ-ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ।
- ଅନ୍ତର୍ଜାତୀୟ ଅଲିମ୍ପିକ କମିଟିର ସଭାପତି ଭାବେ ଜୁଆନ ଆଣ୍ଟୋନିଓ ସାମାରାଞ୍ଚ ୪ର୍ଥ ତଥା ଶେଷଥର ପାଇଁ ପୁନଃ ନିର୍ବାଚିତ।
- ବରିଷ୍ଠ ଚଳଚ୍ଚିତ୍ର ପ୍ରଯୋଜକ ବି.ଆର୍. ଚୋପ୍ରାଙ୍କୁ ଗୌରବାବହ 'ପର୍ଲ' ପୁରସ୍କାର ପ୍ରଦାନ।

## ଚିରନ୍ତନୀ

କେତେ ରୂପ ରସ ସାଇତି ରଖଇଁ ଚିତ୍ତରେ
ଗାଇଦେବା ପାଇଁ ସବୁ କଥା ଦିନେ ଗୀତରେ
ଗାଇଦେବା ପାଇଁ ଜୀବନ ଯାତନା
ଅପାସୋରା ସବୁ ସପନ ରଚନା
ମିଛ ଦୁନିଆରେ କହିବାକୁ ପଦେ ସତରେ
ମୁଦିଦେବା ପାଇଁ ଡୋଳା ଦୁଇ ଶେଷେ ଗୀତରେ।

**-(ଜୟପୁର ଘାଟି)**

**-କାଳିନ୍ଦୀ ଚରଣ ପାଣିଗ୍ରାହୀ**

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | | | 6 | | | | |
| 4 | 2 | 3 | | | | | | 6 |
| | | | | 3 | | | 2 | |
| 1 | 6 | | 8 | | | | 4 | |
| | | 9 | | | 5 | | | |
| 8 | | | 1 | | | | 3 | |
| | | | 7 | | | | | |
| 3 | 5 | 1 | 2 | | | | 6 | |
| | | 8 | | | | 1 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 9 | 1 | 6 | 8 | 2 | 4 |
| 1 | 2 | 4 | 7 | 8 | 3 | 6 | 5 | 9 |
| 6 | 9 | 8 | 5 | 4 | 2 | 3 | 1 | 7 |
| 2 | 8 | 7 | 3 | 5 | 1 | 9 | 4 | 6 |
| 3 | 6 | 1 | 2 | 9 | 4 | 5 | 7 | 8 |
| 9 | 4 | 5 | 8 | 6 | 7 | 1 | 3 | 2 |
| 7 | 5 | 6 | 1 | 2 | 8 | 4 | 9 | 3 |
| 4 | 1 | 2 | 6 | 3 | 9 | 7 | 8 | 5 |
| 8 | 3 | 9 | 4 | 7 | 5 | 2 | 6 | 1 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜନତାଙ୍କ ଅର୍ଥର ଅପବ୍ୟୟ ନ ହେଉ

ମହାଶୟ,

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ଆମ ରାଜ୍ୟ ଓ ଦେଶ ଗର୍ବିତ। ତାଙ୍କର ସରଳ ଜୀବନଯାପନ ଓ ଉଚ୍ଚ ଭାବନା ଜାତିରପିତା ମହାତ୍ମା ଗାନ୍ଧୀଙ୍କର ପ୍ରଦର୍ଶିତ ମାର୍ଗ ଅଟେ। ସମ୍ପ୍ରତି ରାଇରଙ୍ଗପୁରଠାରେ ରାଷ୍ଟ୍ରପତିଙ୍କ ସ୍ୱଳ୍ପ ରହଣି ପାଇଁ ୫୦ କୋଟି ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ସର୍କିଟ ହାଉସ୍ ନିର୍ମାଣ କାର୍ଯ୍ୟ ଗ୍ରହଣଯୋଗ୍ୟ ନୁହେଁ। ଆମେ ଯେତେ ଯାହା ସରକାରୀ ଭାବେ ପ୍ରଚାର କଲେ ମଧ୍ୟ ଓଡ଼ିଶା ସରକାରଙ୍କର ଋଣ ଭାର ୭୫ ଲକ୍ଷ କୋଟିରୁ ଢେର ଅଧିକ। ପ୍ରତିବର୍ଷ ଏଥିପାଇଁ ହଜାର ହଜାର କୋଟି ଟଙ୍କା ସୁଧ ଗଣିବାକୁ ପଡୁଛି। ବାର୍ଷିକ ବଜେଟରେ ଏହା ପ୍ରତିଫଳିତ। ଆମ ରାଜ୍ୟର ହଜାର ହଜାର ଶିଶୁ ଅପପୁଷ୍ଟିର ଶିକାର। ଅନେକ ଗରିବ ଲୋକ ଋଣ ସୁଝି ନ ପାରି ଆତ୍ମହତ୍ୟା କରୁଛନ୍ତି। ଆମ ଦେଶ ସ୍ୱାଧୀନ ହେବା ପରେ ଚୀନ୍ ସ୍ୱାଧୀନ ହେଲା। ହେଲେ ଚୀନ୍ ଏବେ ଆର୍ଥିକ, ସାମରିକ ଓ ସ୍ୱାବଲମ୍ବନ କ୍ଷେତ୍ରରେ ବହୁ ଆଗରେ। ପ୍ରକୃତ ବାସ୍ତବତାକୁ ଆମକୁ ସ୍ୱୀକାର କରିବାକୁ ପଡ଼ିବ। ସରକାର ଆଗାମୀ ପିଢ଼ିଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ବର୍ତ୍ତମାନ ଋଣ କରି ଘିଅ ଖାଇବା ନୀତି ଛାଡ଼ିଲେ ହିଁ ରାଜ୍ୟର ଓ ଦେଶର ମଙ୍ଗଳ ହେବ।

**-ସୁର ରାୟ, ଭିଙ୍ଗାରପୁର, ବାଲିଅନ୍ତା, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଏ ନାବେ ଗୁରୁ କର୍ଣ୍ଣଧାର

**ଡ. ପ୍ରଫୁଲ୍ଲ କୁମାର ସାହୁ**

ଭାରତୀୟ ଗୁରୁ–ଶିଷ୍ୟ ପରମ୍ପରାରେ ଗୁରୁ କେବଳ ଜଣେ ବ୍ୟକ୍ତି ନୁହନ୍ତି, ସେ ଏକ ଶକ୍ତିର ଉତ୍ସ। ଜୀବନ ଗଢ଼ିବାର ମହାସୂତ୍ର। ସ୍ୱାମୀ ବିବେକାନନ୍ଦଙ୍କ ମତରେ, ଯେଉଁ ଆତ୍ମାରୁ ଶକ୍ତି ସଞ୍ଚରି ଆସେ ସେ ଗୁରୁ। ଯେଉଁଥିରେ ସଞ୍ଚାରିତ ହୁଏ ସେ ଶିଷ୍ୟ। ଗୁରୁଙ୍କ ଆଚରଣରେ ଥାଏ ଅମୃତର ପ୍ରଲେପ। ତାଙ୍କର ପ୍ରତିଟି ଚିନ୍ତା ଓ ଚେତନାରେ ପ୍ରକାଶ ପାଏ ଐଶ୍ୱରିକ ବିଭୂତି। ଜଗତ ଓ ଜୀବନକୁ ଦେଖିବା ପାଇଁ ଚେତନାର ଆଖି ପ୍ରଦାନ କରିବା ସହିତ ସେ ଶିଖେଇ ଦିଅନ୍ତି ଆଲୋକ ପଥର ଯାତ୍ରୀ ହେବାର ମନ୍ତ୍ର। ଶିଷ୍ୟର ମନକୁ ନିୟନ୍ତ୍ରଣ କରି ଚରିତ୍ର ଗଠନ କରିବା କିଛି ସାଧାରଣ କଥା ନୁହେଁ, ଏକ ଆହ୍ୱାନ, ଏକ ନୈତିକ ଦାୟିତ୍ୱ। ଆତ୍ମସଂଯମ ଓ ଆତ୍ମଶୃଙ୍ଖଳା ବଳରେ ଯିଏ ନିଷ୍ଠାର ସହିତ ଏ ଦାୟିତ୍ୱ ସମ୍ପାଦନ କରନ୍ତି, ସେ ହିଁ କେବଳ ଜଣେ ସମର୍ଥ ଗୁରୁ। ସମାଜ ଗଢୁଥିବା ଏଭଳି ଗୁରୁମାନେ ପ୍ରକାରାନ୍ତରେ ଜଣେ ଜଣେ ସମାଜ ସଂସ୍କାରକ। କେବଳ କୌଣସି ଶିକ୍ଷାନୁଷ୍ଠାନର ସୀମିତ ପରିବେଶ ଭିତରେ ନୁହେଁ, ଏମାନେ ସମଗ୍ର ସମାଜ ଜୀବନ ପାଇଁ ଏକ ଏକ ଆଲୋକ ବର୍ତ୍ତିକା। ଆମ ଆଗରେ ଗୌତମ ବୁଦ୍ଧଙ୍କଠାରୁ ଆରମ୍ଭ କରି ରବୀନ୍ଦ୍ରନାଥ ଟାଗୋର ଓ ସନ୍ଥକବି ଭୀମ ଭୋଇ ପ୍ରମୁଖ ଅନେକ ଗୁରୁ ଅଛନ୍ତି, ଯିଏ ଔପଚାରିକତା ରୀତିରେ ଶିକ୍ଷାଲାଭ ନ କରି ସୁଦ୍ଧା ସମଗ୍ର ମାନବ ଜାତି ପାଇଁ ଜାଳିଛନ୍ତି ଜ୍ଞାନର ପ୍ରଦୀପ। ଅର୍ଥାତ୍ ଆମକୁ ସଂସ୍କାର ଦେବା ପାଇଁ ବିଦ୍ୟାଳୟ ବାହାରେ ବି ଅନେକ ଆଦର୍ଶ ଗୁରୁ ଅଛନ୍ତି, ଯାହାର ଉଦାହରଣ ଲମ୍ବିଛି ପୁରାଣ ଯୁଗରୁ ଆଜି ପର୍ଯ୍ୟନ୍ତ।

ଶାସ୍ତ୍ର କହେ ସଂସାର ରୂପକ ଏ ଭବସାଗର ଭିତରେ ଜୀବନ ହେଉଛି ଏକ ଡଙ୍ଗା। ସେ ଡଙ୍ଗାର ନାଉରି ହେଉଛନ୍ତି ଗୁରୁ। ନାଉରି ବିନା ଜୀବନଡଙ୍ଗା କୂଳରେ ପହଞ୍ଚିବ କେମିତି ? ଭାଗବତରେ କୁହାଯାଇଛି–"ସୁଲଭ ନାବ ରୂପେ ଘଟେ, ବନ୍ଧନ ଭବସିନ୍ଧୁ ତଟେ। ଏ ନାବେ ଗୁରୁ କର୍ଣ୍ଣଧାର, ମୁହିଁ ଅନୁକୂଳ ସମୀର। ଏମନ୍ତ ନାବ ଥାଇ କୂଳେ, ଯେବା ନ ତରେ ଭବ ଜଳେ। ସେ ନର ହୀନ ମୂଢ଼ମତି, ଜାଣ ତାହାକୁ ଆତ୍ମଘାତୀ।" ଅର୍ଥାତ୍ ଜୀବନ ଡଙ୍ଗା ଚଳେଇ ନେବା ପାଇଁ ଗୁରୁଙ୍କ ସହାୟତା ଏକାନ୍ତ ଜରୁରୀ। ସେଥିପାଇଁ ଜଣେ ଆଦର୍ଶ ଗୁରୁ ଖୋଜି ପାଇବା ଭାଗ୍ୟର କଥା। ମାତ୍ର ସ୍ଥଳ ବିଶେଷରେ ଗୁରୁ ଆପଣା ଛାଏଁ ଆସି ଆମ ଜୀବନ ଡଙ୍ଗାକୁ ବାହି ନେବାର ଦୃଷ୍ଟାନ୍ତ ବି ଅନେକ। ଏହା ହିଁ ଭାରତୀୟ ଗୁରୁ ପରମ୍ପରାର ଏକ ବିଶେଷତ୍ୱ। ନିଛାଟିଆ ଜଙ୍ଗଲ ରାସ୍ତାରେ ପଥିକଙ୍କ ଧନ ଲୁଟୁଥିବା ଦସ୍ୟୁ ରତ୍ନାକର ଭିତରେ ସଦ୍‌ବୁଦ୍ଧି ଭରି ଦେବା ପାଇଁ ଆବଶ୍ୟକ ଥିଲା ନୈତିକ ଶିକ୍ଷା। ମାତ୍ର ସେ ଦୁର୍ଗମ ଅରଣ୍ୟ ଅଞ୍ଚଳରେ ରତ୍ନାକରକୁ ନୈତିକ ଶିକ୍ଷା ଦେବ କିଏ ? ପରିସ୍ଥିତିରେ ଏହି ଜଟିଳତାକୁ ଅନୁଭବ କଲେ ମହାନ୍ ଗୁରୁ ଦେବର୍ଷି ନାରଦ। ନିଜେ ସେଠାରେ ପହଞ୍ଚିଗଲେ ଦସ୍ୟୁ ହୃଦୟରୁ ଅଜ୍ଞାନତା ଅନ୍ଧାର ଦୂର କରିବା ପାଇଁ। ଜଣେ ଦିବ୍ୟ ଗୁରୁ ଭାବରେ ପଥଭ୍ରଷ୍ଟକୁ ଦେଖେଇଦେଲେ ଆଲୋକ ଓ ଅମୃତର ପଥ। ଗୁରୁଙ୍କ ଶକ୍ତି ବଳରେ ଦସ୍ୟୁ ଋଷି ବାଲ୍ମୀକିରେ ରୂପାନ୍ତରିତ ହେଲା। ଯିଏ ଦିନେ ରାମ ନାମ ଜପିପାରୁ ନ ଥିଲା, ତାଙ୍କରି ଅମୃତବର୍ଷୀ ଲେଖନୀରୁ ଜନ୍ମନେଲା ଜ୍ଞାନ ବିଜ୍ଞାନର ଅମୂଲ୍ୟ ଗ୍ରନ୍ଥ ରାମାୟଣ।

ଗୌତମ ଋଷିଙ୍କ ପତ୍ନୀ ଅହଲ୍ୟା। ବିଧିର ବିଡ଼ମ୍ବନା ଯୋଗୁ ସ୍ୱାମୀଙ୍କ ଦ୍ୱାରା ଅଭିଶପ୍ତ ହୋଇ ପାଲଟିଗଲେ ପଥର। ଶାପ ମୁକ୍ତି ପାଇଁ ଲୋଡ଼ା ଥିଲା ଜଣେ ସଦ୍‌ଗୁରୁଙ୍କ ସହଯୋଗ। ହେଲେ ପାଷାଣ ଅବସ୍ଥାରେ ଥାଇ ସେ ଗୁରୁଙ୍କ ପାଖରେ ପହଞ୍ଚି ପାରିବେ କେମିତି ? ତାଙ୍କର ଏହି ଅସହାୟତାକୁ ଉପଲବ୍ଧି କଲେ ମହାନ୍ ଗୁରୁ ରାଜର୍ଷି ବିଶ୍ୱାମିତ୍ର। ତେଣୁ ଭଗବାନ ରାମଚନ୍ଦ୍ରଙ୍କୁ ସାଥିରେ ନେଇ ସେ ପହଞ୍ଚି ଗଲେ ଅହଲ୍ୟା ଉଦ୍ଧାର ପାଇଁ। ଏହା ହିଁ ତ ଜଣେ ସମର୍ଥ ଗୁରୁଙ୍କ ବଡ଼ପଣ। କେବଳ ପୁରାଣ ଶାସ୍ତ୍ରରେ ନୁହେଁ, ଇତିହାସରେ ବି ଏମିତି କେତେକ ଆଦର୍ଶ ଗୁରୁଙ୍କ ଉଦାହରଣ ଅଛି, ଯେଉଁମାନଙ୍କ ଦିଗ୍‌ଦର୍ଶନ ଯୋଗୁ ଭାଙ୍ଗିଛି ଅନେକ ଐତିହାସିକ ପୁରୁଷଙ୍କ ବୀରତ୍ୱ ଓ ବଦାନ୍ୟତାର ଅହଙ୍କାର।

ଏକଦା ନିଜ ସାମ୍ରାଜ୍ୟର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଦୁର୍ଭିକ୍ଷ ପଡ଼ିବାରୁ ସେଠାକାର ଲୋକଙ୍କୁ କାମ ବଦଳରେ ଖାଦ୍ୟ ଯୋଗାଇବା ଉଦ୍ଦେଶ୍ୟରେ ଏକ ନୂତନ କିଲ୍ଲା ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ, ଯେଉଁଠି ନିୟୋଜିତ ହେଲେ ସହସ୍ରାଧିକ ଶ୍ରମିକ। ଦିନେ ରାଜା ବୁଲିବୁଲି କାର୍ଯ୍ୟ ତଦାରଖ କରିବା ଅବସରରେ ତାଙ୍କ ମନକୁ ଛୁଇଁଲା ହଜାର ହଜାର ଲୋକଙ୍କୁ ଆହାର ଯୋଗାଉ ଥିବାର ଅହଙ୍କାର। ସଂଯୋଗବଶତଃ ଗୁରୁ ରାମଦାସ ସେଠାରେ ପହଞ୍ଚିଲେ ଏବଂ ଶିବାଜୀଙ୍କ ସହ କଥାବାର୍ତ୍ତା ଭିତରେ ବୁଝିଗଲେ ଶିବାଜୀଙ୍କ ଭାବନା। ତାଙ୍କୁ ଆହୁରି ଖୁସି କରିବା ପାଇଁ ସେ ନିଜେ ବି ପ୍ରଶଂସା କଲେ, ଯେଉଁ ପ୍ରଶଂସା ଶୁଣି ଶିବାଜୀ ନିଜକୁ ଧନ୍ୟ ମଣିଲେ ଏବଂ ଆହୁରି ବଢ଼ିଗଲା ତାଙ୍କ ଅହଙ୍କାରର ମାତ୍ରା। ବୁଲି ବୁଲି କିଲ୍ଲା ଦେଖିବା ଅବସରରେ ବାଟରେ ବଡ଼ ପଥର ଖଣ୍ଡେ ପଡ଼ିଥିବା ଦେଖି ଅଟକି ଗଲେ ଗୁରୁ ରାମଦାସ। ଗୁରୁଙ୍କ ଇସାରା ପାଇବା ମାତ୍ରେ ପଥରଟାକୁ ଉଠାଇ ନେବାକୁ ଶ୍ରମିକମାନଙ୍କୁ ଆଦେଶ ଦେଲେ ରାଜା। ପଥରଟା ହଟେଇଦେବାରୁ ଦେଖାଗଲା ସେ ସ୍ଥାନରେ ଗୋଟେ ଗାତ ରହିଛି ଓ ଗାତ ଭିତରେ ଥିବା ଅଳ୍ପ ପାଣିରେ ବେଙ୍ଗଟିଏ ଚାହିଁଛି ଜୁଳୁଜୁଳୁ କରି। ଗୁରୁ ବଡ଼ ପାଟିରେ କହିଲେ ବାଃ ବାଃରେ ଶିବାଜୀ, ଜଣେ ମହାନ୍ ରାଜା ଭାବରେ ସାମାନ୍ୟ ବେଙ୍ଗଟିଏ ପାଇଁ ବି ତମେ ଯୋଗେଇ ଦେଇପାରିଛ ଖାଦ୍ୟ ଓ ପାନୀୟ। ଗୁରୁଙ୍କର ଏହି ପଦିଏ କଥାରେ ଭାଙ୍ଗି ଚୂରମାର ହୋଇଗଲା ଶିବାଜୀଙ୍କ ଅହଙ୍କାର।

ସ୍ୱାଧୀନତା ପରବର୍ତ୍ତୀ କାଳର କଥା। ଗାଁ ମୁଣ୍ଡରେ ଏକୁଟିଆ ଘର କରି ରହୁଥିଲା କୁଖ୍ୟାତ ଚୋର ପାଣ୍ଡୁ କଅଁର। ମୁହଁ ଟାଣ ସାଙ୍ଗକୁ ହୁରୁମାପଣ। ତେଣୁ ତା' ସାଙ୍ଗରେ କଥା ହେବାକୁ ଚାହାନ୍ତିନି ଲୋକେ। ମଧୁ ଗୋସେଇଁଙ୍କ କଣ୍ଠରୁ 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ଆଦି ଭାଗବତର ପଦ ପଂକ୍ତି ଶୁଣିବା ପାଇଁ ଗାଁ ମଝିରେ ଥିବା ଭାଗବତଟୁଙ୍ଗିରେ ରୁଣ୍ଡ ହୁଅନ୍ତି ଲୋକେ। ହେଲେ କେବେ ବି ସେଠାରେ ପଡ଼େନି ପାଣ୍ଡୁ କଅଁର ଛାଇ। ଏହି କାରଣରୁ ମଧୁ ଗୋସେଇଁଙ୍କ ମନରେ ଭାରି ଅବସୋସ। ମନେ ମନେ ଖୋଜି ହେଉଥାନ୍ତି ତାକୁ ଟୁଙ୍ଗିକୁ ଆଣିବାର ଉପାୟ। ବାଟରେ ଘାଟରେ ଦେଖାହେଲେ ଖୁବ୍ ଧୀର ଭାବରେ ପାଣ୍ଡୁକୁ ତା'ର ଭଲ ମନ୍ଦ କଥା ପଚାରି ବୁଝନ୍ତି ଗୋସେଇଁ। ହେଲେ ସେ ହୁରୁମାଟା ଗୋସେଇଁଙ୍କୁ ତାଚ୍ଛଲ୍ୟ କରିବା ସହିତ ଠାକୁରଙ୍କୁ ଗାଳିଦିଏ ଅଶ୍ରାବ୍ୟ ଭାଷାରେ। ଏମିତି କିଛିଦିନ ଗଲାପରେ ହଠାତ୍ ଦିନେ ପାଣ୍ଡୁ ସହ ଗୋସେଇଁଙ୍କ ଭେଟ ହୋଇଗଲା ଗାଁ ମୁଣ୍ଡ ପୋଖରୀ ପାଖରେ। ଗୋସେଇଁ କିଛି କହିବା ଆଗରୁ 'ତମ ଠାକୁର କେମିତି ଅଛନ୍ତି' ବୋଲି କହି ତାଚ୍ଛଲ୍ୟ ଆରମ୍ଭ କରିଦେଲା ପାଣ୍ଡୁ। ଟିକେ ଚିନ୍ତାକରି ଧୀର ଗଳାରେ ଗୋସେଇଁ କହିଲେ– ଠାକୁରଙ୍କର ଏବେ ବାଲ୍ୟଲୀଳା ଚାଲିଛି। ଗୋପ ଗାଁ ଏବେ ଚଳଚଞ୍ଚଳ ହୋଇଉଠିଛି ଠାକୁରଙ୍କ ଚୋରି ଧରିବା ପାଇଁ। ହେଲେ ଠାକୁରଙ୍କୁ ଚୋର ସାବ୍ୟସ୍ତ କରିବା କ'ଣ ସହଜ ? ସେ କେଉଁ ଛଟକରେ କାହା ଘରେ ଦହି ଖାଇଲେଣି ତ ଆଉ କାହାଘରେ ଖାଇଗଲେଣି ଲହୁଣି। ଯମୁନାଘାଟରୁ ବସ୍ତ୍ର ଚୋରି କରି ସେ କ'ଣ କମ୍ ହଟହଟା କଲେଣି ଗୋପୀମାନଙ୍କୁ! ଠାକୁର କ୍ଷୀର, ଦହି, ଲହୁଣି ଚୋରି କରି ଖାଉଛନ୍ତି– କଥାଟା କାହିଁକି ସହଜରେ ବିଶ୍ୱାସ କରିପାରିଲାନି ପାଣ୍ଡୁ। ରାଗରେ ଥମ ଥମ ହୋଇ କହିଲା– ମୋତେ ତମେ ଥଟ୍ଟା କରୁଛ ଗୋସେଇଁ। ଏଥର ମନରେ ସାହସ ବାନ୍ଧି ଗୋସେଇଁ କହିଲେ, ତୁ ବିଶ୍ୱାସ କର କି ନ କର ପାଣ୍ଡୁ, ମୋ କଥାରେ ଟିକେ ବି ମିଛ ନାହିଁ। ଜଗନ୍ନାଥଯେ ଷୋଳ କଳା, ତହୁଁ କଳାଏ ନନ୍ଦବଳା। ଭାଗବତଟୁଙ୍ଗିକୁ ଗଲେ ସିନା ଜାଣନ୍ତୁ ଠାକୁରଙ୍କ ଚୋରି ପଛର ରହସ୍ୟ।

ଗୋସେଇଁଙ୍କ କଥା ଶୁଣି ଦିନେ କୌତୂହଳବଶତଃ ପହଞ୍ଚିଗଲା ଭାଗବତଟୁଙ୍ଗିରେ। ପାଣ୍ଡୁକୁ ଦେଖି ଗାଁ ଲୋକେ ସିନା ନାକ ଟେକିଲେ, କିନ୍ତୁ ଗୋସେଇଁ ଅନୁଭବ କଲେ ଗୋଟେ ଗଡ଼ ଜିଣିବାର ଖୁସି। ଟୁଙ୍ଗିରେ ସେଦିନ ପଢ଼ାଗଲା ଦଶମ ସ୍କନ୍ଧ ବାଲ୍ୟଲୀଳା ପ୍ରସଙ୍ଗ। ଏତେ ସରଳ ଓ ସୁନ୍ଦର ଭାବରେ ଗୋସେଇଁ ବର୍ଣ୍ଣନା କଲେ ଯେ ପାଣ୍ଡୁ ଭିତରେ ଆପେ ଆପେ ସୃଷ୍ଟି ହେଲା ଏକ ଅପୂର୍ବ ଶିହରଣ। ତା' ପରଠାରୁ ଭାଗବତଟୁଙ୍ଗି ସହ ଗଢ଼ି ଉଠିଲା ତା'ର ଏକ ନିବିଡ଼ ଆତ୍ମୀୟତା। ପ୍ରତିଦିନ ଟୁଙ୍ଗିରେ ବସି ଭାଗବତ କଥାରେ ସେ ଯେତିକି ତନ୍ମୟ ହେଲା ତା' ଭିତରେ ସେତିକି ପ୍ରକାଶ ପାଇଲା ସମାଜର ମୁଖ୍ୟ ସ୍ରୋତକୁ ଫେରିବାର ଆଗ୍ରହ। ଏଥିରୁ ବୁଝିବାକୁ ହେବ ଯେ ବିଦ୍ୟାଳୟ ବାହାରେ ବି ମଧୁ ଗୋସେଇଁଙ୍କ ପରି ଅନେକ ମହାନ୍ ଗୁରୁ ଅଛନ୍ତି, ଯେଉଁମାନଙ୍କୁ ଜଣାଅଛି ଜୀବନ ଗଢ଼ିବାର ମହାସୂତ୍ର।

–ବିଜୁ ପଟ୍ଟନାୟକ ନଗର, ଭଦ୍ରକ, ମୋ: ୬୩୭୧୬୪୨୪୬୪




# ଗୁରୁ–ଶିଷ୍ୟ ବନ୍ଧନ ସବୁବେଳେ ଅତୁଟ

ଗୁରୁ ହେଉଛନ୍ତି ପ୍ରାତଃ ସ୍ମରଣୀୟ, ଯାହାଙ୍କ ଆଶୀର୍ବାଦ ଓ ପ୍ରଚେଷ୍ଟାରେ ଜୀବନର ଅନ୍ଧାର ଅପସରି ଯାଇ ଜ୍ଞାନର ଆଲୋକ ଉଦ୍ଭାସିତ ହୁଏ। ଜୀବନରେ ଭଲ ମନ୍ଦ, ପାପ ପୁଣ୍ୟର ତଫାତ୍ ଗୁରୁ ଶିଖାଇଥାନ୍ତି। ଶିଷ୍ୟର ଉନ୍ନତି, ସଫଳତା ପାଇଁ ପ୍ରାଣପଣେ ଚେଷ୍ଟା କରନ୍ତି। ସେଥିପାଇଁ ଜୀବନରେ ଗୁରୁଙ୍କ ସ୍ଥାନ ସର୍ବଦା ଉପରେ ରହିଆସିଛି। ଗୁରୁ ଶିଷ୍ୟ ପରମ୍ପରାରେ କିଛିଟା ପରିବର୍ତ୍ତନ ଭିତରେ କେବଳ ଏବେ ନୁହେଁ, ସବୁବେଳେ ଗୁରୁ-ଶିଷ୍ୟଙ୍କ ମଧ୍ୟରେ ସେହି ଅତୁଟ ବନ୍ଧନ ଅକ୍ଷୁଣ୍ଣ ହୋଇ ରହିଛି। ଗୁରୁ ଦିବସ ଅବସରରେ ଗୁରୁଙ୍କୁ ନେଇ 'ଧରିତ୍ରୀ'ର ସ୍ୱତନ୍ତ୍ର ଉପସ୍ଥାପନା।

## ଶିଷ୍ୟଙ୍କ ମନରେ ରହିବା ଗୁରୁଙ୍କ ପ୍ରକୃତ ପାଉଣା



ପୂର୍ବର ଗୁରୁଶିଷ୍ୟ ସମ୍ପର୍କ ଏବେ ବି ରହିଛି। ତେବେ ଆଜିର ଦିନରେ ଶିକ୍ଷକଙ୍କୁ ପାଠପଢ଼ା ସହିତ ପିଲାର ମନସ୍ତାତ୍ତ୍ୱିକ ବିକାଶକୁ ବିଚାର କରିବାକୁ ପଡିବ। ଯଦି ଶିକ୍ଷକ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ଚେଷ୍ଟା କରିବେ, ତେବେ ସେ ପିଲା ନିଶ୍ଚିତ ଭାବେ ତାଙ୍କୁ ସବୁ କ୍ଷେତ୍ରରେ ମନେପକାଇବ। ମୋର ବହୁତ ଛାତ୍ରୀଛାତ୍ର ବାହାରେ ରହୁଛନ୍ତି, ଚାକିରି କରୁଛନ୍ତି। ସେମାନେ ନିଜ ଖୁସିକୁ ମୋ ସହିତ ବାଣ୍ଟୁଛନ୍ତି। ସେମାନଙ୍କ ମନରେ ମୁଁ ରହି ପାରିଛି, ଏହାହିଁ ମୋର ପାଉଣା।

- ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରାଧାପକ, ଉତ୍କଳ ବିଶ୍ୱବିଦ୍ୟାଳୟ

## ଗୁରୁ ହେଉଛନ୍ତି ମା'ବାପାଙ୍କ ସମିଶ୍ରଣ



ଗୁରୁ ହେଉଛନ୍ତି ମା' ଓ ବାପାଙ୍କ ସମିଶ୍ରଣ। ଆମ ସମୟରେ ଆମେ ଗୁରୁଙ୍କୁ ଏହିଭଳି ଭାବେ ଦେଖୁଥିଲୁ। ରେଭେନ୍‌ଶା କଲିଜିଏଟ ସ୍କୁଲରେ ପଢ଼ିବାବେଳେ ମୋଟ ଟ୍ୟୁଶନ ହେବା ସମ୍ଭବ ନ ଥିଲା। ପ୍ରଧାନ ଶିକ୍ଷକ ନନ୍ଦ କିଶୋର ରଥ ମୋତେ ସ୍କୁଲ ଛୁଟି ପରେ ଗଣିତ ଓ ବିଜ୍ଞାନ ପଢ଼ାନ୍ତି। ତାଙ୍କର ଅବଦାନ ମୁଁ କେବେ ବି ଭୁଲିପାରିବିନି। କିନ୍ତୁ ଆମ ଦେଶରେ ଶିକ୍ଷକଙ୍କୁ ସମ୍ମାନ ମିଳେନାହିଁ। ତେଣୁ ଆଜିର ଯୁବପିଢ଼ି ନିଜ ଶିକ୍ଷକଙ୍କୁ ସମ୍ମାନ ଦିଅନ୍ତୁ, ତାଙ୍କ ପାଖରୁ ବହୁତ କିଛି ଶିକ୍ଷା କରନ୍ତୁ।

- ପ୍ରଫେସର ଅଶୋକ ଦାସ, ପୂର୍ବତନ କୁଳପତି, ଉତ୍କଳ ବିଶ୍ୱବିଦ୍ୟାଳୟ

## ଶିକ୍ଷକମାନେ ମଣିଷ ଗଢ଼ିବାକୁ ସଂକଳ୍ପ ନିଅନ୍ତୁ



ଆଦ୍ୟଗୁରୁ ଭାବେ ମା' ଓ ବାପାଙ୍କୁ ଶ୍ରେୟ ଦେବି। ମୁଁ ପ୍ରାଥମିକ ସ୍କୁଲରେ ପଢୁଥିବାବେଳେ ପ୍ରଧାନଶିକ୍ଷକ ଥିବା ବାପାଙ୍କଠାରୁ ବହୁତ କିଛି ଶିଖିଛି। ମୁଁ ଶିକ୍ଷକକତା କରିବାବେଳେ ବାପା କହିଥିଲେ, ଯଦି ଶିକ୍ଷକତା କରିବ, ମୁଣ୍ଡ ଓ ତୁଣ୍ଡକୁ ଧାର ଦେଇ ରଖିଥିବ। ଅର୍ଥ ହେଲା, ଜ୍ଞାନରେ ମୁଣ୍ଡକୁ ଭର୍ତ୍ତି କରିଥିବ ଏବଂ ତୁଣ୍ଡରେ ସବୁବେଳେ ଶିକ୍ଷଣୀୟ କଥା କହୁଥିବ। ବାଣୀବିହାରରେ ପଢୁଥିବାବେଳେ ପ୍ରଫେସର ଅଭୟ କୁମାରଙ୍କଠାରୁ ବହୁତ କିଛି ଶିଖିଥିଲି। ବର୍ତ୍ତମାନର ଶିକ୍ଷକ ନିଜକୁ ଚାକିରିଆ ନ ଭାବି ମଣିଷ ଗଢ଼ିବାକୁ ସଂକଳ୍ପ ନିଅନ୍ତୁ। ତାଙ୍କ ଆଦର୍ଶରେ ଭଲ ମଣିଷ ସୃଷ୍ଟି ହେବେ।

- ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, କୁଳପତି, ଫକୀର ମୋହନ ବିଶ୍ୱବିଦ୍ୟାଳୟ

## ଭାରତୀୟ ପରମ୍ପରାରେ ଗୁରୁ ଦିବସର ମହତ୍ତ୍ୱ ରହିଛି



ଭାରତୀୟ ପରମ୍ପରାରେ ଗୁରୁ ଦିବସର ମହତ୍ତ୍ୱ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ। ଏହି ଗୌରବମୟ ଐତିହ୍ୟ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ। ବର୍ତ୍ତମାନ ଛାତ୍ରବତ୍ସଳ ଗୁରୁ ଓ ଗୁରୁଙ୍କୁ ଭକ୍ତି କରି ବିଦ୍ୟା ପାଇବାର ମନୋବୃତ୍ତି ଧିରେ ଧୀରେ ଧିଥିଳ ହୋଇ ଯାଉଛି। ସମଗ୍ର ଶିକ୍ଷା ବ୍ୟବସ୍ଥାର ଉଦ୍ଦେଶ୍ୟ ଏବେ ଗୌଣ ମନେ ହେଉଛି। ତେଣୁ ସାମାଜିକ ପରିବର୍ତ୍ତନରେ ଗୁରୁମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଅନ୍ତୁ।

- ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ















# ଦ୍ରୁତତମ ଓ ପଞ୍ଚମ ବୃହତ୍ତମ: ନିରନ୍ତର ପ୍ରଗତି ପଥେ ଭାରତୀୟ ଅର୍ଥବ୍ୟବସ୍ଥା



ଅନୁରାଗ ସିଂ ଠାକୁର

ହୁଏତ ଏହା ସଂଯୋଗବଶତଃ ହୋଇ ଥାଇପାରେ, କିନ୍ତୁ ବ୍ରିଟିଶ ସାମ୍ରାଜ୍ୟ ଠାରୁ ସ୍ୱାଧୀନତା ପାଇବାର ୭୫ତମ ବର୍ଷରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିଶ୍ଚିତ ଭାବେ ପରମ ସନ୍ତୋଷର ବିଷୟ। ଏହି ଉପଲବ୍ଧି ଏପରି ଏକ ସମୟରେ ଆସିଛି ଯେତେବେଳେ ବ୍ରିଟେନ ନିଜ ଆର୍ଥିକ ଅଧୋଗତି ଏବଂ ବର୍ଦ୍ଧିତ ମୁଦ୍ରାସ୍ଫୀତିର ମୁକାବିଲା କରିବା ଲାଗି ସଂଘର୍ଷ କରୁଛି। ବ୍ରିଟେନ୍, ୟୁରୋପ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଜନସାଧାରଣଙ୍କ ଜୀବନଧାରଣ କଳ୍ପନାତୀତ ଭାବେ ଅତ୍ୟନ୍ତ ମହଙ୍ଗା ହୋଇପଡ଼ିଛି। ଯେଉଁ ତଥାକଥିତ ଅର୍ଥ ବିଶାରଦମାନେ ଲଗାତର ଭାରତୀୟ ଅର୍ଥବ୍ୟବସ୍ଥାକୁ ସମାଲୋଚନା କରିଆସୁଥିଲେ ସେମାନେ ବ୍ରିଟେନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସଙ୍କଟକୁ ଆକଳନ କରିବାରେ ବିଫଳ ହୋଇଥିବା କାରଣରୁ ହତପ୍ରଭ ହୋଇ ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ଉକ୍ତି ବାସ୍ତବରେ ପ୍ରଣିଧାନଯୋଗ୍ୟ- ''ସେମାନଙ୍କ ପାଇଁ ପ୍ରାଚୁର୍ଯ୍ୟର ଦିନ ପ୍ରକୃତରେ ଶେଷ ହୋଇଯାଇଛି। ଆଉ ଏହି ସମୟ ହୁଏତ ଆମ ପାଇଁ ଆରମ୍ଭ ହେଉଛି।''

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବାର ଖବର ପ୍ରଥମେ ବ୍ଲୁମ୍‌ବର୍ଗରେ ପ୍ରକାଶ ପାଇଥିଲା। ଏହି ଖବରକୁ ଏକ ଔପନିବେଶିକ ରଙ୍ଗ ଦେଇ ବ୍ଲୁମବର୍ଗ ଲେଖିଥିଲା ଯେ, ଏକ ସାମ୍ରାଜ୍ୟବାଦୀକୁ ଏହାର ପୂର୍ବତନ ସାମ୍ରାଜ୍ୟ ପଛରେ ପକାଇ ଦେଇଛି। ବହୁପୂର୍ବରୁ ସମ୍ରାଟଙ୍କଠାରୁ ସାମ୍ରାଜ୍ୟ ଓ ବୈଭବ, ଉଭୟ ହାତଛଡ଼ା ହୋଇଯାଇଥିଲା। କାଳକ୍ରମେ ଗ୍ରେଟ୍ ବ୍ରିଟେନ ସଙ୍କୁଚିତ ହୋଇ ଏକ ଛୋଟ ଇଂଲଣ୍ଡରେ ପରିଣତ ହୋଇଥିଲା; କିନ୍ତୁ ଏହାର ଅର୍ଥବ୍ୟବସ୍ଥା ସୁଦୃଢ଼ ରହିଥିଲା ଏବଂ ୟୁକେ (ୟୁନାଇଟେଡ କିଙ୍ଗଡମ୍) ବିଶ୍ୱର ଶୀର୍ଷ ପାଞ୍ଚଟି ଅର୍ଥବ୍ୟବସ୍ଥା ତାଲିକାରେ ନିଜର ସ୍ଥାନ ବଜାୟ ରଖିପାରିଥିଲା। ଏହା ନିଃସନ୍ଦେହ ଯେ ବ୍ଲୁମବର୍ଗର ରିପୋର୍ଟରେ ଔପନିବେଶିକ ସନ୍ଦର୍ଭ ଉଲ୍ଲେଖ କରାଯିବା ଆପତ୍ତିଜନକ। ତା'ଛଡ଼ା ୧୯୪୭ରେ ବ୍ରିଟିଶ ଶାସକମାନେ ଅସହାୟ, କ୍ଷତାକ୍ତ ଓ ଲହୁଲୁହାଣ କରି ଛାଡ଼ି ଚାଲି ଯାଇଥିବା ଏକ ରାଷ୍ଟ୍ର କ୍ରମାଗତ ଉନ୍ନତି କରିବା ସହିତ ଆର୍ଥିକ ସମୃଦ୍ଧି ଓ ଶକ୍ତି ହାସଲ କରିବାର ଦିଗକୁ ଏଥିରେ ଅଣଦେଖା କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତକୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରିବା ଏବଂ ଏ ଦେଶରୁ ବ୍ରିଟେନକୁ ସମ୍ପତ୍ତି ବୋହିନେବା ଲାଗି ବ୍ରିଟିଶରମାନେ ଭାରତରେ ସାମ୍ରାଜ୍ୟବାଦ ସ୍ଥାପନ କରିଥିଲେ। ୧୭୦୦ ଖ୍ରୀଷ୍ଟାବ୍ଦରେ ବିଶ୍ୱ ଜିଡିପିରେ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ଥିଲା ୨୪.୪ ପ୍ରତିଶତ; କିନ୍ତୁ ୭୫ ବର୍ଷ ପୂର୍ବେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ, ବ୍ରିଟିଶ ସାମ୍ରାଜ୍ୟର ପତାକା ବଦଳରେ ତ୍ରିରଙ୍ଗା ପତାକା ସ୍ଥାନ ପାଇବା ବେଳକୁ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ମାତ୍ର ୩ ପ୍ରତିଶତକୁ ଖସି ଆସିଥିଲା। ବ୍ରିଟେନ ସମୃଦ୍ଧି ହାସଲ କରିଥିବା ବେଳେ ଭାରତ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିଲା। ବିଗତ ଆଠ ବର୍ଷ ମଧ୍ୟରେ ଭାରତର ଅଭୂତପୂର୍ବ ଉଦୟକୁ ବୁଝିବା ଲାଗି ଏସବୁ ତଥ୍ୟର ବିଶ୍ଳେଷଣ କରିବା ଜରୁରୀ, କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥବ୍ୟବସ୍ଥାକୁ ଶୀର୍ଷକୁ ନେବା ଲାଗି ପ୍ରମୁଖ ନୀତିଗତ ପରିବର୍ତ୍ତନ ଆଣିଛନ୍ତି। ବିଗତ ଦଶନ୍ଧିରେ ହୋଇଥିବା ତ୍ରୁଟିକୁ ସେ ସୁଧାରିବାକୁ ପ୍ରୟାସ କରିଛନ୍ତି। ଏହାର ବିପରୀତ ପୂର୍ବ ସରକାରମାନେ କେବଳ ସୋଭିଏଟ୍ ଯୁଗ ଶୈଳୀରେ ରାଷ୍ଟ୍ର ଉପରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଭାରତୀୟ ଉଦ୍ୟୋଗ ଜଗତର କ୍ଷମତାକୁ ନ୍ୟୂନ କରି ଆକଳନ କରିଥିଲେ ଏବଂ ପ୍ରତିବନ୍ଧକ ମାଧ୍ୟମରେ ଆକାଂକ୍ଷାକୁ ଅଣଦେଖା କରିଥିଲେ।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଅତୀତକୁ ସମାଧି ଦେଇ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନୂତନ ଆରମ୍ଭ କରିଥିଲେ, ଯାହାକି ଅଧିକାଂଶ ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା, ସେମାନଙ୍କର ସମ୍ଭାବନାକୁ ଉଜାଗର କରିବା ଏବଂ ଏହି ମହାନ ରାଷ୍ଟ୍ରକୁ ପ୍ରଗତି ପଥକୁ ଆଣିବା ଲାଗି ଉଦ୍ଦିଷ୍ଟ ଥିଲା। ସମୃଦ୍ଧ ଓ ସଶକ୍ତ ଭାରତର ଅନ୍ତିମ ପଂକ୍ତିରେ ଛିଡ଼ା ହୋଇଥିବା ଅନ୍ତିମ ବ୍ୟକ୍ତିକୁ ସୁବିଧା ପ୍ରଦାନ କରାଯିବା ସୁନିଶ୍ଚିତ କରାଗଲା। ପ୍ରଧାନମନ୍ତ୍ରୀ ମୋଦି ଆଣିଥିବା ସ୍ଥିର ପରିବର୍ତ୍ତନର ପ୍ରଭାବ ଏହି ଆଠ ବର୍ଷ ମଧ୍ୟରେ ଦେଖିବାକୁ ମିଳିଛି। ଭାରତର କାହାଣୀ ସାରା ବିଶ୍ୱରେ ସବୁଠୁ ପ୍ରାସଙ୍ଗିକ ପାଲଟିଛି। ପରିସଂଖ୍ୟାନରୁ କେବଳ ଆଂଶିକ ତଥ୍ୟ ମିଳିଥାଏ। ୨୦୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପିର ସାଙ୍କେତିକ ଅଭିବୃଦ୍ଧି ସ୍ତର ୧୩.୫ ପ୍ରତିଶତ ହେବା କ୍ଷେତ୍ରରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ବୋଲି କୁହାଯାଉଛି। କ୍ରୟ ଶକ୍ତି ଆଧାରରେ ଆକଳନ କଲେ, ଆମେରିକା ଓ ଚୀନ ପରେ ଭାରତର ଜିଡିପି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ମାନ୍ୟତା ପାଇବ। ବର୍ତ୍ତମାନ ଉପଲବ୍ଧ ସବୁ ସଙ୍କେତ ଓ ଆକଳନରୁ ସୂଚନା ମିଳୁଛି ଯେ, ଅନ୍ୟ ସବୁ ରାଷ୍ଟ୍ରର ଜିଡିପି ସ୍ଥିର କିମ୍ବା ନିମ୍ନଗାମୀ ଥିବା ବେଳେ ଭାରତର ଅର୍ଥବ୍ୟବସ୍ଥା କ୍ରମାଗତ ଭାବେ ପ୍ରଗତି ହାସଲ କରୁଛି। ଏହାର ଅର୍ଥ ହେଉଛି ଭାରତ କ୍ରମାଗତ ଭାବେ ଅଗ୍ରଣୀ ସ୍ଥାନ ବଜାୟ ରଖିବା ସହିତ ଦ୍ରୁତ ଗତିରେ ବର୍ତ୍ତମାନର ଶୂନ୍ୟସ୍ଥାନଗୁଡ଼ିକ ଦୂର କରୁଛି।

ଲଗାତର ଦୁଇ ବର୍ଷ ଧରି କୋଭିଡ-୧୯ ମହାମାରୀ ଭାରତ ସମେତ ସାରା ବିଶ୍ୱର ଅର୍ଥବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ହେଲେ ପ୍ରତିକୂଳ ପରିସ୍ଥିତିର ଏହି ବର୍ଷଗୁଡ଼ିକୁ ପ୍ରଧାନମନ୍ତ୍ରୀ ଅବସରରେ ପରିଣତ କରିଥିଲେ। ତାଙ୍କର ଦୂରଦୃଷ୍ଟି କାରଣରୁ ଭାରତ ଅନ୍ୟମାନଙ୍କ ଭଳି ସମ୍ପତ୍ତି ଓ ସମ୍ବଳ ବରବାଦ କରିବାର ରାସ୍ତାରେ ଯାଇନଥିଲା। ଏହା ପରିବର୍ତ୍ତେ ସେ ଏକ ସତର୍କ ଏବଂ ବିବେକପୂର୍ଣ୍ଣ ଦୃଷ୍ଟିକୋଣ ଆପଣାଇଥିଲେ, ନିଯୁକ୍ତି ଆଧାରିତ ଭିତ୍ତିଭୂମି ଉପରେ ବ୍ୟୟ କରିବା ନେଇ ଗୁରୁତ୍ୱ ଦେଇଥିଲେ ଏବଂ ପୁନଃସୁଧାର ପାଇଁ ସେ ଉଦ୍ୟୋଗ ଜଗତ ଲାଗି ଆର୍ଥିକ ପ୍ରୋତ୍ସାହନ ଆଧାରିତ ଯୋଜନା କାର୍ଯ୍ୟକାରୀ କରିଥିଲେ। ୨ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାର ସୁଫଳ ଏବେ ମିଳିବା ଆରମ୍ଭ କରିଛି। ଏସବୁ ପଦକ୍ଷେପ ସହିତ ପ୍ରଧାନମନ୍ତ୍ରୀ ମୋଦି ବ୍ୟବସାୟିକ ସୁଗମତାରେ ବ୍ୟାପକ ସୁଧାର ସୁନିଶ୍ଚିତ କରିଛନ୍ତି। ନୀତିଗତ ସ୍ଥିରତା, ଶ୍ରମ ଆଇନରେ ସଂସ୍କାର ଭଳି ପଦକ୍ଷେପ ସହିତ ବିଶ୍ୱର ସବୁଠୁ ଲୋକପ୍ରିୟ ଓ ବୃହତ୍ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି। ଭାରତର ପ୍ରଯୁକ୍ତି ଭଣ୍ଡାରକୁ ସୁବିନିଯୋଗ କରିବା ସହିତ ଷ୍ଟାର୍ଟଅପ ଓ ୟୁନିକର୍ଣ୍ଣଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି। ବିଶ୍ୱ ନିବେଶକ ଓ ଉଦ୍ୟୋଗ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଛନ୍ତି। ଲକଡାଉନ ସମୟରେ ପ୍ରଭାବିତ ହୋଇଥିବା ଅର୍ଥବ୍ୟବସ୍ଥାକୁ ସୁଧାର ମାର୍ଗକୁ ଫେରାଇ ଆଣିବା ଏବଂ ଜିଡିପିରେ ଉନ୍ନତି ଆଣିବା ଉପରେ ନିଶ୍ଚିତ ଭାବେ ଗୁରୁତ୍ୱ ଦିଆଯାଇଛି। ତେବେ ମହାମାରୀ ଯୋଗୁ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଗରିବ ଓ ବଞ୍ଚିତମାନଙ୍କ କଲ୍ୟାଣ ପ୍ରତି ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱ ଦେଇଛନ୍ତି। ଭାରତରେ ବିଶ୍ୱର ସବୁଠୁ ବଡ଼ ମାଗଣା ଖାଦ୍ୟଶସ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଦେଶର ପ୍ରାୟ ଦୁଇ ତୃତୀୟାଂଶ ଲୋକଙ୍କୁ ମାଗଣା ରାଶନ ମିଳୁଛି। ବିଶ୍ୱର ସବୁଠୁ ବଡ଼ କୋଭିଡ-୧୯ ଟିକାକରଣ କାର୍ଯ୍ୟକ୍ରମ ଭାରତରେ କାର୍ଯ୍ୟକାରୀ ହେଉଛି। ଏହା ଭାରତୀୟ ଅର୍ଥବ୍ୟବସ୍ଥାକୁ ମହାମାରୀ ସଙ୍କଟରୁ ଉଦ୍ଧାର କରି ଦ୍ରୁତ ଏବଂ ବ୍ୟାପକ ପ୍ରଗତି ଦିଗରେ ଆଗେଇ ନେଇଛି।

୧୯୪୭ରେ ଭାରତ ଏକ ପ୍ରକାର ସର୍ବସ୍ୱାନ୍ତ ସ୍ଥିତିରେ ଥିଲା। ଏବେ ଆମେ ଦେଶର ଅମୃତ କାଳ ଅର୍ଥାତ୍ ସ୍ୱାଧୀନତାର ୧୦୦ତମ ବର୍ଷ ପୂର୍ତ୍ତି ଆଡ଼କୁ ୨୫ ବର୍ଷର ଯାତ୍ରାରେ ପାଦ ଥାପିଛୁ। ବର୍ତ୍ତମାନ ଆମେ ଅଧିକ ସଶକ୍ତ ଓ ସମୃଦ୍ଧ ହୋଇ ଛିଡ଼ା ହୋଇଛୁ। ଆଜି ବିଶ୍ୱର ସବୁଠୁ ଅଧିକ ସ୍ମାର୍ଟଫୋନ ଡେଟା ବ୍ୟବହାରକାରୀ ଭାରତରେ ଅଛନ୍ତି। ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ବିଶ୍ୱର ତୃତୀୟ ସର୍ବବୃହତ ଉପଭୋକ୍ତା ବଜାର ଭାରତରେ ରହିଛି। ବିଶ୍ୱ ଖୁଚୁରା ସୂଚକାଙ୍କରେ ଭାରତ ଦ୍ୱିତୀୟ ସ୍ଥାନ ହାସଲ କରିଛି। ତୃତୀୟ ସର୍ବବୃହତ ଇନ୍ଧନ ଉପଯୋଗକାରୀ ରାଷ୍ଟ୍ର ଭାବେ ଭାରତ ନିଜ ସୁଦୃଢ଼ ଅର୍ଥବ୍ୟବସ୍ଥାର ଆଉ ଏକ ପ୍ରମାଣ ଦେଉଛି। ୭୫ ବର୍ଷ ପୂର୍ବରୁ ଭାରତ ଲାଙ୍କାଶାୟର ଉତ୍ପାଦ ଆମଦାନୀ କରୁଥିଲା, ଆଜି ଭାରତୀୟ ପୋଷାକ ରପ୍ତାନିରେ ଅଭୂତପୂର୍ବ ଉତ୍ଥାନ ଦେଖିବାକୁ ମିଳିଛି। ବିଶ୍ୱ ବାଣିଜ୍ୟରେ ଆମେ ଏବେ ଦୃଢ଼ ସହଭାଗୀ ହୋଇପାରିଛୁ। ରପ୍ତାନି ପରିମାଣ ପୂର୍ବ ବର୍ଷର ରେକର୍ଡକୁ ଅତିକ୍ରମ କରି ଚଳିତ ବର୍ଷ ୫୦ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି। ଆମର ବାଣିଜ୍ୟିକ ରପ୍ତାନି ୩୧ ଲକ୍ଷ କୋଟି ଟଙ୍କା ଟପିଛି। ଏକଦା ପିଏଲ ୪୮୦ର ଦୟାରେ ବଞ୍ଚୁଥିବା ରାଷ୍ଟ୍ର ଆଜି ସାରା ବିଶ୍ୱକୁ ଖାଦ୍ୟ ସାମଗ୍ରୀ ରପ୍ତାନି କରୁଛି।

ମୋଦି ସରକାରଙ୍କ ସଫଳତାର କାହାଣୀ ଯେତେ ବଖାଣିଲେ ବି କମ୍ ହେବ। ଏଠାରେ କହି ରଖିବା ଉଚିତ ହେବ ଯେ, ଦେଶରେ ୧୦୦ରୁ ଅଧିକ ବିଲିୟନ ଡଲାର କମ୍ପାନୀ ସୃଷ୍ଟି ହୋଇଛନ୍ତି ଏବଂ ପ୍ରତି ମାସରେ ନୂଆ ନୂଆ କମ୍ପାନୀ ଗଢ଼ା ହେଉଛନ୍ତି। ବିଗତ ଆଠ ବର୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ୟୁନିକର୍ଣ୍ଣଗୁଡ଼ିକର ମୂଲ୍ୟାଙ୍କନ ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅବିଶ୍ରାନ୍ତ ନେତୃତ୍ୱ ବଳରେ, ଭାରତରେ ଷ୍ଟାର୍ଟଅପଗୁଡ଼ିକର ସଂଖ୍ୟା ମାତ୍ର କେତେ ଶହରୁ ଆଜି ୭୦,୦୦୦ ଅତିକ୍ରମ କରିଛି। ଅଭିବୃଦ୍ଧି ଓ ସମୃଦ୍ଧିରେ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରୟାସ କରାଯାଇଛି। ୫୦ ପ୍ରତିଶତ ଷ୍ଟାର୍ଟଅପ୍ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ମୁଣ୍ଡ ଟେକିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଡିଜିଟାଲ ଇଣ୍ଡିଆ ବିପ୍ଳବ ମାଧ୍ୟମରେ ଏସବୁ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ୨୦୧୪ରେ ଭାରତରେ ମାତ୍ର ୬.୫ କୋଟି ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ଥିଲେ; ଆଜି ୭୮ କୋଟିରୁ ଅଧିକ ଉପଭୋକ୍ତା ରହିଛନ୍ତି। ଜିଏସଟି ପ୍ରଚଳନ ହେବା ଦ୍ୱାରା ଉଦ୍ୟୋଗୀମାନେ ଲାଭବାନ ହେବା ସହିତ ଟିକସ ସଂଗ୍ରହରେ ଦୁର୍ନୀତି ଦୂର ହୋଇଛି।

କେବଳ କ୍ରୋମ୍ ଓ କାଚ ମଲ୍‌ଗୁଡ଼ିକ ଭାରତର ଅଭିବୃଦ୍ଧିଶୀଳ ସମୃଦ୍ଧିକୁ ପ୍ରଦର୍ଶନ କରୁନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ ଏହାକୁ କେହି ବାସ୍ତବରେ ବୁଝିପାରିବେ ନାହିଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଙ୍କ ପ୍ରୟାସ ଆଜି ସଫଳ ହୋଇଛି। ଦେଶରୁ ଉତ୍କଟ ଦାରିଦ୍ର୍ୟ ଏବଂ ଉପଭୋଗ ଅସମାନତା ଦୂର ହୋଇଥିବା ନିକଟରେ ଆଇଏମ୍‌ଏଫ୍‌ର ଏକ ଅଧ୍ୟୟନରୁ ଜଣାପଡ଼ିଛି। ଗରିବଙ୍କ ପାଇଁ ଆବାସ ଓ ସ୍ୱାସ୍ଥ୍ୟସେବା ସାମାଜିକ ବିକାଶ ସୂଚକାଙ୍କ ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି। ଗରିବ ଲୋକମାନଙ୍କୁ ରିହାତି ଦରରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାଠାରୁ ଆରମ୍ଭ କରି ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ପାଣି ଯୋଗାଇବା ଭଳି ଯୋଜନା ସମାବେଶୀ ବିକାଶ ସୁନିଶ୍ଚିତ କରିଛି। ମୁଦ୍ରା ଋଣ ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବା ସହିତ ଲଘୁ ଉଦ୍ୟୋଗ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ବିଶ୍ୱରେ ଇନ୍ଧନ ମୂଲ୍ୟ ବୃଦ୍ଧି ସହ ତୁଳନା କଲେ ଭାରତ ଭଲ ସ୍ଥିତିରେ ରହିଛି ଏବଂ ଦେଶବାସୀଙ୍କ ଉପରେ ମହାମାରୀ ପରବର୍ତ୍ତୀ ସଙ୍କଟର ଖୁବ କମ ପ୍ରଭାବ ଅନୁଭୂତ ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ସଂକଳ୍ପ ଧୀରେ ଧୀରେ ରୂପ ଓ ସ୍ୱରୂପ ହାସଲ କରୁଛି। ଏଥିରେ ଉଭୟ ସରକାର ଓ ନାଗରିକଙ୍କ ମିଳିତ ପ୍ରୟାସ ବା 'ସବ୍‌କା ପ୍ରୟାସ'ର ଗୁରୁତ୍ୱ ରହିଛି। ଏ ଭାରତ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭରଶୀଳ। ସବୁ ଆହ୍ୱାନ ଏବଂ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଲାଗି ସର୍ବଦା ପ୍ରସ୍ତୁତ। ଏକ ସଙ୍ଗେ ବିଶ୍ୱର ପଞ୍ଚମ ସର୍ବବୃହତ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ହେବା ସାରା ଭାରତ ଓ ଭାରତୀୟଙ୍କ ପାଇଁ ଏକ ଚମତ୍କାର ଉପଲବ୍ଧି। ଏହି ସ୍ଥାନରୁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାର ସଂକଳ୍ପକୁ ସାକାର କରିବା ଦିଗରେ ଯାତ୍ରା ଆରମ୍ଭ କରିବୁ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଭାରତ ଏହି ମାଇଲଖୁଣ୍ଟ ମଧ୍ୟ ହାସଲ କରିପାରିବ ବୋଲି ଯେ କେହି ଆତ୍ମବିଶ୍ୱାସର ସହ କହିପାରିବେ। ଏହା ହେଉଛି ମଧ୍ୟ।

(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ)

## ନାବାଳିକାଙ୍କୁ ଅପହରଣ, ବଳାତ୍କାର ଘଟଣାରେ ଜଣେ ଅଟକ

ପାରାଦୀପ,୪।୯(ସ୍ୱ.ପ୍ର.)

ପାରାଦୀପ ଲକ୍ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ଗୋଟିଏ ଘରେ ୪ ଦିନ ଅଟକ ରଖି ବଳାତ୍କାର କରିବା ଘଟଣାରେ ରବିବାର ପୀଡ଼ିତା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ.୨୮୦/୨୨) ରୁଜୁ ହୋଇଛି। ଏହି ଘଟଣାରେ ଜଣଙ୍କୁ ଥାନାରେ ଅଟକ ରଖାଯାଇଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ଅନିଲ ନାୟକ। ଅପରପକ୍ଷେ ସମ୍ପୃକ୍ତା ନାବାଳିକାଙ୍କ ଡାକ୍ତରୀମାଇନା କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣା ସମ୍ବେଦନଶୀଳ ହୋଇଥିବାରୁ ପୋଲିସ ଅପହରଣ ସ୍ଥାନଠାରୁ ଆରମ୍ଭ କରି ବଳାତ୍କାର କରାଯାଇଥିବା ଘର ପର୍ଯ୍ୟନ୍ତ ସବୁଠାରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରୁଛି। ଏହି ଘଟଣାରେ ଜଣେ କିମ୍ବା ଅଧିକ ଲୋକଙ୍କ ସମ୍ପୃକ୍ତି ଥିବାନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି।

ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କ ଘର ପାରାଦୀପ ଆଦର୍ଶ ଥାନା ଅଞ୍ଚଳରେ। ସେ ଦଶମ ଶ୍ରେଣୀର ଛାତ୍ରୀ। ଅଗଷ୍ଟ ୩୧ରେ ସମ୍ପୃକ୍ତା ନାବାଳିକା ସ୍କୁଲରୁ ଘରକୁ ଫେରିବା ବେଳେ ଅନିଲ ତାଙ୍କୁ ଏକ କାରରେ ବଳପୂର୍ବକ ଅପହରଣ କରି ନେଇଥିଲେ। ଏହି ଥାନା ଅଞ୍ଚଳର ଏକ ଘରେ ବନ୍ଦ ରଖି ବାରମ୍ବାର ବଳାତ୍କାର କରିଥିଲେ। ଖବରପାଇ ପୋଲିସ ଶନିବାର ରାତିରେ ପୀଡ଼ିତାଙ୍କୁ ସେଠାରୁ ଉଦ୍ଧାର କରିଥିଲା। ପାରାଦୀପ ବନ୍ଦର ସହରରେ ଗତ କିଛି ଦିନ ହେଲା ଏଭଳି ବଳାତ୍କାର ଅଭିଯୋଗ ବୃଦ୍ଧି ପାଇବାରେ ଲାଗିଛି। ଗତ ୨୬ ତାରିଖରେ ଜଣେ ଆଶାକର୍ମୀଙ୍କୁ ୪ ଜଣ ଯୁବକ କାର୍‌ରେ ଉଠେଇ ନେଇ ନେହେରୁ ବଙ୍ଗଳା ପଥରବନ୍ଧ ପାଖରେ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ଘଟଣାରେ ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ବନ୍ୟା ପରେ ଷଣ୍ଢ ଉପଦ୍ରବ: ଚାଷୀ ଅସ୍ତବ୍ୟସ୍ତ



ବାଲିଆ, ୪।୯(ସ୍ୱ.ପ୍ର.)

ଗତ ୩ ସପ୍ତାହ ପୂର୍ବେ ଲଘୁଚାପଜନିତ ଲଗାଣ ବର୍ଷା ଓ ବନ୍ୟାପରେ ବିରିଡି ବ୍ଲକର ବିଭିନ୍ନ ଧାନ ଜମି ଜଳାର୍ଣ୍ଣବ ହୋଇଯାଇଥିଲା। ବହୁ ଚାଷୀଙ୍କ ରୁଆ ଧାନ ପଚି ନଷ୍ଟ ହୋଇଯାଇଥିଲା। ଫଳରେ ଜମି ସବୁ ଏକ ରକମ ପଡ଼ିଆ ପଡିଯାଇଥିଲା। କେତେଜଣ ଚାଷୀ ବିଭିନ୍ନ ଅଞ୍ଚଳରୁ ତଳି ସଂଗ୍ରହ କରି ନଷ୍ଟ ହୋଇଥିବା ଜମିରେ ମାତ୍ରାଧିକ ଖର୍ଚ୍ଚ କରି ପୁନର୍ବାର ଧାନ ତଳି ରୋଇଥିଲେ। ଏବେ ଷଣ୍ଢ ଉପଦ୍ରବ ସେମାନଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ଉଚ୍ଚା ଜମିରେ ରୁଆ ହୋଇଥିବା ଧାନ ସବୁ ଏବେ ବଢି କଳା ଧରିଥିବା ବେଳେ ବୁଲା ଷଣ୍ଢ ପଶି ଧାନ ଖାଇବା ସହ ଗୋଡରେ ଧାନ ଗଛ ସବୁ ଚକଟି ନଷ୍ଟ କରି ଦେଉଛନ୍ତି। ଏନେଇ ଚାଷୀମାନେ ହତାଶ ହୋଇପଡ଼ିଛନ୍ତି। ସରକାରଙ୍କ ପକ୍ଷରୁ ଷଣ୍ଢ ଉପଦ୍ରବ ରୋକିବାର କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ବହୁ ଫସଲ ନଷ୍ଟ ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାର ପ୍ରତିକାର ପାଇଁ ଜିଲାପାଳଙ୍କ ଜନଶୁଣାଣିରେ ବାରମ୍ବାର ଦାବି କରାଯିବା ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଡମ୍ବରୁ ଧର ଲେଙ୍କା, ଗୋଲେଖ ଚନ୍ଦ୍ର ସାହୁ, ଧରଣୀଧର ରାଉତ, ରଜନିକାନ୍ତ ବେହେରା, ନାରାୟଣ ଦାସ, ଲକ୍ଷ୍ମୀଧର ସ୍ୱାଇଁ, ରାଜକିଶୋର ଜେନା, ନାରାୟଣ ଦାସ ପ୍ରମୁଖ ଦାବି କରିଛନ୍ତି।

## ଇତିଶ୍ରୀ ରାଜ୍ୟ ମହିଳା ବିଜେଡି ସମ୍ପାଦିକା

କୁଜଙ୍ଗ,୪।୯(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ତଥା ଏରସମା-ବାଲିକୁଦା ନିର୍ବାଚନମଣ୍ଡଳୀର ଇତିଶ୍ରୀ ଭୂୟାଁ ରାଜ୍ୟ ବିଜେଡି ମହିଳା ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ଇତିଶ୍ରୀ ପୂର୍ବରୁ ଏରସମା ବ୍ଲକ୍ ୪ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟା ଥିଲେ। ସେ ସାଙ୍ଗଠନିକ କ୍ଷେତ୍ରରେ ନିଜର ପାରଦର୍ଶିତା ଦେଖାଇବ ସହ ଜିଲା ପରିଷଦ ଦାୟିତ୍ୱ ସୁଚାରୁରୂପେ ତୁଲାଇ କର୍ମୀ ଓ ନେତୃମଣ୍ଡଳୀଙ୍କ ପ୍ରିୟଭାଜନ ହୋଇପାରିଥିଲେ।

## ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ

କୁଜଙ୍ଗ,୪।୯(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅନ୍ତର୍ଗତ କୋଠିଆସାହି ଗ୍ରାମର ଜଣେ ଅବସରପ୍ରାପ୍ତ ପୋଲିସ କର୍ମଚାରୀଙ୍କ ରବିବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ କୃଷ୍ଣ ଚନ୍ଦ୍ର ମହାନ୍ତି(୮୨)। ଅପରପକ୍ଷେ ଭାଇ ଓ ଭାଉଜ ବାପାଙ୍କୁ ହତ୍ୟା କରିଛନ୍ତି ବୋଲି ବଡ଼ ଝିଅ ରଶ୍ମିରେଖା ମହାନ୍ତି ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସାନ ଭାଇ ସୁଶାନ୍ତ ମହାନ୍ତି ଓ ଭାଉଜ ବହୁ ସମୟରେ କୃଷ୍ଣଚନ୍ଦ୍ରଙ୍କୁ ନିର୍ଯାତନା ଦେଉଥିଲେ। ଏଭଳି ନିର୍ଯାତନା ଦେଇ ଶନିବାର ରାତିରେ ସେମାନେ ବାପାଙ୍କୁ ମାରିଦେଇଥିବା ରଶ୍ମିରେଖା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ପରେ ପୋଲିସ ଥାନାରେ ମାମଲା (ନଂ.୩୩୮/୨୨) ରୁଜୁ କରି ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ଘଟଣାସ୍ଥଳରେ ତଦନ୍ତ କରିଛି। କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୃଷ୍ଣଚନ୍ଦ୍ରଙ୍କ ମୃତଦେହ ଥିବାବେଳେ ତାଙ୍କ ବାମ ପାର୍ଶ୍ୱ କାଖ ତଳେ ପୋଡ଼ା ଚିହ୍ନ ରହିଛି।

ଅଭିଯୋଗକୁ ସୁଶାନ୍ତ ଖଣ୍ଡନ କରି କହିଛନ୍ତି, ସେ ଓ ସ୍ତ୍ରୀ ଘରେ ନ ଥିବାବେଳେ ରବିବାର ସକାଳେ ବାପା ଛାତ ଉପରକୁ ଯାଇଥିଲେ। ସେଠାରେ କୌଣସି କାରଣରୁ ପଡ଼ିଯାଇ ଅଚେତ ହୋଇଯାଇଥିଲେ। ଖବରପାଇ ତୁରନ୍ତ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ କୃଷ୍ଣଚନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଆଇଆଇସି ସୁଜିତ୍ ପ୍ରଧାନ କହିଛନ୍ତି, ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣାପଡ଼ିବ।

## ମୋଟର ଚୋରି ସମୟରେ ଧସ୍ତାଧସ୍ତି: ୨ ଆହତ

ଜଗତ୍‌ସିଂହପୁର ଅଫିସ, ୪।୯

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ରସଲପୁର ଗ୍ରାମର ଦଳିତ ବରିଷ୍ଠ ନାଗରିକ ଶ୍ରୀରାମଚନ୍ଦ୍ର ବେହେରାଙ୍କ ଘରୁ ଜିତେନ୍ଦ୍ର ବାରିକ ଓରଫ କାଲୁଆ ନାମକ ବ୍ୟକ୍ତି ମୋଟର ଚୋରି କରୁଥିବାବେଳେ ଅଭାବନୀୟ ଘଟଣା ଘଟିଛି। କାଲୁଆଙ୍କୁ କାବୁ କରିବାକୁ ଯାଇ ବେହେରା ଓ ତାଙ୍କ ଝିଅ ଆହତ ହୋଇଛନ୍ତି। ମାତ୍ର କାଲୁଆ ଖସିଯିବାକୁ ସକ୍ଷମ ହୋଇଛନ୍ତି। ଏନେଇ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଶ୍ରୀରାମଚନ୍ଦ୍ର ଓ ତାଙ୍କ ଝିଅ ରାତିରେ କବାଟ ଖିଡିକି ଦେଇ ଶୋଇଥିଲେ। ହଠାତ୍ କବାଟ ଖଟଖଟ ହେବା ସହ ଶବ୍ଦ ହୋଇଥିଲା। ସେମାନେ ନିଦରୁ ଉଠି ଖୋଜାଖୋଜି କରିବାରୁ କାଲୁଆ ଖଟତଳେ ଥିବା ଜଣାପଡ଼ିଥିଲା। ସେ ଖଟ ତଳେ ଥିବା ମୋଟର ଚୋରି କରିବାକୁ ଉଦ୍ୟମ କରୁଥିବା ଜାଣିବା ପରେ ଶ୍ରୀରାମଚନ୍ଦ୍ର ଓ ତାଙ୍କ ଝିଅ ମିଶି କାଲୁଆଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ କାଲୁଆ ସେମାନଙ୍କୁ ଧକ୍କା, ଗୋଇଠା ମାରିବା ସହ ମରଣାନ୍ତକ ଆକ୍ରମଣ କରି ସେଠାରୁ ଦୌଡି ପଳାଇଯାଇଥିଲେ। ତେବେ କାଲୁଆ ଗଲାବେଳେ ତାଙ୍କ ଟର୍ଚ୍ଚ ଓ ଗାମୁଛା ଆଦି ଛାଡି ଯାଇଥିବା ଶ୍ରୀରାମଚନ୍ଦ୍ର ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

## ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ, ତର୍କ ପ୍ରତିଯୋଗିତା

ଜଗତ୍‌ସିଂହପୁର ଅଫିସ, ୪।୯

ଓଡ଼ିଶାର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ୧୯ତମ ଶ୍ରାଦ୍ଧ ଦିବସ ସେପ୍ଟେମ୍ବର ୭ରେ ପାଳିତ ହେବ। ଏହା ପୂର୍ବରୁ ଜଗତ୍‌ସିଂହପୁରସ୍ଥିତ ବସନ୍ତ କୁମାର ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ରବିବାର ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ପୌରାଞ୍ଚଳ ଅଧୀନ ଉଚ୍ଚ ବିଦ୍ୟାଳୟଗୁଡିକରେ ବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ବିଚାରକ ଭାବେ କମିଟିର ସମ୍ପାଦକ ତଥା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ(ଅବସରପ୍ରାପ୍ତ) ନିକୁଞ୍ଜ କିଶୋର ବେହେରା, ଶିକ୍ଷାବିତ୍

**୭ରେ ବସନ୍ତ ବିଶ୍ୱାଳଙ୍କ ୧୯ତମ ଶ୍ରାଦ୍ଧ ଦିବସ**

ନିରଞ୍ଜନ ପଣ୍ଡା, ସାହିତ୍ୟିକ ହେମନ୍ତ କୁମାର ରଥ ଓ ରମାକାନ୍ତ ପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ କମିଟି ସଭାପତି ରବୀନ୍ଦ୍ରନାଥ ମହାନ୍ତି ଓ ପୂର୍ବତନ ଜିଲା ପରିଷଦ ସଭାପତି ନଟବର ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସୂଚନା ଦେଇଥିଲେ। କମିଟି ଆବାହକ ବିପ୍ଳବ ଚୌଧୁରୀ, ଉପସଭାପତି ପ୍ରଦୀପ୍ତ କୁମାର ସାହୁ, ଡା. ଜଗଦାନନ୍ଦ ବେହେରା, କୃଷ୍ଣଚନ୍ଦ୍ର ପ୍ରଧାନ, ସ୍ୱସ୍ତିକ ମିଶ୍ର ଓ ଅଦ୍ୱୈତ କୁମାର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ସ୍ୱର୍ଗତ ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସ ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୁରସ୍କୃତ କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଗତ୍‌ସିଂହପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରଥମ ଅଧ୍ୟକ୍ଷ ବିଷ୍ଣୁ ଚରଣ ମହାନ୍ତି, ବସନ୍ତଙ୍କ ଘନିଷ୍ଠ ସହଯୋଗୀ ପ୍ରସନ୍ନ କୁମାର ସାମନ୍ତରାୟ ଓ ପରିବେଶବିତ୍ ଡ.ଅୟସକାନ୍ତ ରାୟଙ୍କୁ ବସନ୍ତ ବିଶ୍ୱାଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ। ଏଥିସହ ଚଳିତବର୍ଷ ଜିଲାର ମାଟ୍ରିକ ଟପ୍ପରଙ୍କୁ ସମ୍ମାନିତ କରାଯିବ ବୋଲି ସ୍ମୃତି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ନିମ୍ନମାନର



ନାଉଗାଁରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ।

ନାଉଗାଁ,୪।୯(ସ୍ୱ.ପ୍ର.)

- ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ
- ୪କୋଟିରୁ ଊର୍ଦ୍ଧ୍ୱ ବ୍ୟୟ ବରାଦ
- ସୂଚନା ଫଳକ ବିନା ଚାଲିଛି କାମ

ନାଉଗାଁ ବ୍ଲକରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ପ୍ରକଳ୍ପ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପରୁ ପାଇପ ମାଧ୍ୟମରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଇବା ନିମନ୍ତେ ବ୍ୟବସ୍ଥା କରାଯାଉଛି। ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି କାର୍ଯ୍ୟ ନିମ୍ନମାନର ହୋଇଥିବା ନେଇ ଅଭିଯୋଗ ହୋଇଛି। ଫଳରେ ପାନୀୟ ଜଳ ପ୍ରକଳ୍ପର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏସବୁ ପ୍ରକଳ୍ପର ତଦାରଖ ଦାୟିତ୍ୱ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ରହିଛି। ଉକ୍ତ କାର୍ଯ୍ୟାଳୟରୁ ମିଳିଥିବା ସୂଚନାନୁଯାୟୀ, ବ୍ଲକରେ ୪ଟି ପାନୀୟ ଜଳ ପ୍ରକଳ୍ପ ଓ ପମ୍ପ ହାଉସ ନିର୍ମାଣ କରାଯାଉଛି। ନାଉଗାଁ ବ୍ଲକ ଛକ ଅବଦଲପୁରରେ ୫୦ ହଜାର ଲିଟର ବିଶିଷ୍ଟ ପ୍ରକଳ୍ପ ନିର୍ମାଣ କରାଯାଉଥିବା ବେଳେ ନାଉଗାଁ ଓ ଗୋଠଦାରେ ୧ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଣି ଟାଙ୍କି ଓ ପମ୍ପହାଉସ ନିର୍ମାଣ କରାଯାଉଛି। ଏହି ପ୍ରକଳ୍ପରୁ ୧୦ କିମି ପର୍ଯ୍ୟନ୍ତ ପାଇପ୍ ସଂଯୋଗ କରାଯାଇ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା ହୋଇଛି। ଏହି ୪ଟି ପ୍ରକଳ୍ପ ନିର୍ମାଣ କରିବା ପାଇଁ ୪ କୋଟିରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ ବରାଦ କରାଯାଇ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି।

ସରକାରଙ୍କ ନିୟମାନୁସାରେ ପ୍ରକଳ୍ପ ନିର୍ମାଣ ହେବା ପୂର୍ବରୁ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଯିବା କଥା। କିନ୍ତୁ ଏହି ପ୍ରକଳ୍ପ ନିର୍ମାଣ ହେବା ପୂର୍ବରୁ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ସେହିପରି ନିର୍ମାଣାଧୀନ ପମ୍ପ ହାଉସରେ ଆବଶ୍ୟକ ଅନୁଯାୟୀ ସାମଗ୍ରୀ ବ୍ୟବହାର କରାଯାଉ ନାହିଁ। ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ଛୁଟି ଦିନଗୁଡ଼ିକରେ କାର୍ଯ୍ୟ କରାଯାଉଛି। ଏହାକୁ ବିରୋଧ କରି କିଛି ଦିନ ପୂର୍ବେ ନାଉଗାଁ ଗ୍ରାମର ବହୁ ଲୋକେ କାର୍ଯ୍ୟ ବନ୍ଦ ରଖିଥିଲେ। ଏହି କାର୍ଯ୍ୟ ଠିକ୍ ଭାବେ କରିବା ସହ ଆବଶକ ସାମଗ୍ରୀ ବ୍ୟବହାର କରିବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ରଶ୍ମି ରଞ୍ଜନ ଦାସ କହିଛନ୍ତି, ଯେଉଁ ସବୁ ନିର୍ମାଣ କାର୍ଯ୍ୟ ନିମ୍ନମାନର କରାଯାଇଛି, ସେଗୁଡିକୁ ଭଙ୍ଗାଯାଇ ପୁନର୍ବାର ତିଆରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଛୁଟି ଦିନ ଗୁଡ଼ିକରେ କାର୍ଯ୍ୟ ନ କରିବା ପାଇଁ କୁହାଯାଇଛି।

**ପତ୍ରକାର ସଂଘର ବୈଠକ**
ପାରାଦୀପ (ସ୍ୱ.ପ୍ର.): ପାରାଦୀପ ମଧୁବନସ୍ଥିତ ଆମ୍ବେଡକର ଭବନରେ ରବିବାର ଓଡ଼ିଶା ପତ୍ରକାର ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଅବିନାଶ ମିଶ୍ର, ହରପ୍ରସାଦ ଦାସ, ଚିତ୍ତ ସ୍ୱାଇଁ, ମନୋଜ କୁମାର ଦାସ ପ୍ରମୁଖ ମୁଦ୍ରିତ ଖବରକାଗଜର ସ୍ଥିତାବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପାରାଦୀପର ଖବରଦାତା ମାନେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ସମୁଦ୍ରକୁ ମାଛ ମାରିବାକୁ ଯାଇ ମତ୍ସ୍ୟଜୀବୀ ଭାସି ଗଲେ

ରାଜନଗର, ୪ା୯(ଡି.ଏନ.ଏ.): ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ଜଣେ ମତ୍ସ୍ୟଜୀବୀ ରବିବାର ଭାସି ଯାଇଛନ୍ତି। ସମୁଦ୍ର ଭିତରେ ଥିବା ବାଲିଚଢ଼ାକୁ ଓହ୍ଲାଇ ଜାଲର ଦଉଡି ଟାଣୁଥିବା ବେଳେ ସକାଳ ୭ଟାରେ ଜୁଆର ମାଡରେ ମତ୍ସ୍ୟଜୀବୀ ପ୍ରଭାତି ଗାଁର ରଣଜିତ ଭୂୟାଁ (୪୩) ଭାସି ଯାଇଛନ୍ତି। ସାଥୀ ମତ୍ସ୍ୟଜୀବୀମାନେ ତାଙ୍କୁ ଖୋଜାଖୋଜି କରିଥିଲେ ହେଁ ୧୨ ଘଣ୍ଟା ପରେ ବି କୌଣସି ଖୋଜ ଖବର ମିଳିପାରୁନାହିଁ। ସମୁଦ୍ର ଭିତରେ ୫ଟି ଟ୍ରଲର ଓ ବୋଟ ନିଖୋଜ ମତ୍ସ୍ୟଜୀବୀଙ୍କୁ ଖୋଜିବା ପାଇଁ ଖବର ଲେଖା ହେବା ବେଳକୁ ଉଦ୍ୟମ ଜାରି ରଖିଛନ୍ତି। ସୂଚନା ମୁତାବକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଅହିରାଜପୁର ଗାଁର ମନୋରଞ୍ଜନ ମଣ୍ଡଳଙ୍କ ୱାନ ସିଲିଣ୍ଡର ବୋଟରେ ୮ ଜଣ ମତ୍ସ୍ୟଜୀବୀ ସମୁଦ୍ରକୁ ଶୁକ୍ରବାର ରାତି ୧୦ଟାରେ ପ୍ରଭାତି ଘାଟରୁ ବାବୁବାଲି ନିକଟକୁ ମାଛ ମାରିବାକୁ ଯାଇଥିଲା। ୮ଜଣ ମତ୍ସ୍ୟଜୀବୀଙ୍କ ମଧ୍ୟରେ ରଣଜିତ ଥିଲେ। ରବିବାର ସକାଳେ ବାବୁବାଲି ନିକଟରେ ବାଲିଚଢ଼ାରେ ଓହ୍ଲାଇ ରଣଜିତ ଜାଲର ଦଉଡି ଟାଣୁଥିବା ବେଳେ ହଠାତ୍ ସମୁଦ୍ର ଜୁଆର ତାଙ୍କୁ ଭସାଇ ନେଇଥିଲା।

### ସତ୍ୟବ୍ରତ ରାଜନଗର ବ୍ଲକ ଛାତ୍ର କଂଗ୍ରେସ ସଭାପତି

ରାଜନଗର, ୪ା୯(ଡି.ଏନ.ଏ.): ରାଜନଗର ବ୍ଲକ ଛାତ୍ର କଂଗ୍ରେସ ସଭାପତି ଭାବେ ସତ୍ୟବ୍ରତ ପାଣିଙ୍କୁ ନିଯୁକ୍ତି ଦିଆଯାଇଛି। ରାଜନଗର ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ପ୍ରେସବିବୃତିରେ ଜଣାଇଛନ୍ତି ଯେ, ତାଙ୍କର କାର୍ଯ୍ୟଦକ୍ଷତାକୁ ଅନୁଭବ କରି ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ବ୍ଲକ ଛାତ୍ର କଂଗ୍ରେସ ସଭାପତି ନିଯୁକ୍ତି ହେବା ପରେ ସଙ୍ଗଠନକୁ ଅଧିକ କ୍ରିୟାଶୀଳ ଓ ଗତିଶୀଳ କରିବେ ବୋଲି ସତ୍ରବ୍ରତ କହିଛନ୍ତି। ତାଙ୍କୁ ଏହି ଦାୟିତ୍ୱ ବ୍ଲକ କଂଗ୍ରେସ କମିଟି ଦେଇଥିବାରୁ ସେ ସାଧୁବାଦ ଜଣାଇଛନ୍ତି।

### କର୍କଟ ରୋଗ ସମ୍ବନ୍ଧୀୟ ସଚେତନତା

ପାରାଦୀପ,୪ା୯(ସ୍ୱ:ପ୍ର:): ସ୍ଥାନୀୟ ନୂଆବଜାରସ୍ଥିତ ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପରିସରରେ ରବିବାର କର୍କଟ ରୋଗ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କଟକର କାର୍ସିନୋଭା ଫାଉଣ୍ଡେଶନ ପକ୍ଷରୁ କରାଯାଇଥିଲା। ଏଥିରେ କେତେଜଣ ଖବରଦାତା ଓ ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗ କରିଥିଲେ।
ଡାକ୍ତର କ୍ଷିତୀଶ ଚନ୍ଦ୍ର ମିଶ୍ର, ଶୋଭନ କୁମାର ରଥ ଏଥିରେ ଯୋଗଦେଇ କର୍କଟ ରୋଗର କାରଣ, ଚିକିତ୍ସା ଓ ସହଯୋଗ ସମ୍ପର୍କରେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଖବରଦାତା ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ ଅଜିତ ଦାସ ଶୈଳେନ୍ଦ୍ରୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଚିହ୍ନଟରେ ସୀମିତ ସୁନାମି ପ୍ରବଣ ୬୪ ଗ୍ରାମ

- ଆଶଙ୍କାରେ ବଞ୍ଚୁଛନ୍ତି ଜିଲାର ୨ ଲକ୍ଷ ଲୋକ
- ତଟାଞ୍ଚଳ ପାଇଁ ପ୍ରାଚୀର ହୋଇପାରିବ ହେନ୍ତାଳ ବଣ
- ଲୁଣାବନ୍ଧ ଉଚ୍ଚତା ୬ ମିଟର, କେନାଲ ଆବଶ୍ୟକ

କେନ୍ଦ୍ରାପଡ଼ା ଅଫିସ, ୪ା୯

ରାଜ୍ୟ ସରକାରଙ୍କ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକର ୪୬ ଓ ମହାକାଳପଡ଼ା ବ୍ଲକ ଅଞ୍ଚଳର ୧୮ ଗ୍ରାମକୁ ସୁନାମି ପ୍ରବଣ ବୋଲି ଚିହ୍ନଟ କରାଯାଇଛି। ଓସ୍‌ଡମା ପକ୍ଷରୁ ସମୁଦ୍ର ତଟଠାରୁ ପ୍ରାୟ ଦେଢ଼କିମି ଭୂଭାଗ ଅଞ୍ଚଳରେ ସୁନାମି ପ୍ରାକୃତିକ ବିପର୍ଯ୍ୟୟ ଆସିପାରେ ବୋଲି ତଦନ୍ତ ରିପୋର୍ଟ ୨୦୦୫ ମସିହାରେ ପ୍ରଦାନ କରାଯାଇଥିଲା। ଏହି ଚିହ୍ନଟ କାର୍ଯ୍ୟକ୍ରମକୁ ଇତିମଧ୍ୟରେ ପ୍ରାୟ ୧୭ ବର୍ଷ ବିତିଯାଇଛି। ଏ ନେଇ ବିଶେଷଜ୍ଞମାନେ ଦେଇଥିବା ପରାମର୍ଶ କାର୍ଯ୍ୟକାରୀ ହୋଇନାହିଁ। ସାମାନ୍ୟ ଉତ୍ତାଳ ଢେଉ ହେଲେ ସମୁଦ୍ରର ପାଣି ଲୁଣାବନ୍ଧ ଡେଇଁ ଭୂଭାଗ ଅଞ୍ଚଳକୁ ପଶିଯାଉଛି। ଏପରି କି ସାତଭାୟା ପଞ୍ଚାୟତର ଗ୍ରାମଗୁଡ଼ିକ ଜଳପତନ ଉଚ୍ଚତା ବୃଦ୍ଧି ପାଇଁ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଏଠାରେ ଥିବା ଅଧିବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। ହେନ୍ତାଳ ବଣ ସୁନାମିର କରାଳ ପ୍ରଭାବରୁ ସାମାନ୍ୟ କିଛି ବଞ୍ଚାଇବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ତେବେ ମଧୁର ଜଳର ଅଭାବ, ତଟାଞ୍ଚଳରେ ଚିଙ୍ଗୁଡ଼ି ଘେରି ନିର୍ମାଣ, ହେନ୍ତାଳ ବଣ ଜବରଦଖଲକାରୀଙ୍କ କବଳକୁ ଯିବା ଏହି ସୁରକ୍ଷା ପ୍ରାଚୀର ପ୍ରତି ବିପଦ ସୃଷ୍ଟି କରିଛି। ଫଳରେ ୬୪ ଗ୍ରାମର ୨ ଲକ୍ଷରୁ ଅଧିକ ଲୋକ ସୁନାମି ବିପର୍ଯ୍ୟୟରୁ ମୁକୁଳିବା ନେଇ ଆଶଙ୍କାରେ ଅଛନ୍ତି।



କେନ୍ଦ୍ରାପଡ଼ା ଜିଲାରେ ସୁନାମି ପ୍ରବଣ ଗାଁର ମାନଚିତ୍ର।



ସୁନାମି ସୁରକ୍ଷା ଓ ସତର୍କତା ଲାଗି କରାଯାଇଥିବା ସଚେତନତା ଶୋଭାଯାତ୍ରା।

୨୦୦୪ରେ ସୃଷ୍ଟି ହୋଇଥିବା ସୁନାମି ଇଣ୍ଡୋନେସିଆ ସମେତ ଭାରତର ତାମିଲନାଡୁ, ଆଣ୍ଡାମାନ ନିକୋବର, କେରଳ, ପୁଡୁଚେରୀ ଓ ଆନ୍ଧ୍ରପ୍ରଦେଶ ତଟାଞ୍ଚଳରେ ପ୍ରଭାବ ପକାଇଥିଲା। ଏଥିରେ ପ୍ରାୟ ୩୦୦ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଚାଷବାସ ନଷ୍ଟ ହୋଇଥିଲା। ଏହି ବିପର୍ଯ୍ୟୟ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୩୨୮ଟି ଗ୍ରାମକୁ ସୁନାମିପ୍ରବଣ ବୋଲି ଚିହ୍ନଟ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲାର ମୋଟ ୪୮ କିମି ତଟାଞ୍ଚଳ ମଧ୍ୟରୁ ୨୮ କିମି ତଟ କ୍ଷୟ ହେଉଛି। ଏହି ସ୍ଥାନରେ ଲୁଣା ମାଟି ଓ କଂକ୍ରିଟ ବନ୍ଧ ନିର୍ମାଣ ପାଇଁ ପ୍ରାଥମିକସ୍ତରରେ ଆଲୋଚନା ହୋଇଥିଲା। ଏପରି କି ସର୍ବାଧିକ ତଟକ୍ଷୟ ହେଉଥିବା ରାଜନଗର ବ୍ଲକ ପେଣ୍ଠାରେ ୫୦୫ ମିଟରର ଜିଓ ସିନ୍ଥେଟିକ୍ ଟ୍ୟୁବ୍ ୱାଲ ୨୦୧୮ରେ ପ୍ରାୟ ୩୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଛି। ଏହି ଟ୍ୟୁବ୍ ୱାଲ ଏବେ ଜୁଆର ମାଡ଼ରେ ନଷ୍ଟ ହେଉଛି। ୨୦୦୬ରେ ଗୋଆ ଜାତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଟି.ଜି. ଜଗତାପ, ଡ. ବି.ସି. ଇନ୍‌ଗୋଲିଓ, ଡ. କେ. ମୁସା ପ୍ରମୁଖ ଗବେଷଣା ପାଇଁ କେନ୍ଦ୍ରାପଡ଼ା ତଟାଞ୍ଚଳ ଆସିଥିବା ବେଳେ ହେନ୍ତାଳ ବଣ ସୃଷ୍ଟିକୁ ଗୁରୁତ୍ୱ ଦେଇଥିଲେ। ତଟାଞ୍ଚଳରେ ହେନ୍ତାଳ ବଣ ସୁନାମିର ପ୍ରଭାବକୁ ହ୍ରାସ କରିପାରିବ ବୋଲି ରିପୋର୍ଟରେ ପ୍ରକାଶ କରିଥିଲେ। ଏଥିସହ ଲୁଣା ତଟବନ୍ଧକୁ ଅନ୍ୟୂନ ୬ ମିଟର ଉଚ୍ଚ ରଖାଯିବାକୁ ସେମାନେ ରିପୋର୍ଟରେ ପରାମର୍ଶ ଦେଇଥିଲେ। ଜିଲାର ୭୪୪ କିମି ମଧ୍ୟରୁ ୩୧୭ କିମି ତଟବନ୍ଧ ଅସୁରକ୍ଷିତ ବୋଲି ଗତ ଏପ୍ରିଲରେ ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରେ ଦେଖାଯାଇଛି। ଏଥିମଧ୍ୟରୁ ନିକଟରେ ୩୨ କିମି ତଟବନ୍ଧ ୬ ମିଟର ଉଚ୍ଚ ହେବ ବୋଲି ରାଜ୍ୟ ସରକାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଅପରପକ୍ଷେ ତଟାଞ୍ଚଳରେ ଗଢ଼ି ଉଠୁଥିବା ଚିଙ୍ଗୁଡ଼ି ଘେରି ହେନ୍ତାଳ ବଣକୁ ଧ୍ୱଂସ କରୁଛି। ସେହିପରି ଅନୁପ୍ରବେଶକାରୀଙ୍କ ହାତକୁ ଜଙ୍ଗଲ ଜମି ଚାଲିଯାଉଛି। ହେନ୍ତାଳ ବଣ ସୃଷ୍ଟି ପାଇଁ ଲୁଣା ସହ ଆନୁପାତିକ ଭାବେ ମଧୁର ଜଳ ଆବଶ୍ୟକ। ଜିଲାରେ ପ୍ରବାହିତ ନଦୀର ସ୍ରୋତ ବିଭିନ୍ନ ପ୍ରକଳ୍ପ ପାଇଁ କମ୍ ରହୁଛି। ଏଥିଲାଗି ତଟାଞ୍ଚଳରେ ସମସ୍ତ ନଦୀକୁ ଯୋଡ଼ିବା ପାଇଁ ବୃହତ୍ କେନାଲର ଆବଶ୍ୟକତା ଅଛି। ଏହାଦ୍ୱାରା ପାନୀୟ ଜଳ, ବନ୍ୟା, ଜଳସେଚନ, ହେନ୍ତାଳ ବଣ ସୃଷ୍ଟି ଆଦିରେ ଥିବା ସମସ୍ୟାର ସମାଧାନ ହୋଇପାରିବ। ପ୍ଲା କାର୍ଡ, ମକ୍‌ଡ୍ରିଲ ଓ ସ୍ଥାନାନ୍ତର ମାଧ୍ୟମରେ ବିପତ୍ତିରୁ ସାମୟିକ ମୁକ୍ତି ମିଳିବ। ତେବେ ଏହା ସ୍ଥାୟୀ ପ୍ରତିକାର ନୁହେଁ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# ବାଟ ହୁଡୁଛି ସର୍ବଶିକ୍ଷା ଅଭିଯାନ ଯୋଜନା

- ମହାକାଳପଡ଼ାରେ ଭିକ୍ଷାବୃତ୍ତିରେ ଶିଶୁ ସାମିଲ
- ସମାଜର ମୁଖ୍ୟସ୍ରୋତକୁ ଆଣିବାକୁ ଦାବି

ମହାକାଳପଡ଼ା, ୪ା୯(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଉପାନ୍ତ ଅଞ୍ଚଳରେ ସର୍ବଶିକ୍ଷା ଅଭିଯାନ ଯୋଜନା ବାଟ ହୁଡ଼ିଛି। କୋମଳମତି ଶିଶୁ ନିଜର ଭୋକିଲା ପେଟ ପାଇଁ ମା' ପଛରେ ଖାଦ୍ୟ ଅନ୍ୱେଷଣରେ ବାରଦୁଆର ବୁଲି ଭିକ୍ଷା ବୃତ୍ତି କରୁଥିବା ଦେଖିବାକୁ ମିଳିଛି। ଏହି କୁନି ଶିଶୁଟିର ବୟସ ପାଖାପାଖି ୬ ବର୍ଷ ହେବ। ଯେଉଁ ସମୟରେ କାନ୍ଧରେ ବ୍ୟାଗ୍ ପକାଇ ପଢିବାକୁ ସ୍କୁଲକୁ ଯିବା କଥା ପେଟ ପାଇଁ ସେ ଭିକ୍ଷା କରି କାନ୍ଧରେ ଚାଉଳ ବ୍ୟାଗ ପକାଇ ବୁଲୁଛି। ଦାରିଦ୍ର୍ୟ କଷାଘାତରେ ଆଉଟୁ ପାଉଟୁ ହେଉଥିବା ଏହି ଶିଶୁଟିର ମୁହଁକୁ ଦେଖିଲେ ବେଶ୍ ବୁଝା ପଡ଼ିଯାଉଛି ଭୋକିଲା ମୁହଁର କରୁଣ ଚିତ୍ର। ଏକ ସମ୍ପ୍ରଦାୟର ପାରମ୍ପରିକ ବୃତ୍ତିକୁ ଆପଣାଇ ମା' ବାପାଙ୍କ ସହ ପିଲାମାନେ ଭିକ୍ଷା ପାଇଁ ବୁଲୁଛନ୍ତି। ଏମାନଙ୍କୁ ଉଦ୍ଧାର କରି ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସାଧାରଣରେ ଦାବି ହେଉଛି।

ଏହି ବୟସର ପିଲାମାନଙ୍କ ସାଥୀମାନେ ବିଦ୍ୟାଳୟକୁ ଯାଇ ହସ ଖୁସିରେ ପାଠ ପଢୁଛନ୍ତି। ହେଲେ ଏମାନଙ୍କ ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଉଛି।


ଜଣେ ଶିଶୁ ମା' ସହ ଗାଁକୁ ଗାଁ ବୁଲି ଭିକ୍ଷା ମାଗୁଛି।

ଏମାନଙ୍କ ଘରଦ୍ୱାର ନ ଥିବାରୁ ଗାଁ ମୁଣ୍ଡ ସ୍କୁଲ ବାରଣ୍ଡା କି ପରିତ୍ୟକ୍ତ ଭଗ୍ନ ଗୃହରେ ରାତି ହେଲେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଗାଁ ଗଣ୍ଡାରୁ ପୋଷେ ପୋଷେ ମାଗି ଆଣିଥିବା ଚାଉଳ, ରାସ୍ତା କଡର ଶୁଖିଲା କାଠ ସଂଗ୍ରହ କରି ରାତି ରୋଷେଇ କରି ଖାଇଥାନ୍ତି। ସକାଳ ହେଲେ ପୁଣି ଅନ୍ୟ ଗାଁକୁ ଯାଇ ଭିକ୍ଷା କରି ପେଟ ପାଇଁ ଚିନ୍ତା କରିଥାନ୍ତି। ସରକାରଙ୍କ ସର୍ବଶିକ୍ଷା ଅଭିଯାନରେ ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ନାରା ସମେତ ଯେମିତି ଏହି ଶିଶୁଟି ପାଖରେ ହୋଇଛି ବାଟବଣା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ କରିଛନ୍ତି ଅନେକ ଯୋଜନା ପରେ ଯୋଜନା। ଅଧାରୁ ପାଠ ଛାଡିଥିବା ଶିଶୁମାନଙ୍କୁ ବିଦ୍ୟାଳୟକୁ ପ୍ରବେଶ ଠୁ ଆରମ୍ଭ କରି ମାଗଣାରେ ଭୋଜନ, ପାଠ୍ୟ ପୁସ୍ତକ, ପୋଷାକ, ଶିକ୍ଷା ବୃତ୍ତି ପ୍ରଦାନ ଆଦି ଅନେକ ସୁବିଧା ଯୋଗାଇ ଦେଉଛନ୍ତି। ଏହି ଯୋଜନା ସତେଯେମିତି ଏହି ଶିଶୁମାନଙ୍କ ପାଇଁ ଅପହଞ୍ଚ ପାଲଟିଛି। ପ୍ରାଥମିକ ସ୍ତରରେ ଭିକ୍ଷା ବୃତ୍ତିରେ ନିୟୋଜିତ ଥିବା ଶିଶୁମାନଙ୍କ ତାଲିକା କରାଯାଇ ସରକାର ଏମାନଙ୍କ ରହିବା, ଖାଇବା, ପିଇବା ଓ ପାଠ ପଢ଼ିବାର ସମସ୍ତ ବ୍ୟବସ୍ଥା କରାଗଲେ ଏମାନେ ସମାଜରେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ଶିକ୍ଷାବିତ୍ ବିରଞ୍ଚି ନାରାୟଣ ଦାସ ମତବ୍ୟକ୍ତ କରିଛନ୍ତି।

# ଗୋରୁ ଚାଲାଣକାରୀ, ଗୋରକ୍ଷକ ସମେତ ୫ ଗିରଫ

ଆଳି,୪ା୯(ଡି.ଏନ୍.ଏ.)



ଗିରଫ ୫ ଅଭିଯୁକ୍ତ।

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଞ୍ଚଳରେ ଗତ ୨ ତାରିଖ ରାତିରେ ମେଣ୍ଢପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ୨ଟି ଗାଡିରେ ଗୋରୁ ଚାଲାଣ ଲାଗି ଭର୍ତ୍ତି କରାଯାଉଥିଲା। ଖବରପାଇ ଆଳିର ସାମାଜିକ କର୍ମୀ ତଥା ଗୋରକ୍ଷକ ଶୁଭାଶିଷ ଷଡଙ୍ଗୀ ପହଞ୍ଚି ସାମାଜିକ ଗଣମାଧ୍ୟମରେ ଲାଇଭ କରି ଏହା ଜଣାଉଥିଲେ। ଏହି ସମୟରେ କେତେଜଣ ବ୍ୟକ୍ତି ତାଙ୍କୁ ଅତର୍କିତ ଲୁହା ରଡରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ହାତ ଓ ଗୋଡରେ ଗଭୀର ଆଘାତ ଲାଗିଥିଲା। ସେ ଏବେ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅପରପକ୍ଷରୁ ନଇମ ଖାଁ ଶୁଭାଶିଷ ଓ ତାଙ୍କ ସହଯୋଗୀଙ୍କ ବିରୋଧ ଥାନାରେ ଅଭିଯୋଗ କରିଥିଲେ। ଶିଭାଶିଷ ମଧ୍ୟ ଗୋଚାଲାଣକୁ ନେଇ ଅଭିଯୋଗ କରିଥିଲେ। ପୋଲିସ ଦୁଇପକ୍ଷର ଅଭିଯୋଗର ତଦନ୍ତ କରି ୫ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

ଥାନାରେ ରସୁଲପୁର ଗାଁର ନଇମଙ୍କ ଅଭିଯୋଗ ଅନୁଯାୟୀ, ଆଳିର ଶୁଭାଶିଷ ଓ ସହଯୋଗୀ ତାଙ୍କ ଘର ନିକଟରେ ପହଞ୍ଚି ଜାତିଆଣ ଆକ୍ଷେପ କରି ଗାଳି ଗୁଲଜ କରିଥିଲେ। ଗୁହାଳରୁ ଗାଈ ଓ ବାଛୁରୀକୁ ଖୋଲି ଦେଇଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୩୩୭/୨୨ରେ ମାମଲା ରୁଜୁ କରି ସୁବ୍ରତ ସେନାପତି, ସୁରଜ ମଲିକ ଓ ଶକ୍ତି ସ୍ୱରୂପ ରାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହିପରି ଥାନାରେ ଶୁଭାଶିଷଙ୍କ ଅଭିଯୋଗ ଅନୁଯାୟୀ, ଗତ ୨ ତାରିଖ ରାତିରେ ୨ଟି ଗାଡିରେ ଗୋରୁ ଚାଲାଣ ନିମନ୍ତେ ଭର୍ତ୍ତି ହେଉଥିବା ଖବରପାଇ ଘଟଣାସ୍ଥଳରୁ ସାମାଜିକ ଗଣମାଧ୍ୟମରେ ଲାଇଭ କରି ଜଣାଉଥିଲେ। ଏହି ସମୟରେ କେତେଜଣ ବ୍ୟକ୍ତି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ତାଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୩୩୮/୨୨ରେ ମାମଲା ରୁଜୁ କରି ରସୁଲପୁର ଗାଁର ନସିର ଖାନ ଓ ଜହୁର ଖାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ଦିଲୀପ ସାହୁ ସୂଚନା ଦେଇଛନ୍ତି। ଏହି ଘଟଣାକୁ ନେଇ ଆଳି ଅଞ୍ଚଳରେ ବିଭିନ୍ନ ପ୍ରକାର ଚର୍ଚ୍ଚା ଜୋର ଧରିଛି।

# ଡିଲରଙ୍କ ପୁନଃନିଯୁକ୍ତିକୁ ବିରୋଧ

କେନ୍ଦ୍ରାପଡ଼ା ଅଫିସ, ୪ା୯

କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ କିଣିଲୋ ଗାଁର ଡିଲରଙ୍କୁ ଖାଉଟି ସାମଗ୍ରୀ ହଡପ ଅଭିଯୋଗରେ ୨୦୨୦ରେ ସରକାରୀ ଖୁଚୁରା ବିକ୍ରୟ କେନ୍ଦ୍ର ଲାଇସେନ୍ସ ରଦ୍ଦ ହୋଇଥିଲା। ଏହି ଡିଲରଙ୍କୁ ପୁନଃ ନିଯୁକ୍ତି ଦିଆଯାଇଥିବା ଶୁଣିବା ପରେ ହିତାଧିକାରୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ଏ ନେଇ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଦେଇ ଡିଲରଙ୍କ ପୁନଃ ନିଯୁକ୍ତିକୁ ରଦ୍ଦ ପାଇଁ ନିବେଦନ କରିଛନ୍ତି। ଏ ସମ୍ପର୍କରେ ଅଭିଯୋଗକାରୀ ମନୋଜ କୁମାର ପୃଷ୍ଟି କହିଛନ୍ତି, ସମ୍ପୃକ୍ତ ଡିଲର ୧୦ ବର୍ଷ ଧରି ଖାଉଟି ସାମଗ୍ରୀ ହିତାଧିକାରୀଙ୍କୁ ବଣ୍ଟନ କରୁଥିଲେ। ପ୍ରତିମାସ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ସାମଗ୍ରୀ ହଡପ କରୁଥିବା ନେଇ ଗ୍ରାମର ମୁକେନ୍ତଶ୍ୱର ସ୍ୱାଇଁ ସୂଚନା ଅଧିକାର ଆଇନ ଆଧାରରେ ପାଇଥିବା ତଥ୍ୟରୁ ଜଣାପଡିଥିଲା। ଏହାବ୍ୟତୀତ ଡିଲରଙ୍କ ଖାଉଟୀ ହିତାଧିକାରୀଙ୍କ ପ୍ରତି ବ୍ୟବହାର ଖରାପ ରହି ଆସିଛି। ଏ ନେଇ ଅଭିଯୋଗ ପରେ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ୨ ବର୍ଷ ପୂର୍ବେ ଲାଇସେନ୍ସ ରଦ୍ଦ ହୋଇଛି। କିଛିଦିନ ହେବ ଲାଇସେନ୍ସ ପୁର୍ନବାର ପାଇବା ପାଇଁ ସେ ଚେଷ୍ଟା କରି ସଫଳ ହୋଇଛନ୍ତି। ଆସନ୍ତା ଅକ୍ଟୋବରଠାରୁ ଖାଉଟୀ ସାମଗ୍ରୀ ଦେବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏହାଦ୍ୱାରା ପୁର୍ନବାର ହିତାଧିକାରୀଙ୍କ ଅସନ୍ତୋଷ ବଢ଼ିବ। ଡିଲର ନିଯୁକ୍ତିକୁ ବିରୋଧ କରି ଅଭିଯୋଗ ପ୍ରଦାନ କରାଯାଇଛି। ଏ ନେଇ ଆଉ ଥରେ ତଦନ୍ତ କରାଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେଇଥିବା ସେ ପ୍ରକାଶ କରିଛନ୍ତି। ଏହି ଅଭିଯୋଗପତ୍ରରେ ନୟନ ନାୟକ, ରବୀନ୍ଦ୍ର କୁମାର ରାଉତ, ଅନ୍ତର୍ଯ୍ୟାମୀ ସ୍ୱାଇଁଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କ ଦସ୍ତଖତ ରହିଛି।


ଡିଲରଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ କରିବା ପାଇଁ ଆସିଥିବା ବ୍ୟକ୍ତିମାନେ।

# ନାନୋ ୟୁରିଆ ନେବାକୁ ଚାଷୀ ଅରାଜି

- ଆବଶ୍ୟକ ପରିମାଣ ସାର ମିଳୁନି
- ମାର୍କଫେଡ୍ ଗୋଦାମରେ ନାହିଁ ଇଫ୍‌କୋ, ଡିଏପି

ଡେରାବିଶ, ୪ା୯(ସ୍ୱ.ପ୍ର.)

ରାଜ୍ୟ ସରକାର ଚଳିତ ଖରିଫ ଚାଷ ପାଇଁ ବିଭିନ୍ନ ସମବାୟ ସମିତି ଜରିଆରେ ଚାଷୀଙ୍କୁ ସାର ଯୋଗାଇବାକୁ ଘୋଷଣା କରିଥିଲେ। ମାତ୍ର ଏହାର ବ୍ୟତିକ୍ରମ ଡେରାବିଶ ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ବ୍ଲକ ଅଧୀନରେ ଥିବା ୧୦ଟି ସମବାୟ ସମିତି ଉପରେ ୨୬ଟି ପଞ୍ଚାୟତର ଚାଷୀମାନେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ମାତ୍ର ଚାଷ ଆରମ୍ଭରୁ ପଟ୍ଟାମୁଣ୍ଡାଇ ମାର୍କଫେଡ୍ ପକ୍ଷରୁ ବ୍ଲକ ଅଧୀନ ବିଭିନ୍ନ ସମବାୟ ସମିତିକୁ ଆବଶ୍ୟକତାଠାରୁ କମ୍ ପରିମାଣର ପଟାସ୍, ଡିଏପି ଓ ଇଫ୍‌କୋ ୟୁରିଆ ଯୋଗାଇ ଦିଆଯାଇଛି। ଫଳରେ ବ୍ଲକ ଅଞ୍ଚଳର ଚାଷୀମାନେ ତାଙ୍କର ଆବଶ୍ୟକ ସାର ନ ପାଇ ଖୋଲା ବଜାରରୁ ଅଧିକ ଦାମ୍ ଦେଇ କିଣୁଛନ୍ତି। ଅପରପକ୍ଷରେ ଚାଷୀଙ୍କ ଆବଶ୍ୟକତା କରୁଥିବା ଇଫ୍‌କୋ ୟୁରିଆ, ଡିଏପି ଓ ଏମ୍‌ଓପି ପଟାସ୍ ଦିଆଯାଇନାହିଁ। ଇଫ୍‌କୋ ୟୁରିଆ ବଦଳରେ ଡକ୍ଟର ଫସଲ (ମ୍ୟାଟ୍ରିକ୍ସ), ଆରସିଏଫ୍ କମ୍ପାନୀର ୟୁରିଆ, ଡିଏପି ବଦଳରେ ରତ୍ନା ୨୦-୨୦ ଓ ଏମ୍‌ଓପି ପଟାସ୍ ବଦଳରେ ଅନ୍ୟ କମ୍ପାନୀର ସାର ମାର୍କଫେଡ୍ ସମସ୍ତ ସମବାୟ ସମିତିକୁ ଯୋଗାଇ ଦେଇଥିଲେ। ଯେଉଁ ସମିତି ସମ୍ପାଦକ ଇଫ୍‌କୋ ୟୁରିଆ ସାର ନେବେ ତାହା ସହ ନାନୋ ୟୁରିଆ ବାଧ୍ୟତାମୂଳକ ନେବେ ବୋଲି ମାର୍କଫେଡ୍ ଅଧିକାରୀ ବାଧ୍ୟ କରୁଛନ୍ତି। ମାତ୍ର ନାନୋ ୟୁରିଆ ଏକ ତରଳ ଜାତୀୟ ସାର ହୋଇଥିବାରୁ ଏହାକୁ ନେବାକୁ ଚାଷୀମାନେ ରାଜି ହେଉନାହାନ୍ତି। ଏହି ସାର ନେଇ ରୁଆପୋତା ସମୟରେ ବ୍ୟବହାର କରିଥିବା ଚାଷୀଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ଦେଖାଦେଇଛି।



ଏ ସମ୍ପର୍କରେ ରଘୁଦେଇପୁର ପଞ୍ଚାୟତର ଚାଷୀ ଦିଗମ୍ବର ମିଶ୍ର କହିଛନ୍ତି, ବ୍ୟାଙ୍କରୁ ଋଣ ଓ ଧାର କରି ଚାଷ କରିଛନ୍ତି। ଖୋଲା ବଜାରରୁ ଅଧିକ ଦାମ୍ ଦେଇ ସାର ନ କିଣି ସମବାୟ ସମିତିରୁ ନାନୋ ସାରକୁ ନେଇ ଜମିରେ ବ୍ୟବହାର କରିଥିଲୁ। ମାତ୍ର ଏହି ସାର ବ୍ୟବହାର କରିବା ଫଳରେ ଧାନ ଫସଲର କୌଣସି ଉନ୍ନତି ପରିଲକ୍ଷିତ ହେଲାନାହିଁ। ଅପରପକ୍ଷରେ ରୁଆପୋତା ପରେ ବର୍ଷା ନ ଥିବାରୁ ଏକ ପ୍ରକାର ମରୁଡ଼ି ଆଶଙ୍କା ଦେଖାଦେଇଛି। କେନାଲ ଓ ମଟର ଯୋଗେ ପାଣି ମଡାଇ ଫସଲକୁ ରକ୍ଷା କରିବାକୁ ଉଦ୍ୟମ କରାଯାଉଛି। ୟୁରିଆ ସାରର ସଙ୍କଟ ଯେପରି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। କେତେକ ସମବାୟ ସମିତିରେ ବସ୍ତାଟିଏ ସାର ନାହିଁ। ସେହି ସମିତି ଉପରେ ନିର୍ଭରଶୀଳ ଚାଷୀମାନେ ଦୈନିକ ସମିତି ସମ୍ପାଦକଙ୍କୁ ଭେଟି ନିରାଶ ହୋଇ ଫେରୁଛନ୍ତି। କେତେଜଣ ସମିତିର ସମ୍ପାଦକ ତାଙ୍କ ନାମ ଗୋପନ ରଖି ଆବଶ୍ୟକ କରୁଥିବା ୟୁରିଆ ଓ ଡିଏପି ସାର ପାଇଁ ବାରମ୍ବାର ମାର୍କଫେଡ୍‌କୁ ଡିମାଣ୍ଡ ପଠାଇବା ସହ ଗୋଦାମ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଫୋନ୍ ଯୋଗେ ଅନୁରୋଧ କରୁଛନ୍ତି। ହେଲେ ଅଧିକାରୀ ଜଣକ ସାର ଆସିଲେ ପଠାଯିବ ବୋଲି କହୁଛନ୍ତି। ଫଳରେ ସମିତିର ସମ୍ପାଦକମାନେ ନିଜକୁ ଅସହାୟ ମଣୁଛନ୍ତି। ଏ ନେଇ ବ୍ଲକ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଆବଶ୍ୟକତାକୁ ପୂରଣ କରିବାକୁ ଖୋଲା ବଜାରରୁ ସାର ବସ୍ତାପିଛା ଶହେରୁ ୪ ଶହ ଟଙ୍କା ଅଧିକ ଦାମ୍ ଦେଇ କିଣି ବିଲରେ ପକାଉଥିବା ଅଗ୍ରଣୀ ଚାଷୀ ବିଧୂଭୂଷଣ ମହାପାତ୍ର କହିଛନ୍ତି। ମହାପାତ୍ରଙ୍କ ସୂଚନା ଅନୁଯାୟୀ, ପଟ୍ଟାମୁଣ୍ଡାଇ ସ୍ଥିତ ମାର୍କଫେଡ୍ ଗୋଦାମର ଅଧିକାରୀ ମନମାନୀ ନୀତି ପାଇଁ ଚାଷୀକୂଳ ନିରାଶ ହୋଇଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ବହୁ ତଥ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ସମବାୟ ବିଭାଗ ଉପନିବନ୍ଧକ ମନମୋହନ ରାଉତଙ୍କୁ ପଚାରିବାରୁ ଡେରାବିଶ ବ୍ଲକରେ ଆବଶ୍ୟକ ହେଉଥିବା ସାର ପାଇଁ ମାର୍କଫେଡ୍ ଅଧିକାରୀଙ୍କୁ ଏକାଧିକ ବାର ଚିଠି ଦିଆ ସରିଛି। ମାତ୍ର ଅଧିକାରୀ ଜଣକ କାହିଁକି ବିଳମ୍ବ କରୁଛନ୍ତି ସେ ବିଷୟରେ ସେ ଜାଣି ପାରୁନାହାନ୍ତି। ମାର୍କଫେଡ୍ ଗୋଦାମ ଦାୟିତ୍ୱରେ ଥିବା ଅଧିକାରୀ ପ୍ରଶାନ୍ତ ରାଉତଙ୍କୁ ପଚାରିବାରେ ଇଫ୍‌କୋ ୟୁରିଆ ଓ ଡିଏପି ସାରର ର୍‍ୟାକ୍ ଲାଗି ନ ଥିବାରୁ ଚାଷୀଙ୍କୁ ଏହି ସାର ଯୋଗାଇ ହେଉନାହିଁ। ର୍‍ୟାକ୍ ଲାଗିଲେ ସମବାୟ ସମିତିକୁ ଆବଶ୍ୟକତା ଅନୁସାରେ ସାର ଦିଆଯିବ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI
ସୋମବାର, ୫ ସେପ୍ଟେମ୍ବର, ୨୦୨୨



## ଭଲ ପଢୁଥିବାରୁ ସହପାଠୀଙ୍କୁ ହତ୍ୟା କଲେ ଛାତ୍ରୀଙ୍କ ମା'

**କରାଇକଲ,୪।୯:** ପଣ୍ଡିଚେରୀର କରାଇକଲରେ ଜଣେ ୧୩ ବର୍ଷର ଛାତ୍ରଙ୍କୁ ତାଙ୍କ ସହପାଠୀଙ୍କ ମାଆ ହତ୍ୟା କରିଛନ୍ତି। ନିଜ ଝିଅଠାରୁ ଛାତ୍ର ଜଣକ ସ୍କୁଲ୍‌ରେ ଭଲ ପଢୁଥିବାରୁ ମହିଳା ଜଣକ ପ୍ରତିହିଂସା ପରାୟଣ ହୋଇଉଠିଥିଲେ। ଶୁକ୍ରବାର ସ୍କୁଲ୍‌ରେ ବାର୍ଷିକ ଉତ୍ସବ ଚାଲିଥିବା ବେଳେ ମହିଳା ଜଣକ ସେଠାକୁ ଯାଇ ଛାତ୍ରଙ୍କୁ ବିଷ ମିଶାଯାଇଥିବା ପାନୀୟ ପିଇବାକୁ ଦେଇଥିଲେ। ଶନିବାର ରାତିରେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ଜେ. ସହାୟରାଣୀ ଭିକ୍ଟୋରିଆ (୪୨)ଙ୍କୁ ଗିରଫ କରାଯିବା ସହ ତାଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି। ଘରୋଇ ସ୍କୁଲ୍‌ରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଛାତ୍ର ଜଣକ ଟପ୍ପର ହେବା ସହ ପାଠ୍ୟକ୍ରମ ବାହାରେ ମଧ୍ୟ ଭଲ ପ୍ରଦର୍ଶନ କରୁଥିଲେ। ତେବେ ନିଜ ଝିଅଠାରୁ କିଏ ଶ୍ରେଣୀରେ ଭଲ ପଢୁ ଏହା ଭିକ୍ଟୋରିଆ ଚାହୁଁ ନ ଥିଲେ। ସେଥିପାଇଁ ସେ ଛାତ୍ରଙ୍କ ଉପରେ କ୍ଷୁବ୍ଧ ଥିଲେ ବୋଲି ଅଭିଯୋଗ ହୋଇଛି।



ଦରଦାମ୍ ବୃଦ୍ଧି ପ୍ରତିବାଦରେ ବେଙ୍ଗାଲୁରୁରେ ରବିବାର କର୍ଣ୍ଣାଟକ ମହିଳା କଂଗ୍ରେସ ପକ୍ଷରୁ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ।

## ମାଗାସେସେ ପୁରସ୍କାର ପ୍ରତ୍ୟାଖ୍ୟାନ କଲେ ଶୈଳଜା

ଥିରୁଭାନନ୍ତପୁରମ୍,୪।୯

ବରିଷ୍ଠ ସିପିଏମ୍ ନେତ୍ରୀ ତଥା କେରଳର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ କେ.କେ. ଶୈଳଜା ମର୍ଯ୍ୟାଦାଜନକ ରମଣ ମାଗାସେସେ ପୁରସ୍କାର ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ଫିଲିପାଇନ୍ସର ଦିବଂଗତ ରାଷ୍ଟ୍ରପତି ରମନ ମାଗାସେସେ କମ୍ୟୁନିଷ୍ଟମାନଙ୍କ ପ୍ରତି ନିଷ୍ଠୁର ଥିଲେ। ସେଥିପାଇଁ ସେ ବ୍ୟକ୍ତିଗତ ଭାବେ ଏହି ପୁରସ୍କାର ଗ୍ରହଣ କରିବାକୁ ଚାହାନ୍ତି ନାହିଁ ବୋଲି ଶୈଳଜା ଖବରଦାତାମାନଙ୍କୁ କହିଛନ୍ତି। ସିପିଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ କହିଛନ୍ତି, ଫିଲିପାଇନ୍ସରେ କମ୍ୟୁନିଷ୍ଟମାନଙ୍କ ଉପରେ ରମଣ ମାଗାସେସେ ବର୍ବର ଅତ୍ୟାଚାର କରୁଥିବାର ଇତିହାସ ରହିଛି। ସିପିଏମ୍‌ର କେନ୍ଦ୍ରୀୟ କମିଟି ସଦସ୍ୟ ଥିବା ଶୈଳଜା ଦଳର ଜାତୀୟ ନେତୃତ୍ୱଙ୍କ ସହ ପରାମର୍ଶ କରି ପୁରସ୍କାର ପ୍ରତ୍ୟାଖ୍ୟାନ କରିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି।

"ରମନ ମାଗାସେସେ କମ୍ୟୁନିଷ୍ଟମାନଙ୍କ ପ୍ରତି ନିଷ୍ଠୁର ଥିଲେ।
–କେ.କେ. ଶୈଳଜା,
କେରଳର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ



## ଗୁଜରାଟ ଯୁବ କଂଗ୍ରେସ ଅଧ୍ୟକ୍ଷ ପଦରୁ ବିଶ୍ୱନାଥସିଂ ବଘେଲାଙ୍କ ଇସ୍ତଫା



**ନୂଆଦିଲ୍ଲୀ,୪।୯:** କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗୁଜରାଟ ଗସ୍ତ ପୂର୍ବରୁ ବିଶ୍ୱନାଥସିଂ ବଘେଲା ରାଜ୍ୟ ଯୁବକଂଗ୍ରେସ ଅଧ୍ୟକ୍ଷ ପଦରୁ ରବିବାର ଇସ୍ତଫା ଦେଇଛନ୍ତି। ସୋମବାର ରାହୁଲ ଅହମଦାବାଦ ଆସି 'ଭାରତ ଯୋଡୋ ଯାତ୍ରା'ରେ ଯୋଗଦେବା ସହ 'ପରିବର୍ତ୍ତନ ସଂକଳ୍ପ' ସମ୍ମିଳନୀରେ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବା କାର୍ଯ୍ୟକ୍ରମ ରହିଛି। ରାହୁଲ 'କଂଗ୍ରେସରେ ଯୋଗଦିଅ' ଅଭିଯାନରେ ଆସୁଥିବାବେଳେ ତାଙ୍କ ଦଳରେ କଂଗ୍ରେସ ଛାଡ଼ ଅଭିଯାନ ଚାଲିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ରୁତ୍‌ଭିଜ ପଟେଲ କହିଛନ୍ତି। ୩୫ ବର୍ଷୀୟ ବିଶ୍ୱନାଥସିଂ ଚଳିତ ବର୍ଷ ଜାନୁୟାରୀରେ ରାଜ୍ୟ ଯୁବକଂଗ୍ରେସ ଅଧ୍ୟକ୍ଷ ନିଯୁକ୍ତ ହୋଇଥିଲେ।

# ରେଡିଏଶନ୍‌କୁ ଭିଜା ଲୋଡ଼ା ନାହିଁ

## ୟୁରୋପକୁ ରୁଷିଆର ବିକିରଣ ବିସ୍ଫୋରଣ ଧମକ

ମସ୍କୋ/କିଭ୍ , ୪।୯

ୟୁକ୍ରେନ୍ ଉପରେ ୬ ମାସରୁ ଅଧିକ ସମୟ ହେଲା ରୁଷିଆ ଆକ୍ରମଣ ଜାରି ରଖିଛି। ଯୁଦ୍ଧ ଆରମ୍ଭ ହେବାଦିନରୁ ଆମେରିକା ସମେତ ୟୁରୋପୀୟ ସଂଘ (ଇୟୁ) ରୁଷିଆ ଉପରେ ଚାପ ପକାଇବା ପାଇଁ କଟକଣା ଲଗାଇବାରେ ଲାଗିଥିବାବେଳେ ଏବେ ମସ୍କୋ ସହ ଟ୍ରାଭେଲ ଭିଜା ଏଗ୍ରିମେଣ୍ଟ ବାତିଲ କରିବାକୁ ଯୋଜନା କରୁଛି। ଏହା ହେଲେ ୟୁରୋପୀୟ ଦେଶଗୁଡ଼ିକୁ ରୁଷୀୟ ନାଗରିକ ଯାତ୍ରା କରିବା କଷ୍ଟକର ହୋଇପଡ଼ିବ। ଏହାକୁ ନେଇ କ୍ରେମଲିନ୍ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ରୁଷିଆ ୟୁରୋପକୁ ବିକିରଣ ବିସ୍ଫୋରଣର ଧମକ ଦେଇଛି। ରେଡିଏଶନ ପାଇଁ କୌଣସି ଭିଜା ଦରକାର ପଡ଼ିବ ନାହିଁ ବୋଲି ମସ୍କୋ କହିଛି। ଏସବୁ ଭିତରେ ରୁଷିଆ କବ୍‌ଜାରେ ଥିବା ୟୁକ୍ରେନ୍ ସ୍ଥିତ ୟୁରୋପର ସର୍ବବୃହତ୍ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟକୁ ଏହାର ଶେଷ ବାହ୍ୟ ପାୱାରଲାଇନ୍ ସଂଯୋଗ ବିଚ୍ଛିନ୍ନ ହୋଇଛି। ଏହି ପ୍ଲାଣ୍ଟ ନିକଟରେ ବିସ୍ଫୋରଣ ପାଇଁ ରୁଷିଆ ଏବଂ ୟୁକ୍ରେନ୍ ପରସ୍ପରକୁ ଦାୟୀ କରୁଛନ୍ତି। ମସ୍କୋ ନ୍ୟୁକ୍ଲିୟର ବିକିରଣର ଧମକ ଦେଇ ୟୁରୋପକୁ ବ୍ଲାକମେଲ କରିବାକୁ ଚାହୁଁଛି ବୋଲି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଛନ୍ତି। ସେଠାରେ କୌଣସି ମୁହୂର୍ତ୍ତରେ ଆଣବିକ ବିପର୍ଯ୍ୟୟ ଘଟିପାରେ ବୋଲି ଜାତିସଂଘର ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜୀ ଏଜେନ୍ସି (ଆଇଏଇଏ) ଆଶଙ୍କା ବ୍ୟକ୍ତ କରିଛି।


ୟୁକ୍ରେନ୍‌ର ଜାପୋରିଜିଝିଆସ୍ଥିତ ୟୁରୋପର ସର୍ବବୃହତ୍ ଆଣବିକ ଶକ୍ତି କେନ୍ଦ୍ର।

ଇୟୁ ରୁଷିଆ ଉପରେ ଭିଜା କଟକଣା ଲଗାଇବା ନିଷ୍ପତ୍ତିକୁ ନେଇ ୟୁରୋପ ଦୁଇ ଭାଗ ହୋଇଛି। ରୁଷିଆ ଟୁରିଷ୍ଟଙ୍କ ପାଇଁ ଭିଜା ଚୁକ୍ତି ବାତିଲ କରିବା ସପକ୍ଷରେ ଜର୍ମାନୀ ନାହିଁ। ୟୁକ୍ରେନ୍‌କୁ ସମର୍ଥନ ନ କରିବା ଦାବିରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଜର୍ମାନୀରେ ଆନ୍ଦୋଳନ କରିବା ଭଳି ବିରଳ ଦୃଶ୍ୟ ଦେଖିବାକୁ ମିଳିଛି। ସେମାନଙ୍କ ମଧ୍ୟରେ ଅଧିକାଂଶ ରୁଷୀୟ ଭାଷୀ ଆନ୍ଦୋଳନକାରୀ ରହିଛନ୍ତି। ଜର୍ମାନୀରେ ରହୁଥିବା ରୁଷିଆ ନାଗରିକ ସମୁଦାୟଙ୍କ ପକ୍ଷରୁ ଏପରି କରାଯାଇଛି। ଅନ୍ୟପକ୍ଷରେ ରୁଷିଆ ତେଲ ଉପରେ ପ୍ରାଇସ୍ କ୍ୟାପ୍ ଲଗାଇବା ପାଇଁ ଜି-୭ ରାଷ୍ଟ୍ରଗୁଡ଼ିକ ରାଜି ହେବା ପରେ ମସ୍କୋ ଜର୍ମାନୀକୁ ଯାଇଥିବା ସବୁଠାରୁ ବଡ଼ ଗ୍ୟାସ୍ ପାଇପଲାଇନ ନର୍ଡ ଷ୍ଟ୍ରିମ୍-୧କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଦେଇଛି। ଏହି ପାଇପ୍‌ରେ ବର୍ଷକୁ ୫୫ କ୍ୟୁବିକ୍ ମିଟର ଗ୍ୟାସ୍ ପ୍ରତିବର୍ଷ ରୁଷିଆରୁ ୟୁରୋପକୁ ଆସିଥାଏ। ତେଲ ଲିକ୍ ଯୋଗୁ ରୁଷିଆ ଏପରି କରିଥିବା କହୁଥିଲେ ହେଁ ଏଥିଯୋଗୁ ଜର୍ମାନୀ ସମେତ ୟୁରୋପରେ ମଧ୍ୟ ପ୍ରାକୃତିକ ଗ୍ୟାସ୍ ସଙ୍କଟ ଗମ୍ଭୀର ହେବ। ଆଗକୁ ଶୀତଦିନ ଆସୁଥିବାରୁ ଥଣ୍ଡାରୁ ରକ୍ଷା ପାଇବା ପାଇଁ ପ୍ରାକୃତିକ ଗ୍ୟାସ୍‌ର ଅଭାବ ଦେଖାଯାଇପାରେ। ୟୁରୋପର ଏକାଧିକ ଦେଶରେ ବ୍ଲାକ୍‌ଆଉଟ୍ ସମସ୍ୟା ମଧ୍ୟ ହୋଇପାରେ ବୋଲି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସୁଇଡେନ୍, ଫିନ୍‌ଲାଣ୍ଡ ଏନର୍ଜୀ କମ୍ପାନୀଗୁଡ଼ିକୁ ଲିକ୍ୟୁଡିଟି ଗ୍ୟାରେଣ୍ଟି (ନଗଦ ଅର୍ଥ ପ୍ରଦାନ ସୁନିଶ୍ଚିତ କରିବା) ପ୍ରଦାନ କରିଛି। ଅପରପକ୍ଷେ ୟୁରୋପର ସର୍ବବୃହତ ନ୍ୟୁକ୍ଲିୟର ପ୍ଲାଣ୍ଟ ଥିବା ଜାପୋରିଜିଝିଆ ରୁଷିଆ ପାଇଁ ରଣନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମସ୍କୋ କବ୍‌ଜାରେ ଥିବା କ୍ରିମିଆଠାରୁ ଏହା ପ୍ରାୟ ୨୦୦ କି.ମି. ଦୂରରେ ଅବସ୍ଥିତ। ୨୦୨୧ରେ ୟୁକ୍ରେନ୍ ଆବଶ୍ୟକ କରୁଥିବା ଏନର୍ଜୀର ୫୫.୫% ଏହି ପ୍ଲାଣ୍ଟରୁ ଆସୁଥିଲା।

## ସଡ଼କ ଦୁର୍ଘଟଣା: ବର୍ଷକରେ ୧.୫୫ ଲକ୍ଷ ମୃତ୍ୟୁ

### ଆତ୍ମହତ୍ୟା କରିଛନ୍ତି ୧.୬୪ ଲକ୍ଷ

ନୂଆଦିଲ୍ଲୀ,୪।୯(ପି.ଟି.)

୨୦୨୧ ବର୍ଷରେ ଭାରତରେ ସଡ଼କ ଦୁର୍ଘଟଣାରେ ୧.୫୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଛି, ଯାହା କୌଣସି କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ। ଅର୍ଥାତ୍ ଦୁର୍ଘଟଣାରେ ଦୈନିକ ୪୨୬ ଜଣ ଜୀବନ ହରାଇଥିବାବେଳେ ଘଣ୍ଟା ପ୍ରତି ମୃତ୍ୟୁସଂଖ୍ୟା ୧୮ ରହିଛି। ଗତବର୍ଷ ସାରା ଦେଶରେ ୪.୦୩ ଲକ୍ଷ ଦୁର୍ଘଟଣା ଘଟିଥିଲା। ମୃତକଙ୍କୁ ବାଦ୍ ଦେଲେ ଏହି ଦୁର୍ଘଟଣାରେ ୩.୭୧ ଲକ୍ଷ ଲୋକ ଆହତ ହୋଇଥିବା ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ତଥ୍ୟରୁ ଜଣାପଡ଼ିଛି। ଗତବର୍ଷ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ ଥିବାବେଳେ ଦୁର୍ଘଟଣା ଓ ଆହତ ସଂଖ୍ୟା ପୂର୍ବ ବର୍ଷ ଅପେକ୍ଷା କମ୍ ରହିଛି। ଗତବର୍ଷ ପ୍ରତି ହଜାରେ ଗାଡ଼ିରେ ମୃତ୍ୟୁସଂଖ୍ୟା ୦.୫୩ ରହିଛି। ୨୦୨୦ରେ ଏହି ସଂଖ୍ୟା ୦.୪୫ ଥିବାବେଳେ ୨୦୧୯ରେ ୦.୫୨, ୨୦୧୮ରେ ୦.୫୬ ଏବଂ ୨୦୧୭ରେ ୦.୫୯ ଥିଲା। ୨୦୨୦ରେ କୋଭିଡ୍ ଜନିତ ଲକ୍‌ଡାଉନ ଯୋଗୁ ଗାଡ଼ି ଚଳାଚଳ ହ୍ରାସ ପାଇଥିଲା। ଏହା ସତ୍ତ୍ୱେ ସେହିବର୍ଷ ୩.୫୬ ଲକ୍ଷ ସଡ଼କ ଦୁର୍ଘଟଣାରେ ୧.୩୩ ଲକ୍ଷ ଲୋକଙ୍କ ଜୀବନ ଯାଇଥିଲା ଓ ୩.୩୫ ଲକ୍ଷ ଆହତ ହୋଇଥିଲେ। ୨୦୧୯ରେ ୪.୩୭ ଲକ୍ଷ ଦୁର୍ଘଟଣାରେ ୧.୫୪ ଲକ୍ଷ ଲୋକଙ୍କ ମୃତ୍ୟୁ ହେବା ସହ ୪.୩୯ ଲକ୍ଷ ଆହତ ହୋଇଥିଲେ। ସେହିପରି ଗତବର୍ଷ ଆତ୍ମହତ୍ୟାରେ ୧.୬୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଯାଇଛି, ଯାହା ପୂର୍ବ ବର୍ଷଗୁଡ଼ିକଠାରୁ ଅଧିକ। ଗତବର୍ଷ ଦୈନିକ ହାରାହାରି ୪୫୦ ଜଣ ଏବଂ ଘଣ୍ଟା ପ୍ରତି ୧୮ ଜଣ ଆତ୍ମହତ୍ୟା କରିଛନ୍ତି। ୨୦୨୧ରେ ୧.୧୯ଲକ୍ଷ ପୁରୁଷ, ୪୫,୦୨୬ ମହିଳା ଏବଂ ୨୮ ଜଣ କିନ୍ନର ଆତ୍ମହତ୍ୟା କରିଥିବା ଏନ୍‌ସିଆର୍‌ବି ତଥ୍ୟରୁ ଜଣାପଡ଼ିଛି। ୨୦୨୦ରେ ଦେଶରେ ୧.୫୩ ଲକ୍ଷ ଆତ୍ମହତ୍ୟା କରିଥିଲେ। ୨୦୧୯ରେ ଏହି ସଂଖ୍ୟା ୧.୩୯ ଲକ୍ଷ, ୨୦୧୮ରେ ୧.୩୪ ଲକ୍ଷ, ୨୦୧୭ରେ ୧.୨୯ ଲକ୍ଷ ଥିଲା।

## ଗଣେଶ ପେଣ୍ଡାଲରେ ହନୁମାନଙ୍କ ମୃତ୍ୟୁ

ଲକ୍ଷ୍ନୌ,୪।୯

ଗଣେଶ ଚତୁର୍ଥୀ ଅବସରରେ ଉତ୍ତରପ୍ରଦେଶର ମୈନପୁରରେ ଶନିବାର ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଉଥିଲା। ଭଜନ ଦଳ ସହ ରବି ଶର୍ମା (୩୫) ନାମକ ବ୍ୟକ୍ତି ଆସିଥିଲେ। ଭଜନ ପରିବେଷଣ ବେଳେ ସେ ଗଣେଶ ପେଣ୍ଡାଲରେ ହନୁମାନ ବେଶ ଧାରଣ କରି ନୃତ୍ୟ ପ୍ରଦର୍ଶନ କରୁଥିଲେ। ନୃତ୍ୟ କରୁଥିବାବେଳେ ସେ ହଠାତ୍ ସଂଜ୍ଞାହୀନ ହୋଇ ତଳେ ପଡ଼ିଯିବାରୁ ସେଠାରେ ଉପସ୍ଥିତ ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ହସ୍ପିଟାଲ ନେଇଯାଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।



### ମଧ୍ୟପ୍ରଦେଶରେ ମହିଳା ଓ ଶିଶୁଙ୍କୁ ମାଗଣା ଖାଦ୍ୟ ଯୋଜନା

## ୧୧୦.୮୩ କୋଟିର ଦୁର୍ନୀତି ଧରିଲେ ଏଜି

ଭୋପାଳ,୪।୯

ମଧ୍ୟପ୍ରଦେଶରେ ମହିଳା ଓ ଶିଶୁଙ୍କ ପୋଷଣ ଯୋଜନାରେ ବ୍ୟାପକ ଦୁର୍ନୀତି ପଦାକୁ ଆସିଛି। ୧୧୦.୮୩ କୋଟି ଟଙ୍କାର ଖାଦ୍ୟଶସ୍ୟ ବଣ୍ଟନ ସମ୍ପର୍କରେ ଭୁଲ୍ ତଥ୍ୟ ଦିଆଯାଇଥିବା ରାଜ୍ୟ ଆକାଉଣ୍ଟାଣ୍ଟ ଜେନେରାଲ (ଏଜି) ଅଡିଟ୍‌ରୁ ଧରାପଡ଼ିଛି। ୨୦୨୦ରୁ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ଅଧୀନରେ ମହିଳା ଓ ଶିଶୁ ବିକାଶ ବିଭାଗ ରହିଥିବାରୁ ଏହି ଦୁର୍ନୀତି ପାଇଁ ତାଙ୍କ ଉପରକୁ ଅଙ୍ଗୁଳି ଉଠିଛି। ଏଜି ଦାଖଲ କରିଥିବା ୩୬ ପୃଷ୍ଠାର ରିପୋର୍ଟରେ ହିତାଧିକାରୀ ଚୟନ, ଖାଦ୍ୟ ସାମଗ୍ରୀ ଉତ୍ପାଦନ, ବଣ୍ଟନ ଓ ମାନ ନିର୍ଦ୍ଧାରଣରେ ବ୍ୟାପକ ଜାଲିଆତି ହୋଇଥିବା ଦର୍ଶାଯାଇଛି। ୨୦୨୧ରେ ଟେକ୍ ହୋମ୍ ରାଶନ ଯୋଜନାରେ ୨୪% ହିତାଧିକାରୀଙ୍କ ଯାଞ୍ଚ ପରେ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ୪୯.୫୮ ଲକ୍ଷ ପଞ୍ଜୀକୃତ ଶିଶୁ ଓ ମହିଳାଙ୍କୁ ପୌଷ୍ଟିକ ଖାଦ୍ୟ ଯୋଗାଇବା ପାଇଁ ଏହି ଯୋଜନା ଆରମ୍ଭ ହୋଇଥିଲା। ସେଥିରେ ୬ ମାସରୁ ୩ ବର୍ଷ ବୟସର ୩୪.୬୯ ଲକ୍ଷ ଶିଶୁ ଥିବାବେଳେ ୧୪.୨୫ ଲକ୍ଷ ଗର୍ଭବତୀ ଓ ସ୍ତନ୍ୟପାନ କରାଉଥିବା ମହିଳା ଏବଂ ୦.୬୪ ଲକ୍ଷ କିଶୋରୀ ଥିଲେ। ତେବେ ପ୍ରାୟ ୧୨ ଲକ୍ଷ ହିତାଧିକାରୀଙ୍କୁ ଏହି ଯୋଜନାରେ ଦର୍ଶାଯାଇଥିବା ଅଡିଟର ଜାଣିବାକୁ ପାଇଛନ୍ତି। ଖାଦ୍ୟଶସ୍ୟ ଯୋଗାଉଥିବା ୬ଟି ଉତ୍ପାଦନ ଶିଳ୍ପ ଟ୍ରକ୍ ଜରିଆରେ ୧,୧୨୫.୬୪ ମେଟ୍ରିକ ଟନ୍ ରାଶନ ପରିବହନ କରିଛନ୍ତି ଓ ଏଥିରେ ୬.୯୪ କୋଟି ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି। କିନ୍ତୁ ପଞ୍ଜୀକୃତ ନମ୍ବର ଟ୍ରକ୍ ପରିବର୍ତ୍ତେ ମୋଟରସାଇକେଲ, କାର, ଅଟୋ ଏବଂ ଟ୍ୟାଙ୍କରର ବୋଲି ପରିବହନ ବିଭାଗରେ ଯାଞ୍ଚରୁ ଜଣାପଡ଼ିଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମହିଳା ଓ ଶିଶୁ ବିକାଶ ବିଭାଗ ରାଶନ ପାଇଁ ଯୋଗ୍ୟ ସ୍କୁଲ୍ ଛାତ୍ରୀଙ୍କ ସର୍ଭେ ୨୦୨୧ ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ କରିନାହିଁ। ୨୦୧୮-୧୯ରେ ୯,୦୦୦ ଛାତ୍ରୀ ଅଧାରୁ ପାଠ ଛାଡ଼ିଥିବା ସ୍କୁଲ ଶିକ୍ଷା ବିଭାଗ ଆକଳନ କରିଥିବାବେଳେ ମହିଳା ଓ ଶିଶୁ ବିକାଶ ବିଭାଗ ବିନା ସର୍ଭେରେ ଏହାକୁ ୩୬.୦୮ ଲକ୍ଷ ଦର୍ଶାଇଛି।

# ସାଇରସ୍ ସାମ୍ରାଜ୍ୟର ଉତ୍‌ଥାନ ପତନ

ମୁମ୍ବାଇ,୪।୯

ଯୁବ ଶିଳ୍ପପତି ସାଇରସ୍ ମିସ୍ତ୍ରୀ ୧୯୯୧ରେ ନିଜ ପରିବାରର ନିର୍ମାଣ କମ୍ପାନୀ ଶପୁରଜୀ ପାଲ୍ଲୋନଜୀ ଆଣ୍ଡ କୋ'ରେ ଜଣେ ନିର୍ଦ୍ଦେଶକ ଭାବେ ଯୋଗଦେଇଥିଲେ। ସେ ୨୦୧୨ରୁ ୨୦୧୬ ପର୍ଯ୍ୟନ୍ତ ଟାଟା ଗ୍ରୁପ୍ ଅଧ୍ୟକ୍ଷ ଥିଲେ। ୨୦୧୬ ଅକ୍ଟୋବର ୧୬ରେ ଟାଟା ଗ୍ରୁପ୍‌ର ହୋଲ୍ଡିଂ କମ୍ପାନୀ ଟାଟା ସନ୍ସ ତାଙ୍କୁ ଚେୟାରମ୍ୟାନ୍ ପଦରୁ ହଟାଇବା ପାଇଁ ନିଷ୍ପତ୍ତି ନେଇଥିଲା। ଏକ ସଡ଼କ ଦୁର୍ଘଟଣାରେ ସାଇରସ୍‌ଙ୍କ ମୃତ୍ୟୁ ଘଟିବା ପରେ ଟାଟା ସନ୍ସ ସହିତ ସାଇରସ୍‌ଙ୍କ ଆଇନଗତ ଲଢ଼େଇ ପୁଣି ଥରେ ଚର୍ଚ୍ଚାକୁ ଆସିଛି। ୨୦୧୯ ଡିସେମ୍ବରରେ ନ୍ୟାଶନାଲ କମ୍ପାନୀ ଲ ଅପିଲେଟ୍ ଟ୍ରିବ୍ୟୁନାଲ (ଏନ୍‌ସିଏଲ୍‌ଏଟି) ସାଇରସ୍‌ଙ୍କୁ ଟାଟା ଗ୍ରୁପ୍ ଏକ୍‌ଜିକ୍ୟୁଟିଭ୍ ଚେୟାରମ୍ୟାନ୍ ପଦରେ ପୁନଃ ଅବସ୍ଥାପିତ କରିବା ସହ ନଟରାଜନ ଚନ୍ଦ୍ରଶେଖରନ୍‌ଙ୍କ ନିଯୁକ୍ତିକୁ ବେଆଇନ ଘୋଷଣା କରିଥିଲେ। ୨୦୨୦ ଜାନୁୟାରୀ ୧୦ରେ ସୁପ୍ରିମକୋର୍ଟ ଏନ୍‌ସିଏଲ୍‌ଏଟି ରାୟ ଉପରେ ସ୍ଥଗିତାଦେଶ ଜାରି କରିଥିଲେ। ସାଇରସ୍ ଏହାର ରିଭ୍ୟୁ ପାଇଁ ସୁପ୍ରିମକୋର୍ଟରେ ଅପିଲ କରିଥିଲେ। ସାଇରସ୍ ଇନ୍‌ଭେଷ୍ଟମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଜରିଆରେ ଟାଟା ସନ୍ସର ୧୮.୪% ଅଂଶଧନର ମାଲିକାନା ସାଇରସ୍ ମିସ୍ତ୍ରୀଙ୍କ ନିକଟରେ ରହିଥିଲା। ୨୦୧୮ରେ ଏହି ଯୁଥ୍ ଟାଇକୁନ୍‌ଙ୍କ ମୋଟ ସମ୍ପତ୍ତିର ପରିମାଣ ପ୍ରାୟ ୧୦ ବିଲିୟନ୍ ଡଲାର ରହିଥିଲା। ସେ ନ୍ୟାଶନାଲ ଇଣ୍ଟିଗ୍ରେଶନ୍ କାଉନ୍‌ସିଲ ସଦସ୍ୟ ଥିଲେ। ୨୦୧୩ରେ 'ଦି ଇକୋନୋମିଷ୍ଟ' ସାଇରସ୍‌ଙ୍କୁ ଉଭୟ ଭାରତ ଓ ବ୍ରିଟେନ୍‌ର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଶିଳ୍ପପତି ଆଖ୍ୟା ଦେଇଥିଲା।




## ଟାଟା ସନ୍ସ ବିବାଦ

**୨୦୧୬ ଅକ୍ଟୋବର ୨୪:** ସାଇରସ୍ ମିସ୍ତ୍ରୀଙ୍କୁ ଟାଟା ସନ୍ସ ଚେୟାରମ୍ୟାନ୍ ପଦରୁ ହଟାଇ ରତନ ଟାଟାଙ୍କୁ ଅନ୍ତରୀଣ ଅଧ୍ୟକ୍ଷ କରାଯାଇଥିଲା।
**୨୦୧୬ ଡିସେମ୍ବର ୨୦:** ସାଇରସ୍ ମିସ୍ତ୍ରୀଙ୍କ ସାଇରସ୍ ଇନ୍‌ଭେଷ୍ଟମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଏବଂ ଷ୍ଟାର୍ଲିଂ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ୍ ଲିମିଟେଡ୍ ମୁମ୍ବାଇ ସ୍ଥିତ ଏନ୍‌ସିଏଲ୍‌ଟିଙ୍କ ଦ୍ୱାରସ୍ଥ ହୋଇ ତାଙ୍କ ବହିଷ୍କାରକୁ ଚ୍ୟାଲେଞ୍ଜ କରିଥିଲା। ଏଥିସହ ସାଇରସ୍‌ଙ୍କ ସଂସ୍ଥା ସଂଖ୍ୟାଲଘୁ ଅଂଶୀଦାରଙ୍କ ପ୍ରତି ଦମନଲୀଳା ଓ ଟାଟା ଗ୍ରୁପ୍‌ର କୁପରିଚାଳନା ଅଭିଯୋଗ ଆଣିଥିଲା।
**୨୦୧୭ ଜାନୁୟାରୀ ୧୨:** ଟାଟା ସନ୍ସ ଏନ୍. ଚନ୍ଦ୍ରଶେଖରନ୍‌ଙ୍କୁ ଚେୟାରମ୍ୟାନ୍ ନିଯୁକ୍ତ କରିଥିଲା।
**୨୦୧୭ ଫେବୃୟାରୀ ୬:** ସାଇରସ୍‌ଙ୍କୁ ଟାଟା ସନ୍ସ ବୋର୍ଡରୁ ହଟାଇ ଦିଆଯାଇଥିଲା।
**୨୦୧୭ ମାର୍ଚ୍ଚ ୬:** ମିସ୍ତ୍ରୀ ପରିବାରର ଦୁଇଟି ନିବେଶ ସଂସ୍ଥା ମାମଲା ଦାଏର ପାଇଁ ଟାଟା କମ୍ପାନୀରେ ୧୦% ପାର୍ଟନରଶିପ୍ କ୍ରାଏଟେରିଆ ପୂରଣ କରୁ ନ ଥିବା ଦର୍ଶାଇ ଏନ୍‌ସିଏଲ୍‌ଟି ମୁମ୍ବାଇ ଆବେଦନକୁ ରଦ୍ଦ କରିଦେଇଥିଲେ।
**୨୦୧୭ ଏପ୍ରିଲ ୨୭:** ମିସ୍ତ୍ରୀ ପରିବାରର ଦୁଇ ଇନ୍‌ଭେଷ୍ଟମେଣ୍ଟ ଫାର୍ମ ପକ୍ଷରୁ ଏନ୍‌ସିଏଲ୍‌ଟି ମୁମ୍ବାଇ ରାୟକୁ ଏନ୍‌ସିଏଲ୍‌ଏଟିରେ ଚ୍ୟାଲେଞ୍ଜ କରାଯାଇଥିଲା।
**୨୦୧୭ ସେପ୍ଟେମ୍ବର ୨୧:** ଟାଟା ସନ୍ସ ବିରୋଧରେ ଦୁଇ ସଂସ୍ଥାର ଆବେଦନକୁ ଏନ୍‌ସିଏଲ୍‌ଏଟି ଖଣ୍ଡପୀଠ ଗ୍ରହଣ କରିଥିଲେ।
**୨୦୧୭ ଅକ୍ଟୋବର ୫:** ଏହି ମାମଲାକୁ ମୁମ୍ବାଇରୁ ଦିଲ୍ଲୀକୁ ସ୍ଥାନାନ୍ତର ଦାବିରେ ଦୁଇ ନିବେଶକାରୀ ସଂସ୍ଥା ଜାତୀୟ ରାଜଧାନୀ ସ୍ଥିତ ଏନ୍‌ସିଏଲ୍‌ଟି ପ୍ରଧାନ ଖଣ୍ଡପୀଠରେ ଆବେଦନ କରିଥିଲା।
୨୦୧୭ ଅକ୍ଟୋବର ୬: ଏନ୍‌ସିଏଲ୍‌ଟି ପ୍ରିନ୍ସିପାଲ ବେଞ୍ଚ ଆବେଦନକୁ ଖାରଜ କରିଦେଇଥିଲେ।
**୨୦୧୮ ଜୁଲାଇ ୯:** ମୁମ୍ବାଇର ଏନ୍‌ସିଏଲ୍‌ଟି ଖଣ୍ଡପୀଠ ସାଇରସ୍‌ଙ୍କ ଆବେଦନକୁ ଖାରଜ କରିଥିଲେ।
**୨୦୧୮ ଅଗଷ୍ଟ ୩:** ଏନ୍‌ସିଏଲ୍‌ଟି ମୁମ୍ବାଇ ଅର୍ଡରକୁ ନିବେଶକାରୀ ଦୁଇ କମ୍ପାନୀ ଏନ୍‌ସିଏଲ୍‌ଏଟିରେ ଚ୍ୟାଲେଞ୍ଜ କରିଥିଲା।
**୨୦୧୮ ଅଗଷ୍ଟ ୨୯:** ଏନ୍‌ସିଏଲ୍‌ଏଟି ସାଇରସ୍‌ଙ୍କ ଆବେଦନକୁ ଗ୍ରହଣ କରି ଶୁଣାଣି ପାଇଁ ସହମତି ପ୍ରକାଶ କରିଥିଲେ।
**୨୦୧୯ ମେ' ୨୩:** ଏନ୍‌ସିଏଲ୍‌ଏଟି ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।
**୨୦୧୯ ଡିସେମ୍ବର ୧୮:** ଏନ୍‌ସିଏଲ୍‌ଏଟି ସାଇରସ୍‌ଙ୍କୁ ଟାଟା ସନ୍ସ ଏକ୍‌ଜିକ୍ୟୁଟିଭ୍ ଚେୟାରମ୍ୟାନ୍ ଭାବେ ପୁନଃ ଅବସ୍ଥାପିତ କରିଥିଲେ। ଏଥିସହ ଅପିଲ ପାଇଁ ଟାଟା କମ୍ପାନୀକୁ ୪ ସପ୍ତାହ ସମୟ ଦେଇଥିଲେ।
**୨୦୨୦ ଜାନୁୟାରୀ ୨:** ଟାଟା ସନ୍ସ ଏନ୍‌ସିଏଲ୍‌ଏଟି ରାୟକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା।
**୨୦୨୦ ଜାନୁୟାରୀ ୧୦:** ଏନ୍‌ସିଏଲ୍‌ଏଟି ରାୟ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିଥିଲେ।
**୨୦୨୦ ସେପ୍ଟେମ୍ବର ୨୨:** ସୁପ୍ରିମକୋର୍ଟ ସାଇରସ୍‌ଙ୍କ ଶପୁରଜୀ ପାଲ୍ଲୋନଜୀ ଗ୍ରୁପ୍‌କୁ ଟାଟା ସନ୍ସରେ ୧୮% ଶେୟାର ଉପରେ ଋଣ ନେବା ପାଇଁ ବାରଣ କରିଥିଲେ।
**୨୦୨୦ ଡିସେମ୍ବର ୮:** ସୁପ୍ରିମକୋର୍ଟରେ ଚୂଡ଼ାନ୍ତ ଶୁଣାଣି ଆରମ୍ଭ।
**୨୦୨୦ ଡିସେମ୍ବର ୧୭:** ସର୍ବୋଚ୍ଚ ଅଦାଲତ ଏହି ଦୀର୍ଘ ବିବାଦର ଶୁଣାଣି ଶେଷ କରି ରାୟ ସଂରକ୍ଷିତ ରଖିଥିଲେ।
**୨୦୨୧ ମାର୍ଚ୍ଚ ୨୬:** ସୁପ୍ରିମକୋର୍ଟ ଏନ୍‌ସିଏଲ୍‌ଏଟି ରାୟକୁ ରଦ୍ଦ କରିବା ସହ ଟାଟା ଗ୍ରୁପ୍ ପକ୍ଷରୁ କରାଯାଇଥିବା ଆବେଦନକୁ ଗ୍ରହଣ କରିଥିଲେ।





ଦରଦାମ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ପକ୍ଷରୁ ରବିବାର ନୂଆଦିଲ୍ଲୀର ରାମଲୀଳା ମଇଦାନରେ ଅନୁଷ୍ଠିତ 'ମହଙ୍ଗାଇ ପର୍ ହଲ୍ଲା ବୋଲ୍' ରାଲିରେ ରାହୁଲ ଗାନ୍ଧୀ ଓ ଅନ୍ୟ ନେତାମାନେ।

ସମାବେଶରେ ଯୋଗଦେଇଥିବା ବିଭିନ୍ନ ରାଜ୍ୟର କଂଗ୍ରେସ କର୍ମୀ।

# ମୋଦି ଭୟ ଓ ଘୃଣାର ପ୍ରସାର କରୁଛନ୍ତି: ରାହୁଲ

## ମହଙ୍ଗାଇ ପର୍ ହଲ୍ଲା ବୋଲ୍ ରାଲିରେ କେନ୍ଦ୍ର ଉପରେ ବର୍ଷିଲେ

ନୂଆଦିଲ୍ଲୀ,୪।୯(ପି.ଟି.)

ଦରଦାମ୍ ବୃଦ୍ଧି ପ୍ରତିବାଦରେ କଂଗ୍ରେସ ଦଳ ପକ୍ଷରୁ ରବିବାର ଦିଲ୍ଲୀର ରାମଲୀଳା ମଇଦାନରେ ଅନୁଷ୍ଠିତ 'ମହଙ୍ଗାଇ ପର୍ ହଲ୍ଲା ବୋଲ୍' ରାଲିରେ ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଜୋର୍‌ଦାର ବର୍ଷିଛନ୍ତି। ମୋଦି ଭୟ ଓ ଘୃଣାର ପ୍ରସାର କରି ଦେଶକୁ ଦୁର୍ବଳ କରିଦେଲେଣି। ଦେଶ ବିଭାଜନକାରୀ ଭାଜପା-ଆର୍‌ଏସ୍‌ଏସ୍ ନୀତିକୁ ମିଳିତ ବିରୋଧୀ ଦଳ ପରାଜିତ କରିବେ ବୋଲି କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ କହିଛନ୍ତି। ଭାଜପା ସରକାର କ୍ଷମତାକୁ ଆସିବା ଦିନଠାରୁ ଗଣମାଧ୍ୟମ, ନ୍ୟାୟପାଳିକା ଏବଂ ନିର୍ବାଚନ କମିଶନଙ୍କ ଉପରେ ଚାପ ପକାଯାଉଛି। ସରକାର ଉପରୋକ୍ତ ସଂସ୍ଥାଗୁଡ଼ିକୁ ଅଣଦେଖା କରୁଛନ୍ତି। ମୋଦି ସରକାରଙ୍କ ବିରୋଧରେ କଂଗ୍ରେସ ଲଢ଼େଇ ଜାରି ରଖିବ ବୋଲି ରାହୁଲ କହିଛନ୍ତି।

ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଦର ଆକାଶଛୁଆଁ ହୋଇଛି। ବେରୋଜଗାରୀ ଶୀର୍ଷ ଛୁଇଁଲାଣି। ମୋଦି ଭୟ ଓ ଘୃଣାର ପ୍ରସାର କରି ପଡୋଶୀ ଦେଶକୁ ଉପକୃତ କରାଇବା ସହ ଭାରତକୁ ଦୁର୍ବଳ କରାଉଛନ୍ତି। ଦୁଇଜଣ ବଡ଼ ଶିଳ୍ପପତିଙ୍କ ଫାଇଦା ପାଇଁ ସେ ୨୪ ଘଣ୍ଟା କାମ କରୁଛନ୍ତି। ସେମାନେ ଗଣମାଧ୍ୟମ ସମେତ ପ୍ରଧାନମନ୍ତ୍ରୀଙ୍କୁ ନିୟନ୍ତ୍ରଣ କରୁଛନ୍ତି। ଏହି ଦୁଇ ଶିଳ୍ପପତି ଏବଂ ଗଣମାଧ୍ୟମର ସହଯୋଗ ବିନା ମୋଦି କଦାପି ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ, ଏହା ନିଶ୍ଚିତ ବୋଲି ରାହୁଲ କହିଛନ୍ତି।

ରାହୁଲ ମହଙ୍ଗାଇ ଉପରେ କହିଥିଲେ, ଅଟା ଲିଟର ୨୨ ଟଙ୍କାରେ ମିଳୁଥିଲାବେଳେ ଏବେ ତାହା ବଢ଼ି ୪୦ ଟଙ୍କାରେ ପହଞ୍ଚିଲାଣି। ସଙ୍ଗେ ସଙ୍ଗେ ସେ ନିଜର ଭୁଲ୍ ଜାଣିପାରି ତାହାକୁ ସଂଶୋଧନ କରିନେଇଥିଲେ। ତେବେ ପାଟିରୁ ଖସିଯାଇଥିବା ଏହି ଭୁଲ୍‌କୁ ନେଇ ସେ ସୋସିଆଲ ମିଡିଆରେ ଟ୍ରୋଲ୍ ହୋଇଛନ୍ତି। ତାଙ୍କ ଭୁଲ୍ ଉକ୍ତିର ଭିଡିଓ କ୍ଲିପ୍ ସୋସିଆଲ ମିଡିଆରେ ଘୂରିବୁଲୁଛି।

# ଦିଲ୍ଲୀରେ ଶକ୍ତି ପ୍ରଦର୍ଶନ କଲେ ବିଜେଡି ନେତା



ଓଡ଼ିଶାବାସୀଙ୍କ ଉଦ୍ଦେଶ୍ୟରେ ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜୀବନବ୍ୟାପୀ ସାଧନା ସମ୍ମାନ ଉତ୍ସର୍ଗ କରୁଛନ୍ତି।

- ୬ରେ ଫେରିବେ ନବୀନ
- ଦିଲ୍ଲୀରେ ସମ୍ବର୍ଦ୍ଧିତ କଲେ ପ୍ରବାସୀ ଓଡ଼ିଆ, ଯୁବ ଓ ଛାତ୍ର ନେତା
- ବିମାନବନ୍ଦରରେ ସମ୍ବର୍ଦ୍ଧନା ସହ ନବୀନ ନିବାସ ଯାଏ ଶୋଭାଯାତ୍ରା

ଭୁବନେଶ୍ୱର,୪।୯(ବ୍ୟୁରୋ)

ନୂଆଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଶେଷ କରି ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବେ। ଓଡ଼ିଶାବାସୀଙ୍କ ସେବାରେ ୨୫ ବର୍ଷ ପୂରଣ ଓ ନୂଆଦିଲ୍ଲୀରେ ଜୀବନବ୍ୟାପୀ ସାଧନା ନିମନ୍ତେ କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ସମ୍ମାନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ବିଜେଡି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ବିମାନବନ୍ଦର ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଦଳର ଯୁବ, ଛାତ୍ର ଓ ମହିଳା ସଙ୍ଗଠନର ହଜାର ହଜାର କର୍ମୀଙ୍କ ସହିତ ଏମ୍‌ପି, ବିଧାୟକ, ମନ୍ତ୍ରୀଙ୍କ ସହ ଦଳୀୟ କର୍ମକର୍ତ୍ତାମାନେ ମଧ୍ୟ ଯୋଗଦେବେ। ସମ୍ବର୍ଦ୍ଧନା ପରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କୁ ନବୀନ ନିବାସ ପର୍ଯ୍ୟନ୍ତ ପାଛୋଟି ନିଆଯିବ। ନୂଆଦିଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ପ୍ରଦାନ ଉତ୍ସବରେ ଯୋଗ ଦେବା ପାଇଁ ଦଳର ବହୁ କର୍ମୀ, ବିଧାୟକ ଓ ମନ୍ତ୍ରୀ ଗସ୍ତ କରିଛନ୍ତି। ଦଳର ରଜତ ଜୟନ୍ତୀ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନ ଦଳୀୟ କର୍ମୀ ଓ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଛି। ଦଳ ମଧ୍ୟରେ ଏକ ଉତ୍ସବ ପରିବେଶ ସୃଷ୍ଟି ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ନିମନ୍ତେ ରାଜ୍ୟର କୋଣ ଅନୁକୋଣରୁ ବହୁ କର୍ମୀ ଆସିବା ନେଇ ସୂଚନା ମିଳିଛି। ଦିଲ୍ଲୀରେ ଦଳ ଏକ ପ୍ରକାର ଶକ୍ତି ପ୍ରଦର୍ଶନ କରିଛି। ପ୍ରବାସୀ ଓଡିଆଙ୍କ ସମେତ ଦଳର ଯୁବ ଓ ଛାତ୍ର ନେତାମାନେ ନବୀନ ପଟ୍ଟନାୟକଙ୍କୁ ତାଙ୍କ ଦିଲ୍ଲୀ ସ୍ଥିତ ଘରକୁ ପାଛୋଟି ନେଇଛନ୍ତି। ସେଠାରେ ଏକ ମଞ୍ଚ ଉପରେ ନବୀନ ଦଳୀୟ ନେତାଙ୍କ ସହ ଠିଆ ହୋଇ ସମସ୍ତଙ୍କ ସମ୍ମୁଖରେ ଓଡିଆଙ୍କୁ ପୁରସ୍କାର ଉତ୍ସର୍ଗିତ କୃତ କରିଛନ୍ତି।

# ରାଜନୀତିରେ ନୂଆ ଇନିଂସ ଆରମ୍ଭ କଲେ ଆଜାଦ

## ଦଳର ନାମ ସମ୍ପର୍କରେ ଲୋକେ ନିଷ୍ପତ୍ତି ନେବେ



ଜମ୍ମୁରେ ଅନୁଷ୍ଠିତ ରାଲିରେ ଗୁଲାମ ନବୀ ଆଜାଦ ରବିବାର ଉଦ୍‌ବୋଧନ ଦେଉଛନ୍ତି।

ନୂଆଦିଲ୍ଲୀ,୪।୯

କଂଗ୍ରେସ ସହ ୫ ଦଶନ୍ଧିର ସମ୍ପର୍କ ଛିନ୍ନ କରିବା ପରେ ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ ରବିବାର ରାଜନୀତିରେ ନୂଆ ଇନିଂସ ଆରମ୍ଭ କରିଛନ୍ତି। ଜମ୍ମୁ-କଶ୍ମୀରର ରାଜ୍ୟ ମାନ୍ୟତା ବଜାୟ ରଖିବା, ରାଜ୍ୟର ସୁରକ୍ଷା, ରାଜ୍ୟବାସୀଙ୍କ ନିଯୁକ୍ତି ଅଧିକାର ଏବଂ କଶ୍ମୀରୀ ପଣ୍ଡିତମାନଙ୍କ ପ୍ରତ୍ୟାବର୍ତ୍ତନ ଓ ପୁନର୍ବାସନ ତାଙ୍କ ନୂଆ ଦଳର ମୁଖ୍ୟ ଏଜେଣ୍ଡା ହେବ ବୋଲି ଆଜାଦ କହିଛନ୍ତି। ଜମ୍ମୁରେ ଏକ ରାଲିକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ନୂଆ ଦଳର ନାମ ଏବଂ ପତାକା ସମ୍ପର୍କରେ ଜନସାଧାରଣ ନିଷ୍ପତ୍ତି ନେବେ। ଜମ୍ମୁର ସୈନିକ ଗ୍ରାଉଣ୍ଡରେ ସମର୍ଥକମାନଙ୍କୁ ଉଦ୍‌ବୋଧନ ଦେଇ ୭୩ ବର୍ଷୀୟ ଆଜାଦ କହିଥିଲେ, ସେ ଜମ୍ମୁ-କଶ୍ମୀର ଜନସାଧାରଣଙ୍କ ସହ ରହିଆସିଛନ୍ତି।

ସେ କଂଗ୍ରେସରୁ ଇସ୍ତଫା ଦେବା ପରେ ନୂଆ ଦଳ ଗଢ଼ିବେ ବୋଲି ଗତ ସପ୍ତାହରେ ଘୋଷଣା କରିଥିଲେ। ନୂଆଦିଲ୍ଲୀରୁ ଯାଇ ଜମ୍ମୁରେ ପହଞ୍ଚିବା ପରେ ଆଜାଦଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରା ଚାନ୍ଦ ଏବଂ କଂଗ୍ରେସରୁ ଇସ୍ତଫା ଦେଇଥିବା ବହୁ ପୂର୍ବତନ ମନ୍ତ୍ରୀ ଓ ବିଧାୟକ ରାଲିରେ ଯୋଗଦେଇଥିଲେ। ଏହା ବ୍ୟତୀତ ପିଡିପି ନେତା ସୟେଦ ବଶିର, ଅପ୍‌ନି ଦଳର ପୂର୍ବତନ ବିଧାୟକ ସୋଏବ ନବି ଲୋନ୍ ମଧ୍ୟ ମଞ୍ଚରେ ଆଜାଦଙ୍କ ସହ ଉପସ୍ଥିତ ଥିଲେ। ଦଳର ନାମ ମୌଲାନାଙ୍କ ଉର୍ଦ୍ଦୁ କିମ୍ବା ପଣ୍ଡିତ ଜବାହରଲାଲ ନେହେରୁଙ୍କ ସଂସ୍କୃତ ଭଳି କ୍ଲିଷ୍ଟ ନ ହୋଇ, ସାଧାରଣ ଲୋକ କହିପାରିବା ଭଳି ସହଜ ହେବ। ଜମ୍ମୁ-କଶ୍ମୀରର ବିକାଶ ଓ ସମୃଦ୍ଧିକୁ ନୂଆ ଉଚ୍ଚତାକୁ ନେଇଯିବା ତାଙ୍କ ଦଳର ଲକ୍ଷ୍ୟ ହେବ ବୋଲି ଆଜାଦ କହିଛନ୍ତି। ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ମିଳିବା ସହ ଏଠାରୁ ଯେପରି କୌଣସି ବାହାର ଲୋକ ଜମି ନ କିଣନ୍ତି, ତାହାର ବ୍ୟବସ୍ଥା କରାଯିବ। ସେହିପରି ରାଜ୍ୟରେ ବାହାର ଲୋକଙ୍କୁ ନିଯୁକ୍ତି ଦିଆଯିବ ନାହିଁ ବୋଲି ପୂର୍ବତନ କଂଗ୍ରେସ ନେତା କହିଛନ୍ତି।

# ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ୭, ୮ରେ ଭାଜପାର ସାଧାରଣ ସଭା

ଭୁବନେଶ୍ୱର,୪।୯(ବ୍ୟୁରୋ)

୨୩ ବର୍ଷର ନିରଙ୍କୁଶ ଶାସନରେ ମଧ୍ୟ ଓଡ଼ିଶାର ମହିଳାମାନେ ନ୍ୟାୟ ପାଇବା ସ୍ୱପ୍ନ ପାଳଟିଛି। ଏନ୍‌ସିଆର୍‌ବି ରିପୋର୍ଟ-୨୦୨୧ରେ ଏହା ସ୍ପଷ୍ଟ ଉଲ୍ଲେଖ ରହିଛି। ରାଜ୍ୟରେ ମହିଳା ବିରୋଧୀ ହିଂସା, ମହିଳା ଅପହରଣ, ମହିଳା ଅସଦାଚରଣ, ବଳାତ୍କାର, ନାବାଳିକା ଯୌନ ନିର୍ଯାତନା, ମହିଳା ଉତ୍ପୀଡନ ପୂର୍ବ ବର୍ଷ ଅପେକ୍ଷା ବୃଦ୍ଧି ପାଇବା ଅତ୍ୟନ୍ତ ଚିନ୍ତା ଓ ଲଜ୍ଜାଜନକ ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ରବିବାର କହିଛନ୍ତି। ସେହିପରି ସଭାନେତ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୭ ଓ ୮ ତାରିଖ ଦିନ ମହିଳା ଯାତ୍ରା ଏବଂ ସାଧାରଣ ସଭା କରାଯିବ। ପରବର୍ତ୍ତୀ ପର୍ଯ୍ୟାୟରେ ମଣ୍ଡଳସ୍ତରରେ ଦସ୍ତଖତ ଅଭିଯାନ କରିବାର ନିଷ୍ପତ୍ତି ହୋଇଥିବା ସ୍ମୃତି କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସ୍ମୃତି କହିଛନ୍ତି, ନାରୀ ସଶକ୍ତୀକରଣର କଥା କହି ମିଛ ବାହୁସ୍ଫୋଟ ମାରୁଥିବା ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷା ଦେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏନେଇ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଆଗାମୀ ଦିନରେ ଏହା ବିରୋଧରେ ଆନ୍ଦୋଳନ ପର୍ଯ୍ୟାୟକ୍ରମେ କରାଯିବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ଓ ପକ୍ଷପାତିତା କାରଣରୁ ଲୋକେ ଆଇନ ବ୍ୟବସ୍ଥା ଉପରୁ ଆସ୍ଥା ହରାଇଲେଣି। ଓଡ଼ିଶାରେ ମହିଳା ଅସୁରକ୍ଷିତ ଥିବାରୁ ଭାଜପା ଦୁଇଦିନ ଧରି ସଭା କରି ଏନସିଆରବି ରିପୋର୍ଟ ତର୍ଜମା କବାର ନିଷ୍ପତ୍ତି ନେଇଛି।

# ଆଜି ଆସୁଛନ୍ତି ଭାଜପା ପ୍ରଭାରୀ ବଂଶଲ

- ଦଳର ସବୁ ନେତାଙ୍କ ସହ କରିବେ ଆଲୋଚନା
- ବିମାନବନ୍ଦରରୁ ପାଛୋଟି ନେବାକୁ ଆୟୋଜନ

ଭୁବନେଶ୍ୱର,୪।୯(ବ୍ୟୁରୋ)



ସୁନୀଲ ବଂଶଲ

ଓଡ଼ିଶାର ନବନିଯୁକ୍ତ ଭାଜପା ପ୍ରଭାରୀ ସୁନୀଲ ବଂଶଲ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ଥର ଲାଗି ସୋମବାର ରାଜ୍ୟ ଗସ୍ତରେ ଆସୁଛନ୍ତି। ଦିନ ଗୋଟାଏରେ ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ଏଥିଲାଗି ସମସ୍ତ ଭାଜପା ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଭାଜପା ନେତା ଓ କର୍ମୀମାନେ ବଂଶଲଙ୍କୁ ବିମାନବନ୍ଦରରେ ସ୍ୱାଗତ କରିବା ପରେ ଦଳୀୟ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନେବେ। ସେଠାରେ ୨୦୨୪ ସାଧାରଣ ନିର୍ବାଚନ ଲାଗି ପ୍ରଥମ ରଣନୀତି ବଂଶଲ ପ୍ରସ୍ତୁତ କରିବେ। ଆସନ୍ତା ସାଧାରଣ ନିର୍ବାଚନରେ ଦଳକୁ ବିଜୟୀ କରିବା ତାଙ୍କର ପ୍ରଥମ ଲକ୍ଷ୍ୟ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଦଳର ପଦାଧିକାରୀ, ବରିଷ୍ଠ ନେତା ଏବଂ ରାଜ୍ୟ ସଭାପତିଙ୍କଠାରୁ ଆରମ୍ଭକରି ଅନ୍ୟମାନେ ବଂଶଲଙ୍କ ସହ ପରିଚିତ ହୋଇ ରାଜ୍ୟରେ ଦଳ ଉଧେଇ ନ ପାରିବାର ପ୍ରକୃତ ସମସ୍ୟା କ'ଣ ସେ ସମ୍ପର୍କରେ ନିଜ ମତ ପ୍ରଦାନ କରିବେ। ଏହା ପରଦିନ ବିଧାୟକ, ଏମ୍‌ପି ଓ ଦଳର ବିଭିନ୍ନ ପଦାଧିକାରୀଙ୍କ ସହ ପୃଥକ୍ ପୃଥକ୍ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାଛଡା ସେ ଜିଲା ଦାୟିତ୍ୱରେ ଥିବା ଦଳର ସଭାପତି, ସମ୍ପାଦକ ଓ ବରିଷ୍ଠ ନେତାମାନଙ୍କୁ ଭେଟିବେ। ଏହି ଅବସରରେ ସେ ସେମାନଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିବେ। ଏନେଇ ଦଳର ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ ଯେ, ବଂଶଲ ଗୁରୁତ୍ୱପୂର୍ଣ୍ଣ ରଣନୀତି ପାଇଁ ଭାଜପା ୨୦୧୪ ଉତ୍ତରପ୍ରଦେଶ ନିର୍ବାଚନରେ ବିଜୟୀ ହୋଇଥିବା କୁହାଯାଏ। ଏହାପରଠାରୁ ଭାଜପାର କେନ୍ଦ୍ର ରାଜନୀତିରେ ସକ୍ରିୟ ଭୂମିକା ନେଉଥିବା ଚର୍ଚ୍ଚା ହେଉଛି। ତାଙ୍କୁ ଭାଜପା ଓଡ଼ିଶା ସମେତ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନା ଭଳି ଅଣଭାଜପା ଶାସିତ ରାଜ୍ୟଗୁଡିକର ଦାୟିତ୍ୱ ଦେବା କଥାକୁ ନେଇ ବହୁ ଚର୍ଚ୍ଚା ଲାଗି ରହିଛି। ତେଣୁ ସେ ଦାୟିତ୍ୱ ଗ୍ରହଣ କରିବା ପରେ ଭାଜପା କେନ୍ଦ୍ରୀୟ ନେତାଙ୍କ ଓଡ଼ିଶା ପ୍ରତି ରହିଥିବା ଆଭିମୁଖ୍ୟ କଥା ସ୍ପଷ୍ଟ ହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି।

## ରାଜ୍ୟ ଖବର

# ୬ରୁ ବର୍ଷିବ, ତାତିରୁ ଆଶ୍ୱସ୍ତି ମିଳିବ

- ୩୫ ଡିଗ୍ରୀ ଉପରେ ୧୧ ସହର
- ବାତ୍ୟା ଆଶଙ୍କା ନାହିଁ, ଆଉ ଦୁଇଦିନ ଗୁଳୁଗୁଳି

ଭୁବନେଶ୍ୱର, ୪।୯(ବ୍ୟୁରୋ)

ରାଜ୍ୟରେ ପ୍ରବଳ ଗରମ ଅନୁଭୂତ ହେଉଛି। ପ୍ରଚଣ୍ଡ ରୌଦ୍ରତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଅଧିକାଂଶ ସହରରେ ତାପମାତ୍ରା ୩୫ ଡିଗ୍ରୀ ଉପରେ ରହୁଛି। ରବିବାର ୧୧ ସହରର ତାପମାତ୍ରା ୩୫ ଡିଗ୍ରୀ ଉପରେ ଥିବାବେଳେ ଚାନ୍ଦବାଲିରେ ସର୍ବାଧିକ ୩୭.୨ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ୬ ତାରିଖରୁ ପ୍ରବଳ ବର୍ଷା ହେବ ଓ ତାତିରୁ ଆଶ୍ୱସ୍ତି ମିଳିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

କେନ୍ଦ୍ରର ସୂଚନାନୁସାରେ, ଦୁଇ ସପ୍ତାହରେ ଦୁଇଟି ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ଆଶଙ୍କା ରହିଛି। ଏହା ପ୍ରଭାବରେ ରବିବାରଠାରୁ କିଛି ସ୍ଥାନରେ ବର୍ଷା ଆରମ୍ଭ ହୋଇଛି। ପାରଳାଖେମୁଣ୍ଡିରେ ସର୍ବାଧିକ ୫୬.୮ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଟିଟିଲାଗଡ଼ରେ ୨୧, ହୀରାକୁଦରେ ୧୬.୮ ମିମି ବର୍ଷା ହୋଇଛି। ଏହାଛଡ଼ା ଭବାନିପାଟଣା, ବଲାଙ୍ଗୀର, ଦାରିଙ୍ଗବାଡ଼ି, ନୟାଗଡ଼, ଯାଜପୁର ଓ ଢେଙ୍କାନାଳରେ ମଧ୍ୟ ବର୍ଷା ହୋଇଛି। ସୋମବାର ଗଞ୍ଜାମ, ଗଜପତି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ, ମାଲକାନଗିରି, କୋରାପୁଟ ଓ ରାୟଗଡ଼ାର କିଛି ସ୍ଥାନରେ ପ୍ରବଳ ବର୍ଷା ହେବ। ସେହିଭଳି ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ଗଜପତି ଓ ଗଞ୍ଜାମରେ ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। ବୁଧବାର ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଏବଂ ଗୁରୁବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ସେପଟେ ବାତ୍ୟାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏନେଇ ସ୍ପଷ୍ଟ କରିଛି ପାଣିପାଗ ବିଭାଗ। ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାଶ କହିଛନ୍ତି, ବାତ୍ୟା ନେଇ କୌଣସି ସୂଚନା ନାହିଁ। ଏ ସମ୍ପର୍କରେ ଭାରତୀୟ ପାଣିପାଗ ବିଭାଗ କୌଣସି ସୂଚନା ଜାରି କରିନାହିଁ। ତେବେ ୮ ତାରିଖ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ତେବେ ମୌସୁମୀ ସକ୍ରିୟ ଥିବାବେଳେ ବାତ୍ୟା କେବେ ଆସେ ନାହିଁ। ମୌସୁମୀର ନିମ୍ନଚାପ ରେଖା ଉତ୍ତରରେ ରହୁଛି। ଫଳରେ ପାରଦ ୩ରୁ ୪ ଡିଗ୍ରୀ ଅଧିକ ରହୁଛି। ଫଳରେ ଏବେ ଗୁଳୁଗୁଳି ଲାଗି ରହିଛି। ଏଭଳି ସ୍ଥିତି ଆହୁରି ୨ଦିନ ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସୋମବାରଠାରୁ ବର୍ଷା ହେବା ସହ ୬ ତାରିଖରୁ ବର୍ଷାର ପରିମାଣ ବଢ଼ିବ। ପ୍ରଥମ ସପ୍ତାହ ଶେଷ ବେଳକୁ ଗୋଟିଏ ଘୂର୍ଣ୍ଣିବଳୟ ଏବଂ ୯ରୁ ୧୫ ତାରିଖ ମଧ୍ୟରେ ଆଉଏକ ଘୂର୍ଣ୍ଣିବଳୟ ଆସିବ। ଫଳରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ସେ ସୂଚନା ଦେଇଛନ୍ତି।


यूनियन बैंक ऑफ इंडिया Union Bank of India
ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank

**ବିକ୍ରୟ ନୋଟିସ**
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର / ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| **ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲିଃ** ଠିକଣା- ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଟାୱାର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (see plot table below) (ପ୍ଲାଣ୍ଟ ଓ ମେଶିନାରୀ ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୫୦,୦୦୦/- | ୨୧।୦୯।୨୦୨୨ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ଜଣାନାହିଁ |
| | ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜଙ୍କ ନାମରେ ୧୨୫୦ ବର୍ଗଫୁଟ ପରିମାପର ଫ୍ଲାଟ୍ ନଂ. ଏଫ୍-୧୦୨, ପ୍ରଥମ ମହଲା, ଟାୱାର ନଂ. ଏଫ୍ "ଗ୍ରାଣ୍ଡ ସାଭାନା" ରାଜ ନଗର ଏକ୍ସଟେନ୍ସନ୍, ଏନ୍‌ଏଚ୍-୫୮, ଗ୍ରାମ- ନୁର ନଗର, ପରଗଣା ଲୋନୀ, ତହସିଲ ଓ ଜିଲ୍ଲା - ଗାଜିଆବାଦ, ୟୁପି। ଚଉହଦୀ: ପୂର୍ବ - ଫ୍ଲାଟ୍‌ର ପ୍ରବେଶ ପଥ/ସାଧାରଣ କରିଡର୍, ପଶ୍ଚିମ- ଅନ୍ୟ ଫ୍ଲାଟ୍, ଉତ୍ତର - ଖୋଲା ଜାଗା/ରାସ୍ତା ଆଗକୁ ପାର୍କ, ଦକ୍ଷିଣ- ଫ୍ଲାଟ୍ ନଂ. ଏଫ୍-୧୦୧ | ସାଙ୍କେତିକ ଦଖଲ | | ଟ.୩୬.୦୦ ଲକ୍ଷ / ଟ.୩.୬୦ ଲକ୍ଷ / ଟ.୫୦,୦୦୦/- | | |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | ମୋଟ | ଏ.୨.୮୪୭ଡେସି. |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗ ଫୁଟ |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
- ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspx ରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦
ତାରିଖ: ୦୩।୦୯।୨୦୨୨, ସ୍ଥାନ: ନୂଆଦିଲ୍ଲୀ — ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ନୂଆ କେଏଫ୍‌ସି ପେରିଫେରି ଚିକେନ-କ୍ରିସ୍ପିର ଶୁଭାରମ୍ଭ**

**ନୂଆଦିଲ୍ଲୀ:** ଜୁସି କେଏଫ୍‌ସି ଚିକେନ୍ ସହ ସ୍ୱାଦଯୁକ୍ତ ପେରିପେରି ସ୍ପ୍ରିଙ୍କଲ୍‌ରେ ଟପ୍ ହୋଇଥିବା ନୂଆ କେଏଫ୍‌ସି ପେରିପେରି ଚିକେନ-କ୍ରିସ୍ପିର ଶୁଭାରମ୍ଭ କରାଯାଇଛି। ଏହି ଫ୍ଲେଭର୍ ଫୁଲ ଟ୍ୱିଷ୍ଟ ହଟ୍ ଆଣ୍ଡ ସ୍ପାଇସି ଚିକେନ୍ ଓ ଚିକେନ୍ ଷ୍ଟ୍ରିପ୍‌ର ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଏଥିରେ ରାଗର ଠିକ୍ ସ୍ୱାଦକୁ ବଜାୟ ରଖାଯାଇଛି। କେଏଫ୍‌ସିର ଏହି ନୂଆ ଉତ୍ପାଦକୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ୍ ଶୁଭାରମ୍ଭ କରିଛନ୍ତି। ଏହାର କ୍ୟାମ୍ପେନ୍ ଫିଲ୍ମରେ କୋଲୋନେଲ୍ ସ୍ୟାଣ୍ଡର୍ସଙ୍କ ସହ ନୃତ୍ୟ ମଧ କରିଛନ୍ତି। କେଏଫ୍‌ସିର ଏହି ସୀମିତ ସମୟର ଉତ୍ପାଦ ଦେଶବ୍ୟାପୀ ଏହାର ସମସ୍ତ ରେଷ୍ଟୁରାଣ୍ଟରେ ଉପଲବ୍ଧ ରହିଛି ଏବଂ କେଏଫ୍‌ସି ଆପ୍ ଓ ୱେବ୍‌ସାଇଟ୍ ମାଧମରେ ମଧ ଡେଲିଭରି ହେଉଛି।

# ୩୫% ହ୍ରାସ ପାଇଛି ଚାଇନାକୁ ଭାରତର ରପ୍ତାନି

ନୂଆଦିଲ୍ଲୀ,୪।୯



ଗତ କିଛିମାସ ହେବ ଚାଇନାର ଅର୍ଥନୈତିକ କାର୍ଯ୍ୟକଳାପରେ ମନ୍ଥରତା ଦେଖାଦେଇଛି। ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଭାରତର ଉତ୍ତର ପଡ଼ୋଶୀ ଦେଶକୁ ରପ୍ତାନି ପ୍ରାୟ ୩୫% ହ୍ରାସ ପାଇ ୬.୮ ବିଲିୟନ ଡଲାରରେ ପହଞ୍ଚିଛି। ଏହି ସମୟ ମଧ୍ୟରେ ଚାଇନା ଭାରତର ୪ର୍ଥ ବୃହତ୍ତମ ରପ୍ତାନି ସ୍ଥଳ ପାଲଟିଥିଲା ଏବଂ ଏକ ବର୍ଷ ପୂର୍ବେ ସମାନ ଅବଧିରେ ଦ୍ୱିତୀୟ ସ୍ଥାନରୁ ଏହା ଖସି ଆସିଥିଲା। ଏପରି କି ଶୂନ-କୋଭିଡ୍ ନୀତିର ବ୍ୟବହାର ଉପରେ ଡ୍ରାଗ୍ ସମ୍ପତ୍ତି କ୍ଷେତ୍ରର ଦୀର୍ଘଦିନର ପ୍ରଭାବ ଏବଂ ରପ୍ତାନି ଚାହିଦା ହ୍ରାସ ସହ ଚାଇନାର ଅର୍ଥନୀତିରେ ଏକାଧିକ ଧକ୍କା ଲାଗିଛି, ଯାହା ଅର୍ଥନୈତିକ କାର୍ଯ୍ୟକଳାପକୁ ମନ୍ଥର କରିଦେଇଛି। ବିଶେଷକରି ଅଶୋଧିତ ତୈଳମୂଲ୍ୟ ବୃଦ୍ଧି ସହ ନାପଟା ଭଳି ପେଟ୍ରୋଲିୟମ ଉତ୍ପାଦ ରପ୍ତାନି ଏପ୍ରିଲରୁ ଜୁଲାଇ ମଧ୍ୟରେ ୮୧% ବୃଦ୍ଧି ହୋଇ ୧.୨ ବିଲିୟନ ଡଲାରରେ ପହଞ୍ଚିଛି। ସେହିପରି ଜୈବିକ ରାସାୟନିକ ପଦାର୍ଥ ୩୮.୩%, ଲୁହାପଥର ୭୮.୫% ଏବଂ ଆଲୁମିନିୟମ ଉତ୍ପାଦ ୮୪.୨% ହ୍ରାସ ଘଟିଥିବା ବାଣିଜ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟରେ ଦର୍ଶାଇଛି। ତେବେ ଚାଇନା ଏହି ସମୟ ମଧ୍ୟରେ ଅଣବାସମତି ଚାଉଳ ୧୪୧.୧% ଏବଂ ସାମୁଦ୍ରିକ ଦ୍ରବ୍ୟ ୧୮.୭% ଆମଦାନୀ ବୃଦ୍ଧି କରିଛି। ଚାଇନାରେ ଇସ୍ପାତ ଉତ୍ପାଦନରେ ହ୍ରାସ ଯୋଗୁ ଭାରତରୁ ଲୁହାପଥର ରପ୍ତାନିରେ ତୀବ୍ର ହ୍ରାସ ଘଟିଛି। ଅପରପକ୍ଷେ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଚାଇନାରୁ ଆମଦାନୀ ୨୮% ବୃଦ୍ଧି ପାଇଥିଲା, ଯେଉଁ ସମୟରେ ଭାରତର ସାମଗ୍ରିକ ଆମଦାନୀ ୪୫.୬% ଥିଲା। ଫଳରେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୫ ମାସରେ ୩୭.୧ ବିଲିୟନ ଡଲାରର ବାଣିଜ୍ୟ ନିଅଣ୍ଟ ଦେଖାଦେଇଥିଲା ବେଳେ ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇବାରେ ଲାଗିଛି। ସେହିପରି ଉଭୟ ଦେଶର ବଜାର ପ୍ରବେଶ ସମସ୍ୟାର ସମାଧାନ ପାଇଁ ଆମେ ଚାଇନା ସହ ଯୋଗାଯୋଗରେ ରହିଛୁ ବୋଲି ଚାଇନାରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି।

## ମେଟା ପକ୍ଷରୁ ନୋ-କଷ୍ଟ ଇଏମ୍‌ଆଇର ଶୁଭାରମ୍ଭ

ନୂଆଦିଲ୍ଲୀ,୪।୯

ବିଶ୍ୱର ପ୍ରମୁଖ ସୋସିଆଲ ମିଡିଆ ସାଇଟ୍ ମେଟାର 'ଗ୍ରୋ ୟୋର୍ ବିଜ୍‌ନେସ୍' ସମ୍ମିଳନୀର ୨ୟ ସଂସ୍କରଣ ନିକଟରେ ଆୟୋଜିତ ହୋଇଯାଇଛି। ବିଶେଷ କରି ୱର୍କିଙ୍ଗ କ୍ୟାପିଟାଲ ବା ପୁଞ୍ଜିର ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ମେଟା ପକ୍ଷରୁ ଭାରତରେ କ୍ଷୁଦ୍ର ବ୍ୟବସାୟଗୁଡ଼ିକ ପାଇଁ ନଗଦ ପ୍ରବାହକୁ ସହଜ କରିବା ଲାଗି ଏକ ନୂଆ ଫାଇନାନ୍ସିଆଲ ସପୋର୍ଟ-ନୋ କଷ୍ଟ ଇଏମ୍‌ଆଇ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତ ହେଉଛି ପ୍ରଥମ ଦେଶ, ଯେଉଁଠାରେ ନୋ କଷ୍ଟ ଇଏମ୍‌ଆଇକୁ ମେଟା ପକ୍ଷରୁ ଶୁଭାରମ୍ଭ କରାଯାଇଛି ବୋଲି ମେଟାର ଭିପି ଓ ଏମ୍‌ଡି (ଫେସ୍‌ବୁକ୍ ଇଣ୍ଡିଆ) ଅଜିତ୍ ମୋହନ ମତବ୍ୟକ୍ତ କରିଛନ୍ତି।

## ଟିପିସିଓଡିଏଲ୍ ପକ୍ଷରୁ ଦକ୍ଷତା ବିକାଶ କେନ୍ଦ୍ର ସ୍ଥାପନ



ଭୁବନେଶ୍ୱର,୪।୯

ଟିପି ସେଣ୍ଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଟିପିସିଓଡିଏଲ୍-ଦକ୍ଷତା ବିକାଶ କେନ୍ଦ୍ର (ଏସ୍‌ଡିସି)ର ସ୍ଥାପନ କରାଯାଇଛି। ଏପରିକି ସ୍ଥାନୀୟ ଗଜପତିନଗର ନିକଟସ୍ଥ ସୈନିକ ସ୍କୁଲଠାରେ ଏହାର ପ୍ରଥମ ତାଲିମ କେନ୍ଦ୍ରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅବସରରେ ଟାଟା ପାୱାରର ଏମ୍‌ଡି ଓ ସିଇଓ ଡ. ପ୍ରବୀର ସିହ୍ନା ଏବଂ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଭୟ ଟାଟା ପାୱାର ଓ ଟିପିସିଓଡିଏଲର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ କମ୍ପାନୀର ପ୍ରଶିକ୍ଷାର୍ଥୀମାନେ ଉପସ୍ଥିତିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରବୀର ସିହ୍ନା କହିଥିଲେ, ଆମ ସଂସ୍ଥାର ସଂସ୍କୃତି ହେଉଛି ପ୍ରଯୁକ୍ତି ଜରିଆରେ ଆଗକୁ ବଢ଼ିବା ଏବଂ ଉକ୍ତ ସଂସ୍କୃତି ପାଇଁ କର୍ମଚାରୀଙ୍କ ଦକ୍ଷତାରେ ଉନ୍ନତି ଅପରିହାର୍ଯ୍ୟ ହୋଇପଡ଼ିଛି। ସେହିଭଳି ଏକ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ଓ ଉତ୍ତମ ଗ୍ରାହକ ସେବାକୁ ନିଶ୍ଚିତ କରିବା ଲାଗି ଆମର ଦକ୍ଷତାଗୁଡ଼ିକରେ ନିୟମିତ ବ୍ୟବଧାନରେ ଉନ୍ନତି ଆଣିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତି ଭୂମିକାରେ ଉଚ୍ଚ ଦକ୍ଷତା ହାସଲ କରିବା ଲାଗି ଆମ କର୍ମଚାରୀମାନଙ୍କ ଦକ୍ଷତାରେ ଉନ୍ନତି ଆଣିବା ପାଇଁ ଆମେ ପ୍ରତିବଦ୍ଧ ରହିଛୁ ବୋଲି ସେନବାଗମ୍ କହିଛନ୍ତି।

## ଫିମି ପକ୍ଷରୁ ଟାଟା ଷ୍ଟିଲ ମାଇନିଂ ସମ୍ମାନିତ

ଭୁବନେଶ୍ୱର,୪।୯

ଫେଡରେଶନ୍ ଅଫ୍ ଇଣ୍ଡିଆନ୍ ମାଇନିଂ ଇଣ୍ଡଷ୍ଟ୍ରିଜ (ଫିମି) ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ ମାଇନିଂର ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଅଭିରାଜ ବାଲଡୋଟା ପରିବେଶ ପୁରସ୍କାରରେ ସମ୍ମାନିତ କରାଯାଇଛି। ବିଶେଷକରି ପରିବେଶ ଓ ପ୍ରାକୃତିକ ସଂସାଧନର ସଂରକ୍ଷଣ ମାଧ୍ୟମରେ ଦୀର୍ଘସ୍ଥାୟୀ ବିକାଶର ଜାତୀୟ ଲକ୍ଷ୍ୟରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁକିନ୍ଦା କ୍ରୋମାଇଟ୍ ଖଣିକୁ ଅଭିରାଜ ବାଲଡୋଟା ପରିବେଶ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲର କର୍ପୋରେଟ୍ ଆଫେୟାର୍ସ ବିଭାଗୀୟ ମୁଖ୍ୟ ମନୀଷ ମିଶ୍ର ଓ ରେଗୁଲେଟୋରି ଆଫେୟାର୍ସ ବିଭାଗୀୟ ମୁଖ୍ୟ ଅଙ୍କନ ମିତ୍ର ଉପରୋକ୍ତ ପୁରସ୍କାର ଗ୍ରହଣ କରିଥିଲେ।

ଏ ସମ୍ପର୍କରେ ଟାଟା ଷ୍ଟିଲ ମାଇନିଂର ପରିଚାଳନା ନିର୍ଦ୍ଦେଶକ ପଙ୍କଜ ସତିଜା କହିଛନ୍ତି, ଟାଟା ଷ୍ଟିଲ ମାଇନିଂରେ ଆମେ ଶକ୍ତି ସଞ୍ଚୟ, ଜଳ ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା, ସାଂସ୍କୃତିକ ପରମ୍ପରା ଏବଂ ଦୀର୍ଘସ୍ଥାୟିତ୍ୱର ଅନ୍ୟ ଦିଗରେ ଉନ୍ନତି ଆଣିବା ପାଇଁ କାର୍ଯ୍ୟ କରିଥାଉ। ଆମର କର୍ମଚାରୀମାନେ ଏହି ପ୍ରକ୍ରିୟାର ମୁଖ୍ୟ ଧାରାରେ ଥିବାବେଳେ ଆମ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନେ ଏହି ଲକ୍ଷ୍ୟ ହାସଲ ପାଇଁ ଆମକୁ ସହାୟତା କରିଥାନ୍ତି।




## ରେନୋ ଇଣ୍ଡିଆର ଲିମିଟେଡ୍ ଏଡିଶନର ଶୁଭାରମ୍ଭ




ନୂଆଦିଲ୍ଲୀ,୪।୯

ଭାରତର ଏକ ନମ୍ବର ୟୁରୋପିଆନ୍ ବ୍ରାଣ୍ଡ 'ରେନୋ ଇଣ୍ଡିଆ' ପକ୍ଷରୁ ଚଳିତ ପାର୍ବଣ ଉପଲକ୍ଷେ ରେନୋର ଲିମିଟେଡ୍ ଏଡିଶନର ଶୁଭାରମ୍ଭ କରାଯାଇଛି। ଏହାର ସମଗ୍ର ରେଞ୍ଜ ତଥା ଉତ୍ପାଦ ପୋର୍ଟଫୋଲିଓ ଉପରେ ପାର୍ବଣ ଲିମିଟେଡ୍ ଏଡିଶନ(ଏଲଇ)ରେ ମଧ ଅଫର ପ୍ରଦାନ କରାଯାଉଛି। ଯେଉଁଥିରେ କାଇଗର, ଟ୍ରାଇବର ଓ କ୍ୱିଡ୍ ଭଳି ଯାନ ଅନ୍ତର୍ଭୁକ୍ତ ରହିଛି। ବିଶେଷ କରି ନୂତନତା ଉପରେ ଧାନ ପ୍ରଦାନ କରିବା ସହ ଏହି ଲିମିଟେଡ୍ ଏଡିଶନକୁ ଗ୍ରାହକମାନଙ୍କର ପରିବର୍ତ୍ତିତ ଚାହିଦାକୁ ଧାନରେ ରଖି ପ୍ରସ୍ତୁତ କରାଯାଇଛି। ଏହି ପାର୍ବଣ ଲିମିଟେଡ୍ ଏଡିଶନ ରେଞ୍ଜଗୁଡ଼ିକ ରେନୋ କାଇଗର ଓ ଟ୍ରାଇବରର ସମସ୍ତ ଆରଏକ୍ସଜେଡ୍ ଭାରିଆଣ୍ଟରେ ଉପଲବ୍ଧ ହେବ ଓ ରେନୋ କ୍ୱିଡର କ୍ଲାଇମ୍ବର ଭାରିଆଣ୍ଟରେ ଉପଲବ୍ଧ ହେବ, ଯେଉଁଥିରେ ରହିଛି ଧଳା କଲର ଓ ମାଷ୍ଟେରି ବ୍ଲାକ ରୁଫରେ ଡୁଆଲ୍ ଟୋନ୍ କମ୍ବିନେଶନ ଓ ଏହା ସମସ୍ତ ଟ୍ରାନ୍ସମିସନରେ ମଧ ଉପଲବ୍ଧ ରହିଛି। ଉପରୋକ୍ତ କାରର ଆକର୍ଷଣୀୟତାକୁ ବୃଦ୍ଧି କରିବା ସହ ଏହି ଲିମିଟେଡ୍ ଏଡିଶନ ରେଞ୍ଜ ଏକ ଉତ୍କୃଷ୍ଟ ବାହ୍ୟ କଲର ପ୍ରଦାନ କରେ, ଯେଉଁଥିରେ ରହିଛି ଫ୍ରଣ୍ଟ ଗ୍ରିଲ୍ ସହ ଚାରି ପାଖରେ ସ୍ପୋର୍ଟି ରେଡ୍ ଆକ୍‌ସେଣ୍ଟସ, ଡିଆରଏଲ୍-ହେଡ ଲ୍ୟାମ୍ପ ଓ ସାଇଡ୍ ଡୋର ଡେକାଲ୍‌ସ ଇତ୍ୟାଦି। ଏପରିକି ରେନୋର ଟପ୍ ୫ଟି ଗ୍ଲୋବାଲ୍ ମାର୍କେଟ ଏହାକୁ ଆଗକୁ ନେବାରେ ରେନୋ କାଇଗର ଏକ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଏହି ପାର୍ବଣ ଲିମିଟେଡ୍ ଏଡଶନ ଅତୁଳନୀୟ ମୂଲ୍ୟ ପ୍ରଦାନ କରିଥାଏ। ଯେଉଁଥିରେ ରହିଛି ଅତିରିକ୍ତ ଡିଜାଇନ୍ ଉପାଦାନ, ଯାହାକୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଗ୍ରାହକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଏହାର ଫେଷ୍ଟିଭ୍ ଲିମିଟେଡ୍ ରେଞ୍ଜର ବୁକିଂ ଚଳିତ ମାସ ୨ ତାରିଖଠାରୁ ରେନୋର ପ୍ରାଧୀକୃତ ଡିଲରଶିପରେ ଆରମ୍ଭ ହୋଇଯାଇଛି।

## ଜିଓ ସେବାର ୬ଷ୍ଠ ପୂର୍ତ୍ତି ଉତ୍ସବ

ମୁମ୍ବାଇ,୪।୯




ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଟେଲିକମ କମ୍ପାନୀ ରିଲାଏନ୍ସ ଜିଓ ରବିବାର ୬ବର୍ଷ ପୂରଣ କରି ୭ମ ବର୍ଷରେ ପାଦ ଦେଇଛି। ଏପରିକି ୨୦୧୬ ସେପ୍ଟେମ୍ବର ୫ରେ ଜିଓ ସାରା ଦେଶରେ ତା'ର ବ୍ୟବସାୟିକ ଶୁଭାରମ୍ଭ କରିଥିଲା। ବିଗତ ୬ବର୍ଷ ମଧ୍ୟରେ ଦୂରସଞ୍ଚାର ଶିଳ୍ପ ପ୍ରତି ବ୍ୟକ୍ତି ହାରାହାରି ପ୍ରତି ମାସରେ ଡାଟା ବ୍ୟବହାର କ୍ଷେତ୍ରରେ ୧୦୦ଗୁଣରୁ ଅଧିକ ବୃଦ୍ଧି ହାସଲ କରିଛି। ଟ୍ରାଇ ତଥ୍ୟ ଅନୁଯାୟୀ ଜିଓ ସେବା ଆରମ୍ଭ ପୂର୍ବରୁ ପ୍ରତ୍ୟେକ ଭାରତୀୟ ଗ୍ରାହକ ଗୋଟିଏ ମାସରେ ହାରାହାରି ମାତ୍ର ୧୫୪ ଏମ୍‌ବି ଡାଟା ବ୍ୟବହାର କରୁଥିଲେ। ସମ୍ପ୍ରତି ଡାଟା ବ୍ୟବହାର ପରିମାଣ ୧୦୦ ଗୁଣ ବୃଦ୍ଧିପାଇ ପ୍ରତି ମାସରେ ପ୍ରତ୍ୟେକ ଗ୍ରାହକଙ୍କ ପିଛା ହାରାହାରି ୧୫.୮ ଜିବି ସ୍ତରରେ ପହଞ୍ଚିଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜର ଚେୟାରମ୍ୟାନ ମୁକେଶ ଅମ୍ବାନୀ ୬ ବର୍ଷ ପୂର୍ବରୁ ଯେତେବେଳେ ଜିଓର ଶୁଭାରମ୍ଭ କରିଥିଲେ, ସେତେବେଳେ କାହା ମନ ଭିତରେ ନଥିଲା ଯେ ଶୁଭାରମ୍ଭର ମାତ୍ର କିଛି ବର୍ଷ ମଧ୍ୟରେ ଜିଓ କେବଳ ଦେଶର ନୁହେଁ, ଦୁନିଆର ସବୁଠାରୁ ବଡ ଦୂରସଞ୍ଚାର କମ୍ପାନୀରେ ପରିଗଣିତ ହେବ। ସମ୍ପ୍ରତି ଜିଓ ଭାରତରେ ୪୧ କୋଟି ୩୦ ଲକ୍ଷ ମୋବାଇଲ ଏବଂ ପ୍ରାୟ ୭୦ ଲକ୍ଷ ଜିଓ ଫାଇବର ଗ୍ରାହକ ସହ ୩୬% ବଜାର ଅଂଶ ହାସଲ କରିଛି। ରାଜସ୍ୱ ଦୃଷ୍ଟିରୁ ଏହାର ବଜାର ଅଂଶ ୪୦.୩% ରହିଛି।

ଫୁରସତ୍

# ଫାଶୀ ପାଇଁ କ୍ଷମା ମାଗିଲା ପୋଲିସ

## ୭୦ ବର୍ଷ ତଳେ ଭୁଲ୍‌ରେ ହୋଇଥିଲା ମୃତ୍ୟୁଦଣ୍ଡ







**ଲଣ୍ଡନ:** ଏକ ହତ୍ୟାକାଣ୍ଡରେ ଜଣଙ୍କୁ ଅଭିଯୁକ୍ତ ଦର୍ଶାଇବା ଏବଂ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀରେ ଝୁଲାଯିବା ପରେ ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଦୋଷ ଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ଘଟଣାର ୭୦ ବର୍ଷ ପରେ ପୋଲିସ ଏବେ ତାଙ୍କ ପରିବାରକୁ କ୍ଷମା ମାଗିଛି। ବ୍ରିଟେନ୍‌ରେ ଏଭଳି ଏକ ଘଟଣା ସାମ୍ନାକୁ ଆସିଛି। ବ୍ରିଟେନ୍ ପୋଲିସ ପରିବାର ଲୋକଙ୍କୁ ଏକ ଚିଠି ଲେଖି ଭୁଲ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ଜଣାଇଛି।

୧୯୫୨ରେ ଜଣେ ମହିଳା ପୋଷାକ ବ୍ୟବସାୟୀ ଲିଲି ଭୋଲପର୍ଟଙ୍କୁ ହତ୍ୟା ମାମଲାରେ ୨୮ ବର୍ଷୀୟ ମହମ୍ମଦ ମାଟନ୍‌ଙ୍କୁ ଗିରଫ କରାଯାଇଥିଲା। ଏଥିରେ ମହମ୍ମଦ ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ବ୍ରିଟିଶ ଜେଲରେ ଫାଶୀ ଦିଆଯାଇଥିଲା। ହେଲେ ମହମ୍ମଦ ନିର୍ଦ୍ଦୋଷ ଥିଲେ ବୋଲି ପରିବାର ଲୋକେ ବାରମ୍ବାର ଦାବି କରିଆସୁଥିଲେ। ଏପରିକି ଫାଶୀ ପରେ ମଧ ସେମାନେ କୋର୍ଟରେ ଏହାର ପୁନର୍ବିଚାର ପାଇଁ ଆବେଦନ କରିଥିଲେ। ୧୯୯୮ରେ କ୍ରିମିନାଲ କେସ୍ ରିଭ୍ୟୁ କମିଶନ ଆବେଦନକୁ ଗ୍ରହଣ କରି ଦଣ୍ଡାଦେଶର ସମୀକ୍ଷା କରିଥିଲେ। ତଦନ୍ତ ପରେ ମହମ୍ମଦ ନିର୍ଦ୍ଦୋଷ ଥିଲେ ବୋଲି ଜଣାପଡ଼ିଛି। ଘଟଣାର ୭୦ ବର୍ଷ ପରେ ପୋଲିସ ତାଙ୍କ ପରିବାରକୁ କ୍ଷମା ମାଗିଛି। ବର୍ଣ୍ଣବୈଷମ୍ୟ ଭେଦଭାବ ସେତେବେଳେ ଅତିମାତ୍ରାରେ ସାମାଜିକ ନ୍ୟାୟ ବ୍ୟବସ୍ଥାକୁ କବଳିତ କରିଥିଲା। ସେଥିପାଇଁ ମହମ୍ମଦଙ୍କୁ ଏପରି ଦଣ୍ଡ ଦିଆଯାଇଥିବ ବୋଲି ସାଉଥ୍ ୱେଲ୍ସ ପୋଲିସ ଅଧିକାରୀ ଜେରେମି ବହୁଗନ୍ କହିଛନ୍ତି। ମହମ୍ମଦଙ୍କ ସ୍ତ୍ରୀ ଲୌରା ଏବଂ ସେମାନଙ୍କ ୩ ସନ୍ତାନ ଡେଭିଡ୍, ଓମାର ଏବଂ ମେରଭିନ୍ ତାଙ୍କ ପାଇଁ ୪୬ ବର୍ଷ କାଳ ଲଢ଼ିଥିଲେ। ହେଲେ ଏବେ ସତ ସମସ୍ତଙ୍କ ସାମ୍ନାକୁ ଆସିଥିଲେ ହେଁ ମହମ୍ମଦଙ୍କ ସ୍ତ୍ରୀ ଓ ପିଲାମାନଙ୍କ ଦେହାନ୍ତ ହୋଇସାରିଛି। ନ୍ୟାୟ ବହୁତ ବିଳମ୍ବ ହୋଇଗଲା ବୋଲି ମହମ୍ମଦଙ୍କ ନାତୁଣୀ ତନୟା ମାଟନ୍ କହିଛନ୍ତି।

## 'ଲାଇଗର' ନିର୍ମାତାଙ୍କୁ ୬ କୋଟି ଫେରାଇବେ ବିଜୟ



ବିଜୟ ଦେବରକୋଣ୍ଡା

**ମୁମ୍ବାଇ:** ବକ୍ସ ଅଫିସ୍‌ରେ 'ଲାଇଗର' ଫିଲ୍ମ ଫ୍ଲପ୍ ହେବା ପରେ ଏହାର ନିର୍ମାତା ଏବଂ କଳାକାରମାନେ ନିରାଶ ହୋଇଛନ୍ତି। ମୁଖ୍ୟ ଭୂମିକାରେ ଥିବା ସାଉଥ୍ ଅଭିନେତା ବିଜୟ ଦେବରକୋଣ୍ଡା କ୍ଷତିପୂରଣ ପାଇଁ ଫିଲ୍ମ ନିର୍ମାତାଙ୍କୁ ୬ କୋଟି ଟଙ୍କା ଫେରାଇଲେ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଅଗଷ୍ଟ ୨୫ରେ 'ଲାଇଗର' ରିଲିଜ ହେବା ପରେ ଏହା ଭଲ ବ୍ୟବସାୟ କରିବ ବୋଲି ବିଜୟ ଦୃଢ଼ୋକ୍ତି ବାଢ଼ିଥିଲେ। ଏପରିକି 'ବଏକଟ୍ ବଲିଉଡ୍' ଟ୍ରେଣ୍ଡକୁ ମଧ ସେ ଚାଲେଞ୍ଜ କରିଥିଲେ। ଫିଲ୍ମରେ ୧୦୦ କୋଟିରୁ ଅଧିକ ଟଙ୍କା ବ୍ୟୟ ହୋଇଥିବା ଜଣାପଡ଼ିଥିବାବେଳେ ମୁକ୍ତିଲାଭ ପରେ ଏହାର ଅଧା ଅର୍ଥ ବି ଆୟ କରିପାରିନାହିଁ। ତେଣୁ ବିଜୟ ନିର୍ମାତାଙ୍କୁ ୬ କୋଟି ଟଙ୍କା ଫେରାଇବାକୁ ନିଷ୍ପତ୍ତି ନେଇଛନ୍ତି। ନିର୍ଦ୍ଦେଶକ ଜଗନ୍ନାଥ ପୁରୀ ମଧ ଡିଷ୍ଟ୍ରିବ୍ୟୁଟରଙ୍କୁ କ୍ଷତିପୂରଣ ଦେବାକୁ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। 'ଲାଇଗର' ଜରିଆରେ ବିଜୟ ଦେବରକୋଣ୍ଡା ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏଥିରେ ତାଙ୍କ ବିପକ୍ଷରେ ଅନନ୍ୟା ପାଣ୍ଡେ ରହିଛନ୍ତି। ବିଜୟଙ୍କୁ ପରବର୍ତ୍ତୀ ରୋମାଣ୍ଟିକ୍ କମେଡି ଫିଲ୍ମ 'କୁଶୀ'ରେ ଦେଖିବାକୁ ମିଳିବ। ତାଙ୍କ ବିପକ୍ଷରେ ସାମନ୍ଥା ଅଭିନୟ କରିଛନ୍ତି। ଏହି ଚଳଚ୍ଚିତ୍ର ଡିସେମ୍ବର ୨୩ରେ ମୁକ୍ତିଲାଭ କରିବାକୁ ଯାଉଛି।

# ମହେଶଙ୍କ ଅସଲି ନାଁ ଅସ୍‌ଲାମ

## ପୁଣି ଟାର୍ଗେଟ୍ କଲେ କଙ୍ଗନା

**ମୁମ୍ବାଇ:** ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କୁ ପୁଣି ଟାର୍ଗେଟ୍ କରିଛନ୍ତି କଣ୍ଟ୍ରୋଭର୍ସି କୁଇନ୍ କଙ୍ଗନା ରାଣାଓ୍ୱତ୍। ଇନ୍‌ଷ୍ଟାଗ୍ରାମରେ ପୁରୁଣା ଭିଡିଓ ଶେୟାର କରି କଙ୍ଗନା କହିଛନ୍ତି, ମହେଶ ଭଟ୍ଟଙ୍କ ଅସଲି ନା ହେଉଛି ଅସ୍‌ଲାମ। ଏପରି ସୁନ୍ଦର ନାଁକୁ ସେ କାହିଁକି ଲୁଚାଇ ରଖିଛନ୍ତି। ସେ ତାଙ୍କ ପ୍ରକୃତ ନାଁରେ ପରିଚିତ ହେବା କଥା କୌଣସି ଧର୍ମର ପ୍ରତିନିଧିତ୍ୱ କରିବା କଥା ନୁହେଁ। ମହେଶ ଭଟ୍ଟ ସୋନି ରାଜଦାନ୍‌ଙ୍କୁ ଦ୍ୱିତୀୟ ବିବାହ କରିବା ପାଇଁ ନିଜ ଧର୍ମ ପରିବର୍ତ୍ତନ କରିଥିଲେ ବୋଲି କଙ୍ଗନା କହିଛନ୍ତି। ମହେଶ ଦାୟିତ୍ୱହୀନ ଭାବେ ଲୋକଙ୍କୁ ହିଂସା ପାଇଁ ଉସୁକାଉଛନ୍ତି ବୋଲି ତାଙ୍କର ଏକ ପୁରୁଣା ଭିଡିଓ ଜାରି କରି କଙ୍ଗନା ଅଭିଯୋଗ ଆଣିଛନ୍ତି। କଙ୍ଗନା ୨୦୦୬ରେ ମହେଶ ଭଟ୍ଟଙ୍କ 'ଗ୍ୟାଙ୍ଗଷ୍ଟର' ଫିଲ୍ମ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଫିଲ୍ମ 'ଧୋକା' ପାଇଁ କଙ୍ଗନା ମନା କରିବାରୁ ମହେଶ ତାଙ୍କୁ ମାରପିଟ କରିଥିଲେ ବୋଲି ୨୦୨୦ରେ ଅଭିନେତ୍ରୀ ଜଣକ ଅଭିଯୋଗ ଆଣିଥିଲେ। ଏଥିସହ ମହେଶଙ୍କୁ କଙ୍ଗନା ମୁଭି ମାଫିଆ ବୋଲି ମଧ କହିଥିଲେ।



ମହେଶ ଭଟ୍ଟ



କଙ୍ଗନା ରାଣାଓ୍ୱତ୍

## ଲଣ୍ଡନରୁ ଚୋରି ୨ କୋଟିର କାର୍ ପାକିସ୍ତାନରୁ ମିଳିଲା





**କରାଚୀ:** କିଛି ସପ୍ତାହ ତଳେ ଲଣ୍ଡନରୁ ଚୋରି ହୋଇଥିବା ପ୍ରାୟ ୨ କୋଟି ଟଙ୍କାର ବିଳାସପୂର୍ଣ୍ଣ ବେଣ୍ଟ୍ଲି କାର୍ ପାକିସ୍ତାନରୁ ମିଳିଛି। ବ୍ରିଟେନ ଜାତୀୟ ଅପରାଧ ଏଜେନ୍ସିଠାରୁ ସୂଚନା ପାଇ କଲେକ୍ଟରେଟ୍ ଅଫ୍ କଷ୍ଟମ୍‌ସ ଏନ୍‌ଫୋର୍ସମେଣ୍ଟ (ସିସିଇ) କରାଚୀରେ ଥିବା ଏକ ବଙ୍ଗଳାରେ ଚଢ଼ାଉ କରିଥିଲା। ସେଠାରେ କାର୍‌ଟି ପାର୍କିଂ ହୋଇଥିବା ସିସିଇ ଅଧିକାରୀମାନେ ଦେଖିବାକୁ ପାଇଥିଲେ। ରିପୋର୍ଟ ଅନୁସାରେ, କାର୍ ଚୋରି କରିଥିବା ଅଭିଯୁକ୍ତମାନେ ବେଣ୍ଟ୍ଲିରେ ଲାଗିଥିବା ଟ୍ରେସିଂ ଟ୍ରାକର୍‌କୁ କାଢ଼ିପାରି ନ ଥିଲେ। ଫଳରେ ବ୍ରିଟେନ୍ ଅଧିକାରୀମାନେ ଏହାକୁ ଟ୍ରାକ୍ କରିବାରେ ସଫଳ ହୋଇଥିଲେ। କରାଚୀରେ ବେଣ୍ଟ୍ଲି କାର୍ ଦେଖିବା ପରେ ସେଥିରେ ପାକିସ୍ତାନ ରେଜିଷ୍ଟ୍ରେଶନ ନମ୍ବର ପ୍ଲେଟ୍ ଲାଗିଥିଲା। କିନ୍ତୁ ଏହାର ଚେସିସ୍ ନମ୍ବର ଚୋରି କାର୍ ସହ ମ୍ୟାଚ୍ ହୋଇଯାଇଥିଲା। ଏଥିସହ କାର୍ ରଖିଥିବା ବ୍ୟକ୍ତି ଏହାର ସମସ୍ତ ଡକ୍ୟୁମେଣ୍ଟ ଦେବାରେ ମଧ ବିଫଳ ହୋଇଥିଲେ। କାର୍ ଚୋରି ରାକେଟ୍‌ର ସଦସ୍ୟ ଜାଲ୍ ଦସ୍ତାବିଜ୍ ଦେଇ ପାକିସ୍ତାନକୁ ଆଣିଥିଲେ ବୋଲି ଜଣାପଡ଼ିଛି। ଏହାର ମାଷ୍ଟରମାଇଣ୍ଡଙ୍କୁ ଧରିବା ପାଇଁ ସର୍ଚ୍ଚ ଜାରି ଥିବା ସିସିଇ ଅଧିକାରୀ କହିଛନ୍ତି।

# ରେଲୱେ ଓଭରବ୍ରିଜ ଦାବି ତେଜିଲା

**ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ**

■ମିଳିତ ମଞ୍ଚର ଆନ୍ଦୋଳନ ଚେତାବନୀ

ଯାଜପୁର ରୋଡ,୪।୯(ଡି.ଏନ.ଏ.)

ବ୍ୟାସନଗର ମିଳିତ ମଞ୍ଚର ଲିଖିତ ଦାବି ଅନୁଯାୟୀ ମିଳିଥିବା ପ୍ରତିଶ୍ରୁତି ଅନୁସାରେ ଯାଜପୁର-କେନ୍ଦୁଝର ରୋଡ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା, ରେଲବାଇ ଓଭର ବ୍ରିଜ ଓ ଗଳିପୋଲ କାମ ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇ ପାରିନାହିଁ। ବ୍ୟାସନଗରବାସୀଙ୍କ ଇଚ୍ଛାଶକ୍ତି ଓ ଏକତାର ଅଭାବ କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଦଳମତ ନିର୍ବିଶେଷରେ ଏକଜୁଟ ହୋଇ ଏହି ଜରୁରୀ ସମସ୍ୟାର ସମାଧାନ ପାଇଁ ସମସ୍ତେ ଆଗେଇ ଆସିବାକୁ ରବିବାର ମିଳିତ ମଞ୍ଚର ଏକ ଜରୁରୀକାଳୀନ ବୈଠକରେ ମତପ୍ରକାଶ ପାଇଛି। ଯଦି ଏହି ଦାବିକୁ ଅଣଦେଖା କରାଯାଏ ତେବେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇଛି। ଏଥିପାଇଁ ଏକ ୧୧ ଜଣିଆ କମିଟି ଗଠନ କରାଯିବ ଏବଂ ପୂର୍ବତଟ ରେଳ ଡିଭିଜନର ଡିଆରଏମ, ଯାଜପୁର ଜିଲାପାଳ ଏବଂ ପୂର୍ତ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବାକୁ ନିଷ୍ପତ୍ତି ହୋଇଛି।

କେନ୍ଦୁଝର ରୋଡ ରେଲୱେ ଷ୍ଟେଶନର ଦକ୍ଷିଣ ପାର୍ଶ୍ୱ କ୍ରସିଂ(ସ୍ପେଶିଆଲ କେଟେଗୋରି) ଉପରେ ରେଲୱେ ଓଭର ବ୍ରିଜ(ଆର୍‌ଓବି) କିମ୍ବା ଏହାର ବିକଳ୍ପ ଭାବେ ରେଳଅଣ୍ଡର ବ୍ରିଜ(ଆରୟୁବି) ନିର୍ମାଣ କରିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଗତ ଏପ୍ରିଲରେ ନିଷ୍ପତ୍ତି ହୋଇଥିଲା। ହାଇକୋର୍ଟରେ ୧୪୪୨୫/୨୦୧୪ ନମ୍ବର ଜନସ୍ୱାର୍ଥ ମାମଲାର ରାୟ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ମାଣ ବିଭାଗର ଯୁଗ୍ମ ସଚିବଙ୍କୁ ପରିବହନ ବିଭାଗର ଅଧୀନସ୍ଥ ସଚିବ ଦୁର୍ଗାଚରଣ ସାହୁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁର ରୋଡ ରେଲବାଇ ଷ୍ଟେଶନର ଦକ୍ଷିଣ ରେଲବାଇ ଫାଟକ ଏକ ସ୍ୱତନ୍ତ୍ର ଶ୍ରେଣୀର । କିନ୍ତୁ ଏଠାରେ ଯାତ୍ରୀଙ୍କ ଭିଡ ସବୁବେଳେ ଦେଖିବାକୁ ମିଳିଛି। ଏହି ଫାଟକର ଅପରପାର୍ଶ୍ୱରେ ଯାଜପୁର ସହର ରହିଥିବାବେଳେ ଅନ୍ୟପଟେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ନରସିଂହ ଚୌଧୁରୀ ହାଇସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ, ପ୍ରାଣୀ ଚିକିତ୍ସାକେନ୍ଦ୍ର ଆଦି ଗୁରୁତ୍ୱପୂର୍ଣ୍ଣ ଅନୁଷ୍ଠାନ ରହିଛି । ଏହାବାଦ୍ ଏହି ପାର୍ଶ୍ୱ ଦେଇ ଖରସ୍ରୋତା ନଦୀକୂଳବାସୀ ଯାଜପୁର ରୋଡକୁ ବାଣିଜ୍ୟ ବ୍ୟବସାୟ କରିବାକୁ ଆସିଥାନ୍ତି। ଏଭଳି ସ୍ଥିତିରେ ଫାଟକ ବନ୍ଦ ରହିଲେ ରୋଗୀଙ୍କ ଠାରୁ ଆରମ୍ଭ କରି ଜନସାଧାରଣଙ୍କ ପାଇଁ ତାହା ଦୁଃଖ ପାଲଟିଥାଏ। ତେଣୁ ସାଇ ମନ୍ଦିର ନିକଟରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲା। ଆରଓବି ଓ ଆରୟୁବି ନିର୍ମାଣ ପାଇଁ ରେଳ ବୋର୍ଡ ପକ୍ଷରୁ ୮୧.୭୮ କୋଟି ଟଙ୍କା ମଞ୍ଜୁର ହୋଇଛି। ହେଲେ ବିଭାଗୀୟ ଅବହେଳା କାରଣରୁ ଏହି ପ୍ରକଳ୍ପ ଏଯାଏ ଅଗ୍ରଗତି ଲାଭ କରି ନ ଥିବାରୁ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଚନ୍ଦ୍ରଶେଖର ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ନିରଞ୍ଜନ ଘଡେଇ, ବିଶ୍ୱଜିତ ମହାନ୍ତି, ହୃଷିକେଶ ସାହୁ, ରାଜେନ୍ଦ୍ର ବିଶ୍ୱାଳ, ଅକ୍ଷୟ ପଣ୍ଡା, ଦୀପ୍ତିରେଖା ମିଶ୍ର, ଚନ୍ଦ୍ରମଣି ସାମଲ, ଅନନ୍ତ କର, ଆଲେକଜାଣ୍ଡାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ମିଳିତ ମଞ୍ଚର କର୍ମକର୍ତ୍ତା।

## ଲଜ୍‌ରେ ଚଢ଼ାଉ ମାମଲା, ଆଉ ୨ ଗିରଫ

**ପାଣିକୋଇଲି,୪।୯(ଡି.ଏନ.ଏ.):** ପାଣିକୋଇଲି ଥାନା ୧୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏକ ଲଜ ଉପରେ ପୋଲିସ ଚଢ଼ାଉ ମାମଲାରେ ଆଉ ୨ଜଣଙ୍କୁ ଗିରଫ କରାଯାଇ ରବିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡିସ୍ଥିତ ଯାଜପୁରରୋଡ ଉପକାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଗ୍ରାହକ କୋରେଇ ଥାନା ଧନେଶ୍ୱର ପଞ୍ଚାୟତ ମାଳିବାଗ ଗ୍ରାମର ନିରଞ୍ଜନ ବେହେରା ଓ ବଡ଼ବିରୁହାଁ ଗ୍ରାମର ଶ୍ରୀବତ୍ସ ମାଝି। ଲଜ୍‌ରେ ଗତ ବୁଧବାର ଦେହବ୍ୟବସାୟ ଚାଲୁଥିବା ଜାଣି ପୋଲିସ ଚଢ଼ାଉ କରିଥିଲା। ଘଟଣାରେ ଲଜ୍ ମାଲିକଙ୍କ ସମେତ ୬ଜଣଙ୍କୁ ଗିରଫ କରାଯାଇଥିଲା।


## ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

**DIRECTORATE OF FISHERIES, ODISHA, CUTTACK**

Ph.: 0671-2414061, Fax: 0671-2410521
E-mail Id: director.odifish@gmail.com

Notification No. 12882/CES-1-APPT (TCH) - 02/22 / Dt.02.09.2022

No. M-37: It is hereby requested to all selected 67 candidates for appointment to the Post of Junior Fisheries Technical Assistant and 03 Numbers of Junior Engineer (Civil) to appear for the Certificate verification scheduled to be held on dated 06.09.2022 at 10.30 A.M. in the Conference Hall of Directorate of Fisheries, Cuttack.

Sd./- Director of Fisheries
OIPR-06030/11/0006/2223

## GOVERNMENT OF ODISHA
## WATER RESOURCES DEPARTMENT
## OFFICE OF THE CHIEF CONSTRUCTION ENGINEER

UPPER INDRAVATI PROJECT, MUKHIGUDA
KALAHANDI, ODISHA- 766026
e-mail ID-cceuip1987@gmail.com / louiipbbsr@gmail.com

**TENDER CANCELLATION NOTICE**

No.A-475:- It is notified that, the tender published on Dated 22.11.2018 vide e-Procurement Notice No. CCE, UIIP-04 (01-02) / 2018-19 Dated 09.11.2018 is hereby cancelled.

Sd./- Chief Construction Engineer
Upper Indravati Project, Mukhiguda
OIPR-32352/11/0004/2223

## OFFICE OF THE EXECUTIVE ENGINEER RURAL WORKS DIVISION, PADAMPUR

**1st Corrigendum to Tender Call Notice No. Online 05 of 2022-23**

No. O-927: In pursuance to this office tender call notice No. Online 05 of 2022-23 the following changes have been made in the NIT due to some technical problems.

| Sl. No. | Items | As per the Tender Call Notice | As per the 1st Corrigendum |
|---|---|---|---|
| 1 | Availability of tender online for bidding | 29.08.2022 at 10.00 A.M. to 07.09.2022 upto 5.00 P.M. | **06.09.2022 at 10.00 A.M. to 15.09.2022 upto 5.00 P.M.** |
| 2 | Last date of seeking clarification | 06.09.2022 upto 5.00 P.M. | **14.09.2022 upto 05.00 P.M.** |
| 3 | Date and time of opening of Technical and Financial bid in the O/o. the E.E., R.W. Division, Padampur | 08.09.2022 at 11.00 A.M. | **16.09.2022 at 11.00 A.M.** |

All other terms and conditions remains unchanged.

Sd./- Executive Engineer
OIPR-25069/11/0020/2223 Rural Works Division, Padampur

No. C-1127

## OFFICE OF THE GENERAL MANAGER, WATCO DIVISION, CUTTACK

Telephone/e-mail/Fax: 0671-2547115/gmwatcoctc@gmail.com

**NATIONAL COMPETITIVE BIDDING THROUGH e-Procurement**

Bid Identification No. WATCO(W) - 12/2022-23 Dtd.02.09.2022

1. Name of the Work : 5 Nos. Work
2. Estimated Cost : Rs.32.71 lakhs to Rs.59.67 lakhs (Approx.)
3. Period of Completion : 4 (Four) Months
4. Date & time of availability of bid document in the portal : From 11.00 A.M. of Dt.06.09.2022 to 5.00 P.M. of Dt.13.09.2022
5. Last date/time of receipt of bids in the portal : 13.09.2022 upto 05.00 P.M.
6. Date & time of opening of bids : 14.09.2022 at 12.30 P.M.
7. Name and address of the Officer Inviting Bid : The General Manager, WATCO Division, Cuttack-753003 Odisha, Ph.: (0671) 2547115 email: gmwatcoctc@gmail.com
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in.

OIPR-13170/11/0023/2223 Sd./- General Manager, WATCO Division, Cuttack

## BIJU PATNAIK UNIVERSITY OF TECHNOLOGY, ODISHA, ROURKELA

Date: 03.09.2022

**TENDER CALL NOTICE**

No. KK-137: Sealed tenders are invited from the reputed and experienced Agencies/ Firms for providing following services for ensuing 10th Convocation -2022 of the University.

| Sl. | Tender No. & Date | Name of the Tender |
|---|---|---|
| 1 | BPUT/CS&P/ 74/2022/5070 | Tender for Catering Services during 10th Convocation |
| 2 | BPUT/CS&P/ 76/2022/5067 | Tender for Printing & Supply of Materials for 10th Convocation - 2022 |
| 3 | BPUT/CS&P/ 77/2022/5066 | Tender for Decoration during 10th Convocation |

Interested Agencies/ Firms having valid registration, License, GST registration may apply in the prescribed tender documents available in the website of the BPUT. For details please visit University website i.e **www. bput.ac.in**. Last date of receipt of tender through Speed Post/ Regd. Post addressing to "The Registrar, Biju Patnaik University of Technology, Chhend, Rourkela -769015" is 24.09.2022 by 5.00 PM. The BPUT reserves the right to cancel the tender without assigning any reason thereof.

OIPR-44003/11/0004/2223 Sd./- REGISTRAR

## OFFICE OF THE EXECUTIVE ENGINEER P.H. DIVISION, KORAPUT

Tel/Fax: 06852-250740, e-mail: eephkrp@nic.in, eephkrp@gmail.com

GOVERNMENT OF ODISHA, "e" Procurement Notice

No.C-1129 **e-Procurement Notice for 2022-23**

Bid Identification No. EE, P.H.KPT - 07 of 2022-23 Dt.25.08.2022

1. No. of th works : 3 Nos.
2. Estimated Cost : From Rs.18.00 lakh to 192.00 lakh (Approx.)
3. Period of Completion : 3 to 8 months
4. Date & time of availability of bid document in the portal : From 11.00 A.M. of 13.09.2022 to 05.00 P.M. of 22.09.2022
5. Last date/time of receipt of bid in the portal : 05.00 P.M. of 22.09.2022
6. Date & time of opening of bids : 11.00 A.M. of 23.09.2022
7. Name and address of the Officer Inviting Bid : Executive Engineer, P.H. Division, Koraput

Further details can be seen from the e-Procurement portal **"https://www.tendersodisha.gov.in"**.

Sd./- (Er. Chiranjibi Mahali)
Executive Engineer,
OIPR-13008/11/0010/2223 P.H. Division, Koraput

## OFFICE OF THE MUNICIPAL COUNCIL, TALCHER

**'e' - Procurement Notice**

**Tender Reference No. TCRM-07/2022-23**

**Bid Identification No. 2022_ORULB_80947**

**No.3292/Dt.02.09.2022**

No.C-1135:- Bid documents consisting of works with their estimated cost, cost of tender paper, EMD, time of completion, Class of Contractor, Court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of Works | :- | 2 Nos. |
| 3) | Estimated Cost | :- | Rs.10.00 lakhs to Rs.18.42 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | from dt.03.09.2022 to dt.14.09.2022 upto 5.00 PM |
| 6) | Last date & time for receipt of Bid in the portal | :- | upto 5.00 PM of dt.14.09.2022 |
| 7) | Last date for receipt of financial document | :- | upto 1.00 PM of dt.15.09.2022 |
| 8) | Bid received online shall be opened on | :- | dt.15.09.2022 at 3.00 PM |
| 9) | Name & Address of the Officer inviting the bid | :- | Executive Officer, Talcher Municipality |

Further details can be seen from the procurement portal i.e. www.tendersorissa.gov.in

Sd./- Executive Officer, Talcher Municipality
OIPR-13077/11/0028/2223

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER

No. A-478

Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com

**e-Procurement Notice No. ACE, RBB - 19/2022-23**

1. Type of Work : System Improvement & Flood Protection Works
2. Total No. of Works : 07 (Seven) Nos.
3. Amount put to tender : Rs.697.43 lakh to 197.41 lakh
4. Period of Completion : 11 (Eleven) to 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BEID) - 43/2022-23 | 697.43 | From 12.09.2022, 10.00 A.M. to 28.09.2022, 5.00 P.M. |
| | ACE, RBB (BEID) - 44/2022-23 | 540.71 | |
| | ACE, RBB (BEID) - 45/2022-23 | 426.23 | |
| | ACE, RBB (BEID) - 46/2022-23 | 333.37 | |
| | ACE, RBB (BEID) - 47/2022-23 | 317.02 | |
| | ACE, RBB (BEID) - 48/2022-23 | 299.22 | |
| | ACE, RBB (BEID) - 49/2022-23 | 197.41 | |

Date of Opening of the Technical Bid : 29.09.2022 at 11.30 A.M.
Further details can be seen from the Govt. website www.tendersodisha.gov.in.

Sd./- Additional Chief Engineer
OIPR-32411/11/0028/2223 Rushikulya Bahuda Basin, Berhampur

## ZILLA SWASTHYA SAMITI (ZSS), KANDHAMAL
## OFFICE OF THE CDM & PHO-cum-DISTRICT MISSION DIRECTOR, NHM, KANDHAMAL

Advt. No. 10608/NHM/HR-Out House/2022/20 Date: 02.09.2022

**ADVERTISEMENT**

No. E-434: Applications are invited from eligible candidates to fill up the vacant post under NHM, Kandhamal. The eligibility criteria, terms & conditions, vacancy, monthly remuneration & application form for the vacant post can be downloaded from district website. Interested candidates may log on to **https://kandhamal.nic.in** for detail information. Candidates fulfilling the eligibility criteria may send their application form along with self attested photocopies of all supportive documents through Speed Post/Regd. Post only.

The application should reach to the CDM&PHO-cum-District Mission Director, NHM, Kandhamal latest by **20.09.2022 (upto 4.00 P.M.)**. The undersigned is not responsible for postal delay. The envelope containing the application should be superscribed with the name of the post applied for______, the application receive without superscribed will be rejected. Applications received after due date will not be considered. Incomplete application in any form is liable for rejection. No personal query will be entertained. The candidates may visit the district website time to time for update information.

The undersigned reserves the right to cancel/reject any or all the applications without assigning any reason thereof.

Sd./- Dr. M.K. Upadhyaya
CDM&PHO-cum-District Mission
Director, NHM, Kandhamal
OIPR-10015/11/0008/2223

## OFFICE OF THE MUNICIPAL COUNCIL, SUBARNAPUR

No.2755/ Dt.03.09.2022

**QUOTATION CALL NOTICE**

No.C-1131:- Sealed Quotations are invited in prescribed proforma from the registered/ reputed firm / manufactures having upto date GST clearance certificate/ PAN card etc. for supply of gabbion noted below. The quotationer shall have to quote the price unit wise including all taxes. The rate quoted documents should be submitted to the undersigned on or before 12.09.2022 during office hour through Regd. Post / Speed Post or in person drop in tender box and the same will be opened on dt. 13.09.2022 at 11 A.M. in presence of quotationer or their authorised representatives. Beyond the date & time and any postal delay no quotation shall be entertained. The quotation paper is available in Dist. website of Subarnapur i.e. www.subarnapur.nic.in with effect from 04.09.2022 to 12.09.2022 upto 5.00 P.M. The quotationer shall have to deposit Rs.500/- (Rupees five hundred) only towards paper cost (non-refundable) in shape of Demand Draft in favour of Executive Officer, Subarnapur Municipality payable at Sonepur Nationalised Banks. The undersigned reserves the right to reject whole or part of quotation without assigning any reason thereof.

| Sl. No. | Description of item | Per unit |
|---|---|---|
| 1 | HDPE FIBER HEXANET ROUND TREE GUARD HIGHT- 5FT X ROUND 4 FT 400 GSM GREEN COLOUR | 1 No. |

Sd./- Executive Officer, Sonepur Municipality
OIPR-13098/11/0022/2223

## ODISHA CONSTRUCTION CORPORATION LIMITED

(A Govt. of Odisha Undertaking)

No. CAD-1684 Unit - VIII, Bhubaneswar, e-mail: theoccltd@odishaconstruction.com
GSTIN - 21AAACO2571K2ZM

**e-Procurement Notice No. 14/OCCL/2022-23 (Online)**

Type of Work : Execution of Concrete Dam & Spillway Component Structure of Chheligada Irrigation Project
Total No. of Works : 01 (One) No.
Period of Completion : 15 (Fifteen) Calendar Months

| Bid Identification No. | Amount put to Tender (Approx.) (Rs. in Crores) | Bid Security | Availability of Tender (Online) | Submission of Tender (Online) |
|---|---|---|---|---|
| OCCL-CP/01/ 2022-23 | 135.26 Crores | Bid Security Declaration as per W.D. O.M. 8484, Dated: 05.04.2022 is to be furnished | 09.09.2022, 03.30 P.M. to 10.10.2022, 5.30 P.M. | 17.09.2022, 03.30 P.M. to 10.10.2022, 5.30 P.M. |

Procurement Officer - Managing Director, OCC Ltd., Bhubaneswar
Date of Opening of the Technical Bid: 11.10.2022, 12.00 Noon
Further details can be seen from the Govt. website **(www.tendersodisha.gov.in)**.

OIPR-34120/11/0020/2223 Sd./- Managing Director

## ORISSA STATE AIDS CONTROL SOCIETY (OSACS)

(Department of Health & Family Welfare), Government of Odisha

No. 2812/OSACS Date: 02.09.2022

**TENDER CALL NOTICE FOR PROCUREMENT OF ARV DRUGS**

No. E-437: Orissa State AIDS Control Society (OSACS), BBSR invites sealed tenders from authorized manufacturers/ distributors/approved dealers having valid GST registration for supply of Anti Retro Viral (ARV) Drugs to OSACS, Bhubaneswar. The detailed terms & conditions and specifications are available in the websites of **www.osacs.nic.in**, which can be downloaded for use. Interested parties may submit their tenders through Speed Post/Registered Post/Courier only super-scribing **"Tender for supply of Anti Retro Viral (ARV) Drugs to OSACS"** which should reach on or before **3.30 P.M. of 15.09.2022** positively and the same will be opened at **4.00 P.M.** on the same day before the committee & the participants. The undersigned reserves the right to reject any or all the tender(s) without assigning any reason thereof.

Sd./- Project Director
Orissa State AIDS Control Society
(Department of Health & Family Welfare), Govt. of Odisha
2nd Floor, Oil Orissa Building, F-Nayapalli, Bhubaneswar-12
OIPR-10060/11/0005/2223

## ଅଚିହ୍ନା ବ୍ୟକ୍ତିଙ୍କ ସୂଚନା

No. D-155: ଭୁବନେଶ୍ୱର ୟୁ.ପି.ଡି., ଶହୀଦନଗର ଥାନା ଅପମୃତ୍ୟୁ ମାମଲା ନମ୍ବର ୬୨, ତା୨୭।୦୮।୨୦୨୨।

| ସମ୍ପୂର୍ଣ୍ଣ ନାମ ଓ ଠିକଣା | ଫଟୋ | ବିବରଣୀ |
|---|---|---|
| ଅଜଣା |  | ବୟସ: ୩୦ରୁ ୩୬<br>ଉଚ୍ଚତା: ୫ଫୁଟ ୫ ଇଞ୍ଚ<br>ଶରୀର: ପତଳା<br>ରଙ୍ଗ: ଗହମ/ସାବନା<br>ପିନ୍ଧିଥିବା ବସ୍ତ୍ର: ମାଟିଆ କଲର ବରମୁଣ୍ଡା ହାଫ ପ୍ୟାଣ୍ଟ, ନାଲି କଲର ଟି ଶାର୍ଟ ଏବଂ ନାଲି କଲର ଗାମୁଛା। |

ଯଦି ପରିଚୟ ମିଳେ ଯୋଗାଯୋଗ କରିବା ଠିକଣା।
ଆରକ୍ଷୀ ନିରୀକ୍ଷକ
ଶହୀଦନଗର ଥାନା, ଭୁବନେଶ୍ୱର, ଫୋନ ନମ୍ବର: ୦୬୭୪-୨୫୪୧୦୬୪

OIPR-12125/11/0004/2223

See Career Appointment on every Wednesday & Saturday

## ODISHA PUBLIC SERVICE COMMISSION

**ADVERTISEMENT No.07 OF 2022-23**

**Recruitment to the posts of Assistant Director in Group-B Service of Odisha Planning Service Cadre under Planning and Convergence Department.**

WEBSITE - www.opsc.gov.in

**No. D-156:-** Online applications are invited from the prospective candidates through the proforma application to be made available on the Website of the Commission (**http://opsc.gov.in**) for recruitment to **09 (Nine)** posts of Assistant Director in Group-B service of O.P.S. cadre under the Planning & Convergence Department in the scale of pay of 44,900/- in Level 10, Cell - 1 of ORSP, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:**

As per requisition filed by the Planning & Convergence Department, Government of Odisha, out of a total of 09 (03-w) vacancies, 05 (01 -w) vacancies are reserved for UR category, 01(w) vacancy is reserved for SEBC category, 01 vacancy is reserved for SC category & 02 (01-w) vacancies are reserved for ST category.

**3. AGE:**

A candidate must have attained the age of **21 (twenty one)** years and must not be above the age of **38 (Thirty Eight)** years as on the **1st day of January, 2022** i.e. he/she must have been born not earlier than 2nd January 1984 and not later than 1st January 2001.

**4. EDUCATIONAL QUALIFICATION:**

A candidate must have possessed anyone of the following qualifications from a recognized University or from any institution in India or abroad or any equivalent qualification namely: -

**Bachelor's Degree with honours and Post-Graduate Degree** in Economics/Applied Economics/ Agricultural Economics/ Commerce/ Mathematics/ Sociology with Statistics as one of the papers/ Anthropology/ Demography/ Geography with Cartography or Regional Planning as one of the papers/ Statistics/ Econometrics/ Regional Planning.

**5. EXAMINATION FEE:**

The examination fee for all categories of candidates has been exempted as per **GA&PG Department Notification No. 9897/Gen, dt . 11.04.2022.**

**6. METHOD OF SELECTION:**

The selection of candidates for recruitment to the posts of Assistant Director will be made on the basis of **Written Test and Interview.**

**The link for registration/ re-registration and Submission of online application shall be available from 13.09.2022 to 12.10.2022 (Note: 12.10.2022 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

PLACE: CUTTACK
DATE: 03.09.2022

Sd./- SECRETARY
ODISHA PUBLIC SERVICE COMMISSION
CUTTACK
OIPR-12002/11/0154/2223

# ଶେଷ କ୍ଷଣରେ ବାଜି ମାରିଲା ଓଡ଼ିଶା ଜଗରନଟ୍ସ






ମ୍ୟାଚ ଜିତିବାପରେ ଖେଳାଳିଙ୍କ ଆନନ୍ଦ ଉଲ୍ଲାସ। ଟ୍ରଫି ସହ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଦଳ।

**ଭୁବନେଶ୍ୱର, ୪।୯ (କ୍ରୀଡ଼ା ପ୍ରତିନିଧି)**

ପୁଣେର ମହାଲୁଙ୍ଗେସ୍ଥିତ ଶ୍ରୀ ଶିବ ଛତ୍ରପତି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ଅଲ୍‌ଟିମେଟ ଖୋ ଖୋ ଲିଗ୍‌ର ପ୍ରଥମ ସଂସ୍କରଣରେ ଓଡ଼ିଶା ଜଗରନଟ୍ସ ଚାମ୍ପିୟନ ହୋଇଛି। ପୂରା ଟୁର୍ନାମେଣ୍ଟରେ ଆଟାକିଂ, ଡିଫେଣ୍ଡିଂ ଓ ଅଲ୍‌ରାଉଣ୍ଡ ସବୁ କ୍ଷେତ୍ରରେ ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଦଳ ରବିବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ଫାଇନାଲରେ ତେଲ୍‌ଗୁ ଯୋଦ୍ଧାସଙ୍କୁ ମାତ୍ର ୧ ପଏଣ୍ଟରେ ହରାଇ ଚମକପ୍ରଦ ବିଜୟ ହାସଲ କରିଛି। ବିଭିନ୍ନ ସମୟରେ ନାଟକୀୟ ମୋଡ ନେଇଥିବା ଏହି ମ୍ୟାଚରେ ଶେଷରେ ଓଡ଼ିଶା ଜଗରନଟ୍ସ ୪୬ ଓ ତେଲ୍‌ଗୁ ଯୋଦ୍ଧାସ ୪୫ ପଏଣ୍ଟ ହାସଲ କରିବାକୁ ସକ୍ଷମ ହୋଇଥିଲା। ଉତ୍କଣ୍ଠାପୂର୍ଣ୍ଣଭାବେ ଶେଷ ହୋଇଥିବା ଏହି ମ୍ୟାଚରେ ରେଫରିଙ୍କ ଶେଷ ହୁଇସିଲ ବାଜିବା କ୍ଷଣି ଜଗରନଟ୍ସ ଦଳର ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଲୋକପ୍ରିୟ ବଲିଉଡ୍ ଗାୟକ ମୋହିତ ଚୌହାନ ଜାତୀୟ ସଙ୍ଗୀତ ଗାନ କରିବାପରେ ମେଗା ଫାଇନାଲ ଆରମ୍ଭ ହୋଇଥିଲା। ପ୍ରକାଶ ଯୋଗ୍ୟ ଯେ, ଗୋଟିଏ ଦିନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ତ୍ତା ଦେଇ ଖେଳାଳିଙ୍କ ମନୋବଳ ବଢ଼ାଇଥିଲେ। କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ମଧ୍ୟ ଭେନ୍ୟୁ ସ୍ଥଳରେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଭୁବନେଶ୍ୱରରୁ ଏକ ଗଣମାଧ୍ୟମ ପ୍ରତିନିଧି ଦଳ ମଧ୍ୟ ପୁଣେ ଯାଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏ ସବୁ ଶେଷରେ କାମ ଦେଇଛି ଏବଂ ପ୍ରଥମ ସଂସ୍କରଣର ବିଜୟ ମୁକୁଟ ପିନ୍ଧିଛି ଓଡ଼ିଶା ଜଗରନଟ୍ସ। ଅନ୍ୟପକ୍ଷରେ ଅଳ୍ପକେ ଟାଇଟଲ ହାତଛଡ଼ା କରି ତେଲ୍‌ଗୁ ଯୋଦ୍ଧାସ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଛି। ୬ ଦଳ ବିଶିଷ୍ଟ ଫ୍ରାଞ୍ଚାଇଜ୍ ଭିତ୍ତିକ ଏହି ଲିଗ୍‌ରେ ଗୁଜରାଟ ଜାଏଣ୍ଟ୍ସ ୩ୟ ଓ ଚେନ୍ନାଇ କୁଇକ୍ ଗନ୍ସ ୪ର୍ଥ ସ୍ଥାନରେ ରହିଛି। ଅନ୍ୟ ୨ ଦଳ ମୁମ୍ବାଇ ଖିଲାଡିଜ୍ ଓ ରାଜସ୍ଥାନ ୱାରିୟର୍ସ ଶେଷ ଦୁଇ ସ୍ଥାନରେ ରହିଛନ୍ତି।

ଓଡ଼ିଶା ଜଗରନଟ୍ସ ଅଗଷ୍ଟ ୧୫ରେ ଏହାର ଅଭିଯାନ ଆରମ୍ଭ କରିଥିଲା। ପ୍ରଥମ ମ୍ୟାଚ୍‌ରେ ଏହି ଦଳ ଚେନ୍ନାଇ କୁଇକ୍ ଗନ୍ସକୁ ୮ (୫୧-୪୩) ପଏଣ୍ଟରେ ପରାସ୍ତ କରିଥିଲା। ପରବର୍ତ୍ତୀ ମ୍ୟାଚ୍‌ରେ ଦଳ ଯଦିଓ ଗୁଜରାଟ ଜାଏଣ୍ଟ୍ସଠାରୁ ୫ (୪୯-୫୪) ପଏଣ୍ଟରେ ହାରିଥିଲା ତେବେ ରାଜସ୍ଥାନ ୱାରିୟର୍ସକୁ ୧୯ (୬୫-୪୬) ପଏଣ୍ଟରେ ହରାଇବା ପରେ ଆଉ ପଛକୁ ଫେରି ଚାହିଁ ନ ଥିଲା। ଉତ୍ତମ କମ୍ବିନେଶନ ଯୋଗୁ ଦଳ ଏହାପରେ ଗୁଜରାଟ ଜାଏଣ୍ଟ୍ସକୁ ୩ (୫୦-୪୭), ଚେନ୍ନାଇ କୁଇକ୍ ଗନ୍ସକୁ ୧୦ (୫୧-୪୧), ରାଜସ୍ଥାନ ୱାରିୟର୍ସକୁ ୬ (୫୧-୪୫), ମୁମ୍ବାଇ ଖିଲାଡିଜ୍‌କୁ ୨୩ (୬୦-୩୭) ଓ ତେଲ୍‌ଗୁ ଯୋଦ୍ଧାସ୍‌କୁ ୯ (୪୮-୩୯ ) ପଏଣ୍ଟରେ ହରାଇ କ୍ରମାଗତ ୬ଷ୍ଠ ବିଜୟ ହାସଲ କରିଥିଲା। ଏଥିସହ ଦଳ ପଏଣ୍ଟ ଟେବୁଲର ଶୀର୍ଷରେ ରହି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଦଳ ପାଇଁ ଅନ୍ତିମ ୨ ମ୍ୟାଚ୍‌ର ଗୁରୁତ୍ୱ ନ ଥିବାରୁ କୋଚ୍ ଅଶ୍ୱିନ କୁମାର ଶର୍ମା ସିନିୟର ଖେଳାଳିଙ୍କୁ ବିଶ୍ରାମ ଦେଇଥିଲେ। ଯୁବ ରିଜର୍ଭ ଖେଳାଳିମାନେ ସୁଯୋଗର ସଦ୍‌ବ୍ୟବହାର କରି ନ ପାରିବାରୁ ଏ ୨ଟିଯାକ ମ୍ୟାଚ୍‌ରେ ଜଗରନଟ୍ସ ଯଥାକ୍ରମେ ମୁମ୍ବାଇ ଖିଲାଡିଜ୍‌ଠାରୁ ୪୮ (୩୧-୭୯) ଓ ତେଲ୍‌ଗୁ ଯୋଦ୍ଧାସ୍‌ଠାରୁ ୨୯ (୩୬-୬୫) ପଏଣ୍ଟରେ ପରାଜିତ ହୋଇଥିଲା। ଫଳରେ ୧୦ ମ୍ୟାଚ୍‌ରୁ ୨୧ ପଏଣ୍ଟ ସହିତ ଦ୍ୱିତୀୟ ଶ୍ରେଷ୍ଠ ଦଳ ଭାବେ ଓଡ଼ିଶା କ୍ୱାଲିଫାୟର-୧ ଖେଳିଥିଲା। ଏହି ପର୍ଯ୍ୟାୟରେ ଦଳକୁ ସିନିୟର ଖେଳାଳିମାନେ ଫେରିଆସିଥିଲେ। ଫଳରେ ପୂର୍ବ ପରାଜୟର କୌଣସି ପ୍ରଭାବ ପଡ଼ି ନ ଥିଲା। ଜଗରନଟ୍ସ ୧୪ (୫୭-୪୩ ) ପଏଣ୍ଟରେ ଗୁଜରାଟ ଜାଏଣ୍ଟ୍ସକୁ ହରାଇ ସିଧାସଳଖ ଫାଇନାଲରେ ପ୍ରବେଶ କରିଥିଲା। ଆଟାକର ସୂରଜ ଲାନ୍‌ଡେ ଓ ମହେଶ ପି., ଡିଫେଣ୍ଡର ଗୋଥାମ ଏମ୍.କେ. ଏବଂ ଅଲ୍‌ରାଉଣ୍ଡର ଦିଲୀପ ଖଣ୍ଡଭି, ନିଲେଶ ଯାଦବ, ଶୁଭାଶିଷ ସାନ୍ତ୍ରା, ମିଲିନ୍ଦ ଚଭ୍ରେକର ଓ ଜଗନ୍ନାଥ ମୁର୍ମୁଙ୍କ ପ୍ରଦର୍ଶନ ଅତ୍ୟନ୍ତ ପ୍ରଭାବୀ ରହିଥିଲା।

# ଚତୁର୍ଥ ରାଉଣ୍ଡରେ ନାଡାଲ, ଜେସିକା, କ୍ୱିଟୋଭା

**ନ୍ୟୁୟର୍କ,୪।୯(ପି.ଟି.):** ଚଳିତ ବର୍ଷର ଅନ୍ତିମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ୟୁଏସ୍ ଓପନ୍‌ର ଚତୁର୍ଥ ରାଉଣ୍ଡ(ପ୍ରି କ୍ୱାର୍ଟର)ରେ ପ୍ରବେଶ କରିଛନ୍ତି ରାଫାଲ ନାଡାଲ, ଜେସିକା ପେଗୁଲା, ଡାନିଏଲ କଲିନ୍ସ ଓ ପେଟ୍ରା କ୍ୱିଟୋଭା। ୟୁଏସ୍




ମ୍ୟାଚ ଜିତିବାପରେ ଡାନିଏଲ କଲିନ୍ସ।

ଦ୍ୱିତୀୟ ସିଡ୍‌ର ମାନ୍ୟତା ପାଇଥିବା ନାଡାଲ ୬-୦, ୬-୧ ଓ ୭-୫ରେ ରିଚାର୍ଡ ଗାସକ୍ୱେଟଙ୍କୁ ପରାସ୍ତ କରିଛନ୍ତି। ଏଥି ସହିତ ଗାସକ୍ୱେଟଙ୍କ ବିପକ୍ଷରେ ବିଜୟ ରେକର୍ଡକୁ ନାଡାଲ ୧୮-୦ରେ ପହଞ୍ଚାଇଛନ୍ତି। ନାଡାଲ ପରବର୍ତ୍ତୀ ମ୍ୟାଚ୍‌ରେ ଫ୍ରାନ୍ସେସ ଟିଆଫୋଙ୍କୁ ଭେଟିବେ। ଡିଏଗୋ ସ୍କାର୍ଜମ୍ୟାନଙ୍କୁ ଟିଆଫୋ ୭-୬(୭), ୬-୪, ଓ ୬-୪ରେ ପରାସ୍ତ କରିଥିଲେ। ସେହିପରି ମହିଳା ସିଙ୍ଗଲ୍ସ ବର୍ଗରେ ତୃତୀୟ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇଛନ୍ତି ପେଗୁଲା ଓ କ୍ୱିଟୋଭା। ଉଭୟ ନିଜ ନିଜ ବିଜୟର ଶ୍ରେୟ ସେରେନା ୱିଲିୟମ୍ସଙ୍କୁ ଦେଇଛନ୍ତି। ୨୮ ବର୍ଷୀୟା ଆମେରିକୀୟ ଖେଳାଳି ଜେସିକା ପେଗୁଲା ୬-୨, ୬-୬(୬) ଓ ୬-୦ରେ ୟୁଆନ୍ ୟୁଏଙ୍କୁ ପରାସ୍ତ କରିଥିଲେ। ଗାର୍ବିଏନ୍ ମୁଗୁରଜାଙ୍କ ବିପକ୍ଷ ଏହି ମ୍ୟାଚ୍‌କୁ ୫-୭, ୬-୩ ଓ ୭-୬(୧୨-୧୦)ରେ ଜିତି ନେଇଥିଲେ କ୍ୱିଟୋଭା।

ସେହିପରି ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାରେ ଏକ ନମ୍ବର ସ୍ଥାନରେ ଥିବା ଇଗା ସ୍ୱିଟେକ୍ ୬-୩, ୬-୪ରେ ଲୌରେନ୍ ଡେଭିସ୍‌ଙ୍କୁ, ଆରିନା ସାବାଲେଙ୍କା ୬-୦ ଓ ୬-୨ରେ କ୍ଲାରା ବୁରେଲଙ୍କୁ, ଅଷ୍ଟ୍ରେଲିଆନ ଓପନ୍ ରନର୍ସଅପ୍ ଡାନିଏଲ କଲିନ୍ସ ୬-୪, ୭-୬ (୧୧-୯)ରେ ଆଲିଜ କର୍ନେଟ୍‌ଙ୍କୁ ପରାସ୍ତ କରିଛନ୍ତି। ଦୁଇଥର ଅଷ୍ଟ୍ରେଲିଆନ୍ ଓପନ୍ ଚାମ୍ପିୟନ ଭିକ୍ଟୋରିଆ ଆଜାରେଙ୍କା ୬-୩,

**ୟୁଏସ୍ ଓପନ**

୬-୦ରେ ପେଟ୍ରା ମାର୍ଟିକଙ୍କୁ ହରାଇଥିବାବେଳେ ଦୁଇଥର ଗ୍ରାଣ୍ଡସ୍ଲାମ ରନର୍ସଅପ୍ କାରୋଲିନା ପ୍ଲିସ୍‌କୋଭା ଟୋକିଓ ଅଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜେତା ବେଲିଣ୍ଡା ବେନ୍ସିକଙ୍କୁ ବିଦାୟ ପଥ ଦେଖାଇଛନ୍ତି। ୩ ନମ୍ବର ସିଡ୍ କାର୍ଲୋସ ଆଲକାରେଜ ଅଣସିଡେଡ୍ ଜେନସନ୍ ବ୍ରୁକସବିଙ୍କୁ ୬-୩, ୬-୩ ଓ ୬-୩ ସେଟ୍‌ରେ, ୭ମ ସିଡ୍ କାମ୍ ନୋରି ୭-୫, ୬-୪, ୬-୧ରେ ହୋଲଗର ରୁନଙ୍କୁ ହରାଇଥିବାବେଳେ ଡେନିସ୍ ଶାପୋଭାଲୋଭ୍‌ଙ୍କୁ ୬-୪, ୨-୬, ୭-୬ (୩), ୬-୪, ୭-୬ (୧୦)ସେଟ୍‌ରେ ପରାସ୍ତ କରିଛନ୍ତି ୯ ନମ୍ବର ସିଡ୍ ଆଣ୍ଡି ରୁବଲେଭ୍।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

ଟିସିଏଫ୍ ଭାରତର ଏକ ମାତ୍ର ପଞ୍ଜୀକୃତ କମ୍ପାନୀ ଦ୍ୱାରା ଋଣ
2% ସୁଧ
45% ଛାଡ଼
ମାର୍କଶିଟ୍, ପ୍ରପର୍ଟି, ବି.ପି.ଏଲ୍. ଓ ସମସ୍ତ ଋଣ 5 ଘଣ୍ଟାରେ ଘରେ ବସି ପାଆନ୍ତୁ
08779988242

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାକିସ୍ତାନ ୫ ଉଇକେଟରେ ବିଜୟୀ

**ଦୁବାଇ,୪।୯:** ମହମ୍ମଦ ରିଜୱାନଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ପାକିସ୍ତାନ ରବିବାର ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ସୁପର ଫୋର ମ୍ୟାଚରେ ଭାରତକୁ ୫ ଉଇକେଟରେ ପରାସ୍ତ କରିଛି। ଭାରତ ୨୦ ଓଭରରେ ୭ ଉଇକେଟ ହରାଇ ୧୮୧ ରନ କରିଥିବାବେଳେ ପାକିସ୍ତାନ ୧୯.୫ ଓଭରରେ ୫ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଥିଲା। ଶେଷ ୨ ଓଭରରୁ ବିଜୟ ପାଇଁ ପାକିସ୍ତାନକୁ ୨୬ ରନ ଆବଶ୍ୟକ ହେଉଥିଲା। ୧୯ତମ ଓଭରରେ ଭୁବନେଶ୍ୱର କୁମାର ୧୯ ରନ ଦେବାରୁ ଭାରତ ହାତରୁ ମ୍ୟାଚ ଖସି ଯାଇଥିଲା। ରିଜୱାନ ୫୧ ବଲ୍‌ରୁ ସର୍ବାଧିକ ୭୧ (୬ ଚୌକା, ୨ ଛକା), ମହମ୍ମଦ ନୱାଜ ୨୦ ବଲ୍‌ରୁ ୪୨ (୬ ଚୌକା, ୨ ଛକା) ରନକରି ପାକିସ୍ତାନ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା




ବିରାଟ କୋହଲି

ତୁଲାଇଥିଲେ। ଲିଗ୍ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଭାରତଠାରୁ ହାରିଥିବା ପାକିସ୍ତାନ ଏଠାରେ ବିଜୟୀ ହେବା ସହ ପରାଜୟର ମଧୁର ପ୍ରତିଶୋଧ ନେଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପକ୍ଷରୁ ଲୋକେଶ ରାହୁଲ (୨୮) ଓ ରୋହିତ ଶର୍ମା(୨୮) ଭଲ ଆରମ୍ଭ କରିଥିଲେ। ୫ ଓଭରରେ ଉଭୟ ଖେଳାଳି ୫୪ ରନ ଯୋଡିଥିଲେ। ପ୍ରଥମ ମ୍ୟାଚରେ ପ୍ରଭାବୀ ପ୍ରଦର୍ଶନ କରିଥିବା ନଶିମ ଶାହଙ୍କୁ ଉଭୟ ଆରମ୍ଭରୁ ଟାର୍ଗେଟ କରିଥିଲେ। ଫର୍ମକୁ ଫେରିଥିବା ବିରାଟ କୋହଲି ଗୋଟିଏ ପଟୁ ଦୃଢ଼ ବ୍ୟାଟିଂ କରିଥିବା ବେଳେ ମଧ୍ୟକ୍ରମରେ ଅନ୍ୟ ବ୍ୟାଟରମାନେ ବିଫଳ ହୋଇଥିଲେ। କୋହଲି ନିଜ ଟି୨୦ କ୍ୟାରିୟରର ୩୩ତମ ଅର୍ଦ୍ଧଶତକ ହାସଲ କରିବା ସହିତ ଭାରତକୁ ସଙ୍କଟରୁ ଉଦ୍ଧାର କରିଥିଲେ। ୪୪ ବଲ ଖେଳି ସେ ୪ ଚୌକା ଓ ୧ ଛକା ସହ ୬୦ ରନ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୭/୧୮୧ (ବିରାଟ କୋହଲି-୬୦, ରୋହିତ ଶର୍ମା-୨୮, ଲୋକେଶ ରାହୁଲ-୨୮, ଶଦାବ ଖାନ୍-୨/୩୧, ମହମ୍ମଦ ନୱାଜ-୧/୨୫)। ପାକିସ୍ତାନ ୧୯.୫ ଓଭରରେ ୧୮୨/୫ (ମହମ୍ମଦ ରିଜୱାନ-୭୧, ମହମ୍ମଦ ନୱାଜ-୪୨, ଭୁବନେଶ୍ୱର କୁମାର-୧/୪୦, ଅର୍ଶଦୀପ ସିଂ-୧/୨୭, ରବି ବିଷ୍ଣୋଇ-୧/୨୬, ହାର୍ଦ୍ଦିକ ପାଣ୍ଡ୍ୟା-୧/୪୪, ଯୁଜବେନ୍ଦ୍ର ଚହଲ-୧/୪୩)।

# ଭର୍ଷ୍ଟାପେନ୍ ଜିତିଲେ ଡଚ୍ ଗ୍ରାଁ ପ୍ରି

**ଜାଣ୍ଡଭୁର୍ଟ (ନେଦରଲାଣ୍ଡ୍ସ), ୪।୯:** ମାକ୍ସ ଭର୍ଷ୍ଟାପେନ୍ ରବିବାର ଘଟଣାବହୁଳ ଡଚ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ସହଜରେ ଜିତିଛନ୍ତି। ଏହି ବିଜୟ ସହ ଦ୍ୱିତୀୟ ଟାଇଟଲ ପାଇଁ ସେ ତାଙ୍କ ଅଭିଯାନ ଜାରି ରଖିଛନ୍ତି। ଏକ ଲେଟ୍ ସେଫ୍ଟି-କାର୍ ପିରିୟଡ୍ ପରେ ରେଡ୍‌ବୁଲ୍ ଡ୍ରାଇଭର ମର୍ସିଡିଜ୍‌ର ଲୁଇସ୍ ହାମିଲଟନ୍‌ଙ୍କୁ ଅତିକ୍ରମ କରିଯାଇଥିଲେ। ସେ ତାଙ୍କ ଫର୍ମୁଲା ୱାନ୍ କ୍ୟାରିୟରରେ ପ୍ରଥମଥର କ୍ରମାଗତ ୪ଟି ରେସ୍‌ରେ ବିଜୟ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ଅନୁଷ୍ଠିତ ହୋଇଯାଇଥିବା ୧୫ଟି ରେସ୍ ମଧ୍ୟରୁ ସେ ୧୦ଟିରେ ବିଜୟ ହାସଲ କରିଛନ୍ତି। ଆଉ ୭ଟି ରେସ୍ ବାକିଥିବା ବେଳେ ଚାମ୍ପିୟନଶିପ ଷ୍ଟାଣ୍ଡିଂରେ ତାଙ୍କ ଅଗ୍ରଣୀ ୧୦୯ ପଏଣ୍ଟକୁ ବୃଦ୍ଧିପାଇଛି। ସତର୍କତା ପରିୟଡରେ ମର୍ସିଡିଜ୍




ତାଙ୍କ ଟାୟାର ପରିବର୍ତ୍ତନ କରି ନ ପାରିବାରୁ ହାମିଲଟନ ଅଡୁଆରେ ପଡ଼ିଯାଇଥିଲେ। ରିଷ୍ଟାର୍ଟ ପରେ ତାଙ୍କ ଟିମ୍‌ମେଟ୍ ଜର୍ଜ ରସେଲ ଓ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତାଙ୍କୁ ଅତିକ୍ରମ କରିବା ସୁଯୋଗ ପାଇଥିଲେ ଏବଂ ପୋଡିୟମର ଅନ୍ୟ ଦୁଇଟି ସ୍ଥାନ ଦଖଲ କରିନେଇଥିଲେ। ଆଉ ୨୦ଟି ଲାପ୍ ବାକିଥିବା ବେଳେ ହାମିଲଟନଙ୍କ ଆଶା ମଉଳି ଯାଇଥିଲା। ଗତ ବର୍ଷ ଆବୁଧାବିରେ ଏହି ଭଳି ପରିସ୍ଥିତିରେ ସେ ତାଙ୍କ ଅଷ୍ଟମ ବିଶ୍ୱ ଟାଇଟଲ ହରାଇ ବସିଥିଲେ। ଏଠାରେ ସେ ରେଡ୍‌ବୁଲର ସର୍ଗିଓ ପେରେଜ, ଅଲ୍‌ପାଇନ୍‌ର ଫର୍ନାଣ୍ଡୋ ଆଲୋଁସୋ ଏବଂ ମ୍ୟାକଲରେନର ଲାଣ୍ଡୋ ନୋରିସଙ୍କ ଆଗରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଫେରାରିର କାର୍ଲୋସ ସେଞ୍ଜ ୫ମ ସ୍ଥାନ ଅଧିକାର କରିଥିଲେ।

**ଜନ୍ମବାର୍ଷିକ ଶୁଭେଚ୍ଛା**



ଆଜି ତାଳ ନବମୀ। ଶ୍ରୀମତୀ କମଳା ମିଶ୍ର (ସ୍ୱାମୀ ଶ୍ରୀ ଅଲେଖ ଚନ୍ଦ୍ର ମିଶ୍ର)ଙ୍କର ଜନ୍ମଦିନ। ପ୍ରଭୁଙ୍କ ପାଖରେ ମାଗୁଣି ତାଙ୍କୁ ସୁସ୍ଥ ଓ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ ପରିବାରର ସଦସ୍ୟ ବୃନ୍ଦ ।
ସାରଦା ଶ୍ରୀ ୯୦୪, ଶାସ୍ତ୍ରୀ ନଗର, ୟୁନିଟ୍-୪, ଭୁବନେଶ୍ୱର
ଧ-୧୪୦୯

**୧୭ତମ ଜନ୍ମଦିବସ ଉପଲକ୍ଷେ**



**ବିଶାଳ ପ୍ରିୟଦର୍ଶୀ (ଓମ୍)**
ମାଆ, ବାପା, ବଡ଼ବାପା, ବଡ଼ମାଆ, ମାମୁ, ମାଇଁ, ମଉସା, ମାଉସୀ, ପିଉସା, ପିଉସୀ, ଅଜାଙ୍କର ଜଗତର ନାଥ ଶ୍ରୀଜଗନ୍ନାଥ ଓ ଜଗତ୍ ଜନନୀ 'ମା' ଶାରଳାଙ୍କ ନିକଟରେ ଦୀର୍ଘାୟୁ କାମନା କରୁଅଛୁ।
ଧ-୭୩୩୪୮

**Biju Patnaik University of Technology, Odisha Rourkela**

Tender Notice No. BPUT/ CS&P/75/2022/5068 Date: 03.09.2022

**TENDER CALL NOTICE FOR SUPPLY OF GOLD MEDALS- 2022**

No.KK-136:- Sealed Tenders are invited from the reputed and experienced agencies/ Firms for Supply of Gold Medal for 10th Convocation of the University. The details of the Tender is available in the website i.e **www.bput.ac.in**. The last date and time of receiving of sealed Tender by Speed Post/ Registered Post addressing to the **"Registrar, Biju Patnaik University of Technology, Chhend, Rourkela -769015 is 24.09.2022 up to 5.00 pm.** University reserves right to reject any Tender without assigning any reason thereof.

Sd./-
REGISTRAR

OIPR-44003/11/0003/2223

**ମନେ ପଡ଼ନ୍ତି**

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**✓ହିମାଂଶୁ ମୋହନ ତ୍ରିପାଠୀ**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
ଏରସମା ମଧ୍ୟଇଂରାଜୀ ସ୍କୁଲ
ଏରସମା, ଜଗତ୍‌ସିଂହପୁର
ଆବିର୍ଭାବ: ୨୦।୦୪।୧୯୩୮
ତିରୋଧାନ: ୨୫।୦୮।୨୦୨୨
ତୁମ ଆଦର୍ଶର ପ୍ରତିଛବି
ତୁମ ଉଦାରତାର ପ୍ରତିଫଳନ
ତୁମ ନୈତିକତାର ମାର୍ଗଦର୍ଶନ
ଆଉ ହଠାତ୍ ଏ ଅପୂରଣୀୟ ଶୂନ୍ୟସ୍ଥାନ ଆମକୁ ସର୍ବଦା ଆନ୍ଦୋଳିତ କରିବ ।
ତୁମ ଆତ୍ମାର ସଦ୍‌ଗତି ତଥା ତୁମ୍ଭ ଶୁଭାଶୀର୍ବାଦ ହିଁ କେବଳ ମାତ୍ର କାମ୍ୟ ।
ଶୋକସନ୍ତପ୍ତ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁ ପରିଜନ ।
ଧ-୧୪୨୫

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ଚନ୍ଦ୍ରମଣି ମହାପାତ୍ର**
ଟଙ୍କପାଣି ରୋଡ୍, ଜଗନ୍ନାଥ କଲୋନୀ, ଭୁବନେଶ୍ୱର
ତିରୋଧାନ: ତା୨୬।୦୮।୨୦୨୨
ଆପଣଙ୍କ ଆଶୀର୍ବାଦ, ପ୍ରେରଣା ଆମ୍ଭମାନଙ୍କ ଉପରେ ସବୁବେଳେ ରହିଥାଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ: ଜଗନ୍ନାଥ କଲୋନୀ ସାମାଜିକ ଏବଂ ସାଂସ୍କୃତିକ ଅନୁଷ୍ଠାନର ସଭ୍ୟବୃନ୍ଦ ।
ଧ-୭୦୬୦୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ଗୀତାରାଣୀ ପଣ୍ଡା**
(ଆଦର୍ଶ ଶିକ୍ଷୟିତ୍ରୀ)
ସ୍ୱାମୀ- ଅଜୟ ଶତପଥୀ (ଅଧ୍ୟାପକ)
ସା: ଶୁଳିଆଶାସନ, ପୋ: କଳଣ, ବ୍ଲକ: ରସୁଲପୁର, ଜିଲ୍ଲା: ଯାଜପୁର
ଆବିର୍ଭାବ: ତା. ୧୫।୦୫।୧୯୭୭
ତିରୋଧାନ: ତା. ୨୫।୦୮।୨୦୨୨
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଛାତ୍ରବତ୍ସଳତା ମନୋଭାବ ଓ କର୍ତ୍ତବ୍ୟ ପରାୟଣତା ଆମ୍ଭମାନଙ୍କ ଜୀବନର ପଥ ପ୍ରଦର୍ଶକ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଓ ଯେଉଁଠି ଅଛ ଶାନ୍ତିରେ ରୁହ ବୋଲି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ସ୍ୱାମୀ, ଝିଅ, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ ।
ଧ-୧୪୨୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**✓ ଇଂ. ଦେବେନ୍ଦ୍ର ସେନାପତି**
ସ୍ଥାନ : କୁହା, ଭୁବନେଶ୍ୱର
ଆବିର୍ଭାବ-୧.୧୦.୧୯୩୮ | ତିରୋଧାନ-୧୬.୯.୨୦୨୧
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବନ୍ଧୁ ଓ ପରିବାରଙ୍କ ତରଫରୁ ବିନମ୍ର ପ୍ରାର୍ଥନା କରୁଅଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା, ଧର୍ମପରାୟଣତା ଆମ ପରିବାର ପାଇଁ ଅଭୁଲା ସ୍ମୃତି ହୋଇ ରହିଗଲା ଓ ଆପଣଙ୍କ ଶୂନ୍ୟତା ଆମ୍ଭ ସମସ୍ତଙ୍କୁ ବ୍ୟଥିତ କରୁଛି ଓ ଆପଣଙ୍କ ପ୍ରେରଣା ସଦାସର୍ବଦା ପରିବାର ନିକଟରେ ଜୀବିତ ହୋଇ ରହିବ, ଏହାହିଁ ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ଝିଅ-ଜ୍ୱାଇଁ, ପୁଅ-ବୋହୂ, ନାତି-ନାତୁଣୀ, ପୁତୁରା, ଝିଆରୀ ଏବଂ ବନ୍ଧୁ ଓ ପରିବାରଲୋକ
ଧ-୧୪୨୭

# ଚନ୍ଦ୍ରପୃଷ୍ଠରୁ ଦୃଶ୍ୟମାନ ପୃଥିବୀ



ଡ. ପ୍ରଶାନ୍ତ କୁମାର ମିଶ୍ର

"ଚନ୍ଦ୍ରାଭିଯାନ ଦ୍ୱାରା ବୈଜ୍ଞାନିକମାନେ କେବଳ ଯେ ଚନ୍ଦ୍ର ଉପରେ ତଥ୍ୟ ସଂଗ୍ରହ କରିଛନ୍ତି ତା' ନୁହେଁ, ଚନ୍ଦ୍ରରେ ଅବସ୍ଥାନ କରି ଚନ୍ଦ୍ରପୃଷ୍ଠରୁ ପୃଥିବୀର ଫଟୋ ମଧ ଉତ୍ତୋଳନ କରିଛନ୍ତି, ଯାହା ବିଶେଷକରି ଆଲୋଚନାର ପରିଧିକୁ ଆସି ନ ଥାଏ। ତନ୍ମଧ୍ୟରୁ ୩ଟି ଫଟୋକୁ ଶ୍ରେଷ୍ଠ ଛାୟାଚିତ୍ର ବା Iconic Image ର ମର୍ଯ୍ୟାଦା ମିଳିଥାଏ, ଯାହାକି ଏହି ନିବନ୍ଧର ଆଲୋଚ୍ୟ ବିଷୟ। ସେଗୁଡ଼ିକ ହେଲା ପୃଥିବୀର ଉଦୟ (Earth Rise), ନୀଳ ମାର୍ବଲ (Blue Marble) ଏବଂ ଈଷତ୍ ଝାପ୍ସା ନୀଳ ବିନ୍ଦୁ (The Pale Blue Dot)।"

ପୃଥିବୀ ବାହାରେ ଥିବା ପିଣ୍ଡଗୁଡ଼ିକର ସନ୍ଧାନ ପାଇଁ ପୃଥିବୀର ଆବଦ୍ଧ ଶୃଙ୍ଖଳର ବାହାରକୁ ଯାଇ ରୁଷିଆ ମାନବବିହୀନ ଯାନର ପରିକଳ୍ପନାରେ ନିୟୋଜିତ ଥିବାବେଳେ ଆମେରିକା ମାନବଯୁକ୍ତ ଯାନର ଗବେଷଣାରେ ଲିପ୍ତ ଥାଏ। ମାତ୍ର ସେହି ଘଡ଼ିସନ୍ଧି ମୁହୂର୍ତ୍ତରେ ବିଜୟ ହୁଏ ବିଜ୍ଞାନର ଆଉ ସ୍ୱର୍ଗକୁ ନିଶୁଣୀ ପରି ଖ-ଗୋଲୀୟ ପିଣ୍ଡଗୁଡ଼ିକର ରହସ୍ୟ ଉନ୍ମୋଚନ କରିବାର ଦ୍ୱାର ଉନ୍ମୁକ୍ତ ହୁଏ। ୧୯୫୯ ମସିହା ସେପ୍ଟେମ୍ବର ୧୩ ତାରିଖରେ ରୁଷିଆର 'ଲୁନା-୨' ପ୍ରଥମେ ଚନ୍ଦ୍ର ପୃଷ୍ଠରେ ଅବତରଣ କରେ। ରୁଷିଆର ମାନବ ବିହୀନ ଯାନ ଚନ୍ଦ୍ରକୁ ସ୍ପର୍ଶ କରିବାର ୧୦ ବର୍ଷ ପରେ ଆମେରିକାର ଅଭିଯାନ ସଫଳ ହୁଏ, ଆଉ ନୀଲ୍ ଆର୍ମଷ୍ଟ୍ରଙ୍ଗ ୧୯୬୯ ମସିହା ଜୁଲାଇ ୨୧ରେ ଚନ୍ଦ୍ରକୁ ଛୁଇଁବାରେ ପ୍ରଥମ ସଫଳ ପୃଥିବୀବାସୀ ବନିଯାଆନ୍ତି। ୨୪,୦୦୦ ମାଇଲ ଦୂରରେ ଥାଇ ପୃଥିବୀର ଅଗଣିତ ଜନମାନସ ସକାଶେ ଆର୍ମଷ୍ଟ୍ରଙ୍ଗଙ୍କ ତୁଣ୍ଡରୁ "That's One Small Step for Man, One Giant Leap For Mankind"ର ବାର୍ତ୍ତା ଆଜି ମଧ ବହୁ ଗୁରୁତ୍ୱ ବହନ କରେ।

ଧୀରେ ଧୀରେ ଅନ୍ୟ ଦେଶଗୁଡ଼ିକ ପୃଥିବୀ ବାହାରେ ଅବସ୍ଥାନ କରୁଥିବା ଗ୍ରହ ନକ୍ଷତ୍ରର ଖୋଜ୍‌ରେ ଲାଗିପଡ଼ନ୍ତି, ଆଉ ଆମ ଦେଶ ଭାରତ ମଧ ଏଥିରୁ ବାଦ୍ ପଡ଼େନି। ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ନାମକୁ ବିଶ୍ୱ ସମୁଦାୟ ସମ୍ମୁଖରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ କରେ 'ଚନ୍ଦ୍ରଯାନ-୧'କୁ ଚନ୍ଦ୍ରକୁ ପ୍ରେରଣ କରି। 'ଚନ୍ଦ୍ରଯାନ-୧'ର ସଫଳତା ପରେ 'ଚନ୍ଦ୍ରଯାନ-୨'କୁ ୨୨ ଜୁଲାଇ ୨୦୧୯ ଦିନ ୨:୪୩ ମିନିଟ ସମୟରେ ଶ୍ରୀହରିକୋଟାର ସତୀଶ ଧାୱନ ଉତ୍‌କ୍ଷେପଣ କେନ୍ଦ୍ରରୁ ମହାକାଶକୁ ପଠାଇବାରେ ମଧ ସଫଳ ହୁଏ। ବିଭିନ୍ନ ଦେଶ ଦ୍ୱାରା ସଂଘଟିତ ଚନ୍ଦ୍ରାଭିଯାନରୁ ଚନ୍ଦ୍ର ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଇଛି। ତନ୍ମଧ୍ୟରୁ ଚନ୍ଦ୍ରପୃଷ୍ଠର ଗଠନ, ଭୂମିରୂପ, ଶିଳା ସମ୍ବନ୍ଧୀୟ ତଥ୍ୟ, ଆଗ୍ନେୟ ଉଦ୍‌ଗିରଣ, ଚନ୍ଦ୍ରର ଉତ୍ପତ୍ତି ଅନ୍ୟତମ।

ଚନ୍ଦ୍ରାଭିଯାନ ଦ୍ୱାରା ବୈଜ୍ଞାନିକମାନେ କେବଳ ଯେ ଚନ୍ଦ୍ର ଉପରେ ତଥ୍ୟ ସଂଗ୍ରହ କରିଛନ୍ତି ତା' ନୁହେଁ, ଚନ୍ଦ୍ରରେ ଅବସ୍ଥାନ କରି ଚନ୍ଦ୍ରପୃଷ୍ଠରୁ ପୃଥିବୀର ଫଟୋ ମଧ ଉତ୍ତୋଳନ କରିଛନ୍ତି, ଯାହା ବିଶେଷ କରି ଆଲୋଚନାର ପରିଧିକୁ ଆସି ନ ଥାଏ। ତନ୍ମଧ୍ୟରୁ ୩ଟି ଫଟୋକୁ ଶ୍ରେଷ୍ଠ ଛାୟାଚିତ୍ର ବା Iconic Image ର ମର୍ଯ୍ୟାଦା ମିଳିଥାଏ, ଯାହାକି ଏହି ନିବନ୍ଧର ଆଲୋଚ୍ୟ ବିଷୟ। ସେଗୁଡ଼ିକ ହେଲା ପୃଥିବୀର ଉଦୟ (Earth Rise), ନୀଳ ମାର୍ବଲ (Blue Marble) ଏବଂ ଈଷତ୍ ଝାପ୍ସା ନୀଳ ବିନ୍ଦୁ (The Pale Blue Dot)।





୧୯୬୮ ମସିହାରେ ଆଣ୍ଡରସଙ୍କ ନେତୃତ୍ୱରେ 'ଆପୋଲୋ-୮' ଚନ୍ଦ୍ରକୁ ପରିକ୍ରମା କରିଥିଲା। କିନ୍ତୁ ଦୁଃଖର କଥା, ଭିଏତ୍‌ନାମ ଯୁଦ୍ଧ, ମାର୍ଟିନ ଲୁଥର କିଙ୍ଗ ଜୁନିଅର ଆଉ ରବର୍ଟ କେନେଡିଙ୍କ ବର୍ବର ହତ୍ୟା ତଥା ଶୀତଳ ଯୁଦ୍ଧର ଭୟାବହ, ଆପୋଲୋ-୮ ଦ୍ୱାରା ନିର୍ଦ୍ଧାରିତ ଲକ୍ଷ୍ୟ ହାସଲ ପୂର୍ବରୁ 'ଆପୋଲୋ-୮' ମିଶନକୁ ବନ୍ଦ କରିବାକୁ ବାଧ ହୁଅନ୍ତି ଆଣ୍ଡରସ। ଆଉ ମିଶନ 'ଆପୋଲୋ-୮' ବନ୍ଦ ହେବାର କିଛିକ୍ଷଣ ପୂର୍ବରୁ ପୃଥିବୀର ଏକ ଫଟୋ ଉତ୍ତୋଳନ କରିଥିଲେ ଆଣ୍ଡରସ, ଯାହାକୁ ପୃଥିବୀର ଉଦୟ ନାମରେ ନାମିତ କରାଯାଇଛି। ଆଣ୍ଡରସଙ୍କ କହିବାନୁଯାୟୀ, ଚନ୍ଦ୍ରକୁ ପ୍ରଦକ୍ଷିଣ କରିବାର ଅନ୍ତିମ ସମୟରେ ସମ୍ପୂର୍ଣ୍ଣ ଅନ୍ଧକାରମୟ ବ୍ରହ୍ମାଣ୍ଡରେ ଏକ ମନୋମୁଗ୍ଧକର ଉଦ୍‌ଘୋଷିତ, ଉଜ୍ଜ୍ୱଳ ପିଣ୍ଡର ଆବିର୍ଭାବ ହେବା ପରି ପ୍ରତୀୟମାନ ହୁଏ। ଏହି ମହାର୍ଘ୍ୟ ସମୟକୁ କ୍ୟାମେରାରେ ବନ୍ଦି କରିବା ପରେ, ଜଣାପଡ଼େ ଏହା ଏକ ପୃଥିବୀର ଫଟୋଚିତ୍ର ବୋଲି। ପୃଥିବୀର ଜନମାନସ ଯୁଦ୍ଧରେ ଲିପ୍ତ ଥିବାବେଳେ, ଚନ୍ଦ୍ରପୃଷ୍ଠରୁ ଜଣାପଡ଼େ ସତେ ଅବା ସଭିଏଁ କାନ୍ଧରେ କାନ୍ଧ ମିଳାଇ ଏକ ମାନବ ଶୃଙ୍ଖଳ ଗଠନ କରିବାର ଏକ ସକ୍ରିୟ ଭୂମିକାରେ ଅବତୀର୍ଣ୍ଣ। ଯୁଦ୍ଧର ଅବସାନ ହେବ, ଆଉ ପୃଥିବୀର ଜନବାସୀମାନେ ପରସ୍ପର ମଧ୍ୟରେ ଏକ ଭ୍ରାତୃଭାବର ପରିଚୟ ନେଇ ସଂକୀର୍ଣ୍ଣ ଚିନ୍ତାଧାରାରୁ ଉପରକୁ ଉଠିବେ ବୋଲି ଆଶାବାନ୍ଧି ଏକ ନୂତନ ପୃଥିବୀର ପରିକଳ୍ପନା କରିବା ଆଶାରେ, ଆଣ୍ଡରସ ଉକ୍ତ ଚମତ୍କାର ଦୃଶ୍ୟମାନ ହେଉଥିବା ଫଟୋକୁ 'ପୃଥିବୀର ଉଦୟ' ବୋଲି ଯଥାର୍ଥ ନାମକରଣ କରିଥିଲେ।

ଯେତେବେଳେ ଶୀତଳ ଯୁଦ୍ଧ, ଭିଏତନାମ ଯୁଦ୍ଧ ଯୋଗୁଁ ରାଷ୍ଟ୍ର ରାଷ୍ଟ୍ର ବିରୋଧରେ ସଂଗ୍ରାମ ଏବଂ ଲକ୍ଷ ଲକ୍ଷ ନୀରିହ ବ୍ୟକ୍ତି ବିନା କାରଣରେ ମୃତ୍ୟୁପଥର ଯାତ୍ରୀ ହୋଇଥାନ୍ତି, ସେତେବେଳେ 'ପୃଥିବୀର ଉଦୟ' ଫଟୋଟି 'ପ୍ରାଚୁର୍ଯ୍ୟମୟ ଜୀବନର' ଏକ ପ୍ରତୀକ ରୂପେ ଦଣ୍ଡାୟମାନ ହୁଏ। ଭୂପୃଷ୍ଠରୁ ଖାଦ୍ୟ ସଙ୍କଟକୁ ଦୂରୀଭୂତ କରି, ଦେଶ ଦେଶକୁ ପ୍ରାଚୁର୍ଯ୍ୟ ତଥା ସବୁଜିମାରେ ଭରିଦେବା ସକାଶେ ଏକ ସବୁଜ ଆଉ ସୁନ୍ଦର ପୃଥିବୀର ବାର୍ତ୍ତା ପ୍ରେରଣ କରେ। ପରିଣାମ ସ୍ୱରୂପ, ପୃଥିବୀ ଉଦୟ ବାର୍ତ୍ତାକୁ ପାଥେୟକରି ଭାରତ ସମେତ ଅନ୍ୟ ରାଷ୍ଟ୍ରମାନେ ସବୁଜ ବିପ୍ଳବକୁ ଆଦରି ନିଅନ୍ତି।

ପ୍ରଥମ ଫଟୋଚିତ୍ର ଉତ୍ତୋଳନ ହେବାର ୪ ବର୍ଷର ଅବ୍ୟାହତି ପରେ ୧୯୭୨ ମସିହାର ଶେଷ ଆଡ଼କୁ ଏବଂ ଶେଷ ମାନବଯୁକ୍ତ ଯାନ 'ଆପୋଲୋ -୧୭' ଦ୍ୱାରା ଦ୍ୱିତୀୟ ଫଟୋ ଉଠାଯାଏ। ଏହାକୁ 'ନୀଳ ମାର୍ବଲ' ବା Blue Marble ନାମରେ ନାମିତ କରାଯାଇଛି। ଏହି ଫଟୋଟି ମଧ 'ପୃଥିବୀର ଉଦୟ' ପରି ଏକ ଲୋକପ୍ରିୟ ଚିତ୍ର। ନୀଳ ମାର୍ବଲ ଫଟୋଟି ଭୂମଣ୍ଡଳ ସଂପୂର୍ଣ୍ଣ ଆଲୋକିତ ଥିବାବସ୍ଥାରେ ଉଠାଯାଇଥିଲା।

ସୂର୍ଯ୍ୟ ତାପ ଓ ବାୟୁ ପ୍ରବାହର ଅସାମଞ୍ଜସ୍ୟ ହେତୁ ପ୍ରକୃତିର ପ୍ରମତ୍ତ ରୂପକୁ ଘୂର୍ଣ୍ଣିବାତ୍ୟା କୁହାଯାଏ। ଘୂର୍ଣ୍ଣିବାତ୍ୟା ମାତ୍ର କିଛି କ୍ଷଣରେ ସୃଷ୍ଟି କରେ ଧ୍ୱଂସର ମହତାଣ୍ଡବ। ମାତ୍ର କିଛି ଘଣ୍ଟାର ରଣତାଣ୍ଡବ ଉଜାଡ଼ି ଦେଇଥାଏ କେତେ କେତେ ନିରୀହ ମଣିଷର ଘର ସଂସାର ଆଉ ଧ୍ୱଂସ କରେ ଅସଂଖ୍ୟ ଅମୂଲ୍ୟ ଜୀବନ। ବାୟୁ ପ୍ରବାହର ଅସାମଞ୍ଜସ୍ୟ ହେତୁ ସମୁଦ୍ରପୃଷ୍ଠରେ ସୃଷ୍ଟି ହେଉଥିବା ତରଙ୍ଗ ଏବଂ ତରଙ୍ଗର ଗତିପଥ ଜଣା ପଡୁଥିଲା 'ନୀଳ ମାର୍ବଲ' ଫଟୋରୁ। ଠିକ୍ ସେହିପରି 'ନୀଳ ମାର୍ବଲ' ଫଟୋଟି ମଧ ବାନ୍ଧି ରଖିଥିଲା ଚେନ୍ନାଇ ଠାରେ ସଂଘଟିତ ହୋଇଥିବା ଘୂର୍ଣ୍ଣିଝଡ଼କୁ। ସେ ସମୟରେ ପାଣିପାଗ ବିଜ୍ଞାନର ପ୍ରଭୂତ ଉନ୍ନତି ଘଟି ନ ଥିବାରୁ ଆଗୁଆ ସତର୍କ ସୂଚନା ପ୍ରଦାନ କରାଯାଇ ପାରୁ ନ ଥିଲା। 'ନୀଳ ମାର୍ବଲ' ଫଟୋଟି ଥିଲା ପାଣିପାଗ ବିଜ୍ଞାନୀଙ୍କ ପାଇଁ ବରଦାନ ସଦୃଶ। ଘୂର୍ଣ୍ଣିଝଡ଼ର ରୂପରେଖକୁ ଠିକ୍ ନିର୍ଣ୍ଣୟ କରିବା ସଙ୍ଗେ ସଙ୍ଗେ ଆଗୁଆ ସୂଚନା ପ୍ରଦାନ କରିବାରେ 'ନୀଳ ମାର୍ବଲ' ଫଟୋଟି ପାଣିପାଗ ବିଜ୍ଞାନର ଭିତ୍ତିପ୍ରସ୍ତର ପକାଇଥିଲା କହିଲେ ଅତ୍ୟୁକ୍ତି ହେବନାହିଁ। (କ୍ରମଶଃ..)

- ସହକାରୀ ପ୍ରଫେସର, ଭୂତତ୍ତ୍ୱ ବିଜ୍ଞାନ ବିଭାଗ, ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦୁଝର
ମୋ : ୯୯୬୭୩୪୦୪୦୪

## ସ୍ମାର୍ଟ ଘଣ୍ଟା



ଘଣ୍ଟା ଆମକୁ ସମୟ ବିଷୟରେ ଅବଗତ କରାଇଥାଏ। ଆଜିକାଲି ବିଭିନ୍ନ ପ୍ରକାର ହାଇଟେକ୍ ଘଣ୍ଟା ପ୍ରସ୍ତୁତ ହେଲାଣି। ହେଲେ ଏପରି ଏକ ସ୍ମାର୍ଟ ଘଣ୍ଟା ଅଛି, ଯାହା ଆପଣଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ସୂଚନା ଦେବା ସହ ତାହାକୁ ଗ୍ରହଣ ନ କରିବା ପର୍ଯ୍ୟନ୍ତ ବନ୍ଦ ହୋଇ ନ ଥାଏ। କଥା କ'ଣ କି ଆଜିକାଲି ଭୋର୍‌ରୁ ହେଉ କିମ୍ବା କୌଣସି କାମ ପୂର୍ବରୁ କେତେକ ଘଣ୍ଟାରେ ଆଲାରାମ ସେଟ୍ କରିଥାଆନ୍ତି। ଆଲାରାମ କିଛି ସମୟ ବାଜିବା ପରେ ବନ୍ଦ ହୋଇଯାଇଥାଏ। ବିଶେଷ ଭାବରେ ଭୋର୍‌ରୁ ଉଠିବା ପାଇଁ ସେଟ୍ ହୋଇଥିବା ଆଲାରାମକୁ ନିଘୋଡ଼ ନିଦରେ ଶୋଇଥିବା କେତେକ ବ୍ୟକ୍ତି ଗ୍ରହଣ କରି ନ ଥାନ୍ତି। ହେଲେ ବିଛଣା ଛାଡ଼ିଲା ବେଳକୁ ସେମାନଙ୍କର ରୁଟିନ୍ ଲାଇଫ୍ ଓଲଟ ପାଲଟ ହୋଇଯାଇଥାଏ। ତେବେ ଏହି ସ୍ମାର୍ଟ ଘଣ୍ଟାର ଆଲାରାମ ସମ୍ପୃକ୍ତ ବ୍ୟକ୍ତି ନ ଉଠିବା ପର୍ଯ୍ୟନ୍ତ ବାଜିଥାଏ। ଏଥିରେ କୌଣସି ତାର ସଂଯୋଗ କରାଯାଇ ନ ଥାଏ। କେବଳ ବ୍ୟାଟେରି ପକାଇଲେ ତାହା ଚାଲିଥାଏ। ଯଦି ସେହି ବ୍ୟକ୍ତି ଏହାର ଆଲାରାମକୁ ଧ୍ୟାନ ନ ଦିଅନ୍ତି ତେବେ ତାହା ସେ ଉଠିବା ପର୍ଯ୍ୟନ୍ତ ବାଜି ଚାଲିଥାଏ। ବିଶେଷଭାବରେ ଅଳସୁଆ ବ୍ୟକ୍ତିଙ୍କ ପାଇଁ ଏଭଳି ସ୍ମାର୍ଟ ଘଣ୍ଟା ଅଧିକ କାମରେ ଆସିବ ବୋଲି ପ୍ରସ୍ତୁତକାରୀ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ହୃଦ୍‌ରୋଗ ଆଶଙ୍କା କମାଏ ଉପବାସ

ଆଜିର ସମୟରେ ହୃଦ୍‌ରୋଗ ଅନ୍ୟତମ ଗମ୍ଭୀର ସମସ୍ୟା ପାଲଟି ଗଲାଣି। ହେଲେ ଏହାର ଠିକ୍ ସମୟରେ ଚିକିତ୍ସା କରାଇ ନେବା ଦରକାର। ନ ହେଲେ ତାହା ଜୀବନନାଶକ ହୋଇଥାଏ। ଶାରୀରିକ ପରିଶ୍ରମର ଅଭାବ, ନିଶା ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଆଦି ହୃଦ୍‌ରୋଗର ଅନ୍ୟତମ କାରଣ। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ଅନ୍ତତଃ ପକ୍ଷେ ମାସକୁ ଥରେ ଉପବାସ ରହିବା ଦ୍ୱାରା ହୃଦ୍‌ଘାତ ଆଶଙ୍କା ହ୍ରାସ ପାଏ। ଅଲିଭ୍ ତେଲ ହୃତ୍‌ପିଣ୍ଡଜନିତ ସମସ୍ୟା ହ୍ରାସ କରିପାରେ। ହଳଦୀରେ ଥିବା କୁର୍କୁମିନ୍ ନାମକ ଔଷଧୀୟ ପଦାର୍ଥ ହୃଦ୍‌ରୋଗରୁ ରକ୍ଷା କରିଥାଏ। ତେଣୁ ସବୁବେଳେ ଚାପମୁକ୍ତ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ହୃଦ୍‌ରୋଗ ପାଇଁ ଓଜନ ବୃଦ୍ଧି ବା ମେଦ ବହୁଳତା ୩୨ ଭାଗ ଦାୟୀ। ତେଣୁ ଶରୀରର ଗଢ଼ଣ ଓ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



## ରେଷ୍ଟଲେସ୍ ଲେଗ୍ ସିନ୍‌ଡ୍ରୋମ୍

କେତେକେ ଚେୟାର, ସୋଫା କିମ୍ବା କେଉଁ ସ୍ଥାନରେ ବସିବା ବେଳେ ଗୋଡ଼ ହଲାଇ ଥାଆନ୍ତି। ସମୟକ୍ରମେ ଏହା ଅଭ୍ୟାସରେ ପରିଣତ ହୋଇଯାଇଥାଏ। ଏପରି ଅଭ୍ୟାସ ପାଇଁ ସେମାନେ ରାତିରେ ଶୋଇବା ସମୟରେ ଗୋଡ଼ ହଲାଇ ଥାଆନ୍ତି। ଏହାଦ୍ୱାରା ତାଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଏପରି ସମସ୍ୟାକୁ ଡାକ୍ତରୀ ଭାଷାରେ 'ରେଷ୍ଟଲେସ୍ ଲେଗ୍ ସିନ୍‌ଡ୍ରୋମ' ବୋଲି କୁହାଯାଏ। ବାରମ୍ବାର ଗୋଡ଼ କୁଣ୍ଡାଇ ହେବା, କୌଣସି ସ୍ଥାନରେ ପୋକ କାମୁଡ଼ିବା ପରି ଲାଗିବାକୁ ଏହାର ଲକ୍ଷଣ ଭାବରେ ଗ୍ରହଣ କରାଯାଇଛି। କେତେକ ବିଶେଷଜ୍ଞ ଏହାକୁ ବଂଶଗତ ରୋଗ ବୋଲି ଅଭିହିତ କରିଛନ୍ତି। ଏପରି ଅଭ୍ୟାସ ପାଇଁ ଠିକ୍ ଭାବରେ ନିଦ ନ ହେବା ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କର ସ୍ୱଭାବ ଚିଡ଼ିଚିଡ଼ା ହୋଇଯାଏ, ମୁଣ୍ଡ ବିନ୍ଧିଥାଏ ଏପରିକି ସେମାନେ ଗୋଟିଏ ସ୍ଥାନରେ ଅଧିକ ସମୟ ବସି ରହିପାରି ନ ଥାନ୍ତି। ଏପରି ସମସ୍ୟାରୁ ନିଜକୁ କେତେକାଂଶରେ ଦୂରେଇ ରଖିବାକୁ ଭିଟାମିନ୍ 'ବି', ଆଇରନ୍ ଏବଂ ମ୍ୟାଗ୍ନେସିୟମଯୁକ୍ତ ଖାଦ୍ୟ ଖାଆନ୍ତୁ। ପ୍ରତିଦିନ କିଛି ସମୟ ଚାଲନ୍ତୁ। ସାଇକେଲିଂ ମଧ କରିପାରନ୍ତି। ତା' ସହ ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ। ପାଦକୁ ମସାଜ କରିବା ଦ୍ୱାରା ଏଭଳି ସମସ୍ୟାରୁ କେତେକାଂଶରେ ଉପଶମ ମିଳିଥାଏ।



## ଅବସାଦଗ୍ରସ୍ତ ହୋଇଥିଲେ..

ବର୍ତ୍ତମାନ ପ୍ରାୟ ଅନେକେ ନିଜ କାମକୁ ନେଇ ବ୍ୟସ୍ତ। ଆଉ ତା' ଭିତରେ କେତେକ ଅବସାଦଗ୍ରସ୍ତ ହୋଇଥାଆନ୍ତି। ନିକଟରେ ଏଭଳି ବିଷୟକୁ ନେଇ ବର୍ମିଂହାମ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ (ଯେଉଁମାନେ ଅଧିକାଂଶ ସମୟ ଅବସାଦଗ୍ରସ୍ତ ରହୁଥିଲେ) ପରସ୍ପର ସହ ସକାରାତ୍ମକ ମାନସିକତାରେ କଥାବାର୍ତ୍ତା ହେବାକୁ ପରାମର୍ଶ ଦିଆଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବରେ ଏହାର ସୁଫଳ କେତେକଙ୍କଠାରେ ଦେଖିବାକୁ ମିଳିଥିଲା। ସେମାନେ ପରସ୍ପର ସହ କଥା ହେବା ଦ୍ୱାରା କିଛି ବ୍ୟକ୍ତି ଅବସାଦଠାରୁ ନିଜକୁ ଅନେକାଂଶରେ ଦୂରେଇ ନେବାରେ ସମର୍ଥ ହୋଇଥିଲେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତା' ସହ ନିୟମିତ ଯୋଗ ଏବଂ ପ୍ରାଣାୟାମ କରିବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।



## ଛଅଟି କଥା



►ପ୍ରତିଦିନ ସକାଳୁ ଗୋଟିଏ ସେଓ ଖାଆନ୍ତୁ। ଏହାର କିଛି ସମୟ ପରେ ପାଣି କିମ୍ବା କ୍ଷୀର ପିଇପାରନ୍ତି। ଏହାଦ୍ୱାରା ମୁଣ୍ଡବିନ୍ଧାରୁ କେତେକାଂଶରେ ଉପଶମ ମିଳିଥାଏ।

►ଘରେ ଯଦି ଔଷଧ ରଖୁଛନ୍ତି ତେବେ ଏହାର ବ୍ୟବହାର ସମ୍ପର୍କରେ ଭଲ ଭାବରେ ଅବଗତ ରୁହନ୍ତୁ। କୌଣସି ମେଡିସିନକୁ ନେଇ ମନରେ କୌଣସି ପ୍ରଶ୍ନ ଆସିଲେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

►କମ୍ପ୍ୟୁଟର, ଲାପଟପ୍ ସାମ୍ନାରେ ବସି ଅଧିକ ସମୟ କାମ କରୁଥିଲେ ନିୟମିତ ସମୟ ଅନ୍ତରାଳରେ ଆଖିକୁ କିଛି ସମୟ ବିଶ୍ରାମ ଦିଅନ୍ତୁ।

►ଯଦି ଆପଣଙ୍କର ଅଣ୍ଟାଜନିତ ସମସ୍ୟା ରହିଛି ତେବେ କିପରି ବସାଉଠା କରିବେ ସେ ନେଇ ଡାକ୍ତରଙ୍କ ସହ ଭଲ ଭାବରେ ପରାମର୍ଶ କରନ୍ତୁ।

►ପ୍ରତିଦିନ ସକାଳେ କିଛି ସମୟ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସନ୍ତୁ। କାରଣ ଏହା ଆମ ଶରୀର ପାଇଁ ଅତି ଆବଶ୍ୟକ ହେଉଥିବା ଭିଟାମିନ୍ 'ଡି'ର ପ୍ରମୁଖ ଉତ୍ସ ମଧ୍ୟରୁ ଅନ୍ୟତମ।

►ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ୍‌ଜନିତ ସମସ୍ୟା ରହିଛି, ତେବେ ନିଜର ଖାଦ୍ୟପେୟ ପ୍ରତି ଅଧିକ ସଚେତନ ରୁହନ୍ତୁ।

## ଉପକାରୀ ଯୋଗ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ନିଜକୁ ସୁସ୍ଥ ରଖିବା ହେଉଛି ବଡ଼ କଥା। କାରଣ ଅନେକେ କାର୍ଯ୍ୟବ୍ୟସ୍ତତା ଭିତରେ ନିଜ ଶରୀର ପ୍ରତି ଆବଶ୍ୟକ ମୁତାବକ ଦୃଷ୍ଟି ଦେବାକୁ ଭୁଲି ଯାଇଥାଆନ୍ତି। ଫଳରେ ସେମାନେ କେତେକ ରୋଗର ଶିକାର ହୋଇଥାଆନ୍ତି। ତେବେ ଏ କ୍ଷେତ୍ରରେ ଯୋଗର ଭୂମିକା ମଧ ରହିଛି। ଜଣେ ବ୍ୟକ୍ତି ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ ସକାଳୁ ଅତିକମ୍‌ରେ ଅଧଘଣ୍ଟାଏ ଚାଲିବା ଦରକାର। ଏହାବ୍ୟତୀତ ବ୍ୟାୟାମ ଏବଂ ଯୋଗକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଯୋଗର ମଧ ଆବଶ୍ୟକତା ରହିଛି। ନିୟମିତ ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ୍ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ ଠିକ୍ ଭାବେ ହୋଇଥାଏ। ତା'ସହ ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକ ମଜଭୁତ ରହିଥାଏ। ଆଉ ଏକ ଖାସ୍ କଥା ହେଲା ଯୋଗ କରିବା ଦ୍ୱାରା ରକ୍ତଚାପ ସନ୍ତୁଳିତ ରହିଥାଏ। ଅନେକ ସମୟରେ ଅଧିକାଂଶ ଲୋକ ଚାପରେ ରହିବା ଯୋଗୁ ନିଦ୍ରାହୀନତାର ଶିକାର ହୁଅନ୍ତି। ତେଣୁ ଏହାକୁ ଦୂରେଇବାକୁ ହେଲେ, ଯୋଗ କରିପାରନ୍ତି। ତେବେ ଯୋଗ କରିବା ପୂର୍ବରୁ ଯୋଗ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।



## ସ୍ୱାସ୍ଥ୍ୟ ସୂଚନା

➢ସକାଳୁ ବିଛଣା ଛାଡ଼ିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ। ଏହାଦ୍ୱାରା ଶରୀର ଭିତରେ ରକ୍ତ ସଞ୍ଚାଳନ ଠିକ୍ ଭାବରେ ହୋଇଥାଏ। ତା'ସହ ପାଚନ କ୍ରିୟା ପୂର୍ବାପେକ୍ଷା ଆହୁରି ସକ୍ରିୟ ରହିଥାଏ।

➢ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା ପାଲଟିଗଲାଣି। ହେଲେ ଏଥିରୁ ରକ୍ଷା ପାଇବାର ଏକ ସହଜ ଉପାୟ ହାତ ପାଆନ୍ତାରେ ରହିଛି ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପୁଷ୍ଟିବିଜ୍ଞାନୀମାନେ ନିକଟରେ ଏକ ଗବେଷଣାରୁ ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ବ୍ରେକ୍‌ଫାଷ୍ଟ କରନ୍ତି, ତେବେ ତାଙ୍କର ଓଜନ କେତେକାଂଶରେ ସନ୍ତୁଳିତ ରହିଥାଏ।



➢ବ୍ୟାୟାମ କରିବା ପୂର୍ବରୁ କିଛି ହାଲୁକା ଖାଦ୍ୟ ଖାଆନ୍ତୁ। ବ୍ୟାୟାମର ଠିକ୍ ପରେ ପରେ ଆଦୌ ପାଣି ପିଅନ୍ତୁ ନାହିଁ। କିଛି ସମୟ ବିଶ୍ରାମ ନେବା ପରେ ପାଣି ପିଅନ୍ତୁ।

➢କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ପାଇଁ ଯଦି ଡାକ୍ତର କିଛି ପାଥୋଲୋଜିକାଲ ଟେଷ୍ଟ କରିବାକୁ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଛନ୍ତି, ତେବେ ତାହାକୁ ଗୋଟିଗୋଟି ଟେଷ୍ଟ କରାନ୍ତୁ। ଏହାଦ୍ୱାରା ଡାକ୍ତରଙ୍କୁ ରୋଗ ନିରୂପଣ କରିବାକୁ ସହଜ ହୋଇଥାଏ।

➢କୌଣସି ଔଷଧ ଉପରେ ଯଦି ଆପଣଙ୍କର ସବିଶେଷ ଜ୍ଞାନ ନାହିଁ, ତେବେ ଅନ୍ୟମାନଙ୍କୁ ଏହାକୁ ଖାଇବାକୁ ପରାମର୍ଶ ଦିଅନ୍ତୁ ନାହିଁ।

➢ପ୍ରତିଦିନ ସକାଳେ ଏବଂ ରାତ୍ର ଭୋଜନ ପରେ ବ୍ରଶ୍ କରିବାକୁ ଭୁଲନ୍ତୁ ନାହିଁ। ହେଲେ ଏହାର ଏକ ସମୟ ଅବଧି ରହିଛି। ପ୍ରତିଥର ଅତିକମ୍‌ରେ ଦୁଇ ମିନିଟ୍ ବ୍ରଶ୍ କରନ୍ତୁ।

# କୋଚ୍‌ଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣିଲେ ଟେନିସ ଖେଳାଳି

**ନ୍ୟୁୟର୍କ, ୪।୯(ଏପି):** ଗତବର୍ଷ କ୍ୟାରିୟର ଶ୍ରେଷ୍ଠ ର‍୍ୟାଙ୍କିଙ୍ଗ୍ ୩୯ତମ ସ୍ଥାନରେ ପହଞ୍ଚିଥିବା ଫ୍ରେଞ୍ଚ୍ ମହିଳା ଟେନିସ୍‌ଖେଳାଳି ଫିଓନା ଫେରୋ ତାଙ୍କ କୋଚ୍‌ଙ୍କ ବିରୁଦ୍ଧରେ ଯୌନଶୋଷଣ ଓ ବଳାତ୍କାର ଅଭିଯୋଗ ଆଣିଛନ୍ତି। ୨୫ ବର୍ଷୀୟା ଫିଓନା ଗତ ସପ୍ତାହରେ ଫ୍ରେଞ୍ଚ ଓପନ୍ କ୍ୱାଲିଫାଇଂରେ ପରାଜିତ ହୋଇଥିଲେ। ସେ ପୂର୍ବତନ କୋଚ୍ ପିଏରେ ବୋଟିରେଙ୍କ ବିରୁଦ୍ଧରେ ତାଙ୍କ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଫ୍ରେଞ୍ଚ ଟେନିସ ଫେଡେରେଶନ ଏହି ପ୍ରସଙ୍ଗରେ ଫିଓନାଙ୍କ ପଛରେ ଛିଡ଼ାହୋଇଛି ଏବଂ ଏକ ସିଭିଲ୍ ମକଦ୍ଦମା ଲାଗି ବିଚାର କରି ଦେଖୁଛି। ଫ୍ରେଞ୍ଚ୍ ଟେନିସ୍ ଖେଳାଳି ଜଣକ ସୋସିଆଲ ମିଡିଆରେ କହିଛନ୍ତି, ଦେଶର ବିଚାର ବ୍ୟବସ୍ଥା ତାଙ୍କର ଦୃଢ଼ ବିଶ୍ୱାସ ରହିଛି। ଆପରାଧିକ ତଦନ୍ତ ଉପରେ ସେ ଅନ୍ୟ କୌଣସି ବିବୃତି ଦେବାକୁ ଚାହାନ୍ତିନାହିଁ। ଯୌନ ଶୋଷଣକାରୀ କୋଚ୍‌ମାନଙ୍କଠାରୁ ସୁରକ୍ଷା ପ୍ରସଙ୍ଗ ନେଇ ଦୃଷ୍ଟି ଆକର୍ଷଣ କରିବାରେ ଫିଓନା ହେଉଛନ୍ତି ସଦ୍ୟତମ ଟେନିସ୍ ଖେଳାଳି। ମହିଳା ଟେନିସ୍ ଆସୋସିଏଶନର ଜଣେ ମୁଖପାତ୍ର ଏକ ବିବୃତିରେ କହିଛନ୍ତି, ଅଭିଯୋଗ ସହ ଆଗକୁ ଆସିବାର ସାହସ ଥିବାରୁ ଆମେ ଫିଓନାଙ୍କୁ ପ୍ରଶଂସା କରୁଛୁ। ଅଭିଯୋଗର ତଦନ୍ତ ସହ ଆଇନଗତ ପଦକ୍ଷେପ ନିଆଯାଉଥିବା ସ୍ୱାଗତଯୋଗ୍ୟ। ଶନିବାର ୟୁଏସ୍ ଓପନ୍‌ରେ ତାଙ୍କ ତୃତୀୟ ରାଉଣ୍ଡ ମ୍ୟାଚ୍ ଜିତିବା ପରେ ଭିକ୍ଟୋରିଆ ଆଜାରେଙ୍କା କୋଚ୍‌ମାନଙ୍କ ଦ୍ୱାରା ଯୁବ ଖେଳାଳି କିପରି ଶୋଷିତ ହେଉଛନ୍ତି ସେ କଥା ଉଠାଇଥିଲେ।

# ଅନିସ୍କା ଜିତିଲେ ସ୍ୱର୍ଣ୍ଣ ପଦକ

**ମୁମ୍ବାଇ, ୪।୯ (ପି.ଟି.):** କୁଆଲାଲମ୍ପୁରରେ ଚାଲିଥିବା ମାଲେସିଆନ୍ ଏଜ୍ ଗ୍ରୁପ୍ ରାପିଡ୍ ଚେସ୍ ଚାମ୍ପିୟନଶିପ୍‌ରେ ୬ ବର୍ଷୀୟା ବାଳିକା ଅନିସ୍କା ବିୟାନୀ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଅନିସ୍କା ମୁମ୍ବାଇସ୍ଥିତ ଧୀରୁଭାଇ ଅମ୍ବାନୀ ସ୍କୁଲର ଜଣେ ପ୍ରଥମ ଗ୍ରେଡ୍ ଛାତ୍ରୀ। ସେ ୬ ବର୍ଷରୁ କମ୍ ଓପନ୍ କାଟେଗୋରିରେ ସମ୍ଭାବ୍ୟ ୬ରୁ ୪ ପଏଣ୍ଟ ସ୍କୋର କରି ବାଳିକା ବର୍ଗରେ ଟାଇଟଲ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୮ଟି ଦେଶର ପ୍ରତିଯୋଗୀ ଭାଗ ନେଇଥିଲେ। ଚଳିତ ବର୍ଷ ପ୍ରାରମ୍ଭରେ ହାଇଦ୍ରାବାଦର ୟୁସୁଫ୍‌ଗୁଡ଼ାଠାରେ ଅନୁଷ୍ଠିତ ସର୍ବଭାରତୀୟ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟରେ ଜଣେ ୭ ବର୍ଷରୁ କମ୍ ଶ୍ରେଷ୍ଠ ଖେଳାଳି ଭାବେ ଯୋଗ୍ୟତା ଅର୍ଜନ କରିଥିଲେ। ଅନିସ୍କା ବର୍ତ୍ତମାନ ଆଗାମୀ ସିଙ୍ଗାପୁର ଓପନ୍ ନ୍ୟାଶନାଲ ଏଜ୍ ଗ୍ରୁପ୍ ଚାମ୍ପିୟନଶିପ୍ ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି।







# ଅନ୍ତର୍ଜାତୀୟ ଟି୨୦ରୁ ଅବସର ନେଲେ ମୁସ୍‌ଫିକର

**ଢାକା, ୪।୯(ପି.ଟି.):** ବାଂଲାଦେଶ ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ମୁସ୍‌ଫିକର ରହିମ ଅନ୍ତର୍ଜାତୀୟ ଟି୨୦ କ୍ରିକେଟରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ସେ ଏଣିକି କେବଳ ଅନ୍ତର୍ଜାତୀୟ ଦିନିକିଆ ଓ ଟେଷ୍ଟରେ ମନୋନିବେଶ କରିବେ। ତେବେ ସୁଯୋଗ ମିଳିଲେ ସେ ଫ୍ରାଞ୍ଚାଇଜ୍ କ୍ରିକେଟ ଖେଳିବା ଜାରି ରଖିବେ ବୋଲି ବାଂଲାଦେଶର ଏହି ୩୫ ବର୍ଷୀୟ ପୂର୍ବତନ ଅଧିନାୟକ ପ୍ରକାଶ କରିଛନ୍ତି। ଏସିଆ କପ୍‌ରେ ବାଂଲାଦେଶ ଗୋଟିଏ ହେଲେ ମ୍ୟାଚ୍ ଜିତି ନ ପାରି ଟୁର୍ନାମେଣ୍ଟରୁ ବିଦାୟ ନେବାପରେ ମୁସ୍‌ଫିକର ଏହି ଘୋଷଣା କରିଛନ୍ତି। କିଛିଦିନ ହେଲା କ୍ରିକେଟ୍‌ର କ୍ଷୁଦ୍ରତମ ଫର୍ମାଟ୍‌ରେ ମୁସ୍‌ଫିକରଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଗତ ୧୦ ଅନ୍ତର୍ଜାତୀୟ ଟି୨୦ରେ ସେ ୩ଥର ଦୁଇ ଅଙ୍କବିଶିଷ୍ଟ ସ୍କୋର କରିପାରିଛନ୍ତି। ଏସିଆ କପ୍‌ରେ ସେ ଦୁଇଟି ମ୍ୟାଚ୍‌ରେ ମାତ୍ର ୫ ରନ୍ କରିପାରିଥିଲେ। ବାଂଲାଦେଶ ତରଫରୁ ଏହି ଡାହାଣହାତୀ ବ୍ୟାଟ୍ସମ୍ୟାନ ୧୦୨ଟି ଅନ୍ତର୍ଜାତୀୟ ଟି୨୦ ଖେଳି ୧୧୫.୦୩ ଷ୍ଟ୍ରାଇକ୍ ରେଟ୍‌ରେ ୧୫୦୦ ରନ୍ ସଂଗ୍ରହ କରିଛନ୍ତି।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

ରସୁଲପୁର,(ଡି.ଏନ.ଏ.): କୁଆଖିଆ ଥାନା ଗନ୍ଧଣ ପଞ୍ଚାୟତ ଅଞ୍ଚଳର ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏକତଲା ଗ୍ରାମର ଗ୍ରାମର ପାପନ ସିଂହ ଗତ ୩ତାରିଖ ସକାଳେ ସମ୍ପୃକ୍ତ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ ପ୍ରଦର୍ଶନ କରିଛନ୍ତି। ଏହାକୁ ମହିଳା ଜଣକ ବିରୋଧ କରିବାରୁ ଅଭିଯୁକ୍ତ ତାଙ୍କୁ ଜୀବନରୁ ମାରି ଦେବାକୁ ଧମକ ଦେଇଛନ୍ତି। ଏ ନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୨୭୫/୨୨ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି। ଏଏସ୍‌ଆଇ ଦେବପଦ ମହାନ୍ତି ଅଭିଯୋଗକାରିଣୀଙ୍କୁ ପଚରାଉଚରା କରିବା ସହ ଅଭିଯୁକ୍ତଙ୍କୁ ଥାନାରେ ହାଜର ହେବା ପାଇଁ ନୋଟିସ କରିଛନ୍ତି।

# ଦ୍ରୁତତମ ଓ ପଞ୍ଚମ ବୃହତ୍ତମ: ନିରନ୍ତର ପ୍ରଗତି ପଥେ ଭାରତୀୟ ଅର୍ଥବ୍ୟବସ୍ଥା


ଅନୁରାଗ ସିଂ ଠାକୁର

ହୁଏତ ଏହା ସଂଯୋଗବଶତଃ ହୋଇ ଥାଇପାରେ, କିନ୍ତୁ ବ୍ରିଟିଶ ସାମ୍ରାଜ୍ୟ ଠାରୁ ସ୍ୱାଧୀନତା ପାଇବାର ୭୫ତମ ବର୍ଷରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିଶ୍ଚିତ ଭାବେ ପରମ ସନ୍ତୋଷର ବିଷୟ। ଏହି ଉପଲବ୍ଧି ଏପରି ଏକ ସମୟରେ ଆସିଛି ଯେତେବେଳେ ବ୍ରିଟେନ ନିଜ ଆର୍ଥିକ ଅଧୋଗତି ଏବଂ ବର୍ଦ୍ଧିତ ମୁଦ୍ରାସ୍ଫୀତିର ମୁକାବିଲା କରିବା ଲାଗି ସଂଘର୍ଷ କରୁଛି। ବ୍ରିଟେନ୍, ୟୁରୋପ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଜନସାଧାରଣଙ୍କ ଜୀବନଧାରଣ କଳ୍ପନାତୀତ ଭାବେ ଅତ୍ୟନ୍ତ ମହଙ୍ଗା ହୋଇପଡ଼ିଛି। ଯେଉଁ ତଥାକଥିତ ଅର୍ଥ ବିଶାରଦମାନେ ଲଗାତର ଭାରତୀୟ ଅର୍ଥବ୍ୟବସ୍ଥାକୁ ସମାଲୋଚନା କରିଆସୁଥିଲେ ସେମାନେ ବ୍ରିଟେନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସଙ୍କଟକୁ ଆକଳନ କରିବାରେ ବିଫଳ ହୋଇଥିବା କାରଣରୁ ହତପ୍ରଭ ହୋଇ ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ଉକ୍ତି ବାସ୍ତବରେ ପ୍ରଣିଧାନଯୋଗ୍ୟ– ''ସେମାନଙ୍କ ପାଇଁ ପ୍ରାଚୁର୍ଯ୍ୟର ଦିନ ପ୍ରକୃତରେ ଶେଷ ହୋଇଯାଇଛି। ଆଉ ଏହି ସମୟ ହୁଏତ ଆମ ପାଇଁ ଆରମ୍ଭ ହେଉଛି।''

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବାର ଖବର ପ୍ରଥମେ ବ୍ଲୁମ୍‌ବର୍ଗରେ ପ୍ରକାଶ ପାଇଥିଲା। ଏହି ଖବରକୁ ଏକ ଔପନିବେଶିକ ରଙ୍ଗ ଦେଇ ବ୍ଲୁମବର୍ଗ ଲେଖିଥିଲା ଯେ, ଏକ ସାମ୍ରାଜ୍ୟବାଦୀକୁ ଏହାର ପୂର୍ବତନ ସାମ୍ରାଜ୍ୟ ପଛରେ ପକାଇ ଦେଇଛି। ବହୁପୂର୍ବରୁ ସମ୍ରାଟଙ୍କଠାରୁ ସାମ୍ରାଜ୍ୟ ଓ ବୈଭବ, ଉଭୟ ହାତଛଡ଼ା ହୋଇଯାଇଥିଲା। କାଳକ୍ରମେ ଗ୍ରେଟ୍ ବ୍ରିଟେନ ସଙ୍କୁଚିତ ହୋଇ ଏକ ଛୋଟ ଇଂଲଣ୍ଡରେ ପରିଣତ ହୋଇଥିଲା; କିନ୍ତୁ ଏହାର ଅର୍ଥବ୍ୟବସ୍ଥା ସୁଦୃଢ଼ ରହିଥିଲା ଏବଂ ୟୁକେ (ୟୁନାଇଟେଡ କିଙ୍ଗଡମ୍) ବିଶ୍ୱର ଶୀର୍ଷ ପାଞ୍ଚଟି ଅର୍ଥବ୍ୟବସ୍ଥା ତାଲିକାରେ ନିଜର ସ୍ଥାନ ବଜାୟ ରଖିପାରିଥିଲା। ଏହା ନିଃସନ୍ଦେହ ଯେ ବ୍ଲୁମବର୍ଗର ରିପୋର୍ଟରେ ଔପନିବେଶିକ ସନ୍ଦର୍ଭ ଉଲ୍ଲେଖ କରାଯିବା ଆପତ୍ତିଜନକ। ତା'ଛଡ଼ା ୧୯୪୭ରେ ବ୍ରିଟିଶ ଶାସକମାନେ ଅସହାୟ, କ୍ଷତାକ୍ତ ଓ ଲହୁଲୁହାଣ କରି ଛାଡ଼ି ଚାଲି ଯାଇଥିବା ଏକ ରାଷ୍ଟ୍ର କ୍ରମାଗତ ଉନ୍ନତି କରିବା ସହିତ ଆର୍ଥିକ ସମୃଦ୍ଧି ଓ ଶକ୍ତି ହାସଲ କରିବାର ଦିଗକୁ ଏଥିରେ ଅଣଦେଖା କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତକୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରିବା ଏବଂ ଏ ଦେଶରୁ ବ୍ରିଟେନକୁ ସମ୍ପତ୍ତି ବୋହିନେବା ଲାଗି ବ୍ରିଟିଶରମାନେ ଭାରତରେ ସାମ୍ରାଜ୍ୟବାଦ ସ୍ଥାପନ କରିଥିଲେ। ୧୭୦୦ ଖ୍ରୀଷ୍ଟାବ୍ଦରେ ବିଶ୍ୱ ଜିଡିପିରେ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ଥିଲା ୨୪.୪ ପ୍ରତିଶତ; କିନ୍ତୁ ୭୫ ବର୍ଷ ପୂର୍ବେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ, ବ୍ରିଟିଶ ସାମ୍ରାଜ୍ୟର ପତାକା ବଦଳରେ ତ୍ରିରଙ୍ଗା ପତାକା ସ୍ଥାନ ପାଇବା ବେଳକୁ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ମାତ୍ର ୩ ପ୍ରତିଶତକୁ ଖସି ଆସିଥିଲା। ବ୍ରିଟେନ ସମୃଦ୍ଧି ହାସଲ କରିଥିବା ବେଳେ ଭାରତ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିଲା। ବିଗତ ଆଠ ବର୍ଷ ମଧ୍ୟରେ ଭାରତର ଅଭୂତପୂର୍ବ ଉଦୟକୁ ବୁଝିବା ଲାଗି ଏସବୁ ତଥ୍ୟର ବିଶ୍ଳେଷଣ କରିବା ଜରୁରୀ, କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥବ୍ୟବସ୍ଥାକୁ ଶୀର୍ଷକୁ ନେବା ଲାଗି ପ୍ରମୁଖ ନୀତିଗତ ପରିବର୍ତ୍ତନ ଆଣିଛନ୍ତି। ବିଗତ ଦଶନ୍ଧିରେ ହୋଇଥିବା ତ୍ରୁଟିକୁ ସେ ସୁଧାରିବାକୁ ପ୍ରୟାସ କରିଛନ୍ତି। ଏହାର ବିପରୀତ ପୂର୍ବ ସରକାରମାନେ କେବଳ ସୋଭିଏତ୍ ଯୁଗ ଶୈଳୀରେ ରାଷ୍ଟ୍ର ଉପରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଭାରତୀୟ ଉଦ୍ୟୋଗ ଜଗତର କ୍ଷମତାକୁ ନ୍ୟୂନ କରି ଆକଳନ କରିଥିଲେ ଏବଂ ପ୍ରତିବନ୍ଧକ ମାଧ୍ୟମରେ ଆକାଂକ୍ଷାକୁ ଅଣଦେଖା କରିଥିଲେ।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଅତୀତକୁ ସମାଧି ଦେଇ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନୂତନ ଆରମ୍ଭ କରିଥିଲେ, ଯାହାକି ଅଧିକାଂଶ ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା, ସେମାନଙ୍କର ସମ୍ଭାବନାକୁ ଉଜାଗର କରିବା ଏବଂ ଏହି ମହାନ ରାଷ୍ଟ୍ରକୁ ପ୍ରଗତି ପଥକୁ ଆଣିବା ଲାଗି ଉଦ୍ଦିଷ୍ଟ ଥିଲା। ସମୃଦ୍ଧ ଓ ସଶକ୍ତ ଭାରତର ଅନ୍ତିମ ପଂକ୍ତିରେ ଛିଡ଼ା ହୋଇଥିବା ଅନ୍ତିମ ବ୍ୟକ୍ତିକୁ ସୁବିଧା ପ୍ରଦାନ କରାଯିବା ସୁନିଶ୍ଚିତ କରାଗଲା। ପ୍ରଧାନମନ୍ତ୍ରୀ ମୋଦି ଆଣିଥିବା ସ୍ଥିର ପରିବର୍ତ୍ତନର ପ୍ରଭାବ ଏହି ଆଠ ବର୍ଷ ମଧ୍ୟରେ ଦେଖିବାକୁ ମିଳିଛି। ଭାରତର କାହାଣୀ ସାରା ବିଶ୍ୱରେ ସବୁଠୁ ପ୍ରାସଙ୍ଗିକ ପାଲଟିଛି। ପରିସଂଖ୍ୟାନରୁ କେବଳ ଆଂଶିକ ତଥ୍ୟ ମିଳିଥାଏ। ୨୦୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପିର ସାଙ୍କେତିକ ଅଭିବୃଦ୍ଧି ସ୍ତର ୧୩.୫ ପ୍ରତିଶତ ହେବା କ୍ଷେତ୍ରରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ବୋଲି କୁହାଯାଉଛି। କ୍ରୟ ଶକ୍ତି ଆଧାରରେ ଆକଳନ କଲେ, ଆମେରିକା ଓ ଚୀନ ପରେ ଭାରତର ଜିଡିପି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ମାନ୍ୟତା ପାଇବ। ବର୍ତ୍ତମାନ ଉପଲବ୍ଧ ସବୁ ସଙ୍କେତ ଓ ଆକଳନରୁ ସୂଚନା ମିଳୁଛି ଯେ, ଅନ୍ୟ ସବୁ ରାଷ୍ଟ୍ରର ଜିଡିପି ସ୍ଥିର କିମ୍ବା ନିମ୍ନଗାମୀ ଥିବା ବେଳେ ଭାରତର ଅର୍ଥବ୍ୟବସ୍ଥା କ୍ରମାଗତ ଭାବେ ପ୍ରଗତି ହାସଲ କରୁଛି। ଏହାର ଅର୍ଥ ହେଉଛି ଭାରତ କ୍ରମାଗତ ଭାବେ ଅଗ୍ରଣୀ ସ୍ଥାନ ବଜାୟ ରଖିବା ସହିତ ଦ୍ରୁତ ଗତିରେ ବର୍ତ୍ତମାନର ଶୂନ୍ୟସ୍ଥାନଗୁଡ଼ିକ ଦୂର କରୁଛି।

ଲଗାତର ଦୁଇ ବର୍ଷ ଧରି କୋଭିଡ-୧୯ ମହାମାରୀ ଭାରତ ସମେତ ସାରା ବିଶ୍ୱର ଅର୍ଥବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ହେଲେ ପ୍ରତିକୂଳ ପରିସ୍ଥିତିର ଏହି ବର୍ଷଗୁଡ଼ିକୁ ପ୍ରଧାନମନ୍ତ୍ରୀ ଅବସରରେ ପରିଣତ କରିଥିଲେ। ତାଙ୍କର ଦୂରଦୃଷ୍ଟି କାରଣରୁ ଭାରତ ଅନ୍ୟମାନଙ୍କ ଭଳି ସମ୍ପତ୍ତି ଓ ସମ୍ବଳ ବରବାଦ କରିବାର ରାସ୍ତାରେ ଯାଇନଥିଲା। ଏହା ପରିବର୍ତ୍ତେ ସେ ଏକ ସତର୍କ ଏବଂ ବିବେକପୂର୍ଣ୍ଣ ଦୃଷ୍ଟିକୋଣ ଆପଣାଇଥିଲେ, ନିଯୁକ୍ତି ଆଧାରିତ ଭିତ୍ତିଭୂମି ଉପରେ ବ୍ୟୟ କରିବା ନେଇ ଗୁରୁତ୍ୱ ଦେଇଥିଲେ ଏବଂ ପୁନଃସୁଧାର ପାଇଁ ସେ ଉଦ୍ୟୋଗ ଜଗତ ଲାଗି ଆର୍ଥିକ ପ୍ରୋତ୍ସାହନ ଆଧାରିତ ଯୋଜନା କାର୍ଯ୍ୟକାରୀ କରିଥିଲେ। ୨ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାର ସୁଫଳ ଏବେ ମିଳିବା ଆରମ୍ଭ କରିଛି। ଏସବୁ ପଦକ୍ଷେପ ସହିତ ପ୍ରଧାନମନ୍ତ୍ରୀ ମୋଦି ବ୍ୟବସାୟିକ ସୁଗମତାରେ ବ୍ୟାପକ ସୁଧାର ସୁନିଶ୍ଚିତ କରିଛନ୍ତି। ନୀତିଗତ ସ୍ଥିରତା, ଶ୍ରମ ଆଇନରେ ସଂସ୍କାର ଭଳି ପଦକ୍ଷେପ ସହିତ ବିଶ୍ୱର ସବୁଠୁ ଲୋକପ୍ରିୟ ଓ ବୃହତ୍ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି। ଭାରତର ପ୍ରଯୁକ୍ତି ଭଣ୍ଡାରକୁ ସୁବିନିଯୋଗ କରିବା ସହିତ ଷ୍ଟାର୍ଟଅପ ଓ ୟୁନିକର୍ଣ୍ଣଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି। ବିଶ୍ୱ ନିବେଶକ ଓ ଉଦ୍ୟୋଗ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଛନ୍ତି। ଲକଡାଉନ ସମୟରେ ପ୍ରଭାବିତ ହୋଇଥିବା ଅର୍ଥବ୍ୟବସ୍ଥାକୁ ସୁଧାର ମାର୍ଗକୁ ଫେରାଇ ଆଣିବା ଏବଂ ଜିଡିପିରେ ଉନ୍ନତି ଆଣିବା ଉପରେ ନିଶ୍ଚିତ ଭାବେ ଗୁରୁତ୍ୱ ଦିଆଯାଇଛି। ତେବେ ମହାମାରୀ ଯୋଗୁ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଗରିବ ଓ ବଞ୍ଚିତମାନଙ୍କ କଲ୍ୟାଣ ପ୍ରତି ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱ ଦେଇଛନ୍ତି। ଭାରତରେ ବିଶ୍ୱର ସବୁଠୁ ବଡ଼ ମାଗଣା ଖାଦ୍ୟଶସ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଦେଶର ପ୍ରାୟ ଦୁଇ ତୃତୀୟାଂଶ ଲୋକଙ୍କୁ ମାଗଣା ରାଶନ ମିଳୁଛି। ବିଶ୍ୱର ସବୁଠୁ ବଡ଼ କୋଭିଡ-୧୯ ଟିକାକରଣ କାର୍ଯ୍ୟକ୍ରମ ଭାରତରେ କାର୍ଯ୍ୟକାରୀ ହେଉଛି। ଏହା ଭାରତୀୟ ଅର୍ଥବ୍ୟବସ୍ଥାକୁ ମହାମାରୀ ସଙ୍କଟରୁ ଉଦ୍ଧାର କରି ଦ୍ରୁତ ଏବଂ ବ୍ୟାପକ ପ୍ରଗତି ଦିଗରେ ଆଗେଇ ନେଇଛି।

୧୯୪୭ରେ ଭାରତ ଏକ ପ୍ରକାର ସର୍ବସ୍ୱାନ୍ତ ସ୍ଥିତିରେ ଥିଲା। ଏବେ ଆମେ ଦେଶର ଅମୃତ କାଳ ଅର୍ଥାତ୍ ସ୍ୱାଧୀନତାର ୧୦୦ତମ ବର୍ଷ ପୂର୍ତ୍ତି ଆଡ଼କୁ ୨୫ ବର୍ଷର ଯାତ୍ରାରେ ପାଦ ଥାପିଛୁ। ବର୍ତ୍ତମାନ ଆମେ ଅଧିକ ସଶକ୍ତ ଓ ସମୃଦ୍ଧ ହୋଇ ଛିଡ଼ା ହୋଇଛୁ। ଆଜି ବିଶ୍ୱର ସବୁଠୁ ଅଧିକ ସ୍ମାର୍ଟଫୋନ ଡେଟା ବ୍ୟବହାରକାରୀ ଭାରତରେ ଅଛନ୍ତି। ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ବିଶ୍ୱର ତୃତୀୟ ସର୍ବବୃହତ ଉପଭୋକ୍ତା ବଜାର ଭାରତରେ ରହିଛି। ବିଶ୍ୱ ଖୁଚୁରା ସୂଚକାଙ୍କରେ ଭାରତ ଦ୍ୱିତୀୟ ସ୍ଥାନ ହାସଲ କରିଛି। ତୃତୀୟ ସର୍ବବୃହତ ଇନ୍ଧନ ଉପଯୋଗକାରୀ ରାଷ୍ଟ୍ର ଭାବେ ଭାରତ ନିଜ ସୁଦୃଢ଼ ଅର୍ଥବ୍ୟବସ୍ଥାର ଆଉ ଏକ ପ୍ରମାଣ ଦେଉଛି। ୭୫ ବର୍ଷ ପୂର୍ବରୁ ଭାରତ ଲାଙ୍କାଶାୟର ଉତ୍ପାଦ ଆମଦାନୀ କରୁଥିଲା, ଆଜି ଭାରତୀୟ ପୋଷାକ ରପ୍ତାନିରେ ଅଭୂତପୂର୍ବ ଉତ୍ଥାନ ଦେଖିବାକୁ ମିଳିଛି। ବିଶ୍ୱ ବାଣିଜ୍ୟରେ ଆମେ ଏବେ ଦୃଢ଼ ସହଭାଗୀ ହୋଇପାରିଛୁ। ରପ୍ତାନି ପରିମାଣ ପୂର୍ବ ବର୍ଷର ରେକର୍ଡକୁ ଅତିକ୍ରମ କରି ଚଳିତ ବର୍ଷ ୫୦ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି। ଆମର ବାଣିଜ୍ୟିକ ରପ୍ତାନି ୩୧ ଲକ୍ଷ କୋଟି ଟଙ୍କା ଟପିଛି। ଏକଦା ପିଏଲ ୪୮୦ର ଦୟାରେ ବଞ୍ଚୁଥିବା ରାଷ୍ଟ୍ର ଆଜି ସାରା ବିଶ୍ୱକୁ ଖାଦ୍ୟ ସାମଗ୍ରୀ ରପ୍ତାନି କରୁଛି।

ମୋଦି ସରକାରଙ୍କ ସଫଳତାର କାହାଣୀ ଯେତେ ବଖାଣିଲେ ବି କମ୍ ହେବ। ଏଠାରେ କହି ରଖିବା ଉଚିତ ହେବ ଯେ, ଦେଶରେ ୧୦୦ରୁ ଅଧିକ ବିଲିୟନ ଡଲାର କମ୍ପାନୀ ସୃଷ୍ଟି ହୋଇଛନ୍ତି ଏବଂ ପ୍ରତି ମାସରେ ନୂଆ ନୂଆ କମ୍ପାନୀ ଗଢ଼ା ହେଉଛନ୍ତି। ବିଗତ ଆଠ ବର୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ୟୁନିକର୍ଣ୍ଣଗୁଡ଼ିକର ମୂଲ୍ୟାଙ୍କନ ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅବିଶ୍ରାନ୍ତ ନେତୃତ୍ୱ ବଳରେ, ଭାରତରେ ଷ୍ଟାର୍ଟଅପ୍‌ଗଡ଼ିକର ସଂଖ୍ୟା ମାତ୍ର କେତେ ଶହରୁ ଆଜି ୭୦,୦୦୦ ଅତିକ୍ରମ କରିଛି। ଅଭିବୃଦ୍ଧି ଓ ସମୃଦ୍ଧିରେ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରୟାସ କରାଯାଇଛି। ୫୦ ପ୍ରତିଶତ ଷ୍ଟାର୍ଟଅପ୍ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ମୁଣ୍ଡ ଟେକିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଡିଜିଟାଲ ଇଣ୍ଡିଆ ବିପ୍ଳବ ମାଧ୍ୟମରେ ଏସବୁ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ୨୦୧୪ରେ ଭାରତରେ ମାତ୍ର ୬.୫ କୋଟି ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ଥିଲେ; ଆଜି ୭୮ କୋଟିରୁ ଅଧିକ ଉପଭୋକ୍ତା ରହିଛନ୍ତି। ଜିଏସଟି ପ୍ରଚଳନ ହେବା ଦ୍ୱାରା ଉଦ୍ୟୋଗୀମାନେ ଲାଭବାନ ହେବା ସହିତ ଟିକସ ସଂଗ୍ରହରେ ଦୁର୍ନୀତି ଦୂର ହୋଇଛି।

କେବଳ କ୍ରୋମ୍ ଓ କାଚ ମଲ୍‌ଗୁଡ଼ିକ ଭାରତର ଅଭିବୃଦ୍ଧିଶୀଳ ସମୃଦ୍ଧିକୁ ପ୍ରଦର୍ଶନ କରୁନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ ଏହାକୁ କେହି ବାସ୍ତବରେ ବୁଝିପାରିବେ ନାହିଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଙ୍କ ପ୍ରୟାସ ଆଜି ସଫଳ ହୋଇଛି। ଦେଶରୁ ଉତ୍କଟ ଦାରିଦ୍ର୍ୟ ଏବଂ ଉପଭୋଗ ଅସମାନତା ଦୂର ହୋଇଥିବା ନିକଟରେ ଆଇଏମ୍‌ଏଫ୍‌ର ଏକ ଅଧ୍ୟୟନରୁ ଜଣାପଡ଼ିଛି। ଗରିବଙ୍କ ପାଇଁ ଆବାସ ଓ ସ୍ୱାସ୍ଥ୍ୟସେବା ସାମାଜିକ ବିକାଶ ସୂଚକାଙ୍କ ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି। ଗରିବ ଲୋକମାନଙ୍କୁ ରିହାତି ଦରରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାଠାରୁ ଆରମ୍ଭ କରି ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ପାଣି ଯୋଗାଇବା ଭଳି ଯୋଜନା ସମାବେଶୀ ବିକାଶ ସୁନିଶ୍ଚିତ କରିଛି। ମୁଦ୍ରା ଋଣ ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବା ସହିତ ଲଘୁ ଉଦ୍ୟୋଗ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ବିଶ୍ୱରେ ଇନ୍ଧନ ମୂଲ୍ୟ ବୃଦ୍ଧି ସହ ତୁଳନା କଲେ ଭାରତ ଭଲ ସ୍ଥିତିରେ ରହିଛି ଏବଂ ଦେଶବାସୀଙ୍କ ଉପରେ ମହାମାରୀ ପରବର୍ତ୍ତୀ ସଙ୍କଟର ଖୁବ କମ ପ୍ରଭାବ ଅନୁଭୂତ ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ସଂକଳ୍ପ ଧୀରେ ଧୀରେ ରୂପ ଓ ସ୍ୱରୂପ ହାସଲ କରୁଛି। ଏଥିରେ ଉଭୟ ସରକାର ଓ ନାଗରିକଙ୍କ ମିଳିତ ପ୍ରୟାସ ବା 'ସବ୍‌କା ପ୍ରୟାସ'ର ଗୁରୁତ୍ୱ ରହିଛି। ଏ ଭାରତ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭରଶୀଳ। ସବୁ ଆହ୍ୱାନ ଏବଂ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଲାଗି ସର୍ବଦା ପ୍ରସ୍ତୁତ। ଏକ ସଙ୍ଗେ ବିଶ୍ୱର ପଞ୍ଚମ ସର୍ବବୃହତ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ହେବା ସାରା ଭାରତ ଓ ଭାରତୀୟଙ୍କ ପାଇଁ ଏକ ଚମତ୍କାର ଉପଲବ୍ଧି। ଏହି ସ୍ଥାନରୁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାର ସଂକଳ୍ପକୁ ସାକାର କରିବା ଦିଗରେ ଯାତ୍ରା ଆରମ୍ଭ କରିବୁ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଭାରତ ଏହି ମାଇଲଖୁଣ୍ଟ ମଧ୍ୟ ହାସଲ କରିପାରିବ ବୋଲି ଯେ କେହି ଆତ୍ମବିଶ୍ୱାସର ସହ କହିପାରିବେ। ଏହା ହେଉଛି ମଧ୍ୟ।

**(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ)**

# ବିଦ୍ୟୁତ୍ ସଂସ୍ପର୍ଶରେ ୩ ଗୁରୁତର


ଗୁରୁତରଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଉଛି।

ରସୁଲପୁର,୪।୯(ଡି.ଏନ୍.ଏ.)

ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ଚିତ୍ରକୂଳ ଗ୍ରାମରେ ରବିବାର ରାତି ୯ଟାରେ ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରାରେ ଅଘଟଣ ଘଟିଛି। ଡିଜେ ମେଶିନ ଉପରେ ଚଢ଼ି ନାଚୁଥିବା ଯୁବକମାନଙ୍କ ମଧ୍ୟରୁ ୩ଜଣ ୧୧ କେ.ଭି. ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୁଆଖିଆ ଥାନା ଅନ୍ତର୍ଗତ ଗୋପାଳପୁରର ଡିଜେ ମାଲିକ ଶୁଭଙ୍କର ଓଝା(୧୭), ସେହି ଗ୍ରାମର ବାପି କାଣ୍ଡି(୨୦)ଏବଂ ଧର୍ମଶାଳା ଥାନା ଅନ୍ତର୍ଗତ ବେତଣ୍ଡା ଗ୍ରାମର ବଳରାମ ସ୍ୱାଇଁ (୧୮)। ଶୁଭଙ୍କରଙ୍କ ସ୍ୱାସ୍ଥ୍ୟାବସ୍ଥା ଶୋଚନୀୟ ରହିଛି।

ବେତଣ୍ଡାରୁ ଗଣେଶ ମୂର୍ତ୍ତି ଭସାଣି ଶୋଭାଯାତ୍ରା ବାହାରି ଗାଁ ପରିକ୍ରମା କରୁଥିଲା। ଶୋଭାଯାତ୍ରା ଫୁଲାଡି ଗ୍ରାମ ଦେଇ ମଙ୍ଗଳା ପୋଖରୀରେ ବିସର୍ଜନ ହେବାକୁ ଯାଉଥିବା ବେଳେ ଚିତ୍ରକୂଳ ଗାଁ ନିକଟରେ କମ୍ ଉଚ୍ଚତାରେ ଝୁଲୁଥିବା ୧୧ କେ.ଭି. ବିଦ୍ୟୁତ୍ ତାର ସହ ଡିଜେ ଗାଡ଼ି ସଂସ୍ପର୍ଶରେ ଆସିଯାଇଥିଲା। ଏଥିରେ

### ଭସାଣି ବେଳେ ଅଘଟଣ

ଗୁରୁତର ଆହତ ହୋଇଥିବା ଉପରୋକ୍ତ ୩ଜଣଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କ ସେମେତ ଏକ ସେକ୍ସନ ପୋଲିସ ଫୋର୍ସ ଘଟଣାସ୍ଥଳରେ ପହଞ୍ଚି ଡିଜେ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

ଅନ୍ୟପକ୍ଷରେ ଚିତ୍ରକୂଳ ନିକଟରେ ଥିବା ବିଦ୍ୟୁତ୍ ଷ୍ଟ୍ରକ୍‌ଚର ପରିସରରେ ଉତ୍ତେଜନା ଦେଖାଦେଇଛି। ବିଦ୍ୟୁତ୍ ବିଭାଗର ଅବହେଳା ଯୋଗୁ ଦୁର୍ଘଟଣା ଘଟିଲା ବୋଲି ଦର୍ଶାଇ ଶୋଭାଯାତ୍ରାକାରୀମାନେ ହୋହଲ୍ଲା କରିଛନ୍ତି। ରିପୋର୍ଟ ପ୍ରସ୍ତୁତି ସୁଦ୍ଧା ପୋଲିସ ସ୍ଥିତି ନିୟନ୍ତ୍ରଣ ପାଇଁ ଚେଷ୍ଟା ଜାରି ରଖିଥିଲା। ଅପରପକ୍ଷରେ ଭସାଣି ଉତ୍ସବରେ ଡିଜେ ବ୍ୟବହାରକୁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ବାରଣ କରିଛି। ତେଣୁ ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାର ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି ହେଉଛି।

# ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଚଞ୍ଚକତା

ରସୁଲପୁର,୪।୯(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ଖୋସାଲପୁର ଗ୍ରାମ ନିକଟସ୍ଥ ବନଦୁର୍ଗା ଉ.ପ୍ରା. ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠନରେ ଅନିୟମିତତା ହୋଇଛି। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଭାବକ ଅଭିଯୋଗ କରିଛନ୍ତି। କମିଟି ଗଠନ ସମୟରେ ବିଦ୍ୟାଳୟ ପକ୍ଷରୁ ସରକାରୀ ବିଧିବ୍ୟବସ୍ଥାକୁ ଅଣଦେଖା କରାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ୨୨ ଜୁଲାଇ ୨୦୨୨ରେ ବିଦ୍ୟାଳୟ ପକ୍ଷରୁ ପରିଚାଳନା କମିଟି ଗଠନ ପାଇଁ ଅଭିଭାବକ ବୈଠକ ଆହ୍ୱାନ କରାଯାଇଥିଲା। ଉକ୍ତ ବୈଠକରୁ ୧୨ ସଦସ୍ୟଙ୍କୁ ମନୋନୀତ କରାଯାଇ କମିଟି ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି। ମାତ୍ର ଉକ୍ତ ପ୍ରକ୍ରିୟାକୁ ଅଭିଭାବକ ବେଆଇନ ବୋଲି କହିବା ସହ ଏହାକୁ ବିରୋଧ କରିଛନ୍ତି। ବିଦ୍ୟାଳୟରେ ୧୪୨ ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ସେହି ଆଧାରରେ ଅଭିଭାବକଙ୍କ ସଂଖ୍ୟା ଉଭୟ ମା'ବାପାଙ୍କୁ ମିଶାଇ ମୋଟ୍ ୨୮୪ଜଣ। ବୈଠକର କୋରମ ପାଇଁ ମୋଟ୍ ସଦସ୍ୟର ୪୦ ଶତକଡ଼ା ଅର୍ଥାତ୍ ୯୬ ସଦସ୍ୟ ବୈଠକରେ ଉପସ୍ଥିତ ରହିବା କଥା। ମାତ୍ର ବୈଠକରେ ଯୋଗଦେଇଥିବା ୩୮ଜଣ ସଦସ୍ୟଙ୍କ ମଧ୍ୟରୁ ୧୨ଜଣଙ୍କୁ ବାଛି କମିଟି ଗଠନ କରାଯାଇଛି ବୋଲି ଅଭିଯୋଗ ହେଉଛି। ଏହା ଆଇନ ବିରୋଧୀ ହୋଇଥିବାରୁ ଗଠିତ ପରିଚାଳନା କମିଟିକୁ ରଦ୍ଦ କରିବାକୁ ଦାବି ହୋଇଛି। ଏଥିସହିତ ଆଉ ଏକ ବୈଠକ ଡକାଯାଇ ନୂତନ କମିଟି ଗଠନ କରାଯିବା ଦିଗରେ ପଦକ୍ଷେପ ଗ୍ରହଣ ପାଇଁ ଅଭିଭାବକ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ କହିଛନ୍ତି, ଅଭିଯୋଗପତ୍ର ତାଙ୍କର ହସ୍ତଗତ ହୋଇଛି। ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଗ୍ରାମୀଣ ସ୍ୱାସ୍ଥ୍ୟସେବା ଶିବିର

ରସୁଲପୁର,୪।୯(ଡି.ଏନ.ଏ.)


ସ୍ୱାସ୍ଥ୍ୟସେବା ଶିବିରକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରର କିର୍ତ୍ତୀ ପ୍ୟାଲେସ୍‌ଠାରେ ଲାଇଫ୍ ସେବା ଟ୍ରଷ୍ଟ ପକ୍ଷରୁ ଏକ ଗ୍ରାମୀଣ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ କୁମାର ରାଉତ ଯୋଗ ଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଡାକ୍ତର ହରିଶ ଚନ୍ଦ୍ର ମିଶ୍ର, ଡାକ୍ତର ସଂଘମିତ୍ରା ଦାଶ, ଔଷଧ ବ୍ୟବସାୟୀ ସଂଗଠନ ସମ୍ପାଦକ ରାଜେଶ ଦାସ, ଦିଗମ୍ବର ଜେନା, ପ୍ରଭା ମେଡିକାଲର ପ୍ରୋପାଇଟ୍‌ର ଲକ୍ଷ୍ମୀକାନ୍ତ ଶତପଥୀ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଜିଲାର ବିଭିନ୍ନ ସ୍ଥାନରୁ ୭୪୦ ରୋଗୀ ଯୋଗଦେଇ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କୁ ମାଗଣାରେ ଔଷଧ ଦିଆଯାଇଥିଲା। ଏଥିସହ ରୋଗୀଙ୍କ ରକ୍ତ, ମଳ, ମୂତ୍ର ଆଦି ନମୁନା ପରୀକ୍ଷା କରାଯାଇଥିଲା। ଶଲ୍ୟ ବିଶେଷଜ୍ଞ ଡା. ଜ୍ୟୋତିରଞ୍ଜନ ମହାପାତ୍ର, ଶିଶୁରୋଗ ବିଶେଷଜ୍ଞ ଡା. ବିଘ୍ନେଶ୍ୱର ସେନାପତି, ଦନ୍ତରୋଗ ବିଭାଗ ଡା. ସୁବ୍ରତ ପଢ଼ିହାରୀ, ନିହାର ରଞ୍ଜନ ଶତପଥୀ, ଚର୍ମ ଯୌନ ଓ କୁଷ୍ଠରୋଗ ବିଶେଷଜ୍ଞ ଡା. ଶ୍ରୀକାନ୍ତ ଆଚାର୍ଯ୍ୟ, ଭେଷଜ ବିଭାଗ ପ୍ରଫେସର ଡା. ସୁକାନ୍ତ ଦାଶ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ସଂଘମିତ୍ରା ଦାଶ, ଗ୍ୟାଷ୍ଟ୍ରୋଲୋଜିର ଡା. ହରିଶ ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।

# ଚାରାରୋପଣ ବେଳେ ଆକ୍ରମଣ, ଜଣେ ଗୁରୁତର

କୋରେଇ,୪।୯(ସ୍ୱ.ପ୍ର.)

କୋରେଇ ଥାନା ଅଧୀନ ଅନ୍ଧାରି ପଞ୍ଚାୟତରେ ରବିବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଚାରାରୋପଣ ବେଳେ ଗଣ୍ଡଗୋଳ ଘଟିଛି। ଚାରାରୋପଣକୁ ବିରୋଧ କରି ହୋଇଥିବା ସଂଘବଦ୍ଧ ଆକ୍ରମଣରେ କିଆପଦା ଗ୍ରାମର ଏନଜିଓ କର୍ମୀ ହେମନ୍ତ କୁମାର ବାହାଲିଆ ଗୁରୁତର ହୋଇଛନ୍ତି। ତାଙ୍କର ଗୋଟିଏ ଗୋଡ଼ ଓ ହାତ ଭାଙ୍ଗି ଯାଇଥିବା ବେଳେ ମୁଣ୍ଡରେ ଆଘାତ ଲାଗିଛି। ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ଉପସ୍ଥିତ ଥିବା ତାଙ୍କ ଭାଇ କ୍ଷୀରୋଦ ବାହାଲିଆ ଘଟଣାରେ ସମ୍ପୃକ୍ତ ଥିବା କିଆପଦା ଗ୍ରାମର ବସନ୍ତ ମହାକୁଡ଼ଙ୍କ ସମେତ ଏହି ପଞ୍ଚାୟତ ଚଢ଼େଇପାଟିଆ ଗ୍ରାମର ୧୨ଜଣଙ୍କ ନାଁରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ. ୧୮୬/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ହେମନ୍ତ ଓ ତାଙ୍କ ଭାଇ କ୍ଷୀରୋଦ କେତେଜଣ ମଜୁରିଆଙ୍କୁ ନେଇ କିଆପଦା ଏବଂ ଚଢ଼େଇପାଟିଆ ଗ୍ରାମରେ ଚାରାରୋପଣ କରୁଥିଲେ। ଏହି ସମୟରେ ଚଢ଼େଇ ପାଟିଆ ଗ୍ରାମର ୧୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆସି ଏହାକୁ ବିରୋଧ କରିବା ସହ ମାରଣାସ୍ତ୍ରରେ ହେମନ୍ତଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ କିଆପଦା ଓ ଚଢ଼େଇପାଟିଆ ଗ୍ରାମରେ ଚଢ଼ାଉ ଜାରି ରଖିଛି। ମାତ୍ର ଅଭିଯୁକ୍ତମାନେ ଫେରାର ଥିବା ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି। ଚଢ଼େଇପାଟିଆ ଗ୍ରାମ ପୁରୁଷ ଶୂନ୍ୟ ହୋଇପଡ଼ିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଲାଗିରହିଛି।

# ବାୟୋମେଟ୍ରିକ ଖୋଲିବ ବାଟମାରଣା

ଯାଜପୁର ରୋଡ,୪।୯(ଡି.ଏନ.ଏ.)

**ବ୍ୟାସନଗର ପୌର ପରିଷଦ**

ସହରର ପରିଷ୍କାର ପରିଚ୍ଛନ୍ନତା ସ୍ୱାୟତ୍ତ ଶାସନ ସଂସ୍ଥାର ପ୍ରାଥମିକ ଓ ମୌଳିକ ଦାୟିତ୍ୱ ବୋଲି ନଗର ବିଜ୍ଞାନ ପାଠରେ ଲେଖା ହୋଇଛି। ନଗରବାସୀଙ୍କ ଆବଶ୍ୟକତା ବୃଦ୍ଧି ସାଙ୍ଗକୁ ସ୍ୱାୟତ୍ତ ଶାସନ ସଂସ୍ଥାର ଦାୟିତ୍ୱ ସିନା ବଢ଼ିଛି, କିନ୍ତୁ ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ଦାୟିତ୍ୱ ପ୍ରାଥମିକତା ହରାଇନାହିଁ। ପରିମଳ ଦାୟିତ୍ୱରେ ରହିଥିବା ଠିକାସଂସ୍ଥାକୁ ଅଧିକ ଅର୍ଥ ପ୍ରଦାନ କରି ମାସିକ ଚାନ୍ଦା ଆଦାୟ ସହ ଅଯାଚିତ ଅନୁକମ୍ପା ପ୍ରଦର୍ଶନରୁ ଶୁକ୍ରବାର ଓ ଶନିବାର ନିର୍ବାହୀ ଅଧିକାରଙ୍କୁ ହଟହଟା ହେବାକୁ ପଡିଛି। ଅନ୍ୟପକ୍ଷେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ପରିମଳ ସେବା ପରିଚାଳନାରେ ସୁଧାର ଆଣିବାକୁ କାର୍ଯ୍ୟାଳୟରେ ବାୟୋମେଟ୍ରିକ ଯନ୍ତ୍ର ସ୍ଥାପନ କରିବା ନିର୍ବାହୀ ଅଧିକାରୀଙ୍କ ପାଇଁ କାଳ ହୋଇଛି। ଏପରିକି ଶନିବାର ଜରୁରୀକାଳୀନ କାଉନସିଲର ବୈଠକରେ ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତ କ୍ଷୋଭ ପ୍ରକାଶ କରିଛନ୍ତି । ଯଦି ତାଙ୍କ କାର୍ଯ୍ୟକୁ ପସନ୍ଦ କରାଯାଉନାହିଁ, ତେବେ ତାଙ୍କୁ ବଦଳି କରିଦିଆଯାଉ ବୋଲି କହି ସେ ବୈଠକରୁ ଉଠି ଚାଲି ଆସିଥିବା ସୂଚନା ମିଳିଛି।

ବ୍ୟାସନଗର ପୌର ପରିଷଦର ୨୬ଟି ୱାର୍ଡର ସଫେଇ ଏବଂ ଆବର୍ଜନା ଉଠାଇବା ସକାଶେ ମାସିକ ପ୍ରାୟ ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ସହରରେ ଆବର୍ଜନା ଜମା କରିବାକୁ ମ୍ୟୁନିସିପାଲିଟି ପକ୍ଷରୁ ବ୍ୟାସ ସରୋବରରେ ଏକ ସମ୍ପଦ କେନ୍ଦ୍ର ନିର୍ମାଣ କରାଯାଇଛି। କିନ୍ତୁ ସେଠାରେ ଆବର୍ଜନା ଜମା ନ କରି ଗାନ୍ଧୀ କୁଷ୍ଠ କଲୋନୀ ନିକଟସ୍ଥ ରେଳୱେ ଲାଇନ କଡରେ ପାହାଡ ଭଳି ଆବର୍ଜନା ଗଦା କରାଯାଉଛି। ସଫେଇ କର୍ମଚାରୀମାନେ ସହରର ବିଭିନ୍ନ ସ୍ଥାନରେ ଆବର୍ଜନା ଗଦା କରିବା ପରେ ସେଠାରୁ ଟ୍ରାକ୍ଟର ଓ ଡମ୍ପର ଯୋଗେ ଆବର୍ଜନାକୁ ସ୍ଥାନାନ୍ତରିତ କରୁଛନ୍ତି। କିନ୍ତୁ ଚୁକ୍ତି ଅନୁଯାୟୀ ୧୬୦ ଜଣ ସଫେଇ କର୍ମଚାରୀଙ୍କ ବଦଳରେ ମାତ୍ର ୬୦ରୁ ୭୦ ଜଣ କର୍ମଚାରୀଙ୍କୁ ନିୟୋଜନ କରି ଅନ୍ୟମାନଙ୍କ ନାମରେ ଲକ୍ଷାଧିକ ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହୋଇଛି। ଏହାକୁ ମିଳିମିଶି ଭାଗବଣ୍ଟା କରାଯାଉଛି। ଏହାର ସୁଧାର ଆଣିବାକୁ କାର୍ଯ୍ୟାଳୟରେ କିଛି ଦିନ ତଳେ ସଫେଇ କର୍ମଚାରୀଙ୍କ ପାଇଁ ଏକ ବାୟୋମେଟ୍ରିକ ଯନ୍ତ୍ର ସ୍ଥାପନ କରାଯାଇଛି। ଏହାର ବ୍ୟବହାର ପାଇଁ ସେଠାରେ ଜଣେ କର୍ମଚାରୀଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ଏଥିରେ ପ୍ରତ୍ୟହ କେତେ ସଂଖ୍ୟକ କର୍ମଚାରୀ ଉପସ୍ଥାନ ରହୁଛନ୍ତି ତାହା ଜଣା ପଡିଯାଉଛି। ଏଥିରେ କେତେକ ଲୋକ ପ୍ରତିନିଧି ଏବଂ ଅଧିକାରୀଙ୍କ ମାସିକ ଚାନ୍ଦା ବନ୍ଦ ହେବା ଆଶଙ୍କା କରି ବ୍ୟତିବ୍ୟସ୍ତ ହୋଇ ପଡିଛନ୍ତି। ସେମାନଙ୍କ ପ୍ରରୋଚନାରେ କେତେକ ସଫେଇ କର୍ମଚାରୀମାନେ ବାୟୋମେଟ୍ରିକ ଯନ୍ତ୍ରକୁ ବିରୋଧ କରୁଛନ୍ତି। ସରକାରଙ୍କ ଏହି ମହତ ପ୍ରକଳ୍ପକୁ ସରକାରୀ ଦଳର କେତେଜଣ ନେତାଙ୍କ ନାପସନ୍ଦକୁ ସହରବାସୀ ହାସ୍ୟାସ୍ପଦ ବୋଲି ଅଭିହିତ କରିଛନ୍ତି। ଏପରିକି ଅଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଶୁକ୍ରବାର ସର୍ବସାଧାରଣରେ ନିର୍ବାହୀ ଅଧିକାରୀଙ୍କୁ ଉଚ୍ଚ ସ୍ୱରରେ ଅସମ୍ମାନିତ କରିବା ଘଟଣାକୁ କେତେକ ବୁଦ୍ଧିଜୀବୀ ନିନ୍ଦା କରିଛନ୍ତି।

ପୂର୍ବତନ ପୌରାଧ୍ୟକ୍ଷା ତଥା ରାଜ୍ୟ ମହିଳା କଂଗ୍ରେସର ସଭାନେତ୍ରୀ ବନ୍ଦିତା ପରିଡା କୁହନ୍ତି ବ୍ୟକ୍ତିଗତ ସ୍ୱାର୍ଥ ଛାଡି ସମ୍ବିଧାନକୁ ସମ୍ମାନ ଦେଇ ସହରବାସୀଙ୍କ ପାଇଁ କାମ କରିବା ଉଚିତ। ଯାହା ଚାଲିଛି ତାହା ଆଗାମୀ ଦିନ ପାଇଁ ଭଲ ନୁହେଁ। ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ପୌରାଧ୍ୟକ୍ଷା ଏବଂ ନିର୍ବାହୀ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିବା ଆବଶ୍ୟକ। ନିର୍ବାହୀ ଅଧିକାରୀ ଗତ ଦେଢ ବର୍ଷ ପର୍ଯ୍ୟନ୍ତ କ'ଣ ପାଇଁ ନୀରବ ରହିଥିଲେ। ତେଣୁ ବର୍ତ୍ତମାନ କ'ଣ ପରିସ୍ଥିତି ହେଲା ଯେ, ଏବେ ମୁହଁ ଖୋଲୁଛନ୍ତି। ଅନ୍ୟପକ୍ଷେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇ ପଡିଛି। ଯେତେ ଟଙ୍କା ଖର୍ଚ୍ଚ ହେଉଛି ତାହାର ସିଂହଭାଗ ଅର୍ଥ ବାଟମାରଣା ହେଉଛି।

ପୌରାଧ୍ୟକ୍ଷା ପିଙ୍ଗୁଆଙ୍କୁ ପଚାରିବାରେ ସେ କହିଛନ୍ତି, ନିର୍ବାହୀ ଅଧିକାରୀଙ୍କ ସହ ପରବର୍ତ୍ତୀ କୌଣସି ବୈଠକ କିମ୍ବା ଇସ୍ୟୁ ହୋଇନାହିଁ। କେବଳ କାଉନସିଲରମାନଙ୍କ ସହିତ ଏକ ଜରୁରୀକାଳୀନ ବୈଠକ ହୋଇଥିଲା। ନିର୍ବାହୀ ଅଧିକାରୀ ରାଉତ କହିଛନ୍ତି, କାଉନସିଲର ବୈଠକରେ ଅନୁମୋଦନ ନେଇ ବାୟୋମେଟ୍ରିକ ଯନ୍ତ୍ର ଲଗାଯାଇଛି। ସହରର ପରିମଳ କ୍ଷେତ୍ରରେ ବିକାଶ ଏହାର ଏକ ମାତ୍ର ଲକ୍ଷ୍ୟ। କିନ୍ତୁ ଏହାକୁ ଉଭୟ ଅଧ୍ୟକ୍ଷା ଓ କାଉନସିଲରମାନେ ବିରୋଧ କରି ତାଙ୍କୁ ଟାର୍ଗେଟ କରୁଛନ୍ତି। ଏନେଇ ଜିଲାପାଳଙ୍କ ସେ ଦୃଷ୍ଟି ଆକର୍ଷଣ କରିଛନ୍ତି।


ଗାନ୍ଧୀ କୁଷ୍ଠ କଲୋନୀ ରେଲୱେ ଲାଇନ୍ କଡ଼ରେ ଆବର୍ଜନା ଗଦା ହୋଇଛି।

# ଦ୍ରୁତତମ ଓ ପଞ୍ଚମ ବୃହତ୍ତମ: ନିରନ୍ତର ପ୍ରଗତି ପଥେ ଭାରତୀୟ ଅର୍ଥବ୍ୟବସ୍ଥା



ଅନୁରାଗ ସିଂ ଠାକୁର

ହୁଏତ ଏହା ସଂଯୋଗବଶତଃ ହୋଇ ଥାଇପାରେ, କିନ୍ତୁ ବ୍ରିଟିଶ ସାମ୍ରାଜ୍ୟ ଠାରୁ ସ୍ୱାଧୀନତା ପାଇବାର ୭୫ତମ ବର୍ଷରେ ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହେବା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିଶ୍ଚିତ ଭାବେ ପରମ ସନ୍ତୋଷର ବିଷୟ। ଏହି ଉପଲବ୍ଧି ଏପରି ଏକ ସମୟରେ ଆସିଛି ଯେତେବେଳେ ବ୍ରିଟେନ ନିଜ ଆର୍ଥିକ ଅଧୋଗତି ଏବଂ ବର୍ଦ୍ଧିତ ମୁଦ୍ରାସ୍ଫୀତିର ମୁକାବିଲା କରିବା ଲାଗି ସଂଘର୍ଷ କରୁଛି। ବ୍ରିଟେନ୍, ୟୁରୋପ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକରେ ଜନସାଧାରଣଙ୍କ ଜୀବନଧାରଣ କଳ୍ପନାତୀତ ଭାବେ ଅତ୍ୟନ୍ତ ମହଙ୍ଗା ହୋଇପଡ଼ିଛି। ଯେଉଁ ତଥାକଥିତ ଅର୍ଥ ବିଶାରଦମାନେ ଲଗାତର ଭାରତୀୟ ଅର୍ଥବ୍ୟବସ୍ଥାକୁ ସମାଲୋଚନା କରିଆସୁଥିଲେ ସେମାନେ ବ୍ରିଟେନ ଏବଂ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ସଙ୍କଟକୁ ଆକଳନ କରିବାରେ ବିଫଳ ହୋଇଥିବା କାରଣରୁ ହତପ୍ରଭ ହୋଇ ପଡ଼ିଛନ୍ତି। ଏହି ପରିପ୍ରେକ୍ଷୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରଁଙ୍କ ଉକ୍ତି ବାସ୍ତବରେ ପ୍ରଣିଧାନଯୋଗ୍ୟ– ''ସେମାନଙ୍କ ପାଇଁ ପ୍ରାଚୁର୍ଯ୍ୟର ଦିନ ପ୍ରକୃତରେ ଶେଷ ହୋଇଯାଇଛି। ଆଉ ଏହି ସମୟ ହୁଏତ ଆମ ପାଇଁ ଆରମ୍ଭ ହେଉଛି।''

ବ୍ରିଟେନକୁ ପଛରେ ପକାଇ ଭାରତ ବିଶ୍ୱର ପଞ୍ଚମ ସର୍ବବୃହତ୍ ଅର୍ଥବ୍ୟବସ୍ଥା ହେବାର ଖବର ପ୍ରଥମେ ବ୍ଲୁମ୍‌ବର୍ଗରେ ପ୍ରକାଶ ପାଇଥିଲା। ଏହି ଖବରକୁ ଏକ ଔପନିବେଶିକ ରଙ୍ଗ ଦେଇ ବ୍ଲୁମବର୍ଗ ଲେଖିଥିଲା ଯେ, ଏକ ସାମ୍ରାଜ୍ୟବାଦୀକୁ ଏହାର ପୂର୍ବତନ ସାମ୍ରାଜ୍ୟ ପଛରେ ପକାଇ ଦେଇଛି। ବହୁପୂର୍ବରୁ ସମ୍ରାଟଙ୍କଠାରୁ ସାମ୍ରାଜ୍ୟ ଓ ବୈଭବ, ଉଭୟ ହାତଛଡ଼ା ହୋଇଯାଇଥିଲା। କାଳକ୍ରମେ ଗ୍ରେଟ୍ ବ୍ରିଟେନ ସଙ୍କୁଚିତ ହୋଇ ଏକ ଛୋଟ ଇଂଲଣ୍ଡରେ ପରିଣତ ହୋଇଥିଲା; କିନ୍ତୁ ଏହାର ଅର୍ଥବ୍ୟବସ୍ଥା ସୁଦୃଢ଼ ରହିଥିଲା ଏବଂ ୟୁକେ (ୟୁନାଇଟେଡ କିଙ୍ଗଡମ୍) ବିଶ୍ୱର ଶୀର୍ଷ ପାଞ୍ଚଟି ଅର୍ଥବ୍ୟବସ୍ଥା ତାଲିକାରେ ନିଜର ସ୍ଥାନ ବଜାୟ ରଖିପାରିଥିଲା। ଏହା ନିଃସନ୍ଦେହ ଯେ ବ୍ଲୁମବର୍ଗର ରିପୋର୍ଟରେ ଔପନିବେଶିକ ସନ୍ଦର୍ଭ ଉଲ୍ଲେଖ କରାଯିବା ଆପତ୍ତିଜନକ। ତା'ଛଡ଼ା ୧୯୪୭ରେ ବ୍ରିଟିଶ ଶାସକମାନେ ଅସହାୟ, କ୍ଷତାକ୍ତ ଓ ଲହୁଲୁହାଣ କରି ଛାଡ଼ି ଚାଲି ଯାଇଥିବା ଏକ ରାଷ୍ଟ୍ର କ୍ରମାଗତ ଉନ୍ନତି କରିବା ସହିତ ଆର୍ଥିକ ସମୃଦ୍ଧି ଓ ଶକ୍ତି ହାସଲ କରିବାର ଦିଗକୁ ଏଥିରେ ଅଣଦେଖା କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭାରତକୁ ଆର୍ଥିକ ଦୃଷ୍ଟିରୁ ଶୋଷଣ କରିବା ଏବଂ ଏ ଦେଶରୁ ବ୍ରିଟେନକୁ ସମ୍ପତ୍ତି ବୋହିନେବା ଲାଗି ବ୍ରିଟିଶରମାନେ ଭାରତରେ ସାମ୍ରାଜ୍ୟବାଦ ସ୍ଥାପନ କରିଥିଲେ। ୧୭୦୦ ଖ୍ରୀଷ୍ଟାବ୍ଦରେ ବିଶ୍ୱ ଜିଡିପିରେ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ଥିଲା ୨୪.୪ ପ୍ରତିଶତ; କିନ୍ତୁ ୭୫ ବର୍ଷ ପୂର୍ବେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ, ବ୍ରିଟିଶ ସାମ୍ରାଜ୍ୟର ପତାକା ବଦଳରେ ତ୍ରିରଙ୍ଗା ପତାକା ସ୍ଥାନ ପାଇବା ବେଳକୁ ଭାରତୀୟ ଅର୍ଥବ୍ୟବସ୍ଥାର ଭାଗ ମାତ୍ର ୩ ପ୍ରତିଶତକୁ ଖସି ଆସିଥିଲା। ବ୍ରିଟେନ ସମୃଦ୍ଧି ହାସଲ କରିଥିବା ବେଳେ ଭାରତ ଉତ୍କଟ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିଲା। ବିଗତ ଆଠ ବର୍ଷ ମଧ୍ୟରେ ଭାରତର ଅଭୂତପୂର୍ବ ଉଦୟକୁ ବୁଝିବା ଲାଗି ଏସବୁ ତଥ୍ୟର ବିଶ୍ଳେଷଣ କରିବା ଜରୁରୀ, କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ଅର୍ଥବ୍ୟବସ୍ଥାକୁ ଶୀର୍ଷକୁ ନେବା ଲାଗି ପ୍ରମୁଖ ନୀତିଗତ ପରିବର୍ତ୍ତନ ଆଣିଛନ୍ତି। ବିଗତ ଦଶନ୍ଧିରେ ହୋଇଥିବା ତ୍ରୁଟିକୁ ସେ ସୁଧାରିବାକୁ ପ୍ରୟାସ କରିଛନ୍ତି। ଏହାର ବିପରୀତ ପୂର୍ବ ସରକାରମାନେ କେବଳ ସୋଭିଏଟ୍ ଯୁଗ ଶୈଳୀରେ ରାଷ୍ଟ୍ର ଉପରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଭାରତୀୟ ଉଦ୍ୟୋଗ ଜଗତର କ୍ଷମତାକୁ ନ୍ୟୂନ କରି ଆକଳନ କରିଥିଲେ ଏବଂ ପ୍ରତିବନ୍ଧକ ମାଧ୍ୟମରେ ଆକାଂକ୍ଷାକୁ ଅଣଦେଖା କରିଥିଲେ।

୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଅତୀତକୁ ସମାଧି ଦେଇ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନୂତନ ଆରମ୍ଭ କରିଥିଲେ, ଯାହାକି ଅଧିକାଂଶ ଭାରତୀୟଙ୍କ ଆକାଂକ୍ଷା ପୂରଣ କରିବା, ସେମାନଙ୍କର ସମ୍ଭାବନାକୁ ଉଜାଗର କରିବା ଏବଂ ଏହି ମହାନ ରାଷ୍ଟ୍ରକୁ ପ୍ରଗତି ପଥକୁ ଆଣିବା ଲାଗି ଉଦ୍ଦିଷ୍ଟ ଥିଲା। ସମୃଦ୍ଧ ଓ ସଶକ୍ତ ଭାରତର ଅନ୍ତିମ ପଂକ୍ତିରେ ଛିଡ଼ା ହୋଇଥିବା ଅନ୍ତିମ ବ୍ୟକ୍ତିକୁ ସୁବିଧା ପ୍ରଦାନ କରାଯିବା ସୁନିଶ୍ଚିତ କରାଗଲା। ପ୍ରଧାନମନ୍ତ୍ରୀ ମୋଦି ଆଣିଥିବା ସ୍ଥିର ପରିବର୍ତ୍ତନର ପ୍ରଭାବ ଏହି ଆଠ ବର୍ଷ ମଧ୍ୟରେ ଦେଖିବାକୁ ମିଳିଛି। ଭାରତର କାହାଣୀ ସାରା ବିଶ୍ୱରେ ସବୁଠୁ ପ୍ରାସଙ୍ଗିକ ପାଲଟିଛି। ପରିସଂଖ୍ୟାନରୁ କେବଳ ଆଂଶିକ ତଥ୍ୟ ମିଳିଥାଏ। ୨୦୨୩ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଜିଡିପିର ସାଙ୍କେତିକ ଅଭିବୃଦ୍ଧି ସ୍ତର ୧୩.୫ ପ୍ରତିଶତ ହେବା କ୍ଷେତ୍ରରେ ଭାରତକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥବ୍ୟବସ୍ଥା ବୋଲି କୁହାଯାଉଛି। କ୍ରୟ ଶକ୍ତି ଆଧାରରେ ଆକଳନ କଲେ, ଆମେରିକା ଓ ଚୀନ ପରେ ଭାରତର ଜିଡିପି ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥବ୍ୟବସ୍ଥା ମାନ୍ୟତା ପାଇବ। ବର୍ତ୍ତମାନ ଉପଲବ୍ଧ ସବୁ ସଙ୍କେତ ଓ ଆକଳନରୁ ସୂଚନା ମିଳୁଛି ଯେ, ଅନ୍ୟ ସବୁ ରାଷ୍ଟ୍ରର ଜିଡିପି ସ୍ଥିର କିମ୍ବା ନିମ୍ନଗାମୀ ଥିବା ବେଳେ ଭାରତର ଅର୍ଥବ୍ୟବସ୍ଥା କ୍ରମାଗତ ଭାବେ ପ୍ରଗତି ହାସଲ କରୁଛି। ଏହାର ଅର୍ଥ ହେଉଛି ଭାରତ କ୍ରମାଗତ ଭାବେ ଅଗ୍ରଣୀ ସ୍ଥାନ ବଜାୟ ରଖିବା ସହିତ ଦ୍ରୁତ ଗତିରେ ବର୍ତ୍ତମାନର ଶୂନ୍ୟସ୍ଥାନଗୁଡ଼ିକ ଦୂର କରୁଛି।

ଲଗାତର ଦୁଇ ବର୍ଷ ଧରି କୋଭିଡ–୧୯ ମହାମାରୀ ଭାରତ ସମେତ ସାରା ବିଶ୍ୱର ଅର୍ଥବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଥିଲା। ହେଲେ ପ୍ରତିକୂଳ ପରିସ୍ଥିତିର ଏହି ବର୍ଷଗୁଡ଼ିକୁ ପ୍ରଧାନମନ୍ତ୍ରୀ ଅବସରରେ ପରିଣତ କରିଥିଲେ। ତାଙ୍କର ଦୂରଦୃଷ୍ଟି କାରଣରୁ ଭାରତ ଅନ୍ୟମାନଙ୍କ ଭଳି ସମ୍ପତ୍ତି ଓ ସମ୍ବଳ ବରବାଦ କରିବାର ରାସ୍ତାରେ ଯାଇନଥିଲା। ଏହା ପରିବର୍ତ୍ତେ ସେ ଏକ ସତର୍କ ଏବଂ ବିବେକପୂର୍ଣ୍ଣ ଦୃଷ୍ଟିକୋଣ ଆପଣାଇଥିଲେ, ନିଯୁକ୍ତି ଆଧାରିତ ଭିତ୍ତିଭୂମି ଉପରେ ବ୍ୟୟ କରିବା ନେଇ ଗୁରୁତ୍ୱ ଦେଇଥିଲେ ଏବଂ ପୁନଃସୁଧାର ପାଇଁ ସେ ଉଦ୍ୟୋଗ ଜଗତ ଲାଗି ଆର୍ଥିକ ପ୍ରୋତ୍ସାହନ ଆଧାରିତ ଯୋଜନା କାର୍ଯ୍ୟକାରୀ କରିଥିଲେ। ୨ ଲକ୍ଷ କୋଟି ଟଙ୍କାର ଉତ୍ପାଦନ ଭିତ୍ତିକ ପ୍ରୋତ୍ସାହନ ଯୋଜନାର ସୁଫଳ ଏବେ ମିଳିବା ଆରମ୍ଭ କରିଛି। ଏସବୁ ପଦକ୍ଷେପ ସହିତ ପ୍ରଧାନମନ୍ତ୍ରୀ ମୋଦି ବ୍ୟବସାୟିକ ସୁଗମତାରେ ବ୍ୟାପକ ସୁଧାର ସୁନିଶ୍ଚିତ କରିଛନ୍ତି। ନୀତିଗତ ସ୍ଥିରତା, ଶ୍ରମ ଆଇନରେ ସଂସ୍କାର ଭଳି ପଦକ୍ଷେପ ସହିତ ବିଶ୍ୱର ସବୁଠୁ ଲୋକପ୍ରିୟ ଓ ବୃହତ୍ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛନ୍ତି। ଭାରତର ପ୍ରଯୁକ୍ତି ଭଣ୍ଡାରକୁ ସୁବିନିଯୋଗ କରିବା ସହିତ ଷ୍ଟାର୍ଟଅପ ଓ ୟୁନିକର୍ଣ୍ଣଗୁଡ଼ିକୁ ପ୍ରୋତ୍ସାହିତ କରିଛନ୍ତି। ବିଶ୍ୱ ନିବେଶକ ଓ ଉଦ୍ୟୋଗ ସହିତ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରିଛନ୍ତି। ଲକଡାଉନ ସମୟରେ ପ୍ରଭାବିତ ହୋଇଥିବା ଅର୍ଥବ୍ୟବସ୍ଥାକୁ ସୁଧାର ମାର୍ଗକୁ ଫେରାଇ ଆଣିବା ଏବଂ ଜିଡିପିରେ ଉନ୍ନତି ଆଣିବା ଉପରେ ନିଶ୍ଚିତ ଭାବେ ଗୁରୁତ୍ୱ ଦିଆଯାଇଛି। ତେବେ ମହାମାରୀ ଯୋଗୁ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ଗରିବ ଓ ବଞ୍ଚିତମାନଙ୍କ କଲ୍ୟାଣ ପ୍ରତି ପ୍ରଧାନମନ୍ତ୍ରୀ ମୋଦି ଗୁରୁତ୍ୱ ଦେଇଛନ୍ତି। ଭାରତରେ ବିଶ୍ୱର ସବୁଠୁ ବଡ଼ ମାଗଣା ଖାଦ୍ୟଶସ୍ୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହେଉଛି। ଦେଶର ପ୍ରାୟ ଦୁଇ ତୃତୀୟାଂଶ ଲୋକଙ୍କୁ ମାଗଣା ରାଶନ ମିଳୁଛି। ବିଶ୍ୱର ସବୁଠୁ ବଡ଼ କୋଭିଡ–୧୯ ଟିକାକରଣ କାର୍ଯ୍ୟକ୍ରମ ଭାରତରେ କାର୍ଯ୍ୟକାରୀ ହେଉଛି। ଏହା ଭାରତୀୟ ଅର୍ଥବ୍ୟବସ୍ଥାକୁ ମହାମାରୀ ସଙ୍କଟରୁ ଉଦ୍ଧାର କରି ଦ୍ରୁତ ଏବଂ ବ୍ୟାପକ ପ୍ରଗତି ଦିଗରେ ଆଗେଇ ନେଇଛି।

୧୯୪୭ରେ ଭାରତ ଏକ ପ୍ରକାର ସର୍ବସ୍ୱାନ୍ତ ସ୍ଥିତିରେ ଥିଲା। ଏବେ ଆମେ ଦେଶର ଅମୃତ କାଳ ଅର୍ଥାତ୍ ସ୍ୱାଧୀନତାର ୧୦୦ତମ ବର୍ଷ ପୂର୍ତ୍ତି ଆଡ଼କୁ ୨୫ ବର୍ଷର ଯାତ୍ରାରେ ପାଦ ଥାପିଛୁ। ବର୍ତ୍ତମାନ ଆମେ ଅଧିକ ସଶକ୍ତ ଓ ସମୃଦ୍ଧ ହୋଇ ଛିଡ଼ା ହୋଇଛୁ। ଆଜି ବିଶ୍ୱର ସବୁଠୁ ଅଧିକ ସ୍ମାର୍ଟଫୋନ ଡେଟା ବ୍ୟବହାରକାରୀ ଭାରତରେ ଅଛନ୍ତି। ଭାରତରେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ବିଶ୍ୱରେ ଦ୍ୱିତୀୟ ସର୍ବାଧିକ। ବିଶ୍ୱର ତୃତୀୟ ସର୍ବବୃହତ ଉପଭୋକ୍ତା ବଜାର ଭାରତରେ ରହିଛି। ବିଶ୍ୱ ଖୁଚୁରା ସୂଚକାଙ୍କରେ ଭାରତ ଦ୍ୱିତୀୟ ସ୍ଥାନ ହାସଲ କରିଛି। ତୃତୀୟ ସର୍ବବୃହତ ଇନ୍ଧନ ଉପଯୋଗକାରୀ ରାଷ୍ଟ୍ର ଭାବେ ଭାରତ ନିଜ ସୁଦୃଢ଼ ଅର୍ଥବ୍ୟବସ୍ଥାର ଆଉ ଏକ ପ୍ରମାଣ ଦେଉଛି। ୭୫ ବର୍ଷ ପୂର୍ବରୁ ଭାରତ ଲାଙ୍କାଶାୟରର ଉତ୍ପାଦ ଆମଦାନୀ କରୁଥିଲା, ଆଜି ଭାରତୀୟ ପୋଷାକ ରପ୍ତାନିରେ ଅଭୂତପୂର୍ବ ଉତ୍ଥାନ ଦେଖିବାକୁ ମିଳିଛି। ବିଶ୍ୱ ବାଣିଜ୍ୟରେ ଆମେ ଏବେ ଦୃଢ଼ ସହଭାଗୀ ହୋଇପାରିଛୁ। ରପ୍ତାନି ପରିମାଣ ପୂର୍ବ ବର୍ଷର ରେକର୍ଡକୁ ଅତିକ୍ରମ କରି ଚଳିତ ବର୍ଷ ୫୦ ଲକ୍ଷ କୋଟି ଟଙ୍କାକୁ ଛୁଇଁଛି। ଆମର ବାଣିଜ୍ୟିକ ରପ୍ତାନି ୩୧ ଲକ୍ଷ କୋଟି ଟଙ୍କା ଟପିଛି। ଏକଦା ପିଏଲ ୪୮୦ର ଦୟାରେ ବଞ୍ଚିଥିବା ରାଷ୍ଟ୍ର ଆଜି ସାରା ବିଶ୍ୱକୁ ଖାଦ୍ୟ ସାମଗ୍ରୀ ରପ୍ତାନି କରୁଛି।

ମୋଦି ସରକାରଙ୍କ ସଫଳତାର କାହାଣୀ ଯେତେ ବଖାଣିଲେ ବି କମ୍ ହେବ। ଏଠାରେ କହି ରଖିବା ଉଚିତ ହେବ ଯେ, ଦେଶରେ ୧୦୦ରୁ ଅଧିକ ବିଲିୟନ ଡଲାର କମ୍ପାନୀ ସୃଷ୍ଟି ହୋଇଛନ୍ତି ଏବଂ ପ୍ରତି ମାସରେ ନୂଆ ନୂଆ କମ୍ପାନୀ ଗଢ଼ା ହେଉଛନ୍ତି। ବିଗତ ଆଠ ବର୍ଷ ମଧ୍ୟରେ ସୃଷ୍ଟି ହୋଇଥିବା ୟୁନିକର୍ଣ୍ଣଗୁଡ଼ିକର ମୂଲ୍ୟାଙ୍କନ ୧୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଅବିଶ୍ରାନ୍ତ ନେତୃତ୍ୱ ବଳରେ, ଭାରତରେ ଷ୍ଟାର୍ଟଅପ୍‌ଗୁଡ଼ିକର ସଂଖ୍ୟା ମାତ୍ର କେତେ ଶହରୁ ଆଜି ୭୦,୦୦୦ ଅତିକ୍ରମ କରିଛି। ଅଭିବୃଦ୍ଧି ଓ ସମୃଦ୍ଧିରେ ସନ୍ତୁଳନ ବଜାୟ ରଖିବା ପାଇଁ ପ୍ରୟାସ କରାଯାଇଛି। ୫୦ ପ୍ରତିଶତ ଷ୍ଟାର୍ଟଅପ୍ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ମୁଣ୍ଡ ଟେକିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଡିଜିଟାଲ ଇଣ୍ଡିଆ ବିପ୍ଳବ ମାଧ୍ୟମରେ ଏସବୁ ସଫଳତାର ଶୀର୍ଷରେ ପହଞ୍ଚି ପାରିଛନ୍ତି। ୨୦୧୪ରେ ଭାରତରେ ମାତ୍ର ୬.୫ କୋଟି ବ୍ରଡ୍‌ବ୍ୟାଣ୍ଡ ଉପଭୋକ୍ତା ଥିଲେ; ଆଜି ୭୮ କୋଟିରୁ ଅଧିକ ଉପଭୋକ୍ତା ରହିଛନ୍ତି। ଜିଏସଟି ପ୍ରଚଳନ ହେବା ଦ୍ୱାରା ଉଦ୍ୟୋଗୀମାନେ ଲାଭବାନ ହେବା ସହିତ ଟିକସ ସଂଗ୍ରହରେ ଦୁର୍ନୀତି ଦୂର ହୋଇଛି।

କେବଳ କ୍ରୋମ୍ ଓ କାଚ ମଲ୍‌ଗୁଡ଼ିକ ଭାରତର ଅଭିବୃଦ୍ଧିଶୀଳ ସମୃଦ୍ଧିକୁ ପ୍ରଦର୍ଶନ କରୁନାହାନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ବ୍ୟତୀତ ଏହାକୁ କେହି ବାସ୍ତବରେ ବୁଝିପାରିବେ ନାହିଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ତାଙ୍କ ପ୍ରୟାସ ଆଜି ସଫଳ ହୋଇଛି। ଦେଶରୁ ଉତ୍କଟ ଦାରିଦ୍ର୍ୟ ଏବଂ ଉପଭୋଗ ଅସମାନତା ଦୂର ହୋଇଥିବା ନିକଟରେ ଆଇଏମ୍‌ଏଫ୍‌ର ଏକ ଅଧ୍ୟୟନରୁ ଜଣାପଡ଼ିଛି। ଗରିବଙ୍କ ପାଇଁ ଆବାସ ଓ ସ୍ୱାସ୍ଥ୍ୟସେବା ସାମାଜିକ ବିକାଶ ସୂଚକାଙ୍କ ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇଛି। ଗରିବ ଲୋକମାନଙ୍କୁ ରିହାତି ଦରରେ ଏଲପିଜି ସିଲିଣ୍ଡର ଯୋଗାଇ ଦେବାଠାରୁ ଆରମ୍ଭ କରି ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଟ୍ୟାପ୍ ଯୋଗେ ପାଣି ଯୋଗାଇବା ଭଳି ଯୋଜନା ସମାବେଶୀ ବିକାଶ ସୁନିଶ୍ଚିତ କରିଛି। ମୁଦ୍ରା ଋଣ ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଦେବା ସହିତ ଲଘୁ ଉଦ୍ୟୋଗ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ବିଶ୍ୱରେ ଇନ୍ଧନ ମୂଲ୍ୟ ବୃଦ୍ଧି ସହ ତୁଳନା କଲେ ଭାରତ ଭଲ ସ୍ଥିତିରେ ରହିଛି ଏବଂ ଦେଶବାସୀଙ୍କ ଉପରେ ମହାମାରୀ ପରବର୍ତ୍ତୀ ସଙ୍କଟର ଖୁବ କମ ପ୍ରଭାବ ଅନୁଭୂତ ହୋଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ସଂକଳ୍ପ ଧୀରେ ଧୀରେ ରୂପ ଓ ସ୍ୱରୂପ ହାସଲ କରୁଛି। ଏଥିରେ ଉଭୟ ସରକାର ଓ ନାଗରିକଙ୍କ ମିଳିତ ପ୍ରୟାସ ବା 'ସବ୍‌କା ପ୍ରୟାସ'ର ଗୁରୁତ୍ୱ ରହିଛି। ଏ ଭାରତ ଆତ୍ମବିଶ୍ୱାସୀ ଓ ଆତ୍ମନିର୍ଭରଶୀଳ। ସବୁ ଆହ୍ୱାନ ଏବଂ ପ୍ରତିକୂଳ ପରିସ୍ଥିତିର ମୁକାବିଲା କରିବା ଲାଗି ସର୍ବଦା ପ୍ରସ୍ତୁତ। ଏକ ସଙ୍ଗେ ବିଶ୍ୱର ପଞ୍ଚମ ସର୍ବବୃହତ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା ହେବା ସାରା ଭାରତ ଓ ଭାରତୀୟଙ୍କ ପାଇଁ ଏକ ଚମତ୍କାର ଉପଲବ୍ଧି। ଏହି ସ୍ଥାନରୁ ଆମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୫ ଟ୍ରିଲିୟନ ଡଲାର ଅର୍ଥବ୍ୟବସ୍ଥାର ସଂକଳ୍ପକୁ ସାକାର କରିବା ଦିଗରେ ଯାତ୍ରା ଆରମ୍ଭ କରିଛୁ। ଆସନ୍ତା ଦୁଇ ବର୍ଷ ମଧ୍ୟରେ ଭାରତ ଏହି ମାଇଲଖୁଣ୍ଟ ମଧ୍ୟ ହାସଲ କରିପାରିବ ବୋଲି ଯେ କେହି ଆତ୍ମବିଶ୍ୱାସର ସହ କହିପାରିବେ। ଏହା ହେଉଛି ମଧ୍ୟ।

(ଲେଖକ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ)

## ଗ୍ରାମ ରୋଜଗାର ସେବକ ସଂଘ ବୈଠକ



ଗ୍ରାମ ରୋଜଗାର ସେବକ ସଂଘର ବୈଠକ

**ଖଲ୍ଲିକୋଟ,୪।୯(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ବଡ଼ରାଉଳ ଦେବୀ ମନ୍ଦିର ପରିସରରେ ଖଲ୍ଲିକୋଟ ବ୍ଲକ ଗ୍ରାମ ରୋଜଗାର ସେବକ ସଂଘ (ଜିଆରଏସ)ର ସଭାପତି ମଧୁସୂଦନ ଗୌଡ଼ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଆର୍‌ଏସ୍‌ଙ୍କ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଅଣକୁଶଳୀ ଶ୍ରମିକଙ୍କୁ କାର୍ଯ୍ୟ ଯୋଗାଇବା ଓ ପ୍ରତ୍ୟେକ ପରିବାରକୁ ୧୦୦ ଦିନ କାମ ଦେବାରେ ସାରା ଦେଶରେ ଗଞ୍ଜାମ ଜିଲାର ଅଗ୍ରଣୀ ଭୂମିକା ରହିଛି। ପୂର୍ବବର୍ତ୍ତୀ ଏହି ଯୋଜନାକୁ ଅଧିକରୁ ଅଧିକ ସଫଳ କରିବା ଉଦ୍ୟମ ଜାରି ରହିବ ବୋଲି ନିଷ୍ପତ୍ତି ହୋଇଥିଲା। ଖଲ୍ଲିକୋଟ ବିଡିଓ ଏଥିରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଥିବାରୁ ସଂଘ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଏକ ଟିମ ୱାର୍କ ହୋଇଥିବାରୁ ପୁରା ଟିମର ସହଯୋଗ ରହୁନଥିବାରୁ କେତେକ ସମୟରେ କାମ କରିବାରେ ସମସ୍ୟା ଉପୁଜୁଥିବାର ମତ ପ୍ରକାଶ ପାଇଥିଲା। ଏହି ଯୋଜନାକୁ ବାଟବଣା କରିବା ପାଇଁ ଚେଷ୍ଟା କରୁଥିବା ବ୍ୟକ୍ତିବିଶେଷଙ୍କୁ ଦୂରେଇ ରଖି ଉଚିତ ରାସ୍ତାରେ ଯୋଜନା ସଫଳ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ସଂଘ ସମ୍ପାଦକ ପ୍ରଭାତ ଶିଶିର ପଣ୍ଡା, କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ପାତ୍ର, ଗୌରାଙ୍ଗ ସ୍ୱାଇଁ, ଅଁଳା ବେହେରା, ଚିନ୍ମୟୀ ଜାନୀଙ୍କ ସମେତ ସମସ୍ତ ଜିଆର୍‌ଏସ୍ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କ ବାଲୁକା କଳା ପ୍ରଦର୍ଶନ

**ଚିକିଟି,୪।୯ (ଡି.ଏନ.ଏ.)**

ଚିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁରସ୍ଥିତ କସ୍ତୁରବା ଗାନ୍ଧି ଆବାସିକ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରୀ ରଶ୍ମିତା ମଳିକ ବିନା ତାଲିମରେ ବାଲୁକା କଳା ପ୍ରଦର୍ଶନ କରିଛନ୍ତି। ସେ ସ୍କୁଲ କାମ ପାଇଁ ପଡିଥିବା ବାଲିରେ କୌଣସି ସାରଞ୍ଜାମ ବ୍ୟବହାର ନକରି ହାତରେ ଏକ ସୁନ୍ଦର କୁମ୍ଭୀର ତିଆରି କରିଛନ୍ତି। ଏପରି ଆଗ୍ରହୀ ବିଦ୍ୟାର୍ଥୀଙ୍କୁ ତାଲିମ ଦିଆଗଲେ ଆହୁରି ସୁନ୍ଦର ବାଲୁକା କଳା ପ୍ରଦର୍ଶନ କରିପାରିବେ ବୋଲି ମତ ପ୍ରକାଶ ପାଇଛି।

## ବିଦେଶରୁ ଫେରିଲେ ବାଚସ୍ପତି

**ଭଞ୍ଜନଗର,୪।୯(ଡି.ଏନ.ଏ)**

ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଦେଶ ଗସ୍ତ ସାରି ଶୁକ୍ରବାର ଓଡ଼ିଶା ଫେରିବା ପରେ ରବିବାର ନିଜ ନିର୍ବାଚନମଣ୍ଡଳୀ ଭଞ୍ଜନଗରକୁ ଆସିଛନ୍ତି। ତାଙ୍କୁ ଅଞ୍ଚଳର ବିଭିନ୍ନ ବ୍ୟକ୍ତିବିଶେଷ ଭେଟି ସ୍ୱାଗତ ଜଣାଇଥିଲେ। ଅପରାହ୍ନରେ ସ୍ଥାନୀୟ ଜଳସମ୍ପଦ ବିଭାଗ ଡାକ ବଙ୍ଗଳାରେ ଭଞ୍ଜନଗର ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପଞ୍ଚାୟତ ଲୋକ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ । ସୋମବାର ଭଞ୍ଜନଗର ବିଡ଼ିଓ ଏବଂ ଏହାପରେ ଏନଏସି ଲୋକ ପ୍ରତିନିଧି, ନିର୍ବାହୀ ଅଧିକାରୀଙ୍କ ସହ ମଧ୍ୟ ଉନ୍ନୟନ କାର୍ଯ୍ୟ ନେଇ ଆଲୋଚନା କରିବେ । ଅପରାହ୍ନରେ ଜଗନ୍ନାଥପ୍ରସାଦ ଅଭିମୁଖେ ଯାଇ ଗ୍ରାମ୍ୟ ଉନ୍ନୟନ ଡ଼ାକ ବଙ୍ଗଳାରେ ଜଗନ୍ନାଥପ୍ରସାଦ ତହସିଲଦାର ଏବଂ ବିଡ଼ିଓଙ୍କ ସହ ମଧ୍ୟ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ନେଇ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି । ଏହାପରେ ସେ ଭୁବନେଶ୍ୱର ଫେରିଯିବେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଦିଲ୍ଲୀରେ ଜୀବନ ବ୍ୟାପି ସାଧନା ସମ୍ମାନ ପୁରସ୍କାର ପାଇବା ପରେ ୬ରେ ଓଡ଼ିଶା ଫେରିବେ । ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରୁ ଲୋକେ ଭୁବନେଶ୍ୱର ଯିବେ । ଭଞ୍ଜନଗର ନିର୍ବାଚନମଣ୍ଡଳୀରୁ ମଧ୍ୟ ଶତାଧିକ ଲୋକ ପ୍ରତିନିଧି ପ୍ରମୁଖ ଭୁବନେଶ୍ୱର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ବିମାନବନ୍ଦରରେ ସ୍ୱାଗତ କରିବା କାର୍ଯ୍ୟକ୍ରମ ରହିଛି ।

## ମାଟିତଳୁ ବାହାରିଲା ପଥର ମୂର୍ତ୍ତି

**ପାତ୍ରପୁର, ୪।୯(ଡି.ଏନ.ଏ)**

ପାତ୍ରପୁର ବ୍ଲକ ଆମ୍ବପୁର ଗ୍ରାମର ପଶ୍ଚିମ ଭାଗରେ ଥିବା ଏକ ଧାନ କ୍ଷେତରୁ ପଥର ମୂର୍ତ୍ତି ଆବିର୍ଭାବ ହୋଇଥିବା ଚର୍ଚ୍ଚା ହେଉଛି। କିଏ କହୁଛି ମହାମାୟୀ କିଏ କହୁଛି ହନୁମାନ, ଲୋକେ ରୁଣ୍ଡ ହୋଇ ପୂଜାର୍ଚ୍ଚନା ଆରମ୍ଭ କରିଛନ୍ତି। ଏହି ଗ୍ରାମର ସରସ୍ୱତୀ ପ୍ରଧାନ, ବୃନ୍ଦାବତୀ ସାହୁ ଓ ନନ୍ଦୀ ଡାକୁଆଙ୍କୁ ଦୁଇ ମାସ ଭିତରେ 'ମୁଁ ଏହି ଜମିରେ ଅଛି ମୋତେ ଉଦ୍ଧାର କର' ବୋଲି ସ୍ୱପ୍ନାଦେଶ ହୋଇଥିଲା। ଏହାକୁ ଭିତ୍ତିକରି ରବିବାର ରାଧା ଅଷ୍ଟମୀରେ ଧାନ କ୍ଷେତରୁ ପ୍ରଥମେ ସରସ୍ୱତୀ ପ୍ରଧାନ ମାଟି ବାହାର କରିଥଲେ। ମାଟି ଖୋଳିବା ପରେ ପଥର ମୂର୍ତ୍ତି ଆବିର୍ଭାବ ହୋଇଥିଲା। ଏହି ଘଟଣା ଜରଡା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

## ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ, ଶରଣକୁଳ ବିଜୟୀ

**ଖଣ୍ଡପଡ଼ା,୪।୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମରେ ଯୁବକ ସଂଘ ପକ୍ଷରୁ ଗତ ୨୮ ରୁ ଆରମ୍ଭ ହୋଇଥିବା ଏନଏସି କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ସେମିଫାଇନାଲ ମ୍ୟାଚ ଶେଷ ହୋଇଛି । ଶନିବାର ଦିନ ଅନୁଷ୍ଠାନ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଶରଣକୂଳ ଲଡୁକେଶ ଆଥ୍‌ଲେଟିକ ଆସୋସିଏଶନ ଓ ଖଣ୍ଡପଡ଼ା ଟାଉନ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ଅନୁଷ୍ଠିତ ଏହି ମ୍ୟାଚରେ ଉଭୟ ଦଳ ନିର୍ଦ୍ଧାରିତ ସମୟରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ । ଶେଷରେ ଟାଇବ୍ରେକର ସହାୟତା ନିଆଯାଇଥିଲା । ଲଡୁକେଶ ଆଥଲେଟିକ ଆସୋସିଏଶନ ୩–୧ ଗୋଲରେ ଖଣ୍ଡପଡା ଟାଉନ ଫୁଟବଲ କ୍ଲବକୁ ହରାଇ ବିଜୟୀ ହୋଇଛି । ଖଣ୍ଡପଡା ପଠାଣି ସାମନ୍ତ ନାଗରିକ ଫୋରମର ସଭାପତି ଅଖିଳ କୁମାର ମହାରଣା, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ରାକମା ସମିତି ସଭ୍ୟ ବାଳ ଗୋପାଳ ଷଡ଼ଙ୍ଗୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।



ଅତିଥିଙ୍କ ଗହଣରେ ୨ ଟିମ୍‌ର ଖେଳାଳି।

## ଓଡ଼ଗାଁ,ଭାପୁରରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଟିମ୍

**ଓଡ଼ଗାଁ/ଭାପୁର, ୪।୯(ସ୍ୱ.ପ୍ର.)**

କେନ୍ଦ୍ର ସରକାରଙ୍କ ଏକ ପର୍ଯ୍ୟବେକ୍ଷକ ଟିମ୍ ଶନିବାର ନୟାଗଡ଼ ଜିଲାର ଓଡ଼ଗାଁ ବ୍ଲକ ଗସ୍ତରେ ଆସି କୁରାଳ,ସୁନାମୁହିଁ ଓ ବାଣ୍ଟପୁର ପଞ୍ଚାୟତରେ କେନ୍ଦ୍ରୀୟ ଅନୁଦାନ ବିନିଯୋଗରେ ଚାଲିଥିବା ଯୋଜନା ପରିଦର୍ଶନ କରିଛନ୍ତି । ବିଶେଷକରି କେନ୍ଦ୍ର ସରକାରଙ୍କ ଅର୍ଥକୁ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ଯୋଜନାରେ ଠିକ ରୂପାୟନ ହେଉଛି କି ନାହିଁ ଯାଞ୍ଚ କରିଥିଲେ । ପ୍ରଥମେ ବାଣ୍ଟପୁର ପଞ୍ଚାୟତକୁ ଯାଇ ପ୍ରଧାନମନ୍ତ୍ରୀ ଆବାସ, ରାଶନ କାର୍ଡ ବଣ୍ଟନ, କେନ୍ଦ୍ରୀୟ ଅର୍ଥ ସମ୍ବନ୍ଧୀୟ ତଥ୍ୟ ଯାଞ୍ଚ କରିବା ସହିତ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ସମ୍ପର୍କିତ ପ୍ରକଳ୍ପ ବୁଲି ଦେଖିଥିଲେ । ଅନ୍ୟପକ୍ଷେ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଦ୍ୱାରା ୨୦୨୦–୨୧ ଆର୍ଥିକ ବର୍ଷରେ ନିର୍ମିତ କ୍ଷେତପୋଖରୀ, ଉଦ୍ୟାନ କୃଷିବିଭାଗ ଦ୍ୱାରା ଆମ୍ବଚାରା ରୋପଣ ସ୍ଥଳ ପରିଦର୍ଶନ କରିଥିଲେ । ବାଣ୍ଟପୁର ସଂରକ୍ଷିତ ଜଙ୍ଗଲରେ ବନବିଭାଗଦ୍ୱାରା ନିର୍ମାଣ ହୋଇଥିବା ରାସ୍ତା ସମେତ ଚାରା ରୋପଣ,ବନ୍ୟ ପ୍ରାଣୀମାନଙ୍କ ପାଇଁ ନିର୍ମିତ ଜଳାଶୟ ବୁଲି ଦେଖିଥିଲେ । କିନ୍ତୁ ଉଦ୍ୟାନ କୃଷିବିଭାଗ ଓ ବନବିଭାଗର ବିଭିନ୍ନ ପ୍ରକଳ୍ପର କାର୍ଯ୍ୟଦେଖି କେନ୍ଦ୍ରୀୟଦଳ ଗଭୀର ଅସନ୍ତୋଷ ବ୍ୟକ୍ତ କରିଥିଲେ । ସେହିପରି ସୁନାମୁହିଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ,ନୂଆସାହିଠାରୁ ନଦୀବନ୍ଧ ରାସ୍ତା,କେନ୍ଦୁଆ ପଡିଆଠାରୁ ଖାଲବିଲ ରାସ୍ତା,ବାଲିସିଂଶା ଶାଳିଆଝରି ଓ ଭର୍ତ୍ତିଆଖାଲ ପୋଖରୀ ପରିଦର୍ଶନ



ଭାପୁର ବ୍ଲକ୍‌ରେ କେନ୍ଦ୍ରୀୟ ଟିମ୍ ତଦନ୍ତ କରୁଛନ୍ତି ।

### କେନ୍ଦ୍ର ଯୋଜନାର ସ୍ଥିତି ଅନୁଧ୍ୟାନ କଲେ

କରିଥିଲେ । ୧୦୦ରୁ ଉର୍ଦ୍ଧ୍ୱ ଜବ୍‌କାର୍ଡଧାରୀ କେନ୍ଦ୍ରୀୟ ପର୍ଯ୍ୟାଲୋଚକ ଦଳଙ୍କୁ ଭେଟି ଏନ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କିତ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ । ଓଡ଼ଗାଁ ବ୍ଲକ କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ଉଦ୍ୟାନ କୃଷି ବିଭାଗ ଏବଂ ବନବିଭାଗ ଦ୍ୱାରା ହୋଇଥିବା କାର୍ଯ୍ୟକୁ ବାଦ୍ ଦେଇ ସରକାରଙ୍କର ଅନ୍ୟ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇଥିବାନେଇ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଗସ୍ତ ସମୟରେ ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରୁନ୍ଧତୀ ପଣ୍ଡା,ବ୍ଲକ ମୃତ୍ତିକା ସଂରକ୍ଷଣ ସହକାରୀ ଯନ୍ତ୍ରୀ ମିହିର ପାତ୍ର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସେହିପରି, ନୟାଗଡ଼ ଜିଲା ଭାପୁର ବ୍ଲକରେ ପୂର୍ବାହ୍ନରେ ଭାପୁର ବ୍ଲକରେ କେନ୍ଦ୍ରୀୟ ଟିମ ପହଞ୍ଚି ପଦ୍ମାବତୀ , ଫତେଗଡ ଓ ଗୋଳାପୋଖରୀ ପଞ୍ଚାୟତ ଯାଇ ତଦନ୍ତ କରି ଫେରିଯାଇଥିଲେ । ଏହି ତଦନ୍ତ ଟିମରେ ଜାତୀୟସ୍ତରୀୟ ପରିଚାଳନା କମିଟି ସଦସ୍ୟ ପ୍ରଦୀପ ପଟ୍ଟନାୟକ, ସଞ୍ଜୟ ଦାସ ଓ ନୟାଗଡ଼ାରୁ ତଦନ୍ତରେ ଆସିଥିଲେ ମହେଶ୍ୱର ରଥ , କିଶୋରୀ ଦାସ । ସେମାନଙ୍କୁ ସହଯୋଗ କରିଥିଲେ ଭାପୁର ବ୍ଲକର କନିଷ୍ଠ ଯନ୍ତ୍ରୀ ରଶ୍ମିରଞ୍ଜନ ପଟ୍ଟନାୟକ , ଦେବାଶିଷ ପଟ୍ଟନାୟକ ,ଏପିଇଓ ଅରୁଣ କୁମାର ଚିନ୍ନରା ,ଜଳବିଭାଜିକା ଅତିରିକ୍ତ ମୁଖ୍ୟ ଅଧିକାରୀ ଜୟକୃଷ୍ଣ ପ୍ରଧାନ ,ଜଳବିଭାଜିକା ଜେଇ ହରିବନ୍ଧୁ ମହାରଣା ।

## ଆଜି କ'ଣ କେଉଁଠି

**ଧର୍ମଶାଳା**

- କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଗୁରୁ ଦିବସ ପାଳନ ଓ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା, ସ୍ଥାନ-କଳ୍ପତରୁ ଦାସ ଷ୍ଟାଡିୟମ ଜାରକା, ସମୟ: ଅପରାହ୍ଣ ୪ଟା।
- ଜାରକା ଇନରହୁଇଲ କ୍ଲବ ପକ୍ଷରୁ ଗୁରୁ ଦିବସ ପାଳନ, ସ୍ଥାନ-ଜାରକା ରୋଟାରି କ୍ଲବ କାର୍ଯ୍ୟାଳୟ, ସମୟ: ଅପରାହ୍ଣ ୫ଟା୩୦।

## ସଂକ୍ଷେପରେ

### କବି ତୁହିନାଂଶୁ ରଥଙ୍କୁ କୃଷ୍ଣଚରଣ କାବ୍ୟ ପୁରସ୍କାର

**ଧର୍ମଶାଳା,୪।୯(ଡି.ଏନ.ଏ.):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମଧୁପୁର କଲେଜ ପ୍ରାଧାପକ ତଥା କବି ଡ. ତୁହିନାଂଶୁ ରଥଙ୍କୁ ଓଡ଼ିଶା ଗବେଷଣା ପରିଷଦ ପକ୍ଷରୁ କୃଷ୍ଣଚରଣ କାବ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠାନ ସଭାପତି ସୁଧୀର ଚନ୍ଦ୍ର ବେହୁରାଙ୍କ ପୌରୋହିତ୍ୟରେ କଟକ ଶ୍ରୀରାମ ଚନ୍ଦ୍ର ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ବିଶ୍ୱ ବିଦ୍ୟାଳୟ ପ୍ରଫେସର ହରିହର ହୋତା, ମୁଖ୍ୟବକ୍ତା ଭାବେ ଉଚ୍ଚ ଶିକ୍ଷା ବିଭାଗ ପୂର୍ବତନ ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର କମଳା ପ୍ରସାଦ ମହାପାତ୍ର ଯୋଗଦେଇ କବି ଡ. ରଥଙ୍କୁ ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। ସମ୍ପାଦକ ପ୍ରଫେସର ଅଜୟ କୁମାର ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ଅନ୍ୟପକ୍ଷରେ ଏହି ପୁରସ୍କାର ପାଇବା ପରେ ଡ. ରଥଙ୍କୁ ଗୋକର୍ଣ୍ଣିକା ସାହିତ୍ୟ ସମାଜ ପକ୍ଷରୁ ସଭାପତି, ସମ୍ପାଦକ ଓ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

### ଫୋନ୍‌ରେ ଅଶ୍ଳୀଳ ଗାଳିଗୁଲଜ, ଥାନରେ ମାମଲା

**ରସୁଲପୁର,୪।୯(ଡି.ଏନ.ଏ.):** କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ କଲଣ-ଶୁଳିଆ ଗ୍ରାମର ସମ୍ବିତ ଶତପଥୀ ଫୋନରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି। ଏଥିସହ ଏକ ନକଲି ଫେସ୍ ବୁକ୍ ଆକାଉଣ୍ଟ୍ ଖୋଲି ତାଙ୍କ ନିକଟକୁ ତାଙ୍କ ଭାଣିଜୀଙ୍କ ଆପତ୍ତିଜନକ ଫଟୋ ଓ ବାର୍ତ୍ତା ଛାଡ଼ିଛନ୍ତି। ଏନେଇ ସମ୍ପୃକ୍ତ ବ୍ୟକ୍ତି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ସମ୍ବିତ ଗତ ମାସ ୩୧ ତାରିଖ ରାତି ୧୨ଟାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୋବାଇଲକୁ ଫୋନ କରିଥିଲେ। ସେ ତାଙ୍କର ଜଣେ ଦୂର ସମ୍ପର୍କୀୟ ବୋଲି ପରିଚୟ ଦେଇଥିଲେ। ଏଥିସହିତ ସେ ତାଙ୍କ ଭାଣିଜୀଙ୍କୁ ଭଲ ପାଉଛନ୍ତି। ହେଲେ ଏବେ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ତେଣୁ ଉକ୍ତ ସମ୍ପର୍କକୁ ପୁଣି ଥରେ ଯୋଡ଼ିବାରେ ସହଯୋଗ କରିବାକୁ ଅଭିଯୁକ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ। ମାତ୍ର ଏଥିରେ ଅଭିଯୋଗକାରୀ ରାଜି ହୋଇ ନ ଥିଲେ। ଫଳରେ ସମ୍ବିତ ତାଙ୍କ ମୋବାଇଲକୁ ଅଶ୍ଳୀଳ ବାର୍ତ୍ତା ପଠାଇଥିଲେ। ଏହାପରେ ଗତ ୨ତାରିଖ ରାତିରେ ଏକ ନକଲି ଫେସ୍ ବୁକ୍ ଆକାଉଣ୍ଟ୍ ଜରିଆରେ ତାଙ୍କ ଭାଣିଜୀଙ୍କ ଅଶ୍ଳୀଳ ଫଟୋ ଛାଡ଼ିବା ସହ ବାର୍ତ୍ତା ଜରିଆରେ ଗାଳିଗୁଲଜ କରିଥିଲେ। ଏନେଇ ଥାନାରେ ଏକ ମାମଲା ନଂ.୨୭୪/୨୨ ରୁଜୁ ହୋଇଛି। ଥାନା ଅଧିକାରୀ ଏସ୍. ବେହେରା ମାମଲାର ତଦନ୍ତ ଜାରି ରଖିଛନ୍ତି।

# ତାଲିକାରୁ ବାଦ୍ ପଡ଼ିଲା ଏସ୍‌ଏଚ୍‌ଜି

## ଯାଜପୁର ଜିଲାରେ ଧାନ କିଣା ଦୁର୍ନୀତି

- ଭେଣ୍ଡର ଜାଲିଆତିରେ ୪ କୋଟି ହଡ଼ପ
- ଏସ୍‌ଏଚ୍‌ଜିଙ୍କୁ ଅନୁକମ୍ପା ପ୍ରଦର୍ଶନ ସନ୍ଦେହ
- ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ ନିର୍ଦ୍ଦେଶ

**ଯାଜପୁର ଅଫିସ,୪।୯**

ଯାଜପୁର ଜିଲାର ୧୧ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ରେ ବିନା ଧାନରେ ଅଗ୍ରିମ ଭେଣ୍ଡର ରସିଦ ଜାରି କରାଯାଇ ଧାନ କିଣାଯାଇଥିବା ଜଣାପଡ଼ିଥିଲା। ଷ୍ଟେଟ୍ ଏନଫୋର୍ସମେଣ୍ଟ ସ୍କ୍ୱାଡ୍‌ର ତଦନ୍ତ ରିପୋର୍ଟକୁ ଆଧାର କରି ଏହି ଜାଲିଆତିରେ ସମ୍ପୃକ୍ତ ପାକ୍ସ ଏବଂ ଏସ୍‌ଏଚ୍‌ଜି କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏପ୍ରିଲ ଓ ମେ ମାସରେ ଏକାଧିକ ପତ୍ର ଦିଆଗଲା। ହେଲେ ଏହାର ୫ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାର୍ଯ୍ୟାନୁଷ୍ଠାନ ହେବା ଦୂରର କଥା ବରଂ ଉକ୍ତ ଜାଲିଆତି ତାଲିକାରେ ଥିବା ଯାଜପୁର ବ୍ଲକ ମହାବୀର ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ବାଦ୍ ଦିଆଯାଇଛି। ଜିଲା ଯୋଗାଣ ଅଧିକାରୀ(ସିଏସ୍‌ଓ) ୨୫।୮।୨୦୨୨ରେ ଏଆରସିଏସ୍ (ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋପୋରେଟିଭ ସୋସାଇଟି)ଙ୍କୁ ମାଗିଥିବା କାର୍ଯ୍ୟାନୁଷ୍ଠାନ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି।

ତଦନ୍ତ ରିପୋର୍ଟ ଅନୁସାରେ ଷ୍ଟେଟ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ୩।୩।୨୦୨୨ରେ ଯାଜପୁର ଜିଲା ଗସ୍ତ କରି ପାକ୍ସଗୁଡ଼ିକରେ ଧାନ ସଂଗ୍ରହ, ଉଠାଣ ଏବଂ ମହଜୁଦ ଧାନ ପରିମାଣ ଉପରେ ତଦନ୍ତ କରିଥିଲା। ଏଥିରେ ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ପାକ୍ସରେ ୩୦୬୫.୨୫ କୁଇଣ୍ଟାଲ ଧାନର ଭେଣ୍ଡର ରସିଦ ପ୍ରସ୍ତୁତ ହୋଇଥିଲାବେଳେ ବାସ୍ତବରେ ଚାଷୀଙ୍କଠାରୁ ସେହି ପରିମାଣ ଧାନ କିଣାଯାଇ ନ ଥିଲା। ଅନୁରୂପ ଭାବେ ଦଶରଥପୁର ବ୍ଲକର ଚଷାଖଣ୍ଡ ପାକ୍ସରେ ୩୭୫୩.୦୪ କୁଇଣ୍ଟାଲ, ବଡ଼ଚଣା ବ୍ଲକ ବୈରୀ ପାକ୍ସରେ ୧୭୯୦.୩୦ କୁଇଣ୍ଟାଲ ଓ ସମିଆ ପାକ୍ସରେ ୮୧୬.୧୬ କୁଇଣ୍ଟାଲ ଏବଂ ବରୀ ବ୍ଲକ ଅମଠପୁର ପାକ୍ସରେ ୧୧୮୩.୭୩ କୁଇଣ୍ଟାଲ, ବିଞ୍ଝାରପୁର ବ୍ଲକ ନରହରି ପାକ୍ସରେ ୧୮୦୧.୦୫ କୁଇଣ୍ଟାଲ, ଧର୍ମଶାଳା ବ୍ଲକ ଅଭୟପୁର ପାକ୍ସରେ ୩୮୩.୫୮ କୁଇଣ୍ଟାଲ, ସୁକିନ୍ଦା ବ୍ଲକ ଦୁଧୁଯୁରୀ ପାକ୍ସରେ ୪୫୮୧.୨୮ କୁଇଣ୍ଟାଲ, ଦାନଗଦି ବ୍ଲକ ଗୋବର୍ଦ୍ଧନପୁର ପାକ୍ସରେ ୧୨୭୯.୫୦ କୁଇଣ୍ଟାଲ, ଯାଜପୁର ବ୍ଲକ ମହାବୀର ଶକ୍ତି ଏସଏଚ୍‌ଜିରେ ୧୦୦୮.୨୪ କୁଇଣ୍ଟାଲ ଓ ମାର୍କଣ୍ଡପୁର ପାକ୍ସରେ ୧୦୩୫.୨୧ କୁଇଣ୍ଟାଲ ଧାନ କେବଳ କାଗଜପତ୍ର ପ୍ରସ୍ତୁତ କରି କିଣାଯାଇଥିବା ଜଣାପଡ଼ିଥିଲା। ତଦନ୍ତରେ ସମୁଦାୟ ୨୦,୬୯୭.୩୪ କୁଇଣ୍ଟାଲ ଧାନ ମିଳି ନ ଥିବାବେଳେ ଭେଣ୍ଡର ରସିଦ ଜାରି ହୋଇଥିଲା। ଏ ଗ୍ରେଡ୍ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଅନୁସାରେ ଏହା ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ସମ୍ପୃକ୍ତ ପାକ୍ସ ଓ ଏସ୍‌ଏଚ୍‌ଜି କର୍ତ୍ତୃପକ୍ଷ ଚକ୍ରାନ୍ତ କରି ପରବର୍ତ୍ତୀ ସମୟରେ ଚାଷୀଙ୍କ ନାମରେ ଉପରୋକ୍ତ ବିପୁଳ ଟଙ୍କା ଉଠାଣ କରି ହଡ଼ପ କରିଥିବା ଏଥିରୁ ଅନୁମାନ କରାଯାଇଥିଲା। ଏହିକ୍ରମରେ ଯୋଗାଣ ନିଗମ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟର ତଦନ୍ତକାରୀ ଅଧିକାରୀ ତଥା ସିଭିଲ ସପ୍ଲାଏ ଅଫିସର (ସିଏସ୍‌ଓ) ବସନ୍ତ କୁମାର ପଣ୍ଡା ସମ୍ପୃକ୍ତ ସମ୍ପାଦକ ଓ ପର୍ଚେଜ ଅଫିସରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ତାଙ୍କ ତଦନ୍ତ ରିପୋର୍ଟରେ ଅନୁରୋଧ କରିଥିଲେ। ଏହାସହ ସମ୍ପୃକ୍ତ ସମ୍ପାଦକ ଏବଂ ୯ଟି ମିଲର୍ସଙ୍କୁ ମଣ୍ଡି ପରିଚାଳନାରୁ ବିରତି ରଖିବାକୁ ତଦନ୍ତକାରୀ ଅଧିକାରୀ ପଣ୍ଡା ପ୍ରସ୍ତାବ ଦେଇଥିଲେ। ଏହିମର୍ମରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକ ଏହି ମାମଲାକୁ ଅତି ଗୁରୁତ୍ୱପୂର୍ଣ୍ଣ ମନେ କରି ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଗତ ଜୁନ ୧୩ ତାରିଖରେ ଯାଜପୁର ଏଆରସିଏସଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏଠାରେ କୌଣସି ନିର୍ଦ୍ଦେଶ କିମ୍ବା ପ୍ରସ୍ତାବ ଏଯାଏ କାର୍ଯ୍ୟକାରୀ ହେଲା ନାହିଁ। ବିଭିନ୍ନ ଆଳ ଦେଖାଇ ଦୁର୍ନୀତିଖୋର କର୍ମଚାରୀ ଓ ଅଧିକାରୀଙ୍କୁ ଘଣ୍ଟ ଘୋଡ଼ାଇବାରେ ସଫଳତା ମିଳିଛି। ନିଜ ସମ୍ପର୍କୀୟ ଓ ପାଖ ଲୋକଙ୍କୁ ଚାଷୀ ଦର୍ଶାଇ ଜାଲ କାଗଜପତ୍ରରେ ଧାନ ସଂଗ୍ରହ କରାଯାଇ ଚାଷୀ ମାରଣନୀତି ଚାଲିଥିଲେ ହେଁ କେବଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶରେ ଏଭଳି ପଦକ୍ଷେପ ସୀମିତ ରହିଛି।

ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ସଂପୃକ୍ତ ପାକ୍ସ ସମ୍ପାଦକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିଚାଳନା ପରିଷଦଙ୍କୁ ପତ୍ର ଦିଆଯାଇଛି। ସେହିପରି ଏସଏଚ୍‌ଜି କର୍ତ୍ତୃପକ୍ଷଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା ସମାଜ କଲ୍ୟାଣ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି।

# ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା



ମନ୍ତ୍ରୀ ପ୍ରମିଳା ମଲ୍ଲିକ ଜଣେ ସଦସ୍ୟାଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି।

**ବିଞ୍ଝାରପୁର,୪।୯(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ୍ ମିଶନ ଶକ୍ତି ଓ ଜୀବିକା ମିଶନ ବିଭାଗ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ ସହ କୁକୁଡ଼ା ଓ ଛେଳି ପାଳନ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ସ୍ଥାନୀୟ ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଯୋଗଦେଇ ଅଞ୍ଚଳର ଆର୍ଥିକ ବିକାଶରେ ମିଶନ ଶକ୍ତି ମା'ମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ୧୫୦ଜଣ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ୧୫ ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ୪୦ ଗୋଷ୍ଠୀଙ୍କୁ କୁକୁଡ଼ା ଓ ଛେଳି ପାଳନ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଧର୍ମେନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧକ୍ଷ ସେକ୍ ଇର୍ସାଦ, ମଣ୍ଡଳ ଉନ୍ନୟନ ଅଧିକାରୀ ମୀନତି ଜଗଦେବ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ମାଂସଡ଼ା ସରପଞ୍ଚ କଳିକା ଦାସ, ସିଡିପିଓ ରୁକ୍ମିଣୀ ସାହୁ, ଭିଏସ୍ ଡା. ତପନ ମଲିକ, ବ୍ଲକ ଜୀବିକା ମିଶନ କାର୍ଯ୍ୟକ୍ରମ ଅଧିକାରୀ ଲକ୍ଷ୍ମୀଶଙ୍କର ସେନାପତି, ଜୀବିକା ମିଶନ ସଂଯୋଜକ ମାନସ ଦାସ ଓ ଭବାନୀଶଙ୍କର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତି ଜରିଆରେ ମହିଳାମାନେ ସ୍ୱାବଲମ୍ବୀ ହେବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଥିବା ମନ୍ତ୍ରୀ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ, ସିଆର୍‌ପି, ଏମ୍‌ବିକେ ଓ ବ୍ୟାଙ୍କ ମିତ୍ରମାନଙ୍କୁ କହିଥିଲେ।

## ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ




ଧର୍ମଶାଳା ଯୁବ ବେଜେଡି ପକ୍ଷରୁ ଅନୁଷ୍ଠିତ ଅଭିନନ୍ଦନ ଶୋଭାଯାତ୍ରା।

**ଧର୍ମଶାଳା,୪।୯(ଡି.ଏନ.ଏ.)**

ନୂଆଦିଲ୍ଲୀର କ୍ୟାପିଟାଲ ଫାଉଣ୍ଡେଶନ ସୋସାଇଟି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'ରେ ସମ୍ମାନିତ କରାଯାଇଛି। ନୂଆଦିଲ୍ଲୀଠାରେ ସୁପ୍ରିମକୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଏନ୍‌ଭି ରମନା ମୁଖ୍ୟମନ୍ତ୍ରୀଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ଅବସରରେ ଧର୍ମଶାଳା ଯୁବ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ନିର୍ଦ୍ଦେଶକ୍ରମେ ରବିବାର ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଯୁବ ଜନତା ଦଳର କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ସ୍ଲୋଗାନ ଦେଇ ବଜାର ପରିକ୍ରମା କରିଥିଲେ। ସେହିପରି ଧର୍ମଶାଳା ବିଜେଡି ଗାର୍ଲସ ୱିଙ୍ଗ୍‌ର ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଲ୍ଲିକଙ୍କ ନେତୃତ୍ୱରେ କର୍ମକର୍ତ୍ତା ଜାରକା ତ୍ରିନାଥ ମନ୍ଦିରରେ ଦୀପଦାନ କରି ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘାୟୁ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ବିଜେଡି ଏବଂ ଗର୍ଲସ ୱିଙ୍ଗ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଚାରପତିଙ୍କ ବିୟୋଗରେ ଶୋକ

**ଚଣ୍ଡିଖୋଲ,୪।୯(ଡି.ଏନ.ଏ.)**

କଟକ ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ସୁବାସ କୁମାର ବିହାରୀଙ୍କ ଅକାଳ ବିୟୋଗରେ ଚଣ୍ଡିଖୋଲ କୋର୍ଟ ବାର ଆସୋସିଏଶନ ପକ୍ଷରୁ ଶୋକ ପ୍ରକାଶ ପାଇଛି। ଆସୋସିଏସନ ସଭାପତି ଦେବରାଜ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ବରିଷ୍ଠ ବିଚାରପତି ସୌଭାଗ୍ୟ ରଞ୍ଜନ ସ୍ୱାଇଁ, କନିଷ୍ଠ ବିଚାରପତି ପରବିନ ମଣ୍ଡଳ ଓ ସମସ୍ତ ଆଇନଜୀବୀ ଯୋଗଦେଇ ଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ଶୋକ ପ୍ରସ୍ତାବ ଆଗତ କରିଥିଲେ। ନୀରବ ପ୍ରାର୍ଥନା ସହ ତାଙ୍କ ଅମର ଆତ୍ମାର ସଦଗତି କାମନା କରାଯାଇଥିଲା। ଆଇନଜୀବୀ ଶରତ କୁମାର ଷଡ଼ଙ୍ଗୀ, ଅନଙ୍ଗ କୁମାର ଓତା, ଶରତ କୁମାର ବଳ, ଉଦୟ ନାଥ ସାହୁ, ପ୍ରତାପ ଚନ୍ଦ୍ର ଦାସ, ରେଣୁବାଳା ମହାନ୍ତି, ଶ୍ରୀକାନ୍ତ ବଳ ଓ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ୩୩୦ ଥାଲାସେମିଆ ରୋଗୀ ଭିନ୍ନକ୍ଷମ ଭତ୍ତାରୁ ବଞ୍ଚିତ

### ଜିଲାପାଳଙ୍କ ଜନ ଶୁଣାଣିରେ ଅଭିଯୋଗ

**ଯାଜପୁର ସଦର,୪।୯(ଡି.ଏନ୍.ଏ.)**

ଯାଜପୁର ଜିଲାରେ ଅଦ୍ୟାବଧି ୩୩୦ ଥାଲାସେମିଆ ରୋଗୀ ଥିବା ପଞ୍ଜୀକରଣ କରାଯାଇଛି। ହେଲେ ସେମାନଙ୍କୁ ଭିନ୍ନକ୍ଷମ ଭତ୍ତା ମିଳି ପାରିନାହିଁ। ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ମେଡିକାଲ ବୋର୍ଡର ଜଣେ ଡାକ୍ତର ବିଭିନ୍ନ ଆଳ ଦେଖାଇ ଏହି ରୋଗୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ସୁପାରିସ କରିବାରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ଫଳରେ ରୋଗୀ କୌଣସି ସହାୟତା ପାଉ ନ ଥିବା ଅଭିଯୋଗ କରିଛନ୍ତି। ରୋଗୀ ପ୍ରତିମାସ ମେଡିକାଲ ବୋର୍ଡରେ ହାଜର ହୋଇ ନିରାଶ ହେଉଛନ୍ତି। ଜିଲା ଥାଲାସେମିଆ ସୋସାଇଟି ସମ୍ପାଦକ ତଥା ଜିଲା ସ୍ୱାସ୍ଥ୍ୟ ସମିତି ସମ୍ପାଦକ ଏଭଳି ସୂଚନା ପାଇବା ପରେ ଜୁନ୍ ୨୦ରେ ଜିଲା ମେଡିକାଲ ବୋର୍ଡର ଅଧ୍ୟକ୍ଷ ତଥା ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ସାକ୍ଷାତ କରି ସମସ୍ୟା ସମାଧାନ ପାଇଁ ଜଣାଇଥିଲେ। ହେଲେ ୨ ମାସ ବିତି ଯାଇଥିଲେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସେ ଜିଲାପାଳଙ୍କ ଜନଶୁଣାଣିରେ ଏନେଇ ଅଭିଯୋଗ କରିଛନ୍ତି। ଏଥିସହିତ ଭିନ୍ନକ୍ଷମ ଆଶ୍ରୟସ୍ଥଳ ପ୍ରକଳ୍ପ ଏ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଫଳରେ ରୋଗୀ ଖରାବର୍ଷାରେ ମୁକ୍ତ ଆକାଶ ତଳେ ଆଶ୍ରୟ ନେଉଥିବା ଦେଖାଦେଇଛି। ତେଣୁ ଏହି ପ୍ରକଳ୍ପ ଶୀଘ୍ର ଶେଷ କରିବା ପାଇଁ ଦାବି କରାଯାଇଛି।

ଏହି ରୋଗୀଙ୍କୁ ଭାରତ ସରକାର, ରାଜ୍ୟ ସରକାର, ଭାରତୀୟ ରେଡ୍‌କ୍ରସ୍ ସୋସାଇଟି, ଜିଲାର ବିଭିନ୍ନ ଥାଲାସେମିଆ ସୋସାଇଟି ନିୟମିତ ରକ୍ତ ଯୋଗାଇ ଦେଉଛନ୍ତି। ଜୀବନ ବିନ୍ଦୁ ଓ ବିଭିନ୍ନ ସଂଗଠନ ମଧ୍ୟ ରକ୍ତ ସଂଗ୍ରହ ପାଇଁ ଆଗେଇ ଆସୁଛନ୍ତି। ଭାରତ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦେଶରେ ଥାଲାସେମିଆ ରୋଗୀଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ୨୦୧୮ ଜାନୁୟାରୀ ୪ରେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ପୁନରାୟ ଭାରତ ସରକାରଙ୍କ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିଭିନ୍ନ ରାଜ୍ୟର ବରିଷ୍ଠ ବିଶେଷଜ୍ଞ ଡାକ୍ତରଙ୍କ ମିଳିତ ବୈଠକ ନିଷ୍ପତ୍ତି ଅନୁଯାୟୀ ସେମାନଙ୍କୁ ୪୦%ରୁ ୮୦% ପର୍ଯ୍ୟନ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ଯୋଗାଇ ଦେବା ପାଇଁ ସରକାରୀ ଗାଇଡ୍ ଲାଇନ୍ ପ୍ରସ୍ତୁତ କରାଯାଇଛି। ଥାଲାସେମିଆ ରୋଗୀଙ୍କ ମଧ୍ୟରେ ପ୍ରାୟ ୭୫ ଭାଗ ରୋଗୀ ଅତ୍ୟନ୍ତ ଗରିବ ପରିବାରର। ତେଣୁ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ସମସ୍ତ ଥାଲାସେମିଆ ରୋଗୀଙ୍କୁ ଦେୟମୁକ୍ତ ରକ୍ତ ଯୋଗାଇ ଦେଇଆସୁଛି। ରାଜ୍ୟ ସରକାର ରୋଗୀଙ୍କ ମେଡିକାଲ ଗସ୍ତ ଖର୍ଚ୍ଚ ଓ ପ୍ରତ୍ୟେକ ଥର ରକ୍ତ ନେବା ପାଇଁ ୫ଶହ ଟଙ୍କା ବହନ କରୁଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ମାସିକ ଭତ୍ତା ବ୍ୟବସ୍ଥା କରାଯାଇଛି। ହେଲେ ଏ ସବୁ ସତ୍ତ୍ୱେ ଜିଲାରେ ରୋଗୀଙ୍କୁ ଅବହେଳା କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ

**ଯାଜପୁର ଅଫିସ,୪।୯**



ଯାଜପୁର ଜିଲାର ସ୍ୱେଚ୍ଛାସେବୀ ସଂସ୍ଥା ଲାୟନ୍ସ କ୍ଲବ ପକ୍ଷରୁ ରିଲିଫ ପ୍ୟାକେଟ୍ ପ୍ରଦାନ କରାଯାଉଛି।

ଯାଜପୁର ଜିଲା ଦଶରଥପୁର ବ୍ଲକଦେଇ ପ୍ରବାହିତ ବୈତରଣୀର ଶାଖା କାଣୀ ନଦୀରେ ଘାଇ ସୃଷ୍ଟି ଯୋଗୁ ୧୧ ପଞ୍ଚାୟତର ବାସିନ୍ଦା ପ୍ରଭାବିତ ହୋଇଥିଲେ। ଏଥିରେ ପ୍ରାୟ ୨୦ ହଜାର ବନ୍ୟା ବିପନ୍ନ ନାହିଁ ନଥିବାର ସମସ୍ୟା ଭୋଗିଥିଲେ। ସେମାନଙ୍କୁ ଶନିବାର ଯାଜପୁର ଜିଲାର ସ୍ୱେଚ୍ଛାସେବୀ ସଂସ୍ଥା ଲାୟନ୍ସ କ୍ଲବ ପକ୍ଷରୁ ରିଲିଫ ପ୍ୟାକେଟରେ ଶାଢ଼ି, ଲୁଙ୍ଗି, ଚାଉଳ, ଡାଲି, ଚିନି, ଲୁଣ, ତେଲ, ସର୍ଫ, ବିସ୍କୁଟ, ଚୁଡ଼ା, ଗୁଡ ଆଦି ବଣ୍ଟନ କରାଯାଇଛି। ସଂସ୍ଥାର ପ୍ରଲୁବ୍ଧ ଜେନାଙ୍କ ନେତୃତ୍ୱରେ ବସନ୍ତ ପାତ୍ର, ହୃଦାନନ୍ଦ ସାମଲ, ପ୍ରଦ୍ୟୁମ୍ନ ନାୟକ, ପ୍ରିୟଦର୍ଶୀ ମହାରଣା, ଗଣେଶ ଜେନା, ଇତିଶ୍ରୀ ମହାରଣା, ଜଲ୍ପନା ପଣ୍ଡା, ନୀଳମଣି ନାୟକ, ମଣ୍ଟୁ ବାବୁ, ପ୍ରଭାତ ନାୟକ, ସୁବାସ ଦେବତା, ମହେନ୍ଦ୍ର ସାହୁ, ଅକ୍ଷୟ କୁମାର ଦାସଙ୍କ ସମେତ ସମ୍ପୃକ୍ତ ସରପଞ୍ଚ ଓ ୱାର୍ଡମେମ୍ବରମାନେ ସହଯୋଗ କରିଥିଲେ।

## ଇମ୍ଫା ପକ୍ଷରୁ ପଥପ୍ରାନ୍ତ ବନୀକରଣ ଶୁଭାରମ୍ଭ

**କାଳିଆପାଣି,୪।୯(ଡି.ଏନ.ଏ.)**

ଇମ୍ଫା ପରିଚାଳନାଧିନ ସୁକିନ୍ଦା ଓ ମହାଗିରି ଖଣି ପକ୍ଷରୁ ସ୍ଥାନୀୟ କାଳିଆପାଣି ଗ୍ରାମର ଚଣ୍ଡିମାତା ବିଦ୍ୟାଳୟ ସମ୍ମୁଖରେ ପଥପ୍ରାନ୍ତ ବନୀକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। କମ୍ପାନୀ ଉପସଭାପତି ତଥା ଖଣି ବବ୍ୟସାୟିକ ମୁଖ୍ୟ ସନ୍ଦୀପ ବାପୁରାଓଜୀ ନାରାଡେ ମୁଖ୍ୟଅତିଥି ଭାବେ ଯୋଗଦେଇ କଦମ୍ବ ଚାରାରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସହସମ୍ପାଦକ ଭରତ ମହାନ୍ତ, କାଳିଆପାଣି ସରପଞ୍ଚ ବିକାଶ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇମ୍ଫା ପକ୍ଷରୁ ସ୍ଥାନୀୟ କାଳିଆପାଣି ଗ୍ରାମରେ କଦମ୍ବ, ବଉଳ, ରାଧାଚୂଡ଼ା ଓ କୃଷ୍ଣଚୂଡ଼ା ଆଦି ୫୦୦ରୁ ଅଧିକ ଚାରାରୋପଣ କରାଯିବ ବୋଲି ନାରାଡେ ପ୍ରକାଶ କରିଛନ୍ତି। ଗ୍ରାମବାସୀ ଏହାକୁ ପ୍ରଶଂସା କରିଛନ୍ତି। ଇମ୍ଫାର ଯୋଗାଣ ମଙ୍ଗଳ ବିଭାଗ ମୁଖ୍ୟ ଜିବି ରାକେଶ, ସୁକିନ୍ଦା ଖଣି ପରିଚାଳକ ଜଳନ୍ଧର ପାତ୍ର, ପ୍ରଶାସନିକ ମୁଖ୍ୟ ଜ୍ୟୋତିରାଜ ଜଗତାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। ଇମ୍ଫାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମିଲନ ରଞ୍ଜନ କର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଉଦ୍ୟାନ ବିଭାଗ ସହ ପରିଚାଳକ ସମରେନ୍ଦ୍ର ସ୍ୱାଇଁ ସହାୟତା କରିଥିଲେ।




ପଥପ୍ରାନ୍ତ ବନୀକରଣର ଶୁଭାରମ୍ଭ କରାଯାଉଛି।

# 'ଜଗନ୍ନାଥ ଦାସଙ୍କ ଭାଗବତ ଓଡ଼ିଆଙ୍କ ମାର୍ଗଦର୍ଶକ'

### ଅତିବଡ଼ୀ ଜଗନ୍ନାଥ ଦାସ ଜୟନ୍ତୀ, ପୁସ୍ତକ ଲୋକାର୍ପଣ ଉତ୍ସବ

**ଧର୍ମଶାଳା,୪।୯(ଡି.ଏନ.ଏ.)**



ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ପ୍ରକାଶିତ ପୁସ୍ତକକୁ ଅତିଥି ଉନ୍ମୋଚନ କରୁଛନ୍ତି।

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଯାଜପୁର ଜିଲା ଶାଖାର ବାର୍ଷିକ ଉତ୍ସବ ଓ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ସାମାରୋହ ଜାରକାସ୍ଥିତ ସମ୍ରାଟ ମଣ୍ଡପ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ତଥା ଅଧାପକ ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଗୋକର୍ଣ୍ଣିକା ସାହିତ୍ୟ ସାମାଜ ସଭାପତି ରମାକାନ୍ତ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଭାଗବତ ଓଡ଼ିଆଙ୍କ ଗୀତା ସଦୃଶ୍ୟ ଓ ମାର୍ଗ ଦର୍ଶକ। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଉପସଭାପତି ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟ ପ୍ରାକ୍ତନ କୁଳସଚିବ ସ୍ୱରପ୍ରିୟା ମିଶ୍ର, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଗବେଷକ ଡ. ସନ୍ତୋଷ କୁମାର ମହାପାତ୍ର ଓ ବ୍ରହ୍ମବରଦା ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ମହେଶ୍ୱର ପାଢ଼ୀ ଯୋଗଦେଇ କହିଥିଲେ ବହିଟିଏ ଭଗବାନ ପାଲଟିଯାଏ। ଉଦାହରଣ ସ୍ୱରୂପ ଭାଗବତ ଗ୍ରନ୍ଥ ପ୍ରତିଟି ଓଡ଼ିଆର ପ୍ରାଣତନ୍ତ୍ରୀରେ ଗୁଞ୍ଜରିତ ହୋଇଥାଏ। ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସ ତାହାହିଁ କରିଥିଲେ। ତେଣୁ ଆଜି ଭାଗବତ ଗାଦିରେ ଭାଗବତ ସପ୍ତାହ ପାଳନ କରାଯାଉଛି ବୋଲି ଅତିଥି ମତପ୍ରକାଶ କରିଥିଲେ। ଜିଲା ସମ୍ପାଦକ ଅଧାପକ ବିଜୟ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତ ବିଷୟରେ ଧର୍ମଶାଳା ସାହିତ୍ୟ ସମାଜ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ପ୍ରାଧାପକ ସୁଶାନ୍ତ କୁମାର ପଣ୍ଡା, ଗାଳ୍ପିକ ଅର୍ଜୁନ ପୃଷ୍ଟି ଆଲୋକପାତ କରିଥିଲେ। ସୁଶ୍ରୀ ତପସ୍ୱିନୀ ନାୟକ ଓ ସୁଶ୍ରୀ ସାଗରିକା ନାୟକ ସରସ୍ୱତୀ ବନ୍ଦନା କରିଥିଲେ। ଏହି ଅବସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ପ୍ରକାଶିତ ପୁସ୍ତକ 'ଦିଗ ଓ ଦିଗନ୍ତ'କୁ ଅତିଥି ଉନ୍ମୋଚନ କରିଥିଲେ। ଅରବିନ୍ଦ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଅଧାପକ ଦିଲ୍ଲୀପ କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଘରେ ପଶି ମହିଳାଙ୍କୁ ବଳାତ୍କାର ଉଦ୍ୟମ

**ଭାପୁର,୪।୯(ଡି.ଏନ.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକ ଅଧୀନ ବାଉଁଶବାଟି ଅଞ୍ଚଳର ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରାଯାଇଥିବା ଫତେଗଡ଼ ଥାନାରେ ଅଭିଯୋଗ ହୋଇଛି । ଏତଲା ଅନୁଯାୟୀ, ଶନିବାର ରାତିରେ ସମ୍ପୃକ୍ତା ମହିଳା ଘରେ ଏକୁଟିଆ ଶୋଇଥିଲେ । ଏହି ସମୟରେ ଗ୍ରାମର ପବିତ୍ର ସ୍ୱାଇଁ ତାଙ୍କ ଘରେ ପଶି ବଳାତ୍କାର ଉଦ୍ୟମ କରିଥିଲେ । ଏହି ଘଟଣାକୁ ନେଇ ରମେଶ ସ୍ୱାଇଁ, ଦିଲ୍ଲୀପ ସ୍ୱାଇଁ ଏବଂ ରାଜୀବ ସ୍ୱାଇଁ ସମ୍ପୃକ୍ତ ମହିଳାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏହି ଘଟଣା ସମ୍ପର୍କରେ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । ଏ ନେଇ ଫତେଗଡ଼ ଥାନାରେ ଏକ ମାମଲା(ନଂ.୧୭୦/୨୨) ରୁଜୁ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଛି ।

### ସମବାୟ ନିର୍ବାଚନ ପାଇଁ ବିଜ୍ଞପ୍ତି

**ନୟାଗଡ଼ ଅଫିସ,୪।୯:** ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦର ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ପରିଚାଳନା ପରିଷଦର ୧୫ ସଦସ୍ୟଙ୍କ ପାଇଁ ଏହି ନିର୍ବାଚନ ହେବ । ଏଥିପାଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ବିଜ୍ଞପ୍ତି ପ୍ରକାଶ ପାଇଛି । ସମବାୟ ସମିତିମାନଙ୍କୁ ନିର୍ବାଚିତ ସଦସ୍ୟମାନଙ୍କୁ ୧୫ ଭାଗରେ ବିଭକ୍ତ କରାଯାଇ ୧୫ଟି ଜୋନ ଗଠନ ପ୍ରକ୍ରିୟା ଆରମ୍ଭ ହୋଇଛି । ଅକ୍ଟୋବର ୩୦ରେ ନିର୍ବାଚନ ହେବାକୁ ସ୍ଥିର କରାଯାଇଛି ।

### ୨ ବାଇକ୍ ଚୋରି

**ବ୍ରହ୍ମପୁର ଅଫିସ,୪।୯:** ପୃଥକ୍ ଥାନା ଅଞ୍ଚଳରୁ ଦୁଇଟି ବାଇକ ଚୋରି ହୋଇଛି । ଏନେଇ ବ୍ରହ୍ମପୁର ସଦର ଥାନା ଓ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି । ସଦର ଥାନା ପୋଲିସ ନଂ. ୪୦୧/୨୨ରେ ଏକ ମାମଲା ରୁଜୁ କରିଥିବା ବେଳେ ବୈଦ୍ୟନାଥପୁର ଥାନା ପୋଲିସ ୩୦୩/୨୨ ରେ ଏକ ମାମଲା ରୁଜୁ କରିଛି । ବାଇକ ଗ୍ୟାଙ୍ଗକୁ ଠାବ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ବ୍ଲକିଂ କରି ଯାନବାହନ ଯାଞ୍ଚ କରୁଛି । ପ୍ରକାଶ ଯେ, ମାର୍ଥାପଲି ଗ୍ରାମର ଏ. ଶଙ୍କର ଶନିବାର ରାତିରେ ବାଇକ (ନଂ ଓଡ଼ି ୦୭କେ-୦୦୧୪) ଘର ସମ୍ମୁଖରେ ରଖିଥିଲେ । ରବିବାର ସକାଳେ ସେଠାରେ ବାଇକ ନ ଥିବା ଦେଖିବାକୁ ପାଇଥିଲେ । ପରେ ସେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ । ସେହିପରି ଛତ୍ରପୁର ଥାନା ଅନ୍ତର୍ଗତ ସୁନ୍ଦରପୁର ଗ୍ରାମର ଉଦୟ ନାହାକ ତାଙ୍କର ଜଣେ ସମ୍ପର୍କୀୟଙ୍କୁ ଦେଖିବା ପାଇଁ ଏମ୍‌କେସିଜି ମେଡିକାଲ ଆସିଥିଲେ । ସେ ତାଙ୍କ ବାଇକ୍ (ନଂ ଓଡ଼ି ୦୭ଭି -୧୫୩୬)କୁ ଆଉଟଡୋର ସମ୍ମୁଖରେ ରଖି ହସ୍ପିଟାଲ ଭିତରକୁ ଯାଇଥିଲେ । କିଛି ସମୟ ପରେ ସେ ତାଙ୍କ ବାଇକ୍ ନିକଟକୁ ଆସି ଦେଖିବା ବେଳେ ତାଙ୍କ ବାଇକ୍‌ଟି ସେଠାରେ ନ ଥିଲା । ବହୁ ଖୋଜାଖୋଜି କରିବା ପରେ ତାଙ୍କର ବାଇକ୍ ନ ମିଳିବାରୁ ସେ ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ ।

### ବନ୍ଧରୁ ମୃତଦେହ ଜବତ

**ବାଲିଗୁଡା,୪।୯(ଡି.ଏନ.ଏ.):** ବାଲିଗୁଡା ଥାନା ଅନ୍ତର୍ଗତ ସୁତ୍ରା ପଞ୍ଚାୟତର ପେନୁବନ୍ଧରେ ଭାସୁଥିବା ଏକ ମୃତଦେହ ଜବତ କରି ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇଛି । ମୃତକ ହେଲେ ଗଦରପଡି ସାହିର ସୁଆର ମଳିକ । ତେବେ ତାଙ୍କର କିଭଳି ମୃତ୍ୟୁ ଘଟିଲା ପୋଲିସ ତଦନ୍ତ କରୁଛି । ଏ ନେଇ ଏକ ମାମଲା ରୁଜୁ ହୋଇଛି ।

# 'ଶିକ୍ଷାର ବ୍ୟବସାୟୀକରଣ ଗୁରୁ,ଶିଷ୍ୟ ସମ୍ପର୍କକୁ କଳୁଷିତ କରୁଛି'

**ସେପ୍ଟେମ୍ବର ୫ ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜୟନ୍ତୀ । ସାରା ଦେଶ ସେହି ଦିବସକୁ ଗୁରୁ ଦିବସ ରୁପେ ପାଳନ କରୁଛି । ଦିନଥିଲା ଅତି ପବିତ୍ର ଥିଲା ଗୁରୁ-ଶିଷ୍ୟ ପରମ୍ପରା । ଗୁରୁଙ୍କ ଦାୟିତ୍ୱ ସମ୍ପନ୍ନ ପ୍ରେରଣାରେ ଜଣେ ଛାତ୍ର ନିଜ ଭବିଷ୍ୟତ ଗଢୁଥିଲା । ନିଜର ଉଜ୍ଜ୍ୱଳ ଲକ୍ଷ୍ୟକୁ ପୂରଣ କରିବା ପାଇଁ ଅଣ୍ଟା ଭିଡୁଥିଲା । ହେଲେ ଧୀରେ ଧୀରେ ସେହି ପବିତ୍ର ସମ୍ପର୍କରେ ପରିବର୍ତ୍ତନ ଆସିଛି । ଶିକ୍ଷାର ବ୍ୟବସାୟୀକରଣ ଏହି ସମ୍ପର୍କକୁ କଳୁଷିତ କରିଛି । ପାଶ୍ଚାତ୍ୟ ଶିକ୍ଷା ଦ୍ୱାରା ବାଧାପ୍ରାପ୍ତ ହୋଇଛି ଆମର ଶିକ୍ଷା ବ୍ୟବସ୍ଥା । ଏହି ପରିପ୍ରେକ୍ଷୀରେ ସୋମବାର ଗୁରୁ ଦିବସ ଅବସରରେ ବିଭିନ୍ନ ବର୍ଗର ଲୋକଙ୍କ ମତାମତକୁ ନେଇ ଏକ ସ୍ୱତନ୍ତ୍ର ଉପସ୍ଥାପନା... ।**

### ଆସିଛି ପରିବର୍ତ୍ତନ



ଦିନ ଥିଲା ଗୁରୁଙ୍କ ପାଖରେ ରହି ପିଲାମାନେ ପାଠ ପଢୁଥିଲେ । ସେଥିପାଇଁ କୌଣସି ପାରିଶ୍ରମିକ ଦେବାକୁ ପଡୁ ନ ଥିଲା । ଏବେ ସମୟ ବଦଳି ଯାଇଛି । ଗୁରୁ ଅଛନ୍ତି । ହେଲେ ସେମାନଙ୍କ ହାବ ଭାବ ବଦଳି ଯାଇଛି । ଛାତ୍ରୀଛାତ୍ରଙ୍କ ଭକ୍ତି,ଗୁରୁଙ୍କ ପ୍ରତି ଥିବା ସମ୍ମାନର ପରିଭାଷା ବି ବଦଳିଛି । ଶିକ୍ଷାର ବ୍ୟବସାୟୀକରଣରେ ଗୁରୁ ଶିଷ୍ୟ ପରମ୍ପରାର ଅନେକ ପରିବର୍ତ୍ତନ ଆସିଛି । ତଥାପି ଗୁରୁ ବିନା କେହି ବି ଆଗକୁ ଯାଇ ପାରିବେ ନାହିଁ ।

**-ପ୍ରଭୁଜୀ ଲଳିତ ନାରାୟଣ ବାବା, ଜଗନ୍ନାଥ ଧର୍ମ ପ୍ରଚାରକ**

### ମୌଳିକ ଶିକ୍ଷା ବ୍ୟବସ୍ଥା ନାହିଁ



ପରିବାରର ମାତାପିତାଙ୍କୁ ଛାଡିଦେଲେ ଶିକ୍ଷକ ହିଁ ଏକମାତ୍ର ବ୍ୟକ୍ତିତ୍ୱ,ଯାହାଙ୍କ ଚରିତ୍ର ଓ କାମ ଛାତ୍ରୀଛାତ୍ରଙ୍କ ଚରିତ୍ରକୁ ଗଭୀର ଭାବେ ପ୍ରଭାବିତ କରିଥାଏ । ଦିନଥିଲା ଶିଷ୍ୟ ଗୃହ ତ୍ୟାଗ କରି ଗୁରୁ କୂଳରେ ରହୁଥିଲେ । ମାତ୍ର ଆଜିର ସମାଜରେ ସେଥିରେ ବହୁ ପରିବର୍ତ୍ତନ ଆସିଛି । ଆମର ଶିକ୍ଷା ବ୍ୟବସ୍ଥା ମୌଳିକ ଶିକ୍ଷାଠାରୁ ଦୂରେଇ ଯାଇଛି । ଏହି ପରିବର୍ତ୍ତନ ହିଁ ଗୁରୁ ଓ ଶିଷ୍ୟଙ୍କ ସମ୍ପର୍କରେ ଅନ୍ତରାୟ ସୃଷ୍ଟି କରୁଛି ।

**-ବର୍ଷା ନାୟକ, ଛାତ୍ରୀ ଖଣ୍ଡପଡ଼ା**

### ଶ୍ରେଣୀଗୃହ ଶିକ୍ଷାର ବିକଳ୍ପ ନାହିଁ



ଗୁରୁଙ୍କ ବିକଳ୍ପ ନାହିଁ । ଗୁରୁକୂଳ ଶିକ୍ଷା ଥିଲା ଉଭୟ ଅର୍ନ୍ତମୁଖୀ ଓ ବର୍ହିମୁଖୀ । ଏହା ଉଭୟ ଜୀବନ ଓ ଜୀବିକାର ଶିକ୍ଷା ଦେଉଥିଲା । ମାତ୍ର ଆମର ଆଧୁନିକ ଶିକ୍ଷା ବ୍ୟବସ୍ଥା ମୁଖ୍ୟତଃ ଜୀବିକା କେନ୍ଦ୍ରୀୟ ହୋଇପଡୁଛି । ଜୀବିକା ଅର୍ଜନର ଧାଁଦଉଡ଼ ଭିତରେ ଜୀବନ ବିଚରା ବଳି ପଡୁଛି । ନାନା ପରିସ୍ଥିତକୁ ସାମ୍ନା କରିବାର ଶିକ୍ଷା ହିଁ ଗୁରୁ ଦେଇଥାଆନ୍ତି । ଏଥିପାଇଁ ସମର୍ଥ ଗୁରୁ ଲୋଡା । ଅନ୍‌ଲାଇନ ଶିକ୍ଷା ଏକ ସହଯୋଗୀ ବ୍ୟବସ୍ଥା ହୋଇପାରେ, ମାତ୍ର ଶ୍ରେଣୀ ଗୃହ ଶିକ୍ଷାର ବିକଳ୍ପ ନାହିଁ ।

**-ଡ.ପବିତ୍ର ସୁବୁଦ୍ଧି,**
**ପ୍ରାଧ୍ୟାପକ, ନୀଳମାଧବ ମହାବିଦ୍ୟାଳୟ**

### ଚାରିତ୍ରିକ ବିକାଶ ନାହିଁ



ଶିକ୍ଷା ଏକ ପୂଣ୍ୟ ତପସ୍ୟା । ଦେଶର ମାନଦଣ୍ଡ, ଭବିଷ୍ୟତର ଭିତ୍ତିଭୂମି ଯେତିକି ମାର୍ଜିତ ହୁଏ, ଦେଶ ସେତିକି ଉନ୍ନତ ହୁଏ । ଏହା ଯେତିକି ପ୍ରଗତିଶୀଳ ହୁଏ, ଦେଶ ସେତିକି ପ୍ରଭାବଶାଳୀ ହୁଏ । ମାତ୍ର ପାଶ୍ଚାତ ସଭ୍ୟତାର ଆକର୍ଷଣରେ ଏବେ ପିଲାମାନେ ଅଧିକ ଆକର୍ଷିତ ହେଉଥିବାରୁ ସେମାନଙ୍କ ଚାରିତ୍ରିକ ବିକାଶ ଠିକ୍ ଭାବେ ହୋଇପାରୁନାହିଁ । ଆଜି ବିଦ୍ୱାନଙ୍କ ସଂଖ୍ୟା ବଢିଛି, ହେଲେ ବିଦ୍ୟାର୍ଥୀଙ୍କ ସଂଖ୍ୟା କମିଛି । କାରଣ ପ୍ରସ୍ତୁତ ବିଦ୍ୟାର୍ଥୀ ଠିକ୍ ବିଦ୍ୟାର ଅଧିକାରୀ ହୋଇ ନିଜକୁ, ନିଜ ପରିବାରକୁ, ନିଜ ପରିବେଶକୁ ବଦଳାଇବା ସହ ରାଷ୍ଟ୍ରର ବିକାଶ ନିର୍ମିତ ନିଜକୁ ଉତ୍ସର୍ଗ କରିଥାନ୍ତି ।

**-ରମେଶ କୁମାର ସାହୁ,**
**ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ,**
**ବନମାଳୀପୁର ହାଇସ୍କୁଲ**

### ଶିକ୍ଷା ଏବେ ପଣ୍ୟଦ୍ରବ୍ୟ



ବିନା ଗୁରୁରେ ଶିଷ୍ୟର ସଫଳତା ଅସମ୍ଭବ । ସେଥିପାଇଁ ଆର୍ଯ୍ୟମାଟିର ଆଚାର୍ଯ୍ୟମାନେ ଚିରକାଳ ବନ୍ଦନୀୟ । ସମ୍ପ୍ରତି ଅପସଂସ୍କୃତିର ଅନୁପ୍ରବେଶ ହେତୁ ଗୁରୁକୂଳର ଗୁରୁତ୍ୱ କମିବା ସହ ଶିଷ୍ୟର ଆନୁଗତ୍ୟରେ ଅଭାବ ପରିଲକ୍ଷିତ ହୋଇଛି । ବଜାରଭିତ୍ତିକ ଅର୍ଥନୀତିରେ ଶିକ୍ଷା ପାଲଟିଛି ଏକ ପଣ୍ୟଦ୍ରବ୍ୟ । ଏବେ ଗୁରୁ ଶିଷ୍ୟର ସମ୍ପର୍କ କ୍ରେତା ବିକ୍ରେତା ଭିତରେ ସୀମିତ । ଶିକ୍ଷା ନାଁରେ ଛାତ୍ର ଯାହା କିଣୁଛି ତାହା ପୋଥିଗତ ବାଇଗଣ ମାତ୍ର । ଗୁରୁ ଆଜି ନୀତି ହରା, ଶିଷ୍ୟ ଆଜି ଦିଗହରା ।

**-ଆଶୁତୋଷ ସିଂସାମନ୍ତ,**
**ଛାତ୍ର, ସ୍ୱୟଂ ଶାସିତ ମହାବିଦ୍ୟାଳୟ, ନୟାଗଡ଼**

### ଗୁରୁହିଁ ସର୍ବଶ୍ରେଷ୍ଠ



ଗୁରୁହିଁ ଆମର ଅସଜଡା ଜ୍ଞାନକୁ ଏକ ଆକୃତି ଦେଇ ସମାଜରେ ଶ୍ରେଷ୍ଠ ଭାବେ ବିବେଚିତ ହେବା ପାଇଁ ପ୍ରେରଣା ଯୋଗାଇ ଥାଆନ୍ତି । ଗୁରୁ ସର୍ବଦା ଆମକୁ ଜ୍ଞାନାଲୋକରେ ଉଦ୍‌ଭାସିତ ହେବା ପାଇଁ ପ୍ରେରିତ କରିଥାନ୍ତି । କେବଳ ଗୁରୁହିଁ ଏକମାତ୍ର ବ୍ୟକ୍ତି ଯେ ଆମକୁ ଜୀବନର ଶ୍ରେଷ୍ଠତର ସୋପାନରେ ପହଞ୍ଚିବା ପାଇଁ ସାହାଯ୍ୟ କରିପାରିବେ ।

**-ପ୍ରଣତି ପଟ୍ଟନାୟକ, ବ୍ଲକ ଶିକ୍ଷାଧିକାରିଣୀ, ଦଶପଲ୍ଲା**

### ଶ୍ରୀଗୁରବେ ନମଃ



ଶିକ୍ଷା ଜୀବନର ମାନଦଣ୍ଡ । ବ୍ୟକ୍ତିତ୍ୱର ବିକାଶରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ଆବଶ୍ୟକ ପଡନ୍ତି ଗୁରୁ । ମାତ୍ର ଆଜି ହଜିଯାଇଛି ଗୁରୁ ଶିଷ୍ୟ ସମ୍ପର୍କର ଖିଅ ସବୁ । ଯେଉଁ ଗୁରୁ ସିଦ୍ଧି ପ୍ରଦାନ କରନ୍ତି ଓ ନିଜ ପିଲାମାନଙ୍କଠାରୁ ଅଧିକ ଗୁରୁତ୍ୱ ଦିଅନ୍ତି ସେ ହିଁ ପ୍ରକୃତ ଗୁରୁ ପଦବାଚ୍ୟ । ଏଣୁ ଯଥାର୍ଥରେ କୁହାଯାଇଛି- ଗୁରୁ ସାକ୍ଷାତ ପରଂବ୍ରହ୍ମ ତସ୍ମୈ ଶ୍ରୀ ଗୁରବେ ନମଃ ।

**-ଚିତ୍ତରଞ୍ଜନ ଦାଶ, ବିଭାଗୀୟ ମୁଖ୍ୟ,**
**ରଘୁନାଥ ସମବାୟ ମହାବିଦ୍ୟାଳୟ, ଓଡ଼ଗାଁ**

### ଦୂରତ୍ୱ ବଢୁଛି



ଯେଉଁ ଦିନ ଶିକ୍ଷା ଖସଡ଼ାରେ ନୈତିକ ଶିକ୍ଷାକୁ ସଂଲଗ୍ନ କରାଯିବ, ସେଦିନ ଆମେ ଏକ ନୂଆ ସକାଳର ସୁନେଲି ସ୍ୱପ୍ନ ଦେଖି ପାରିବା । ସାମ୍ପ୍ରତିକ ପରିସ୍ଥିତିରେ ଗୁରୁ-ଶିଷ୍ୟ ଭାବ ଦୃଢ ରଖିବାରେ ଗୁରୁ ଆଶ୍ରମ ଶିକ୍ଷା ଢାଞ୍ଚା ଗ୍ରହଣ ଯୋଗ୍ୟ । ଗୁରୁ ଅଜ୍ଞାନର ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ଦେଖାନ୍ତି । ମାତ୍ର ଆଜିର ଶିକ୍ଷା ବ୍ୟବସ୍ଥା ମୌଳିକ ଶିକ୍ଷାଠାରୁ ଦୂରେଇ ଯାଉଛି, ଆଦରି ନେଉଛି ବ୍ୟବସାୟୀକରଣ ଶିକ୍ଷା ପଦ୍ଧତି । ଏହି ପରିବର୍ତ୍ତନ ପାଇଁ ଗୁରୁ ଶିଷ୍ୟଙ୍କ ସମ୍ପର୍କରେ ଦୂରତା ସୃଷ୍ଟି ହେଉଛି ।

-ରଶ୍ମିତା ବେହେରା, ଶିକ୍ଷୟିତ୍ରୀ ।

**ଉପସ୍ଥାପନା-ଅଜୟ କୁମାର ମହାରଣା, ଖଣ୍ଡପଡ଼ା**

# ତିରୁପତିରେ ନୂଆଁଖାଇ ମହୋତ୍ସବ




ନୂଆଁଖାଇ ମହୋତ୍ସବରେ ମଞ୍ଚାସୀନ ଅତିଥି ।

**ଖଣ୍ଡପଡା,୪।୯(ସ୍ୱ.ପ୍ର)**

ଆନ୍ଧ୍ରପ୍ରଦେଶର ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଉତ୍କଳ ପରିଷଦ ପକ୍ଷରୁ ନୂଆଁଖାଇ ଭେଟଘାଟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଶୈକ୍ଷିକ ପ୍ରମୁଖ ଡ.ବିସେଆର କୃଷ୍ଣମୂର୍ତ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ ପୁରସ୍କାର ପ୍ରାପ୍ତ ଯୁବ ଲେଖକ ଓମ୍ ପ୍ରିୟଦର୍ଶୀ ଛୋଟରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବ ଶକ୍ତିର ବିକାଶରେ ସଂସ୍କୃତ ଭାଷା ତଥା ସଂସ୍କୃତ ବିଶ୍ୱ ବିଦ୍ୟାଳୟର ମହତ୍ୱପୂର୍ଣ୍ଣ ଯୋଗଦାନ ରହିଛି ବୋଲି କହିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ଅତିଥିବୃନ୍ଦ ମା'ସମଲେଶ୍ୱରୀଙ୍କ ମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ନାରାୟଣ ଶତପଥୀ ଓ ସାଥୀମାନେ ଶ୍ରୀଜଗନ୍ନାଥଷ୍ଟକ ପାଠ କରିବା ପରେ ସାଇରାମ ପାଢୀ ଓ ସାଥୀମାନେ ମା'ସମଲେଶ୍ୱରୀଙ୍କ ଭଜନ ପରିବେଷଣ କରିଥିଲେ ।

କୁଳସଚିବ କମାଣ୍ଡର ଚଲ୍ଲା ଭେଙ୍କଟେଶ୍ୱର ସମସ୍ତଙ୍କୁ ନୂଆଁଖାଇର ଶୁଭେଚ୍ଛା ଜଣାଇଥିଲେ । ଉତ୍କଳ ପରିଷଦର ଅକ୍ଷ ତଥା ଅନୁଷ୍ଠାନର ପ୍ରୋକ୍ଟର ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ନୂଆଁଖାଇ ପର୍ବ ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ଡ.ଭାରତ ଭୂଷଣ ରଥ ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଡ.ପ୍ରଦୀପ କୁମାର ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ ଆୟୋଜକ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଛାତ୍ର କଲ୍ୟାଣ ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଧା ଗୋବିନ୍ଦ ତ୍ରିପାଠୀ, ଡ.ପ୍ରଶନ୍ନ କୁମାର ପଣ୍ଡାଙ୍କ ସମେତ ବିଶ୍ୱ ବିଦ୍ୟାଳୟର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଗୋଡ଼ିପଡ଼ାରେ କାମ କରୁନି ପାର୍ବଣ କଟକଣା

**ଗଣେଶ ପୂଜା ଭସାଣିରେ ବାଜୁଛି ଡିଜେ**

**ନୟାଗଡ଼ ଅଫିସ,୪।୯**

ଗଣେଶ ପୂଜାରୁ ପାର୍ବଣ କଟକଣା ନୟାଗଡ଼ ଜିଲା ପ୍ରଶାସନ ଲାଗୁ କରିଛି । ଟ୍ରାଫିକ ସମସ୍ୟା, ଅଘଟଣ ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ପାଇଁ ପରିସ୍ଥିତିକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲାପାଳ ପୋମା ଟୁଡୁ ଜିଲାର ବିଭିନ୍ନ ଥାନାର ଆଇଆଇସି, ତହସିଲଦାର, ବିଡିଓ, ମ୍ୟୁନିସିପାଲିଟି, ଏନଏସି ନିର୍ବାହୀ ଅଧିକାରୀଙ୍କୁ ଭିଡିଓ କନଫେରେନ୍ସରେ ପାର୍ବଣ କଟକଣା ସମ୍ପର୍କରେ ଅବଗତ କରାଇଥିଲେ । ଏହା ସତ୍ତ୍ୱେ ଜିଲାରେ ପାର୍ବଣ କଟକଣା ଠିକରେ କାମ କରୁନି । ଗୋଡିପଡାରେ ଅନୁଷ୍ଠିତ ବିଭିନ୍ନ ଭସାଣିରେ ଡିଜେ ବାଜୁଛି । ରବିବାର ତୋଟାପଡାର ଦଳିତମାନେ ଡିଜେ ବଜାଇ ଶୋଭାଯାତ୍ରା ନେଉଥିବାବେଳେ ମହନ୍ତସାହିରେ ଗୋଡିପଡା ଫାଣ୍ଡି ପୋଲିସ ଏହାକୁ ବନ୍ଦ କରି ୭୦ ହଜାର ଫାଇନ କାଟିବ ବୋଲି ଚେତାବନୀ ଦେଇଥିଲା । ଏହାକୁ ନେଇ କିଛି ସମୟ ଚାପା ଉତ୍ତେଜନା ଦେଖା ଦେଇଥିଲା । ସୋମବାର ରାତିରେ ଗଣେଶ ପୂଜା ଭସାଣି ଶୋଭାଯାତ୍ରା ମହନ୍ତସାହିରେ ଅଟକି ରହିଥିଲା । ଅନ୍ୟପକ୍ଷେ ଗୋଡିପଡା ହଜାରି ସାହିର ମେଢ଼ ଶନିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଭସାଣି ଜାରି ରଖିଥିଲା ।

## ମୋ ସ୍କୁଲ ପରିଚାଳନା କମିଟି ବୈଠକ

**ଖଣ୍ଡପଡ଼ା,୪।୯ (ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ନୋଡାଲ ବିଦ୍ୟାପୀଠରେ 'ମୋ ସ୍କୁଲ ଯୋଜନା' ପରିଚାଳନା କମିଟିର ଏକ ବୈଠକ ରବିବାର ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆଲୁମିନା କମିଟିର ସଭାପତି ଡ. ଅର୍ଜୁନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କମିଟିର ଆବାହକ ତଥା ପ୍ରଧାନଶିକ୍ଷକ ମନୋଜ କୁମାର ନାୟକ ଉପସ୍ଥିତ ସଦସ୍ୟା, ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମରେ ସହଯୋଗ କରିବାକୁ ନିବେଦନ କରିଥିଲେ । ସହକାରୀ ଶିକ୍ଷକ ମୁରଲୀଧର ବେହେରା ଗତ ବୈଠକର ବିବରଣୀ ପାଠ କରିବା ପରେ ଏହାକୁ ସମୀକ୍ଷା କରାଯାଇ ଗୃହିତ କରାଯାଇଥିଲା । ଏହି ବିଦ୍ୟାପୀଠକୁ ସରକାରଙ୍କ ୫-ଟି ଯୋଜନାରେ ଅର୍ନ୍ତଭୁକ୍ତ କରାଯାଇ ରୁପାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି । ତେବେ ନିର୍ମାଣ ଶୈଳୀରେ କେତେକ ତ୍ରୁଟି ଦେଖି ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ନିର୍ମାଣ ବାବଦରେ ସରକାର ଓ ପଞ୍ଚାୟତ ପକ୍ଷରୁ କେତେ ଟଙ୍କା ମଞ୍ଜୁର ହୋଇଛି ତାହା ଲୋକଲୋଚନକୁ ଆଣିବା ପାଇଁ କମିଟିର ସଭାପତି ଓ ପ୍ରଧାନଶିକ୍ଷକଙ୍କୁ ଅନୁରୋଧ କରିଥିଲେ । ବିଦ୍ୟାଳୟରେ ସିସି ଟିଭି କ୍ୟାମେରା ସ୍ଥାନିତ, ବିଜ୍ଞାନ ଉପକରଣ, ଫୁଟବଲ ଓ କ୍ରୀଡା ସାମଗ୍ରୀ କ୍ରୟ କରିବା ପାଇଁ ବ୍ୟବସ୍ଥା କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । । ଏହି କାର୍ଯ୍ୟକ୍ରମରେ ଶରତ ଚନ୍ଦ୍ର ମହାରଣା, ଅଖିଳ କୁମାର ମହାରଣା, ପ୍ରଭାକର ଶିରୋମଣି, ଶ୍ରୀପତି ମହାରଣା, ସରୋଜ କୁମାର ମିଶ୍ର, ରାମଚନ୍ଦ୍ର କାଣ୍ଟି, ଲକ୍ଷ୍ମଣ ମହାରଣା, ସନ୍ତୋଷ କୁମାର ମିଶ୍ର, ରାଜୀବ ମିଶ୍ର, ସରକାରୀ ଶିକ୍ଷକ ବିଶ୍ୱନାଥ ମହାରଣାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍କୁଲ ପରିଚାଳନା କମିଟି ବୈଠକରେ ଯୋଗଦେଇଥିବା ସଦସ୍ୟବୃନ୍ଦ ।

## ତଅପୋଇ ମେଳା-୨୦୨୨ ଉଦ୍‌ଯାପିତ

**ଖଣ୍ଡପଡ଼ା,୪।୯(ସ୍ୱ.ପ୍ର.)**

ପବିତ୍ର ଭାଦ୍ରବମାସର ଶେଷ ରବିବାର ଖୁଦୁରୁକୁଣୀ ଓଷା ଅବସରରେ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଣ୍ଡୁସାହୁ ପାଟଣା ଡିଅର ସାହିର ଚପଳମତି ତରୁଣୀ ଅନୁଷ୍ଠାନର ତଅପୋଇ ମେଳା-୨୦୨୨ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଅନୁଷ୍ଠାନର ତରୁଣୀମାନେ ସାଧବ ପୁଅ ଓ ସାଧବ ବୋହୂ ବେଶରେ ସୁସଜ୍ଜିତ ହୋଇ ଗ୍ରାମର ପ୍ରତି ସାହିକୁ ପରିକ୍ରମା କରିଥିଲେ । ୩ଶହରୁ ଉର୍ଦ୍ଧ୍ୱ ମହିଳାଙ୍କ ଏହି ଶୋଭାଯାତ୍ରାରେ ଝିଅମାନେ ୭ ବୋହୂ, ତଅପୋଇ ଓ ୭ ଭାଇ ବେଶରେ ସୁସଜ୍ଜିତ ହୋଇ ଗ୍ରାମ ପରିକ୍ରମା କରୁଥିଲେ । ମା' ମଙ୍ଗଳା ବେଶରେ ଶୋଭାଯାତ୍ରାରେ ଯାଉଥିବା ତରୁଣୀମାନଙ୍କ ନିଖୁଣ ଅଭିନୟ ଦେଖିବାକୁ ଗାଁ ଦାଣ୍ଡରେ ଭିଡ଼ ଜମିଥିଲା । ମଙ୍ଗଳା, ତଅପୋଇ ଓ ବ୍ରାହ୍ମଣୀ ଭୂମିକାରେ ଯଥାକ୍ରମେ ମାମାଲି, ବିଷ୍ଣୁପ୍ରିୟା ଓ ବେନୁ ପାଣି ଅଂଶଗ୍ରହଣ କରିଥିଲେ ବୋଲି ଅନୁଷ୍ଠାନର ମୁଖ୍ୟ ପରିଚାଳକ ସୁରେନ୍ଦ୍ରନାଥ ବେହେରା ସୂଚନା ଦେଇଥିଲେ ।



ତଅପୋଇ ମେଳା ଅବସରରେ ବାହାରିଥିବା ଶୋଭାଯାତ୍ରା ।

# ବଦଳୁନି ଆଦିବାସୀଙ୍କ ଗୁହାଳର ରୂପ

**ନୟାଗଡ଼ ଅଫିସ,୪।୯**

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମୋ ଗୁହାଳ ଯୋଜନା ସାମିଲ ହୋଇଛି । ଏଥିପାଇଁ ସରକାର ୧ ଲକ୍ଷ ୧୫ ହଜାର ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି । ହେଲେ ଜିଲାର ଆଦିବାସୀ ଅଧ୍ୟୁଷିତ ନୂଆଗାଁ, ଦଶପଲ୍ଲା ଓ ରଣପୁର ବ୍ଲକ ଅଧୀନ ଆଦିବାସୀ ଗାଁରେ ଥିବା ଗୁହାଳର ରୂପରେଖ ବଦଳି ପାରୁନି । ସରକାର ଲକ୍ଷାଧିକ ଟଙ୍କାର ଅନୁଦାନ ଯୋଗାଉଥିଲେ ମଧ୍ୟ କାହିଁକି ଆଦିବାସୀ ଗାଁରେ ଯୋଜନା ଅପହଞ୍ଚ ହୋଇ ରହୁଛି ତାର ସମୀକ୍ଷା ହେବା ଦରକାର । ହେଲେ ଏ ଯୋଜନାକୁ ସଫଳ କରିବାକୁ ଜିଲାର ବିଡିଓମାନଙ୍କ ଆନ୍ତରିକତା ଥିବା ପରି ମନେ ହେଉନି । କାରଣ କ୍ଷେତ୍ର ପରିଦର୍ଶନ ସରକାରୀ ବାବୁମାନେ କରୁ ନ ଥିବାରୁ ଯୋଜନାର ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇ ଆସୁଛି ।

ଜିଲାର ବିଭିନ୍ନ ବ୍ଲକର ଆଦିବାସୀ ବହୁଳ ଗାଁକୁ ଗଲେ ସେଠାରେ ଗୋରୁ ଗାଈ କିପରି ଦୟନୀୟ ସ୍ଥିତିରେ ରହୁଛନ୍ତି ତାର ରୂପରେଖ ଦେଖିବାକୁ ମିଳିବ । ହେଲେ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ନ କରି ଘରେ ବସି ରିପୋର୍ଟ ପ୍ରସ୍ତୁତ କରୁଥିବା ଅଭିଯୋଗ ହେଉଛି । ଏଣୁ ଅଣଚାଷୀମାନେ ଗୁହାଳ ଯୋଜନାରେ ଲାଭବାନ ହୋଇ ଚାଲିଛନ୍ତି । ପ୍ରକୃତ ଚାଷୀ ସରକାରୀ ଯୋଜନାର ସୁଫଳ ନେଇ ନ ପାରି ପୂର୍ବପରି ହଇରାଣ ହେଉଛନ୍ତି । ଏନେଇ ନୂଆଗାଁ ବ୍ଲକ କୁଶୁବିଡାର ପାଣ୍ଡବ ଜାନି କୁହନ୍ତି, ସରକାର ମୋ ଗୁହାଳ ଯୋଜନାରେ କେତେ ଟଙ୍କା ଅନୁଦାନ ଦେଉଛନ୍ତି ଆମେ ଜାଣିନୁ । ହେଲେ ଗୁହାଳ ଯୋଜନା ଅଛି ବୋଲି ଜାଣିବା ପରେ ଆମ ଗାଁର କେତେଜଣ ଗୋ ଚାଷୀ ଆବେଦନ କରିଥିଲେ । ହେଲେ ଆମକୁ ଚୟନ କରାଗଲା ନାହିଁ । ଆମର ପୂର୍ବ ପୁରୁଷ ଓ ଆମେ ଗୋ ଚାଷ କରି ଆସିଛୁ । ହେଲେ ଆମକୁ ଯୋଜନାରେ ସାମିଲ କରା ନ ଯିବାରୁ ଆମେ ଆଉ ଆବେଦନ କରି ପାରିଲୁ ନାହିଁ । ଚଡକମରା ଗାଁର ପରମାନନ୍ଦ ଜାନି କୁହନ୍ତି, ମୋ ଗୁହାଳ ଯୋଜନାକୁ ଅଣଚାଷୀ ହଡେଇ ନେଉଛନ୍ତି । ଆମ ପରି ପ୍ରକୃତ ଚାଷୀ ଏ ଯୋଜନାରୁ ଲାଭ ଉଠାଇ ପାରୁନି । କାରଣ ଗୋସମ୍ପଦକୁ ବଞ୍ଚାଉଥିବା ଚାଷୀକୁ ସରକାର ଅଣଦେଖା କରୁଛନ୍ତି । ହାତଗୁଞ୍ଜା ନ ଦେଲେ ଯୋଜନାରେ ସାମିଲ ହୋଇ ପାରୁ ନାହାନ୍ତି । କେନ୍ଦୁବଣିଆ ଗାଁର ସୀତା ପ୍ରଧାନ କୁହନ୍ତି, ପ୍ରଥମ ପର୍ଯ୍ୟାୟରେ ଆଦିବାସୀ ଗାଁକୁ ସର୍ଭେ କରାଯାଉ । କେଉଁ ଲୋକ ଗୋରୁ ଗାଈ ରଖିଛନ୍ତି ସେମାନଙ୍କୁ ଚିହ୍ନଟ କରାଯାଉ । ପରେ ସେମାନଙ୍କୁ ସରକାରୀ ସହାୟତା ଦିଆଯିବ । ହେଲେ ବ୍ଲକ ପ୍ରଶାସନ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରାଯାଉନି । ପ୍ରକୃତ ଗୋ ଚାଷୀଙ୍କୁ ଚିହ୍ନଟ କରାଯାଉନି । ଅଣଚାଷୀ ଧରା ଧରି କରି ମୋ ଗୁହାଳ ଯୋଜନାକୁ ଲୁଟି ଚାଲିଛନ୍ତି । ରଣପୁର ବ୍ଲକ ନେଳିପଡା ଗାଁର ସାଧବାଣୀ ପ୍ରଧାନ କୁହନ୍ତି, ସରକାର ଯେଉଁ ଉଦ୍ଦେଶ୍ୟ ରଖି ମୋ ଗୁହାଳ ଯୋଜନା କରିଛନ୍ତି ସେ ସଂକ୍ରାନ୍ତରେ ହିତାଧିକାରୀମାନଙ୍କୁ ସଚେତନତା କରାଯାଉନି । ପୁଣି ସରକାରୀ ବାବୁମାନେ କ୍ଷେତ୍ର ପରିଦର୍ଶନ ନ କରି ମନଇଛା ରିପୋର୍ଟ ପ୍ରସ୍ତୁତ କରୁଛନ୍ତି । ଯାହାଦ୍ୱାରା ଯୋଜନା ସଫଳ ହେବାର ନାଁ ଗନ୍ଧ ଧରୁନି । ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ କୁହନ୍ତି, ମୋ ଗୁହାଳ ଯୋଜନାରେ ପ୍ରକୃତ ଚାଷୀଙ୍କୁ ସାମିଲ କରିବାକୁ ବିଡିଓମାନଙ୍କୁ କୁହାଯାଇଛି । ଆଦିବାସୀ ଅଧ୍ୟୁଷିତ ଗାଁକୁ ଯାଇ ଗୋଚାଷୀଙ୍କୁ ଭେଟି ଯୋଜନାରେ ସାମିଲ କରିବାକୁ ବିଡିଓମାନଙ୍କୁ ପୁଣି ଥରେ ନିର୍ଦ୍ଦେଶ ଦେବେ ବୋଲି ସୂଚନା ଦେଇଛନ୍ତି ।



- **କ୍ଷେତ୍ର ପରିଦର୍ଶନ କରୁ ନାହାନ୍ତି ସରକାରୀ ବାବୁ**
- **ଆବେଦନ ସତ୍ତ୍ୱେ ମିଳୁନି ସରକାରୀ ଅନୁଦାନ**
- **୧.୧୫ ଲକ୍ଷ ଅନୁଦାନ ଯୋଗାଉଛନ୍ତି ସରକାର**
- **ମୋ ଗୁହାଳ ଯୋଜନା ବାଟବଣା**

# ବିଜୁ କଲ୍ୟାଣ ମଣ୍ଡପ ଶିଳାନ୍ୟାସ

ଦିଗପହଣ୍ଡି,୪।୯(ଡି.ଏନ.ଏ.)



ସାନଖେମୁଣ୍ଡି ବ୍ଲକ ଏରେଣ୍ଡ୍ରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହେବ ବିଜୁ କଲ୍ୟାଣ ମଣ୍ଡପ। ଏଥିପାଇଁ ରବିବାର ଆୟୋଜିତ ଶିଳାନ୍ୟାସ ଉତ୍ସବରେ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ଯୋଗ ଦେଇଥିଲେ। ପରେ ଏରେଣ୍ଡ୍ରା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ହୋଇଥିଲା ସାଧାରଣ ସଭା। ସରପଞ୍ଚ ଧୋବା ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସୀମାଞ୍ଚଳ ପାତ୍ର, ବ୍ଲକ ଉପାଧ୍ୟକ୍ଷା ରିଙ୍କି ନାୟକ, ଜିଲା ବିଜେଡି ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ଅମିନ ପ୍ରଧାନ, ଜିଲା ପରିଷଦ ପ୍ରତିନିଧି ରାଜୀବ ଲୋଚନ ପାତ୍ର, ଜିଲା ପରିଷଦ ସଦସ୍ୟା ସୁଲତାରାଣୀ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ଜନ କଲ୍ୟାଣ ଯୋଜନାର ପ୍ରକୃତ ହିତାଧିକାରୀ ଚୟନ କିପରି ହୋଇପାରିବ ସେ ଦିଗରେ ପଞ୍ଚାୟତ ପ୍ରତିନିଧିମାନେ ଯତ୍ନବାନ ହେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ।

## ବିରିପୁର ଗ୍ରାମରେ ଶ୍ରମମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ପୋଲସରା,୪।୯(ଡି.ଏନ.ଏ.)

ପୋଲସରା ବ୍ଲକ ଚିରିକିପଡ଼ା ଶାସନ ପଞ୍ଚାୟତର ବିରିପୁର ଗ୍ରାମରେ ରାଜ୍ୟ ଶ୍ରମ ଓ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଗ୍ରାମବାସୀଙ୍କ ତରଫରୁ ୩୮ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରମମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜୀବନବ୍ୟାପୀ ସାଧନା ନିମନ୍ତେ ମୁଖ୍ୟମନ୍ତ୍ରୀ ରବିବାର ପୁରସ୍କୃତ ହୋଇଥିବାରୁ ଶ୍ରମମନ୍ତ୍ରୀ ଅଞ୍ଚଳବାସୀଙ୍କ ତରଫରୁ ଶୁଭେଚ୍ଛା ଜଣାଇଥିଲେ। ଗ୍ରାମର ବିଭିନ୍ନ ଆବଶ୍ୟକତାକୁ ନେଇ ଗ୍ରାମବାସୀ ଶ୍ରମମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ଜନହିତକର କାର୍ଯ୍ୟ କରାଯିବା ନେଇ ଶ୍ରମମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା, ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ରାଜେନ୍ଦ୍ର କୁମାର ପ୍ରଧାନ, ପୀତବାସ ପ୍ରଧାନ, ୩୮ନଂ. ଜୋନ୍ ପୂର୍ବତନ ଜିଲା ପରିଷଦ ସଭ୍ୟା ସସ୍ମିତା କୁମାରୀ ତରାଇ, ୩୯ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ଝୁନୁ ଦାସ, ୪୦ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ବିକ୍ରମ କୁମାର ନାୟକ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ଚିରିକିପଡ଼ା ଶାସନ ପଞ୍ଚାୟତର ବିଜେଡି ମହିଳା ସଭାନେତ୍ରୀ କବିତା କୁମାରୀ ସାହୁଙ୍କ ସମେତ ଗ୍ରାମବାସୀ ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

## ବାର୍‌ହା ଆକ୍ରମଣରେ ମହିଳା ଗୁରୁତର

**ଭଞ୍ଜନଗର,୪।୯(ଡି.ଏନ.ଏ):** ତାରସିଂ ରେଞ୍ଜ କୋକଳବାରେ ଗାଁମୁହାଁ ହୋଇଥିବା ଏକ ବାର୍‌ହା ଆକ୍ରମଣରେ ରବିବାର ସକାଳେ ଜଣେ ମହିଳା ଆହତ ହୋଇଛନ୍ତି। ସେ ହେଲେ ବୈଜୟନ୍ତୀ ସାହୁ (୩୫) । ତାଙ୍କୁ ଗୁରୁତର ଅବସ୍ଥାରେ ବନରକ୍ଷୀ ପ୍ରମୋଦିନୀ ପ୍ରଧାନ, ସାମାଜିକ କର୍ମୀ ଦଶରଥ ନାୟକ, ସୁଶାନ୍ତ ପାତ୍ର, ଅଶୋକ ପ୍ରଧାନ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ବୈଜୟନ୍ତୀ ସକାଳେ ବାରିପଟେ ଝାଡ଼ୁ କାଟୁଥିବା ବେଳେ ବାର୍‌ହା ଆସି ତାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ପାଟି ଶୁଣି ଲୋକେ ପହଞ୍ଚି ଉଦ୍ଧାର କରିଥିଲେ ।

# ଆସିକା ଏନ୍‌ଏସି: ବାହ୍ୟ ମଳତ୍ୟାଗ ବନ୍ଦ ଲାଗି ସଚେତନତା

ଆସିକା, ୪।୯(ଡି.ଏନ୍.ଏ)

ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ଜନସାଧାରଣଙ୍କ ଘରେ ଘରେ ପାଇଖାନା ବ୍ୟବସ୍ଥା କରି ବାହ୍ୟ ମଳତ୍ୟାଗ ସମସ୍ୟା ଦୂରୀକରଣ ଲାଗି ସରକାର ପଦକ୍ଷେପ ନେଉଛନ୍ତି। ହେଲେ ଆସିକା ଏନ୍‌ଏସିରେ ଲୋକେ ଏ ନେଇ ସଚେତନ ହେଉନଥିବା ଦେଖିବାକୁ ମିଳିଛି। ରବିବାର ଆସିକା ଏନ୍‌ଏସି ୧୮ ନମ୍ବର ୱାର୍ଡର ତାଲୁକା ଛକ ଠାରୁ ପାକଳାପଲ୍ଲୀ ରାସ୍ତା ଏବଂ ୮ ନମ୍ବର ୱାର୍ଡର ଗଣ୍ଡପଲ୍ଲୀ ରାସ୍ତାରେ ବାହ୍ୟ ମଳତ୍ୟାଗ ବନ୍ଦ କରିବା ଲାଗି ଏନ୍‌ଏସି ପକ୍ଷରୁ ସଚେତନତା କରାଯାଇଥିଲା । ଭୋରରୁ ଏନ୍‌ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ପରିମଳ ବିଶେଷଜ୍ଞ ଦିପ୍ତୀମୟୀ ସାହୁ, କାଉନସିଲର ପ୍ରତିନିଧି ସୀମାଞ୍ଚଳ ପରିଡା ଓ ଏନ୍‌ଏସି କର୍ମଚାରୀ ସଂପୃକ୍ତ ଅଞ୍ଚଳରେ ବାହ୍ୟମଳ ତ୍ୟାଗ ଲାଗି ଯାଉଥିବା ଜନସାଧାରଣଙ୍କୁ ନିବୃତ୍ତ ରହିବା ପାଇଁ ନିବେଦନ କରିଥିଲେ । ନିର୍ବାହୀ ଅଧିକାରୀ ବେଜ ସଂପୃକ୍ତ ବ୍ୟକ୍ତିଙ୍କୁ ଗୋଲାପ ଫୁଲ ଦେଇ ହାତ ଯୋଡି ଏଭଳି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ ଏହି ରାସ୍ତାରେ ଥିବା ଆସିକା ସବଜେଲ କର୍ମଚାରୀ ଆବାସସ୍ଥଳିର ମୁଖ୍ୟ ଫାଟକ ନିକଟରେ ଜନସାଧାରଣଙ୍କ ଦ୍ୱାରା ମଳତ୍ୟାଗ କରାଯାଉଥିବାରୁ ଜେଲ କର୍ମଚାରୀ ପରିବାର ଅସ୍ୱାସ୍ଥ୍ୟକର ପରିବେଶର ସମ୍ମୁଖୀନ ହେଉଥିବାରୁ ଜେଲ ଅଧିକ୍ଷକ ଦିଲ୍ଲୀପ କୁମାର ଜେନା ଶନିବାର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।


### ମତ୍ସ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ
### DIRECTORATE OF FISHERIES, ODISHA, CUTTACK

Ph.: 0671-2414061, Fax: 0671-2410521
E-mail Id: director.odifish@gmail.com

Notification No. 12882/CES-1-APPT (TCH) - 02/22 / Dt.02.09.2022

No. M-37: It is hereby requested to all selected 67 candidates for appointment to the Post of Junior Fisheries Technical Assistant and 03 Numbers of Junior Engineer (Civil) to appear for the Certificate verification scheduled to be held on dated 06.09.2022 at 10.30 A.M. in the Conference Hall of Directorate of Fisheries, Cuttack.

Sd./- Director of Fisheries

OIPR-06030/11/0006/2223

### GOVERNMENT OF ODISHA
### WATER RESOURCES DEPARTMENT
### OFFICE OF THE CHIEF CONSTRUCTION ENGINEER

UPPER INDRAVATI PROJECT, MUKHIGUDA
KALAHANDI, ODISHA- 766026
e-mail ID-cceuip1987@gmail.com / louiipbbsr@gmail.com

**TENDER CANCELLATION NOTICE**

No.A-475:- It is notified that, the tender published on Dated 22.11.2018 vide e-Procurement Notice No. CCE, UIIP-04 (01-02) / 2018-19 Dated 09.11.2018 is hereby cancelled.

Sd./- Chief Construction Engineer
Upper Indravati Project, Mukhiguda

OIPR-32352/11/0004/2223

### OFFICE OF THE EXECUTIVE ENGINEER
### RURAL WORKS DIVISION, PADAMPUR

**1st Corrigendum to**
**Tender Call Notice No. Online 05 of 2022-23**

No. O-927: In pursuance to this office tender call notice No. Online 05 of 2022-23 the following changes have been made in the NIT due to some technical problems.

| Sl. No. | Items | As per the Tender Call Notice | As per the 1st Corrigendum |
|---|---|---|---|
| 1 | Availability of tender online for bidding | 29.08.2022 at 10.00 A.M. to 07.09.2022 upto 5.00 P.M. | **06.09.2022 at 10.00 A.M. to 15.09.2022 upto 5.00 P.M.** |
| 2 | Last date of seeking clarification | 06.09.2022 upto 5.00 P.M. | **14.09.2022 upto 05.00 P.M.** |
| 3 | Date and time of opening of Technical and Financial bid in the O/o. the E.E., R.W. Division, Padampur | 08.09.2022 at 11.00 A.M. | **16.09.2022 at 11.00 A.M.** |

All other terms and conditions remains unchanged.

Sd./- Executive Engineer
OIPR-25069/11/0020/2223 Rural Works Division, Padampur

No. C-1127

### OFFICE OF THE GENERAL MANAGER, WATCO DIVISION, CUTTACK

Telephone/e-mail/Fax: 0671-2547115/gmwatcoctc@gmail.com

**NATIONAL COMPETITIVE BIDDING THROUGH e-Procurement**

**Bid Identification No. WATCO(W) - 12/2022-23 Dtd.02.09.2022**

1. Name of the Work : 5 Nos. Work
2. Estimated Cost : Rs.32.71 lakhs to Rs.59.67 lakhs (Approx.)
3. Period of Completion : 4 (Four) Months
4. Date & time of availability of bid document in the portal : From 11.00 A.M. of Dt.06.09.2022 to 5.00 P.M. of Dt.13.09.2022
5. Last date/time of receipt of bids in the portal : 13.09.2022 upto 05.00 P.M.
6. Date & time of opening of bids : 14.09.2022 at 12.30 P.M.
7. Name and address of the Officer Inviting Bid : The General Manager, WATCO Division, Cuttack-753003 Odisha, Ph.: (0671) 2547115 email: gmwatcoctc@gmail.com
8. The bidders have to participate in ONLINE bidding only.

Further details can be seen from the website **www.tendersodisha.gov.in**.

OIPR-13170/11/0023/2223 Sd./- General Manager, WATCO Division, Cuttack

### BIJU PATNAIK UNIVERSITY OF TECHNOLOGY, ODISHA, ROURKELA

Date: 03.09.2022

**TENDER CALL NOTICE**

No. KK-137: Sealed tenders are invited from the reputed and experienced Agencies/ Firms for providing following services for ensuing 10th Convocation -2022 of the University.

| Sl. | Tender No. & Date | Name of the Tender |
|---|---|---|
| 1 | BPUT/CS&P/ 74/2022/5070 | Tender for Catering Services during 10th Convocation |
| 2 | BPUT/CS&P/ 76/2022/5067 | Tender for Printing & Supply of Materials for 10th Convocation - 2022 |
| 3 | BPUT/CS&P/ 77/2022/5066 | Tender for Decoration during 10th Convocation |

Interested Agencies/ Firms having valid registration, License, GST registration may apply in the prescribed tender documents available in the website of the BPUT. For details please visit University website i.e **www. bput.ac.in**. Last date of receipt of tender through Speed Post/ Regd. Post addressing to "The Registrar, Biju Patnaik University of Technology, Chhend, Rourkela -769015" is 24.09.2022 by 5.00 PM. The BPUT reserves the right to cancel the tender without assigning any reason thereof.

OIPR-44003/11/0004/2223 Sd./- REGISTRAR

### OFFICE OF THE EXECUTIVE ENGINEER P.H. DIVISION, KORAPUT

Tel/Fax: 06852-250740, e-mail: eephkrp@nic.in, eephkrp@gmail.com

GOVERNMENT OF ODISHA, "e" Procurement Notice

No.C-1129 **e-Procurement Notice for 2022-23**

**Bid Identification No. EE, P.H.KPT - 07 of 2022-23 Dt.25.08.2022**

1. No. of th works : 3 Nos.
2. Estimated Cost : From Rs.18.00 lakh to 192.00 lakh (Approx.)
3. Period of Completion : 3 to 8 months
4. Date & time of availability of bid document in the portal : From 11.00 A.M. of 13.09.2022 to 05.00 P.M. of 22.09.2022
5. Last date/time of receipt of bid in the portal : 05.00 P.M. of 22.09.2022
6. Date & time of opening of bids : 11.00 A.M. of 23.09.2022
7. Name and address of the Officer Inviting Bid : Executive Engineer, P.H. Division, Koraput

Further details can be seen from the e-Procurement portal **"https://www.tendersodisha.gov.in"**.

Sd./- (Er. Chiranjibi Mahali)
Executive Engineer,
P.H. Division, Koraput

OIPR-13008/11/0010/2223

### OFFICE OF THE MUNICIPAL COUNCIL, TALCHER

**'e' - Procurement Notice**
**Tender Reference No. TCRM-07/2022-23**
**Bid Identification No. 2022_ORULB_80947**
**No.3292/Dt.02.09.2022**

No.C-1135:- Bid documents consisting of works with their estimated cost, cost of tender paper, EMD, time of completion, Class of Contractor, Court affidavit and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

| | | | |
|---|---|---|---|
| 1) | Name of the Work | :- | Civil work as mentioned in the website. |
| 2) | No. of Works | :- | 2 Nos. |
| 3) | Estimated Cost | :- | Rs.10.00 lakhs to Rs.18.42 lakhs |
| 4) | Period of Completion | :- | As per DTCN |
| 5) | Date & time of availability of Bid document in the portal | :- | from dt.03.09.2022 to dt.14.09.2022 upto 5.00 PM |
| 6) | Last date & time for receipt of Bid in the portal | :- | upto 5.00 PM of dt.14.09.2022 |
| 7) | Last date for receipt of financial document | :- | upto 1.00 PM of dt.15.09.2022 |
| 8) | Bid received online shall be opened on | :- | dt.15.09.2022 at 3.00 PM |
| 9) | Name & Address of the Officer inviting the bid | :- | Executive Officer, Talcher Municipality |

Further details can be seen from the procurement portal i.e. www.tendersorissa.gov.in

Sd./- Executive Officer, Talcher Municipality

OIPR-13077/11/0028/2223

GOVERNMENT OF ODISHA No. A-478

### DEPARTMENT OF WATER RESOURCES
### OFFICE OF THE ADDITIONAL CHIEF ENGINEER

Rushikulya Bahuda Basin, Berhampur - 760004
e-mail id: se_sicbam@yahoo.com

**e-Procurement Notice No. ACE, RBB - 19/2022-23**

1. Type of Work : System Improvement & Flood Protection Works
2. Total No. of Works : 07 (Seven) Nos.
3. Amount put to tender : Rs.697.43 lakh to 197.41 lakh
4. Period of Completion : 11 (Eleven) to 12 (Twelve) Calendar Months

| Procurement Officer | Bid Identification No. | Bid Amount (Rs. in Lakh) | Availability & Submission of Bid Online |
|---|---|---|---|
| Additional Chief Engineer, Rushikulya Bahuda Basin, Berhampur | ACE, RBB (BEID) - 43/2022-23 | 697.43 | From 12.09.2022, 10.00 A.M. to 28.09.2022, 5.00 P.M. |
| | ACE, RBB (BEID) - 44/2022-23 | 540.71 | |
| | ACE, RBB (BEID) - 45/2022-23 | 426.23 | |
| | ACE, RBB (BEID) - 46/2022-23 | 333.37 | |
| | ACE, RBB (BEID) - 47/2022-23 | 317.02 | |
| | ACE, RBB (BEID) - 48/2022-23 | 299.22 | |
| | ACE, RBB (BEID) - 49/2022-23 | 197.41 | |

Date of Opening of the Technical Bid : 29.09.2022 at 11.30 A.M.
Further details can be seen from the Govt. website **www.tendersodisha.gov.in**.

Sd./- Additional Chief Engineer
Rushikulya Bahuda Basin, Berhampur

OIPR-32411/11/0028/2223

### ZILLA SWASTHYA SAMITI (ZSS), KANDHAMAL
### OFFICE OF THE CDM & PHO-cum-DISTRICT MISSION DIRECTOR, NHM, KANDHAMAL

Advt. No. 10608/NHM/HR-Out House/2022/20 Date: 02.09.2022

**ADVERTISEMENT**

No. E-434: Applications are invited from eligible candidates to fill up the vacant post under NHM, Kandhamal. The eligibility criteria, terms & conditions, vacancy, monthly remuneration & application form for the vacant post can be downloaded from district website. Interested candidates may log on to **https://kandhamal.nic.in** for detail information. Candidates fulfilling the eligibility criteria may send their application form along with self attested photocopies of all supportive documents through Speed Post/Regd. Post only.

The application should reach to the CDM&PHO-cum-District Mission Director, NHM, Kandhamal latest by **20.09.2022 (upto 4.00 P.M.)**. The undersigned is not responsible for postal delay. The envelope containing the application should be superscribed with the name of the post applied for________ the application receive without superscribed will be rejected. Applications received after due date will not be considered. Incomplete application in any form is liable for rejection. No personal query will be entertained. The candidates may visit the district website time to time for update information.

The undersigned reserves the right to cancel/reject any or all the applications without assigning any reason thereof.

Sd./- Dr. M.K. Upadhyaya
CDM&PHO-cum-District Mission
Director, NHM, Kandhamal

OIPR-10015/11/0008/2223

### OFFICE OF THE MUNICIPAL COUNCIL, SUBARNAPUR

No.2755/ Dt.03.09.2022

**QUOTATION CALL NOTICE**

No.C-1131:- Sealed Quotations are invited in prescribed proforma from the registered/ reputed firm / manufactures having upto date GST clearance certificate/ PAN card etc. for supply of gabbion noted below. The quotationer shall have to quote the price unit wise including all taxes. The rate quoted documents should be submitted to the undersigned on or before 12.09.2022 during office hour through Regd. Post / Speed Post or in person drop in tender box and the same will be opened on dt. 13.09.2022 at 11 A.M. in presence of quotationer or their authorised representatives. Beyond the date & time and any postal delay no quotation shall be entertained. The quotation paper is available in Dist. website of Subarnapur i.e. www.subarnapur.nic.in with effect from 04.09.2022 to 12.09.2022 upto 5.00 P.M. The quotationer shall have to deposit Rs.500/- (Rupees five hundred) only towards paper cost (non-refundable) in shape of Demand Draft in favour of Executive Officer, Subarnapur Municipality payable at Sonepur Nationalised Banks. The undersigned reserves the right to reject whole or part of quotation without assigning any reason thereof.

| Sl. No. | Description of item | Per unit |
|---|---|---|
| 1 | HDPE FIBER HEXANET ROUND TREE GUARD HIGHT- 5FT X ROUND 4 FT 400 GSM GREEN COLOUR | 1 No. |

Sd./- Executive Officer, Sonepur Municipality

OIPR-13098/11/0022/2223

### ODISHA CONSTRUCTION CORPORATION LIMITED

(A Govt. of Odisha Undertaking)

No. CAD-1684 Unit - VIII, Bhubaneswar, e-mail: theoccltd@odishaconstruction.com
GSTIN - 21AAACO2571K2ZM

**e-Procurement Notice No. 14/OCCL/2022-23 (Online)**

Type of Work : Execution of Concrete Dam & Spillway Component Structure of Chheligada Irrigation Project
Total No. of Works : 01 (One) No.
Period of Completion : 15 (Fifteen) Calendar Months

| Bid Identification No. | Amount put to Tender (Approx.) (Rs. in Crores) | Bid Security | Availability of Tender (Online) | Submission of Tender (Online) |
|---|---|---|---|---|
| OCCL-CP/01/ 2022-23 | 135.26 Crores | Bid Security Declaration as per W.D. O.M. 8484, Dated: 05.04.2022 is to be furnished | 09.09.2022, 03.30 P.M. to 10.10.2022, 5.30 P.M. | 17.09.2022, 03.30 P.M. to 10.10.2022, 5.30 P.M. |

Procurement Officer - Managing Director, OCC Ltd., Bhubaneswar
Date of Opening of the Technical Bid: 11.10.2022, 12.00 Noon
Further details can be seen from the Govt. website **(www.tendersodisha.gov.in)**.

OIPR-34120/11/0020/2223 Sd./- Managing Director

### ODISHA PUBLIC SERVICE COMMISSION

**ADVERTISEMENT No.07 OF 2022-23**

**Recruitment to the posts of Assistant Director in Group-B Service of Odisha Planning Service Cadre under Planning and Convergence Department.**

WEBSITE - www.opsc.gov.in

**No. D-156:-** Online applications are invited from the prospective candidates through the proforma application to be made available on the Website of the Commission (http://opsc.gov.in) for recruitment to **09 (Nine)** posts of Assistant Director in Group-B service of O.P.S. cadre under the Planning & Convergence Department in the scale of pay of 44,900/- in Level 10, Cell - 1 of ORSP, 2017 with usual Dearness and other Allowances as may be sanctioned by the Government of Odisha from time to time.

**2. VACANCY POSITION:**
As per requisition filed by the Planning & Convergence Department, Government of Odisha, out of a total of 09 (03-w) vacancies, 05 (01 -w) vacancies are reserved for UR category, 01(w) vacancy is reserved for SEBC category, 01 vacancy is reserved for SC category & 02 (01-w) vacancies are reserved for ST category.

**3. AGE:**
A candidate must have attained the age of **21 (twenty one)** years and must not be above the age of **38 (Thirty Eight)** years as on the **1st day of January, 2022** i.e. he/she must have been born not earlier than 2nd January 1984 and not later than 1st January 2001.

**4. EDUCATIONAL QUALIFICATION:**
A candidate must have possessed anyone of the following qualifications from a recognized University or from any institution in India or abroad or any equivalent qualification namely: -
**Bachelor's Degree with honours and Post-Graduate Degree** in Economics/Applied Economics/ Agricultural Economics/ Commerce/ Mathematics/ Sociology with Statistics as one of the papers/ Anthropology/ Demography/ Geography with Cartography or Regional Planning as one of the papers/ Statistics/ Econometrics/ Regional Planning.

**5. EXAMINATION FEE:**
The examination fee for all categories of candidates has been exempted as per **GA&PG Department Notification No. 9897/Gen, dt . 11.04.2022.**

**6. METHOD OF SELECTION:**
The selection of candidates for recruitment to the posts of Assistant Director will be made on the basis of **Written Test and Interview.**

**The link for registration/ re-registration and Submission of online application shall be available from 13.09.2022 to 12.10.2022 (Note: 12.10.2022 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in for detailed information for applying to the above post.**

PLACE: CUTTACK
DATE: 03.09.2022

Sd./- SECRETARY
ODISHA PUBLIC SERVICE COMMISSION
CUTTACK

OIPR-12002/11/0154/2223

### ORISSA STATE AIDS CONTROL SOCIETY (OSACS)

(Department of Health & Family Welfare), Government of Odisha

No. 2812/OSACS Date: 02.09.2022

**TENDER CALL NOTICE FOR PROCUREMENT OF ARV DRUGS**

No. E-437: Orissa State AIDS Control Society (OSACS), BBSR invites sealed tenders from authorized manufacturers/ distributors/approved dealers having valid GST registration for supply of Anti Retro Viral (ARV) Drugs to OSACS, Bhubaneswar. The detailed terms & conditions and specifications are available in the websites of **www.osacs.nic.in**, which can be downloaded for use. Interested parties may submit their tenders through Speed Post/Registered Post/Courier only super-scribing **"Tender for supply of Anti Retro Viral (ARV) Drugs to OSACS"** which should reach on or before **3.30 P.M. of 15.09.2022** positively and the same will be opened at **4.00 P.M.** on the same day before the committee & the participants. The undersigned reserves the right to reject any or all the tender(s) without assigning any reason thereof.

Sd./- Project Director
Orissa State AIDS Control Society
(Department of Health & Family Welfare), Govt. of Odisha
2nd Floor, Oil Orissa Building, F-Nayapalli, Bhubaneswar-12

OIPR-10060/11/0005/2223


### ଅଚିହ୍ନା ବ୍ୟକ୍ତିଙ୍କ ସୂଚନା

No. D-155: ଭୁବନେଶ୍ୱର ୟୁ.ପି.ଡି., ଶହୀଦନଗର ଥାନା ଅପମୃତ୍ୟୁ ମାମଲା ନମ୍ବର ୬୨, ତା୨୭।୦୮।୨୦୨୨।

| ସମ୍ପୂର୍ଣ୍ଣ ନାମ ଓ ଠିକଣା | ଫଟୋ | ବିବରଣୀ |
|---|---|---|
| ଅଜଣା |  | ବୟସ: ୩୦ରୁ ୩୬<br>ଉଚ୍ଚତା: ୫ଫୁଟ ୫ ଇଞ୍ଚ<br>ଶରୀର: ପତଳା<br>ରଙ୍ଗ: ଗହମ/ସାବନା<br>ପିନ୍ଧିଥିବା ବସ୍ତ୍ର: ମାଟିଆ କଲର ବରମୁଣ୍ଡା ହାଫ ପ୍ୟାଣ୍ଟ, ନାଲି କଲର ଟି ଶାର୍ଟ ଏବଂ ନାଲି କଲର ଗାମୁଛା |

ଯଦି ପରିଚୟ ମିଳେ ଯୋଗାଯୋଗ କରିବା ଠିକଣା
ଆରକ୍ଷୀ ନିରୀକ୍ଷକ
ଶହୀଦନଗର ଥାନା, ଭୁବନେଶ୍ୱର, ଫୋନ ନମ୍ବର: ୦୬୭୪-୨୫୪୧୦୬୪

OIPR-12125/11/0004/2223

See Career Appointment on every Wednesday & Saturday